# ଧରିତ୍ରୀ
DHARITRI

ଢେଙ୍କାନାଳ, ରବିବାର, ୪ ଅଗଷ୍ଟ, ୨୦୧୯ | (୧୬ ପୃଷ୍ଠା + ଛୁଟିଦିନ) | Dhenkanal, Sunday, 4 August, 2019 | ★★★★★

୧୫ଶ ଭାଗ ୧୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ଅଭିନୟ ଆରମ୍ଭ କରିବେ ଇସାବେଲ୍

ଅଭିନେତ୍ରୀ କାଟ୍ରିନା କୈଫଙ୍କ ଭଉଣୀ ଇସାବେଲ୍ 'କ୍ୱାଥା' ଫିଲ୍ମରେ ପ୍ରଥମକରି ଅଭିନୟ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି।

୦୨

୧୫

## ଭର୍ଷ୍ଟାପେନ୍‌ଙ୍କୁ ପ୍ରଥମ ପୋଲ୍ ପୋଜିଶନ

ହଙ୍ଗେରିଆନ ଗ୍ରାଁ ପ୍ରି ପାଇଁ କ୍ୱାଲିଫାଇଙ୍ଗ ରେସ୍‌ରେ ମାକ୍ସ ଭର୍ଷ୍ଟାପେନ ତାଙ୍କ ଫର୍ମୁଲାୱାନ କ୍ୟାରିୟର ପ୍ରଥମ ପୋଲ ପୋଜିଶନ ହାସଲ କରିଛନ୍ତି।





ବିଶିଷ୍ଟ ସାହିତ୍ୟ ସାଧିକା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଧରିତ୍ରୀର ପ୍ରେରଣାଦାୟିନୀ ନନ୍ଦିନୀ ଶତପଥୀଙ୍କର ତ୍ରୟୋଦଶତମ ଶ୍ରାଦ୍ଧ ବାର୍ଷିକୀରେ ଧରିତ୍ରୀ ପରିବାରର ବିନମ୍ର ଶ୍ରଦ୍ଧାଞ୍ଜଳି ।


ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

**ଜନବିରୋଧୀ ଆଇନ**

# ରହସ୍ୟ ଘେରରେ କୁନ୍ଦୁଲି ପୀଡ଼ିତାଙ୍କ ଆତ୍ମହତ୍ୟା

**ଗୃହରେ ଉପସ୍ଥାପନ ହେଲା ତଦନ୍ତ ରିପୋର୍ଟ**

- କମିଶନ କହିଲେ ଆହୁରି ତଦନ୍ତ ଆବଶ୍ୟକ
- ମୂର୍ତ୍ତି ହଟାଇବା ପ୍ରସ୍ତାବକୁ ସରକାରଙ୍କ ଅଗ୍ରାହ୍ୟ

ଭୁବନେଶ୍ୱର,୩।୮ (ବ୍ୟୁରୋ)

କୁନ୍ଦୁଲି ପୀଡିତାଙ୍କ ଆତ୍ମହତ୍ୟା ରହସ୍ୟ ଘେରକୁ ଚାଲିଯାଇଛି। ପୀଡିତା କେଉଁ ପରିସ୍ଥିତିରେ ଆତ୍ମହତ୍ୟା କଲେ ତାହା ଉପରୁ ପରଦା ହଟାଇବା ପାଇଁ ଆହୁରି ତଦନ୍ତର ଆବଶ୍ୟକତା ରହିଛି। ଏହି ଘଟଣାର ତଦନ୍ତ କରୁଥିବା କମିଶନ ରାଜ୍ୟ ସରକାରଙ୍କୁ ଏଭଳି ରିପୋର୍ଟ ଦେଇଛନ୍ତି। ଶନିବାର ବିଧାନସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏହି ବହୁଚର୍ଚ୍ଚିତ କୁନ୍ଦୁଲି ନାବାଳିକା ଅପହରଣ ଓ ଗଣବଳାତ୍କାର ଘଟଣାର ତଦନ୍ତ ରିପୋର୍ଟ ଉପସ୍ଥାପନ କରିଛନ୍ତି। ପୀଡିତାଙ୍କ ପରିଚୟ ଗୋପନ ରହିବା ସହ ତଦନ୍ତ ଶେଷ ନ ହେବା ଯାଏ ଏହାର ଅଗ୍ରଗତି ସମ୍ପର୍କରେ ଗଣମାଧ୍ୟମରେ ନ କହିବାକୁ ପୋଲିସ ଓ ତଦନ୍ତକାରୀ ସଂସ୍ଥାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କୁନ୍ଦୁଲି ଛକରୁ ପୀଡିତାଙ୍କ ପ୍ରତିମୂର୍ତ୍ତି ହଟାଇବାକୁ କମିଶନଙ୍କ ପକ୍ଷରୁ କରାଯାଇଥିବା ସୁପାରିସକୁ ସରକାର ଅଗ୍ରାହ୍ୟ କରି ଦେଇଛନ୍ତି। କମିଶନ କରିଥିବା ସୁପାରିସ ଅନୁଯାୟୀ ପୀଡିତାଙ୍କ କୌଣସି ବିଷୟ ଯେପରି ପ୍ରଘଟ ନ ହେବ ତଦନ୍ତ କରୁଥିବା ସମସ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେବାକୁ ପୋଲିସ ମୁଖ୍ୟାଳୟକୁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି। କମିଶନ ତଦନ୍ତ ସାରି ତାଙ୍କ ରିପୋର୍ଟ ୨୦୧୮ ସେପ୍ଟେମ୍ବର ୨୦ ତାରିଖରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ଏହାକୁ ପରୀକ୍ଷାନିରୀକ୍ଷା କରିବା ପରେ କମିଶନଙ୍କ କେବଳ ମୂର୍ତ୍ତି ହଟାଇବା ସୁପାରିସକୁ ସରକାର ଅଗ୍ରାହ୍ୟ କରିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

୨୦୧୭ ଅକ୍ଟୋବରରେ କୁନ୍ଦୁଲି ଗଣବଳାତ୍କାର ମାମଲା ପଦାକୁ ଆସିଥିଲା । ଜଙ୍ଗଲ ବାଟ ଦେଇ ଫେରିବା ବେଳେ ୪ ଜଣ ସୁରକ୍ଷା କର୍ମୀ ତାଙ୍କୁ ଗଣବଳାତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହାକୁ ନେଇ ରାଜ୍ୟରେ ତୁମ୍ବିତୋଫାନ ହୋଇଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ବିରୋଧୀ ଦଳଗୁଡିକ ସରକାରଙ୍କୁ ଉଭୟ ବିଧାନସଭା ଓ ବିଧାନସଭା ବାହାରେ ଘେରିଥିଲେ। ରାଜ୍ୟ ସରକାର ୨୦୧୭ ଡିସେମ୍ବର ୨୬ ତାରିଖରେ ଏହି ଘଟଣାର ତଦନ୍ତ କରିବାକୁ କୋରାପୁଟ ଜିଲା ଜଜ୍‌ଙ୍କୁ ନିଯୁକ୍ତ କରିଥିଲେ। ୧୦ ମାସ ମଧ୍ୟରେ କମିଶନ ତାଙ୍କର ତଦନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ଶେଷରେ ପୀଡିତା ୨୦୧୯ ଜାନୁୟାରୀ ୨୨ ତାରିଖରେ ଆତ୍ମହତ୍ୟା କରିଥିଲେ।

# ୨୪ ଘଣ୍ଟାରେ ୧୦ ସଫା

## ସୀତାଗୋତା ଜଙ୍ଗଲରେ ଏନ୍‌କାଉଣ୍ଟର

# ଟଳିଲେ ୭ ମାଓବାଦୀ

ମାଲକାନଗିରି, ୩।୮ (ଡି.ଏନ୍.ଏ.)



ଛତିଶଗଡ଼ର ରାଜନନ୍ଦଗାଁଓ ଜିଲା ଅନ୍ତର୍ଗତ ସୀତାଗୋତା ଜଙ୍ଗଲରେ ଶନିବାର ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ଏଥିରେ ୭ ମାଓବାଦୀ ନିହତ ହୋଇଛନ୍ତି। ଘଟଣାସ୍ଥଳରୁ ଯବାନମାନେ ୭ ମାଓବାଦୀଙ୍କ ମୃତଦେହ ସହ ଏକେ. ୪୭ ରାଇଫଲ, ୩୦୩ ରାଇଫଲ୍, ୧୨ ବୋର୍ ଗନ୍, ସିଙ୍ଗଲ୍ ସଟ୍ ରାଇଫଲ ଏବଂ ବିପୁଳ ପରିମାଣର ଗୁଳିଗୋଳା ଜବତ କରିଛନ୍ତି। ଗତ ୨୮ ତାରିଖରୁ ମାଓବାଦୀ ସଂଗଠନ ତରଫରୁ ଶହୀଦ ସପ୍ତାହ ପାଳନ ହେଉଥିଲାବେଳେ ଶେଷଦିନରେ ଛତିଶଗଡ଼ ସୁରକ୍ଷା କର୍ମୀଙ୍କୁ ବଡ଼ ସଫଳତା ମିଳିଛି।

ଜିଲା ରିଜର୍ଭ ଗାର୍ଡ (ଡିଆର୍‌ଜି) ଯବାନମାନେ ଶନିବାର ସକାଳେ ତଲାସି ଅଭିଯାନରେ ବାହାରିଥିଲାବେଳେ ଛତିଶଗଡ-ମହାରାଷ୍ଟ୍ର ସୀମନ୍ତ ବଙ୍ଗାଡି ଥାନା ଅଧୀନ ସୀତାଗୋତା ଜଙ୍ଗଲରେ କେତେକ ମାଓବାଦୀ ଲୁଚି ରହିଥିବା ସୂଚନା ମିଳିଥିଲା। ସୂଚନା ଆଧାରରେ ଡିଆରଜି, ଛତିଶଗଡ ସଶସ୍ତ୍ର ବଳ ଏବଂ ଜିଲ୍ଲା ପୁଲିସ ସେଠାରେ ପହଞ୍ଚି ତଲାସି ଅଭିଯାନ ଆରମ୍ଭ କରିଥିଲେ ବୋଲି ଛତିଶଗଡ଼ ପୋଲିସ ମହାନିର୍ଦ୍ଦେଶକ ଡି.ଏମ୍. ଅୱସ୍ତି କହିଛନ୍ତି। ପ୍ରବଳ ବର୍ଷା ସତ୍ତ୍ୱେ ଗୁଳି ବିନିମୟ ଜାରି ରହିଥିବା ଜଣାପଡିଛି। ଏକେ-୪୭ ରାଇଫଲ ଜବତ ହୋଇଥିବାରୁ କମାଣ୍ଡର କ୍ୟାଡରର ମାଓବାଦୀ ନିହତ ହୋଇଥିବା ଜଣାପଡିଛି। ତେବେ ତାଙ୍କ ପରିଚୟ ମିଳିନାହିଁ । ଏମ୍‌ଏମ୍‌ସି ମାଓବାଦୀ ଜୋନ୍‌ରେ ଛତିଶଗଡ଼ ପୋଲିସ ପାଇଁ ଏହା ଏକ ବଡ଼ ସଫଳତା ବୋଲି ଡିଜିପି କହିଛନ୍ତି।

ବସ୍ତର ଅଞ୍ଚଳରେ ବର୍ଷେ ହେଲା ମାଓବାଦୀ ଦମନ ଅଭିଯାନକୁ ଜୋରଦାର କରାଯାଇଥିବାରୁ ସେମାନେ ଏମ୍‌ଏମ୍‌ସି (ମହାରାଷ୍ଟ୍ର-ମଧ୍ୟପ୍ରଦେଶ-ଛତିଶଗଡ଼) ଜୋନ୍‌କୁ ପଳାଇଆସିଛନ୍ତି। ସେଥିପାଇଁ ଉକ୍ତ ଜୋନ୍‌ରେ ତଲାସି ଅଭିଯାନ ଆରମ୍ଭ ହୋଇଛି। ଏଠାରେ ବିସ୍ତାର ଦଳମ୍ ନାମରେ ମାଓବାଦୀ ସଂଗଠନ କାର୍ଯ୍ୟ କରୁଛି, ଯେଉଁଥିରେ ପାଖାପାଖି ୨୦୦ ସଶସ୍ତ୍ର କ୍ୟାଡର ରହିଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ୨୭ରେ ଜଗଦଲପୁର ଜିଲା ଜଙ୍ଗଲ ମଧ୍ୟରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୩ ମହିଳା କ୍ୟାଡରଙ୍କ ସମେତ ୭ ମାଓବାଦୀ ନିହତ ହୋଇଥିଲେ। ସେଠାରୁ ପୋଲିସ ଇନ୍‌ଶାସ୍ ରାଇଫଲ ସମେତ ୫ଟି ଅସ୍ତ୍ର ଜବତ କରିଥିଲା।

# ୩ ଜେଇଏମ୍ ଆତଙ୍କବାଦୀ ନିହତ

ଶ୍ରୀନଗର,୩।୮ (ପି.ଟି.)

ଜମ୍ମୁ-କଶ୍ମୀରର ବାରମୁଲା ଓ ଶୋପିଆନ ଜିଲାରେ ଶନିବାର ଦୁଇଟି ପୃଥକ୍ ଏନ୍‌କାଉଣ୍ଟରରେ ୩ ଜଣ ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ନିହତ ହୋଇଛନ୍ତି। ସୁରକ୍ଷା ବଳର କାର୍ଯ୍ୟାନୁଷ୍ଠାନରେ ବାରମୁଲାର ସୋପୋର ସହରରେ ୨ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିବାବେଳେ ଶୋପିଆନରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ସୋପୋର ଅନ୍ତର୍ଗତ ୱାରପୋରା ଅଞ୍ଚଳରେ ଆତଙ୍କବାଦୀ ଆତ୍ମଗୋପନ କରିଥିବା ଗୋଇନ୍ଦା ସୂଚନା ପାଇ ଶନିବାର ସକାଳେ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରିଯାଇ ତଲାସି ଅଭିଯାନ ଆରମ୍ଭ କରିଥିଲା। ଯବାନମାନେ ନିକଟତର ହେବାରୁ ଆତଙ୍କବା ଦୀ ଗୁଳିମାଡ଼ କରିଥିଲେ। ସୁରକ୍ଷା ବଳ ଏହାର ପ୍ରତିଜବାବ ଦେଇଥିଲା। ନିହତ ଦୁଇ ଆତଙ୍କବାଦୀ ଜେଇଏମ୍ ସଦସ୍ୟ ବୋଲି ଜଣାପଡିଛି।

ସେହିପରି ଶୋପିଆନର ପଣ୍ଡୁଶନ ଅଞ୍ଚଳରେ ଆତଙ୍କବାଦୀ ଥିବା ଖବର ପାଇ ଶୁକ୍ରବାରଠାରୁ ସେଠାରେ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ଏଥିରେ ଜେଇଏମ୍ ଆତଙ୍କବାଦୀ ମନ୍‌ଜୁର ଭଟ୍ଟ ନିହତ ହୋଇଛନ୍ତି।

## ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା

# ନାବାଳକଙ୍କୁ ୨୦ ବର୍ଷ ଜେଲ୍

- ରାଜ୍ୟରେ ଚିଲ୍‌ଡ୍ରେନ କୋର୍ଟଙ୍କ ଏପରି ଦଣ୍ଡାଦେଶ ପ୍ରଥମ
- ପୂର୍ବରୁ ଅନ୍ୟ ୪ ଅଭିଯୁକ୍ତଙ୍କୁ ହୋଇଥିଲା ଆଜୀବନ ସଜା
- ଧରାପଡ଼ିନାହାନ୍ତି ଆଉ ଜଣେ ଅଭିଯୁକ୍ତ

ଅନୁଗୋଳ ଅଫିସ, ୩।୮

ଅନୁଗୋଳ ଥାନା ପଞ୍ଚମହଲା ନିକଟରେ ୨୦୧୭ ମାର୍ଚ୍ଚ ୩୧ରେ ଜଣେ ଛାତ୍ରୀଙ୍କୁ ଗଣ ବଳାତ୍କାର କରାଯାଇଥିବା ମାମଲାରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି। ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଅନୁଗୋଳ ଅତିରିକ୍ତ ଜିଲା ଦୌରା ଜଜ୍ ତଥା ବାଳ ଅପରାଧ ବିଚାରପତି ସୁରେଶ ଚନ୍ଦ୍ର ପ୍ରଧାନ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଥିବା ମାମଲା ପରିଚାଳନା କରିଥିବା ଅତିରିକ୍ତ ପିପି ତାପସ ରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ମୋଟ ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ୮ଟି ଦସ୍ତାବିଜ ଅନୁଧ୍ୟାନ କରି କୋର୍ଟ ଏପରି ରାୟ ଶୁଣାଇଥିବା ପିପି ପ୍ରକାଶ କରିଛନ୍ତି। ଏହି ମାମଲାରେ ମୋଟ୍ ୬ଜଣଙ୍କ ସମ୍ପୃକ୍ତି ଥିବା ବେଳେ ପୂର୍ବରୁ ୪ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇସାରିଛି। ତେବେ ଅନ୍ୟ ଜଣେ ଅଭିଯୁକ୍ତ ଏବେ ବି ଫେରାର ରହିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୭ ମାର୍ଚ୍ଚ ୩୧ରେ ସମ୍ପୃକ୍ତ ଛାତ୍ରୀ ମାଉସୀ ପୁଅ ଭାଇ ସହ ଯାଉଥିବା ବେଳେ ୬ ଅଭିଯୁକ୍ତ ସେମାନଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ଟଙ୍କା ମାଗିଥିଲେ। ପରେ ଅଭିଯୁକ୍ତମାନେ ଛାତ୍ରୀଙ୍କୁ ବଳାତ୍କାର କରିବା ସହିତ ମୋବାଇଲରେ ଭିଡିଓ ରେକର୍ଡ଼ କରିଥିଲେ। ୨୦ ହଜାର ଟଙ୍କା ନ ଦେଲେ ଇଣ୍ଟରନେଟ୍‌ରେ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇ ଉଭୟଙ୍କୁ ଛାଡ଼ି ଦେଇଥିଲେ। ଘଟଣା ସମ୍ପର୍କରେ ଛାତ୍ରୀଙ୍କ ପରିବାର ପକ୍ଷରୁ ୨୦୧୭ ଏପ୍ରିଲ ୧ରେ ଅନୁଗୋଳ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ନଂ.୧୮୧/୨୦୧୭ରେ ମାମଲା ରୁଜୁ କରି ଅତି ଗୋପନର ସହ ତଦନ୍ତ ଚଳାଇ ସେହି ମାସ ୧୪ ତାରିଖରେ ଜଣେ ନାବାଳକଙ୍କ ସହ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଗିରଫ ୫ ଅଭିଯୁକ୍ତଙ୍କ ମଧ୍ୟରୁ ନାବାଳକଙ୍କୁ ବାଦ ଦେଇ ଅନ୍ୟ ୪ ଅଭିଯୁକ୍ତଙ୍କୁ ୨୦୧୮ ସେପ୍ଟେମ୍ବର ୨୫ରେ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ନିର୍ଭୟା ଘଟଣା ପରେ ପ୍ରତ୍ୟେକ କୋର୍ଟରେ ସିଆଇସିଏଲ୍ (ଚାଇଲ୍ଡ ଇନ୍ କନ୍‌ଫ୍ଲିକ୍ଟ ଉଇଥ ଲ) କୋର୍ଟ ଗଠନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଅନୁଗୋଳ କୋର୍ଟରେ ଗଠନ ହୋଇଥିବା ଏହି କୋର୍ଟ ଅଭିଯୁକ୍ତ ନାବାଳକଙ୍କୁ ୨୦ ବର୍ଷ ଦଣ୍ଡାଦେଶ ଶୁଣାଇଛନ୍ତି। ଓଡ଼ିଶାରେ କୌଣସି ନାବାଳକଙ୍କୁ ଚିଲଡ୍ରେନ୍ କୋର୍ଟଙ୍କ ଏପରି ଦଣ୍ଡାଦେଶ ପ୍ରଥମ ବୋଲି ପିପି କହିଛନ୍ତି।


GRAND FINALE TODAY

OrissaPOST HERE. NOW

Presents




Who will GRAB the CROWN ?

| Junior Finalists | Senior Finalists |
| --- | --- |
| Mother's Public School | AIIMS, Bhubaneswar |
| DAV Public School, Unit-VIII | NIT, Rourkela |
| St Paul's School, Rourkela | IIT, Bhubaneswar |
| DAV Public School, Pokhariput | NISER, Khurda |
| DAV Public School, CDA, Cuttack | SCB Medical College |
| ODM Public School | CET, Bhubaneswar |
| Buxi Jagabandhu EM School | IGIT, Sarang |
| SAI International School | XIMB, Bhubaneswar |

LIVE STREAM...

Jr. Category : 2 PM onwards, Sr. Category : 6 PM onwards

Awards : 8 PM onwards

YouTube /orissapostlive f /MettleMeet

Sponsors : OMC, ODISHA NEW OPPORTUNITIES, NALCO A NAVRATNA COMPANY

Co-sponsors : IndianOil, GAIL (India) Limited, ODISHA, MCL, vedanta, adventz

Partners : omfed, TEAM


**ଆଜିର ମନ୍ତବ୍ୟ**

"ଭାଜପା ସରକାର କିଛି ଗଢ଼ିପାରୁ ନାହାଁ। ଦଶନ୍ଧି ଦଶନ୍ଧି ଧରି ଆଗ୍ରହ ଓ କଠିନ ପରିଶ୍ରମରେ ଗଢାଯାଇଥିବା ଜିନିଷକୁ ଖାଲି ଭାଙ୍ଗୁଛି।

–ରାହୁଲ ଗାନ୍ଧୀ, କଂଗ୍ରେସ ନେତା

**କିଛି ତଥ୍ୟ**

ଗତ ବର୍ଷ ୮୪୪ ଲକ୍ଷ ହେକ୍ଟରରେ ଖରିଫ ଫସଲ ହୋଇଥିବା ବେଳେ ଚଳିତ ବର୍ଷ ଏଥିରେ ୬.୬% ହ୍ରାସ ଘଟି ୭୮୮.୫ ଲକ୍ଷ ହେକ୍ଟର ରହିଛି।

– କୃଷି ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 03.08.2019 Venccob CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 65 | 113 | 123 |
| CTC | 65 | 113 | 123 |
| DKL | 62 | 109 | 119 |
| BDK | 65 | 113 | 123 |
| BLS | 66 | 114 | 124 |
| ANG | 64 | 111 | 121 |
| BHM | 62 | 109 | 119 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


# ରାଜ୍ୟରେ ଆଉ ୪ ପ୍ଲାନେଟାରିୟମ

- ଖର୍ଚ୍ଚ ହେବ ୩୦ କୋଟି
- ରାଜ୍ୟର ସମସ୍ତ ଜିଲାରେ ହେବ ବିଜ୍ଞାନ ପାର୍କ

ଭୁବନେଶ୍ୱର,୩।୮ (ବ୍ୟୁରୋ)



ରାଜ୍ୟର ସମସ୍ତ ୩୦ଟି ଜିଲାରେ ବିଜ୍ଞାନ ପାର୍କ ନିର୍ମାଣ ହେବ। ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲାରେ ଏହି ପାର୍କ ନିର୍ମାଣ କରାଯିବ। ଏଥିସହ ବାରିପଦା, କେନ୍ଦୁଝର, ରାୟଗଡ଼ା ଓ ଗୋପାଳପୁର ୪ଟି ସ୍ଥାନରେ ନୂତନ ପ୍ଲାନେଟାରିୟମ ନିର୍ମାଣ କରାଯିବ। ବାରିପଦା, କେନ୍ଦୁଝର ଓ ରାୟଗଡ଼ା ପାଇଁ ୭ କୋଟି ଲେଖାଏ ବ୍ୟୟବରାଦ କରାଯାଇଥିବାବେଳେ ଗୋପାଳପୁର ପାଇଁ ୯ କୋଟି ଟଙ୍କା ଚଳିତ ବଜେଟରେ ଖର୍ଚ୍ଚ ବ୍ୟବସ୍ଥା କରାଯାଇଛି। ଏହି ୪ଟି ନୂତନ ପ୍ଲାନେଟାରିୟମ ପାଇଁ ମୋଟ ୩୦କୋଟି ଟଙ୍କା ଖର୍ଚ୍ଚ ହେବ। ଶନିବାର ପ୍ରଶ୍ନୋତ୍ତର ବେଳେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି।

ବିଜେଡି ସଭ୍ୟ ସୁଧୀର ସାମଲ ମୂଳ ପ୍ରଶ୍ନରେ କହିଥିଲେ ଯେ, ପ୍ରତ୍ୟେକ ଜିଲାରେ ପ୍ଲାନେଟାରିୟମ ପାଇଁ ସରକାରଙ୍କ ଯୋଜନା ଅଛି କି? ମନ୍ତ୍ରୀ କହିଥିଲେ, ଓଡ଼ିଶାରେ ୨ଟି ପ୍ଲାନେଟାରିୟମ କାର୍ଯ୍ୟକ୍ଷମ ଅଛି। ଅନ୍ୟ ୪ଟି ସ୍ଥାନରେ ନୂତନ ପ୍ଲାନେଟାରିୟମ ପାଇଁ ବ୍ୟୟବରାଦ କରାଯାଇଛି। ସମସ୍ତ ଜିଲାରେ ପ୍ଲାନେଟାରିୟମ କରିବା ଲାଗି ବର୍ତ୍ତମାନ ସୁଦ୍ଧା କୌଣସି ପ୍ରସ୍ତାବ ନାହିଁ। ତେବେ ସବୁଠାରେ ବିଜ୍ଞାନ ପାର୍କ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ବିଜେଡି ସଦସ୍ୟ ଦେବୀ ପ୍ରସାଦ ମିଶ୍ର ଅତିରିକ୍ତ ପ୍ରଶ୍ନରେ ସାତକୋଶିଆ ଓ କମଳାଡ଼ିହଠାରେ ଜୈବବିବିଧତା (ବାୟୋଡାଇଭର୍ସିଟି) ପାର୍କ ନିର୍ମାଣ କରିବେ କି ବୋଲି ପଚାରିଥିଲେ। ☞ପୃଷ୍ଠା-୪

ଧରିତ୍ରୀ
DHARITRI
ଢେଙ୍କାନାଳ, ରବିବାର,୪ ଅଗଷ୍ଟ, ୨୦୧୯



ଅଯୋଧ୍ୟା ମାମଲାର ଆପୋସ ସମାଧାନ ଦିଗ ବାହାର କରିବାରେ ମଧ୍ୟସ୍ଥ କମିଟି ବିଫଳ ହୋଇଛି। ଏହା ପ୍ରଥମ ଘଟଣା ନୁହେଁ। ମହାଭାରତ ଯୁଦ୍ଧ ପୂର୍ବରୁ ମଧ୍ୟସ୍ଥତା ବିଫଳ ହୋଇଥିଲା।

- ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ



### ସେନା ପ୍ରେରଣ ନେଇ ଆଶଙ୍କାରେ କଶ୍ମୀରବାସୀ

# ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବି କଲା କଂଗ୍ରେସ

ଶ୍ରୀନଗର/ନୂଆଦିଲ୍ଲୀ, ୩।୮ (ପି.ଟି.)

ଜମ୍ମୁ-କଶ୍ମୀରକୁ ଅତିରିକ୍ତ ସେନା ପ୍ରେରଣ ନେଇ ରାଜ୍ୟବାସୀ ଆଶଙ୍କା ମଧ୍ୟରେ ରହିଛନ୍ତି। କେନ୍ଦ୍ର ସରକାର ରାଜ୍ୟରେ ଆତଙ୍କର ବାତାବରଣ ସୃଷ୍ଟି କରିଥିବା ବିରୋଧୀ ଦଳ ଅଭିଯୋଗ କରିଛନ୍ତି। କଶ୍ମୀରକୁ ଅତିରିକ୍ତ ସେନା ପ୍ରେରଣର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଲୋକଙ୍କ ମନରୁ ଭୟର ବାତାବରଣ ଦୂରକରିବା ପ୍ରଧାନମନ୍ତ୍ରୀଙ୍କ କର୍ତ୍ତବ୍ୟ। ଆତଙ୍କବାଦୀ ତୀର୍ଥଯାତ୍ରୀଙ୍କୁ ଟାର୍ଗେଟ କରୁଥିଲାବେଳେ ମଧ୍ୟ ଅମରନାଥ ଯାତ୍ରା ସ୍ଥଗିତ ହୋଇ ନ ଥିଲା ବୋଲି ବରିଷ୍ଠ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ କହିଛନ୍ତି।

ଶନିବାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲାଙ୍କ ନେତୃତ୍ୱରେ ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି)ର ଏକ ପ୍ରତିନିଧି ଦଳ ରାଜ୍ୟପାଳ ସତ୍ୟପାଲ ମଲିକଙ୍କୁ ଭେଟି ସରକାରଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ସୁରକ୍ଷା କାରଣରୁ ଅତିରିକ୍ତ ଯବାନ ମୁତୟନ ହୋଇଥିବା ସେ କହିଛନ୍ତି। ତେବେ ସାମ୍ବିଧାନିକ ବ୍ୟବସ୍ଥାରେ ପରିବର୍ତ୍ତନ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନ ଥିବା ରାଜ୍ୟପାଳ କହିଛନ୍ତି। ଅମରନାଥ ଯାତ୍ରାରେ ଆତଙ୍କବାଦୀ ଆକ୍ରମଣ ହୋଇପାରେ ବୋଲି ସୁରକ୍ଷା ବଳକୁ ନିର୍ଭରଯୋଗ୍ୟ ସୂଚନା ମିଳିବା ପରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଏଲ୍‌ଓସି ଆରପଟୁ ପାକିସ୍ତାନୀ ସେନା ଜୋରଦାର ଶେଲ୍ ମାଡ଼ କରୁଛି।



ଅମରନାଥ ଯାତ୍ରା ସ୍ଥଗିତ ହେବାପରେ ତୀର୍ଥଯାତ୍ରୀ ଫେରିଯାଉଛନ୍ତି।

ଭାରତୀୟ ଯବାନମାନେ ଏହାର ଠିକଣା ଜବାବ ଦେଉଥିବା ରାଜ୍ୟପାଳ କହିଛନ୍ତି। ଆତଙ୍କବାଦୀଙ୍କ ଆକ୍ରମଣ ଉଦ୍ୟମକୁ ପଣ୍ଡ କରିଥିବାନେଇ ଶୁକ୍ରବାର ସେନା ଓ ରାଜ୍ୟ ପୋଲିସ ପକ୍ଷରୁ ମିଳିତ ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କରିଦିଆଯାଇଥିଲା। ଆତଙ୍କବାଦୀମାନେ ବଡ଼ ଧରଣର ଆକ୍ରମଣ ଯୋଜନାରେ ଥିବାରୁ ଏଥିପାଇଁ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଥିବା ରାଜ୍ୟପାଳ ସୂଚନା ଦେଇଛନ୍ତି। ଏହାକୁ ଅନ୍ୟ ପ୍ରସଙ୍ଗ ସହ ଯୋଡ଼ି ଅଯଥା ଭୟର ବାତାବରଣ ସୃଷ୍ଟି ନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ସମ୍ବିଧାନର ଅନୁଚ୍ଛେଦ ୩୭୦ ଓ ୩୫ଏ ଉଚ୍ଛେଦ କିମ୍ବା ରାଜ୍ୟକୁ ୩ ଭାଗରେ ବିଭକ୍ତ କରିବାର କୌଣସି ଯୋଜନା ନାହିଁ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିବା ଓମାର କହିଛନ୍ତି। ତେବେ ଏନେଇ କେନ୍ଦ୍ର ସରକାର ପାର୍ଲାମେଣ୍ଟରେ ସ୍ପଷ୍ଟ କରିନ୍ତୁ ବୋଲି ସେ

- ସାମ୍ବିଧାନିକ ପରିବର୍ତ୍ତନ ସମ୍ପର୍କିତ ସୂଚନା ନାହିଁ: ରାଜ୍ୟପାଳ
- ଅମରନାଥ ପରେ ମଚୈଲ ମାତା ଯାତ୍ରା ସ୍ଥଗିତ
- କଶ୍ମୀର ନ ଯିବାକୁ ବ୍ରିଟେନ ଓ ଜର୍ମାନୀ ପକ୍ଷରୁ ଆଡ୍‌ଭାଇଜରି

ଦାବି କରିଛନ୍ତି। କେନ୍ଦ୍ର ସରକାରଙ୍କ ବିବୃତି ଦାବିରେ ସୋମବାର ପାର୍ଲାମେଣ୍ଟରେ ଏନ୍‌ସି ସଦସ୍ୟମାନେ ପ୍ରସ୍ତାବ ଆଣିବେ। ରାଜ୍ୟର ଜନସାଧାରଣ ଭାବାବେଗକୁ ନିୟନ୍ତ୍ରଣରେ ରଖି ଶାନ୍ତ ରହିବାକୁ ଓମାର ନିବେଦନ କରିଛନ୍ତି।

ସୁରକ୍ଷାଗତ କାରଣରୁ ଅମରନାଥ ଯାତ୍ରା ସ୍ଥଗିତ ରହିବା ସହିତ ଯାତ୍ରୀମାନଙ୍କୁ ତୁରନ୍ତ ଫେରିଯିବା ପାଇଁ ରାଜ୍ୟ ସରକାର ଶୁକ୍ରବାର ପରାମର୍ଶ ଦେଇଥିବାବେଳେ ଜମ୍ମୁ-କଶ୍ମୀରର କିସ୍ତୱାର ଜିଲାରେ ହେଉଥିବା ୪୩ ଦିନିଆ ମଚୈଲ ମାତା ଯାତ୍ରାକୁ ଶନିବାର ସ୍ଥଗିତ ରଖାଯାଇଛି। ଏହି ଯାତ୍ରାରେ ନ ଯିବା ପାଇଁ ସରକାର ପରାମର୍ଶ ଦେଇଛନ୍ତି। ଯେଉଁମାନେ ଯାତ୍ରାରେ ବାହାରିଛନ୍ତି ସେମାନଙ୍କୁ ଫେରିଯିବା ପାଇଁ କୁହାଯାଇଛି। ସୁରକ୍ଷା କାରଣରୁ ଏହି ଯାତ୍ରାକୁ ସ୍ଥଗିତ ରଖାଗଲା ବୋଲି କିସ୍ତୱାରର ଡେପୁଟି କମିଶନର ଅଙ୍ଗରାଜ୍ ସିଂ ରଣା କହିଛନ୍ତି। ଜୁଲାଇ ୨୫ରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ସେପ୍ଟେମ୍ବର ୫ରେ ଶେଷ ହୋଇଥାନ୍ତା। ସାରା ଦେଶରୁ ଲକ୍ଷାଧିକ ଭକ୍ତ ଏହି ଯାତ୍ରାରେ ସାମିଲ ହୋଇଥାନ୍ତି।

ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ଶନିବାର ସକାଳୁ ହଜାର ହଜାର ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଉପତ୍ୟକା ଛାଡ଼ିବା ଆରମ୍ଭ କରିଛନ୍ତି। ଆବଶ୍ୟକତାକୁ ଅନୁଭବ କରି ବାୟୁସେନା ଯାତ୍ରୀ ପରିବହନରେ ନିଜ ବିମାନକୁ ନିୟୋଜିତ କରିଛି। ବିଭିନ୍ନ ପର୍ଯ୍ୟଟନ ସ୍ଥଳରୁ ଯାତ୍ରୀଙ୍କୁ ଶ୍ରୀନଗର ପର୍ଯ୍ୟନ୍ତ ଆଣିବା ଲାଗି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବସ୍ ପଠାଯାଇଛି। ଶୁକ୍ରବାର କଶ୍ମୀରରେ ୨୨ ହଜାର ପର୍ଯ୍ୟନ୍ତ ପର୍ଯ୍ୟଟକ ଥିବାବେଳେ ସେଥିରୁ ଅଧିକାଂଶ ଶ୍ରୀନଗରରେ ପହଞ୍ଚିଲେଣି କିମ୍ବା ଉପତ୍ୟକା ଛାଡ଼ିଦେଲେଣି ବୋଲି ପର୍ଯ୍ୟଟନ ନିର୍ଦ୍ଦେଶକ ନିସାର ୱାନି କହିଛନ୍ତି।

ଯାତ୍ରା ଅଧାରୁ ଫେରିବାକୁ ପଡୁଥିବାରୁ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାଦ୍ୱାରା ରାଜ୍ୟ ପର୍ଯ୍ୟଟନ ଶିଳ୍ପ କ୍ଷତିଗ୍ରସ୍ତ ହେବ ବୋଲି କଶ୍ମୀର ଚାମ୍ବର ଅଫ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ କୁହାଯାଇଛି। ଜମ୍ମୁ-କଶ୍ମୀରକୁ ଭ୍ରମଣରେ ନ ଯିବା ଲାଗି ବ୍ରିଟେନ ଓ ଜର୍ମାନୀ ପକ୍ଷରୁ ଏହାର ନାଗରିକମାନଙ୍କୁ ବାରଣ କରାଯାଇଛି। ଉପତ୍ୟକାରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା ଥିବାରୁ ସେଠାକୁ ନ ଯିବା ଲାଗି ଉଭୟ ଦେଶର ସରକାର ଆଡଭାଇଜରି ଜାରି କରି ନାଗରିକମାନଙ୍କୁ ସତର୍କ କରାଇଦେଇଛନ୍ତି।




ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଗୁଲାମନବୀ ଆଜାଦ୍ ଓ ଅନ୍ୟମାନେ ।

### କୁଳଭୂଷଣଙ୍କୁ କୂଟନୈତିକ ସହଯୋଗ ମାମଲା

# ସର୍ତ୍ତକୁ ନେଇ ବଢୁଛି ଅଡୁଆ

ଇସ୍‌ଲାମାବାଦ, ୩।୮ (ପି.ଟି.)



**ପାକ୍ ଅନୁମତିକୁ ଭାରତର ଅପେକ୍ଷା**

ପାକିସ୍ତାନ ସେନା ଅଦାଲତରେ ମୃତ୍ୟୁଦଣ୍ଡାଦେଶ ପାଇ ବନ୍ଦିଥିବା ଭାରତର ପୂର୍ବତନ ସେନା ଅଧିକାରୀ କୁଳଭୂଷଣ ଯାଦବଙ୍କୁ କୂଟନୈତିକ ସହାୟତା ଯୋଗାଇ ଦେବା ଲାଗି ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ) ନିର୍ଦ୍ଦେଶ ଦେଇଥିବାବେଳେ ପାକିସ୍ତାନ ଏଯାଏ ଭାରତକୁ ଏଥିଲାଗି ଅନୁମତି ପ୍ରଦାନ କରିନାହିଁ। ଭାରତୀୟ ଉଚ୍ଚାୟୁକ୍ତ ଅଧିକାରୀ ଓ କୁଳଭୂଷଣଙ୍କ ମଧ୍ୟରେ ହେବାକୁ ଥିବା ସାକ୍ଷାତ ଆଲୋଚନା ଶୁକ୍ରବାର ଭିନ୍ନମୋଡ଼ ନେଇଥିଲା। ଏନେଇ ଦୁଇଦେଶ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଥିଲା। ପାକିସ୍ତାନ ଏନେଇ ସର୍ତ୍ତ ରଖିବାରୁ ଭାରତ ଏହାକୁ ଅଗ୍ରାହ୍ୟ କରିଥିଲା। ଯାଦବଙ୍କୁ ଭାରତ ଦୂତାବାସ ସହଯୋଗ ଦେବା ଓ ଆଲୋଚନା କରିବାବେଳେ ପାକିସ୍ତାନ ଅଧିକାରୀ ଉପସ୍ଥିତ ରହିବେ ବୋଲି ସର୍ତ୍ତ ରଖାଯିବାରୁ ଭାରତ ଏହାକୁ ବିରୋଧ କରିଥିଲା। ଫଳରେ ଏହି ଅଡୁଆ ଏବେ ବଢିବାରେ ଲାଗିଛି।

ଯାଦବଙ୍କ ମୃତ୍ୟୁଦଣ୍ଡାଦେଶ ଉପରେ ଆଇସିଜେ ରହିବାଦେଶ ଲଗାଇବା ସହ ଭାରତକୁ ଏହି ମାମଲାରେ କୂଟନୈତିକ ସହାୟତା ଲାଗି ପାକିସ୍ତାନ ଅନୁମତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଇସିଜେ ନିର୍ଦ୍ଦେଶକୁ ୧୫ ଦିନ ପୂରିଯାଇଥିବାବେଳେ ପାକିସ୍ତାନ ଦ୍ୱନ୍ଦ୍ୱ ସୃଷ୍ଟିକରୁଛି। କୂଟନୈତିକ ସ୍ତରରେ ଶୁକ୍ରବାର ଅପରାହ୍ନ ୩ଟାରେ ଏନେଇ ବୈଠକ ହେବାକୁ ସ୍ଥିର କରାଯାଇଥିଲା। ଏଥିଲାଗି ଗୁରୁବାର ଭାରତ ପକ୍ଷରୁ ପାକିସ୍ତାନକୁ ଅବଗତ କରାଯାଇଥିଲା। ପାକିସ୍ତାନ ବହିର୍ବ୍ୟାପାର କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଶୁକ୍ରବାର ଏନେଇ ଆଲୋଚନା କରାଯିବାକୁ ଦିନଧାର୍ଯ୍ୟ କରାଯାଇଥିଲା। ଆଇସିଜେଙ୍କ ନିର୍ଦ୍ଦେଶାନୁଯାୟୀ ବିନା ଭୟ ଓ ବିନା ସର୍ତ୍ତରେ ଦୂତାବାସ ସହାୟତା ଲାଗି ଭାରତ କହିଥିଲା। କିନ୍ତୁ ପାକିସ୍ତାନର ସର୍ତ୍ତ ଅଡୁଆ ବଢାଇଦେଇଛି। ଭିଏନା ରାଜିନାମା ଅନୁଯାୟୀ ବନ୍ଦୀଙ୍କୁ କୂଟନୈତିକ ସହାୟତା ଯୋଗାଇ ଦେବା କଥା। ହେଲେ ପାକିସ୍ତାନ ଜାଣିଶୁଣି ଦ୍ୱନ୍ଦ୍ୱ ସୃଷ୍ଟିକରୁଛି। ଇରାନରେ ବ୍ୟବସାୟ କରୁଥିବା ଯାଦବଙ୍କୁ ଅପହରଣ କରାଯାଇ ପାକିସ୍ତାନ ଆତଙ୍କବାଦୀର ଆଖ୍ୟା ଦେଉଛି ବୋଲି ଭାରତ ଅଭିଯୋଗ କରିଛି। ଯାଦବଙ୍କୁ ବିନା ସର୍ତ୍ତରେ ଭାରତର ଦୂତାବାସ ସହାୟତା ଲାଗି ପାକିସ୍ତାନ କେବେ ଅନୁମତି ଦେଉଛି , ଏବେ ତାକୁ ହିଁ ଅପେକ୍ଷା।

### ସହପାଠିନୀଙ୍କୁ ପୋଡ଼ିମାରିବା ଘଟଣା

# ପୁରୁଷ ବନ୍ଧୁଙ୍କୁ ଫାଶୀଦଣ୍ଡ

ଗୁଆହାଟୀ, ୩।୮ (ପି.ଟି.)



**ମା’, ଭଉଣୀଙ୍କୁ ଆଜୀବନ ଜେଲ୍**

ଆସାମର କାମ୍‌ରୂପ ଜିଲାରେ ଜଣେ କଲେଜ ଛାତ୍ରୀଙ୍କୁ ଜିଅନ୍ତା ପୋଡ଼ି ମାରିଦେବା ଘଟଣାରେ ସ୍ଥାନୀୟ ଅଦାଲତ ପୁରୁଷ ବନ୍ଧୁଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିବାବେଳେ ତାଙ୍କ ମା’ ଓ ଭଉଣୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି।

ଘଟଣାରୁ ପ୍ରକାଶ, ଶ୍ୱେତା ଅଗ୍ରୱାଲ୍ ନାମକ ଜଣେ ଛାତ୍ରୀଙ୍କୁ ଅତି ନିର୍ମମଭାବେ ପୋଡ଼ି ହତ୍ୟା କରାଯାଇଥିଲା। ଶ୍ୱେତାଙ୍କ ରକ୍ତାକ୍ତ ମରଶରୀର ଗତ ୨୦୧୭ ଡିସେମ୍ବର ୪ରେ ଗୋବିନ୍ଦ ସିଂଘଲଙ୍କ ଘରୁ ମିଳିଥିଲା। ଗୋବିନ୍ଦ ଓ ଶ୍ୱେତା ଗୋଟିଏ କଲେଜରେ ସେତେବେଳେ ପାଠ ପଢୁଥିଲେ। ପରୀକ୍ଷା ଶେଷହେବା ପରେ ଗୋବିନ୍ଦ ଶ୍ୱେତାଙ୍କୁ ନିଜ ଘରକୁ ଆଣିଥିଲେ। ପୋଲିସ ଏହି ହତ୍ୟାକାଣ୍ଡର ଖୋଲତାଡ଼୍ କରିବା ପରେ ତଦନ୍ତ ରିପୋର୍ଟ ଦାଖଲ କରିଥିଲା। ଏହି ମାମଲାରେ କାମରୂପର ଫାଷ୍ଟ ଟ୍ରାକ୍ କୋର୍ଟର ବିଚାରପତି ଅପରେଶ ଚକ୍ରବର୍ତ୍ତୀ ଶନିବାର ଅଭିଯୁକ୍ତ ଗୋବିନ୍ଦଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇ ଥିବାବେଳେ ତାଙ୍କ ମା’ କମଳାଦେବୀ ଓ ଭଉଣୀ ଭବାନୀଙ୍କୁ ଆପରାଧୀକ ଷଡ଼ଯନ୍ତ୍ର ଓ ତଥ୍ୟ ଲୁଚାଇବା ଅଭିଯୋଗରେ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି।

# ଡଙ୍ଗାବୁଡ଼ି ୭ ମୃତ, ୧୩ ନିଖୋଜ



**ମାନିଲା, ୩।୮ (ପି.ଟି.):** କେନ୍ଦ୍ରୀୟ ଫିଲିପାଇନ୍ସ ନିକଟ ସମୁଦ୍ରରେ ଶନିବାର ୨ଟି ଡଙ୍ଗା ବୁଡ଼ିଯିବାରୁ ୭ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ୧୩ ନିଖୋଜ ଥିବା ଜଣାପଡ଼ିଛି। ୩୧ ଜଣ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ଇଲୋଇଲୋ ଓ ଗୁଇମାରା ଦ୍ୱୀପ ମଧ୍ୟରେ ପ୍ରବଳ ପବନ ଓ ଢେଉ ହେବାରୁ ଦୁଇଟି ଡଙ୍ଗା ବୁଡ଼ିଯାଇଥିଲା। ମୃତକଙ୍କ ମଧ୍ୟରେ ୬ ମହିଳା ଥିବା ଜଣାପଡ଼ିଥିଲେ ହେଁ ସେମାନଙ୍କ ଠିକଣା ମିଳିନାହିଁ। ରେଡ୍‌କ୍ରସ ପକ୍ଷରୁ ଦୁଇଟି ଡଙ୍ଗାର ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରାଯାଇଛି। ନିଖୋଜ ଯାତ୍ରୀଙ୍କୁ ଉଦ୍ଧାର କରିବା ଲାଗି ପ୍ରୟାସ ଜାରି ରହିଛି।

### ଭାଜପା ଏମ୍‌ପିଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

# କର୍ମୀଙ୍କ ଅବଦାନକୁ ଭୁଲନାହିଁ

ନୂଆଦିଲ୍ଲୀ, ୩।୮ (ପି.ଟି.)

କର୍ମୀମାନେ ମାଆ ଭଳି ଦଳକୁ ବଢ଼ାଇଛନ୍ତି। ସେମାନଙ୍କ ଅବଦାନକୁ ଭୁଲନାହିଁ। ସେମାନେ କଦାପି ଅନାଦର ଅନୁଭବ କରିବା ଉଚିତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପା ଏମ୍‌ପିମାନଙ୍କ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅବସରରେ ପରାମର୍ଶ ଦେଇଛନ୍ତି। କୌଣସି ପରିବାରର ଲିଗାସୀରୁ ନୁହେଁ ଭାଜପାର ନୀତିଆଦର୍ଶ ଓ ଚିନ୍ତାଧାରା ଏହାକୁ ବର୍ତ୍ତମାନର ସ୍ଥିତିରେ ପହଞ୍ଚାଇଥିବା ପ୍ରଧାନମନ୍ତ୍ରୀ କହିଥିଲେ। ଆପଣମାନଙ୍କୁ ଏମ୍‌ପି ଓ ମନ୍ତ୍ରୀ କରିବାରେ କର୍ମୀମାନଙ୍କ ଅବଦାନକୁ ଭୁଲିଯିବା ଉଚିତ ନୁହେଁ। ସେମାନଙ୍କ ସହ ସମ୍ପର୍କରେ ରହିବା ପାଇଁ ପାର୍ଲାମେଣ୍ଟର ଉଭୟ ସଦନର ୩।୮୦ ଏମ୍‌ପିଙ୍କୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଭାଜପା ଏକ ପରିବାର ଭଳି। ଏହା ରୁଣ୍ଡୀଭୂତ ସତ୍ତା ନୁହେଁ, ଏକ ସାଂଗଠନିକ ସଂସ୍ଥା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ତ୍ରିପୁରା ପଞ୍ଚାୟତ ନିର୍ବାଚନରେ ଦଳର ବଡ଼ ବିଜୟକୁ ନେଇ ସେ ସାଙ୍ଗଠନିକ ଶକ୍ତିର ଗୁରୁତ୍ୱ ସମ୍ପର୍କରେ ବୁଝାଇଥିଲେ। ପାର୍ଲାମେଣ୍ଟ ଭବନ ପରିସରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ‘ଅଭ୍ୟାସ ବର୍ଗ’କୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରି ସୂରଯ୍‌କୁଣ୍ଡ କାର୍ଯ୍ୟକ୍ରମର ଅନୁଭୂତି ସମ୍ପର୍କରେ କହିଥିଲେ। ଶିକ୍ଷାଗ୍ରହଣ ପ୍ରକ୍ରିୟା ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ। ଭାଜପା ଅଧ୍ୟକ୍ଷ ଅମିତ୍ ଶାହ, କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ରବିବାର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ଓ ଭାଜପା ଅଧ୍ୟକ୍ଷ ଏମ୍‌ପିମାନଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି।

## ଫୁର୍‌ସତ


# ନିଲାମ ହେବ ବିଶିଷ୍ଟ ଚିତ୍ରଶିଳ୍ପୀଙ୍କ କଳାକୃତି

**ନୂଆଦିଲ୍ଲୀ:** ବିଶିଷ୍ଟ ଚିତ୍ରଶିଳ୍ପୀ ଏମ୍.ଏଫ୍. ହୁସେନ, ଅମ୍ରିତା ଶେର-ଗିଲ, ଏସ୍.ଏଚ୍. ରାଜା, ଯାମିନୀ ରଏ ଏବଂ ଏଫ୍.ଏନ୍. ସୁଜାଙ୍କ କଳାକୃତି ଆସନ୍ତା ସପ୍ତାହରେ ନିଲାମ ହେବାକୁ ଯାଉଛି। ଏହିସବୁ କଳାକୃତି ବର୍ତ୍ତମାନ ଦିଲ୍ଲୀର ହୋଟେଲ ତାଜ ପ୍ୟାଲେସର ଶୋଭାମଣ୍ଡନ କରୁଛି। ଉକ୍ତ ହୋଟେଲର ୧୧୫ତମ ପ୍ରତିଷ୍ଠା ବାର୍ଷିକୀରେ ୨୫ଟି ଚିତ୍ରକଳା ନିଲାମ ହେବାକୁ ଥିବାବେଳେ ଲବ୍ଧ ଅର୍ଥ ତାଜ ପବ୍ଲିକ୍ ସର୍ଭିସ ୱେଲଫେୟାର ଟ୍ରଷ୍ଟକୁ ପ୍ରଦାନ କରାଯିବ। ଉକ୍ତ କାରୁକାର୍ଯ୍ୟ ସହିତ ସୁପରିଚିତ ସେଲିବ୍ରିଟିଙ୍କ ନାମ ମଧ୍ୟ ଉଲ୍ଲେଖ ରହିଛି। ଆତଙ୍କବାଦ, ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପୀଡ଼ିତ ବ୍ୟକ୍ତି ଏବଂ ଶହୀଦ ଯବାନଙ୍କ ପରିବାର ସଦସ୍ୟଙ୍କୁ ସହାୟତା ନିମନ୍ତେ ଉକ୍ତ ଅର୍ଥ ବିନିଯୋଗ କରାଯିବ। ପ୍ରତ୍ୟେକ ଚିତ୍ରରେ ଭାରତୀୟ କଳା ପ୍ରତିଫଳିତ। ଏହିସବୁ ଚିତ୍ରଗୁଡିକ ୧୯୫୨ରୁ ୨୦୦୫ ମଧ୍ୟରେ ପ୍ରସ୍ତୁତ କରାଯାଇଛି ।



# ପେଟରୁ ବାହାରିଲା ୨୦ବର୍ଷ ତଳର ଟୁଥ୍‌ବ୍ରଶ୍

**ବେଜିଂ:** ଦକ୍ଷିଣ ଚାଇନାର ଏକ ହସ୍ପିଟାଲରେ ଡାକ୍ତରମାନେ ଜଣେ ରୋଗୀଙ୍କ ପେଟରୁ ୧୪ସେଣ୍ଟିମିଟର ଲମ୍ବର ଟୁଥ୍‌ବ୍ରଶ୍ ବାହାର କରିଛନ୍ତି। ଏହି ବ୍ୟକ୍ତି ଦୀର୍ଘ ୨୦ବର୍ଷ ତଳେ ଟୁଥ୍‌ବ୍ରଶ୍ ଗିଳିଦେଇଥିଲେ। ଗୁଆଙ୍ଗଡଙ୍ଗ୍ ପ୍ରଦେଶର ଶେନଜେନ୍‌ସ୍ଥିତ ନଂ.୩ ପିପୁଲ୍ସ ହସ୍ପିଟାଲ୍ ପକ୍ଷରୁ କୁହାଯାଇଛି, ଡାକ୍ତରମାନେ ରୋଗୀର ଅନ୍ତ୍ରନଳିରେ ଅଟକି ରହିଥିବା ଏକ କଣ୍ଟା, ମୁଦ୍ରା ଓ ଲାଇଟର ମଧ୍ୟ ବାହାର କରିଛନ୍ତି। ୫୧ବର୍ଷ ବୟସ୍କ ଏହି ବ୍ୟକ୍ତି ଲି ନାମରେ ପରିଚିତ। ଜୁନ୍ ଶେଷଭାଗରେ ତଳିପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସିଟିସ୍କାନରୁ ଜଣାପଡିଥିଲା, ତାଙ୍କ ଡୁଓଡେନମ୍‌ରେ କିଛି ଅଦ୍ଭୁତ ଧରଣର ଜିନିଷ ରହିଛି। ତେବେ ଲି ଡାକ୍ତରଙ୍କୁ କହିଥିଲେ ୨୦ବର୍ଷ ତଳେ ସେ ନିଶା ଔଷଧ ସେବନ କରୁଥିଲେ। ଏଚ୍‌ଆଇଭି ଆକ୍ରାନ୍ତ ହୋଇଥିବା ଲକ୍ଷଣ ଜଣାପଡ଼ିବା ପରେ ଆତ୍ମହତ୍ୟା ଉଦ୍ୟମ କରି ସେ ଏକ ବ୍ରଶ୍ ଗିଳିପକାଇଥିଲେ। ସେ ତ ମରିପାରିଲେ ନାହିଁ। ଗିଳିଥିବା ଟୁଥ୍‌ବ୍ରଶ୍ ମଧ୍ୟ ତାଙ୍କର କିଛି କ୍ଷତି କଲାନାହିଁ। ତେଣୁ ସେ ଦୀର୍ଘ ୨୦ବର୍ଷ ତଳର ଘଟଣାକୁ ସମ୍ପୂର୍ଣ୍ଣ ଭୁଲିଯାଇଥିଲେ। ଲି ତଳିପେଟରେ ଯନ୍ତ୍ରଣା ଅନୁଭବ କରିବା ସହିତ ତାଙ୍କର ଗଲ୍‌ବ୍ଲାଡର ଫୁଲିବାକୁ ଲାଗିଲା। ଏହାପରେ ତାଙ୍କର ଏଣ୍ଡୋସ୍କୋପି କରାଯିବାରୁ ଜଣାପଡିଲା ଟୁଥ୍‌ବ୍ରଶ୍‌ର ରୁଆଗୁଡିକ ସବୁ ମିଳେଇ ଯାଇଛି। ଆତ୍ମହତ୍ୟା ଘଟଣା ପରେ ଲି ନିଶା ଔଷଧ ଛାଡିଦେବା ସହିତ ଏଚ୍‌ଆଇଭି ଚିକିତ୍ସା ଆରମ୍ଭ କରିଥିଲେ। ଏହାପରେ ସେ ବିଭାହୋଇ ଦୁଇଟି ସନ୍ତାନର ପିତା ମଧ୍ୟ ହୋଇଛନ୍ତି। ଟୁଥ୍ ବ୍ରଶ୍‌ଟି ମଳଦ୍ୱାର ଦେଇ ବାହାରିଯାଇଥିବ ଭାବି ଲି ଏ ବିଷୟରେ ଆଦୌ ଚିନ୍ତିତ ନ ଥିଲେ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୭ | ୨୪.୮ |
| ଚାନ୍ଦବାଲି | ୩୧.୬ | ୨୬.୪ |
| କଟକ | ୩୦.୦ | ୨୪.୦ |
| ପାରାଦ୍ୱୀପ | ୩୦.୦ | ୨୬.୯ |
| ଭୁବନେଶ୍ୱର | ୩୦.୨ | ୨୫.୪ |
| ଗୋପାଳପୁର | ୨୮.୩ | ୨୪.୮ |
| ପୁରୀ | ୩୦.୪ | ୨୫.୬ |
| ଅନୁଗୋଳ | ୨୯.୧ | ୨୧.୬ |
| ବାରିପଦା | ୩୦.୪ | ୨୬.୮ |
| ଝାରସୁଗୁଡ଼ା | ୨୯.୦ | ୨୫.୨ |
| କେନ୍ଦୁଝର | ୩୦.୬ | ୨୩.୮ |
| ସମ୍ବଲପୁର | ୨୮.୬ | ୨୪.୬ |
| ସୁନ୍ଦରଗଡ଼ | ୨୭.୦ | ୨୬.୦ |
| ହୀରାକୁଦ | ୨୭.୭ | ୨୪.୬ |
| ତାଳଚେର | ୩୦.୭ | ୨୫.୨ |
| ଭବାନୀପାଟଣା | ୨୭.୭ | ୨୩.୮ |
| ବଲାଙ୍ଗୀର | ୨୮.୦ | ୨୪.୫ |
| କୋରାପୁଟ | ୨୧.୪ | ୧୯.୬ |
| ଫୁଲବାଣୀ | ୨୬.୮ | ୨୨.୮ |
| ଟିଟିଲାଗଡ଼ | ୨୮.୪ | ୨୦.୫ |
| ମାଲକାନଗିରି | ୨୫.୨ | ୧୮.୨ |
| ସୋନପୁର | ୨୯.୨ | ୨୧.୪ |
| ଦାରିଙ୍ଗିବାଡ଼ି | ୨୫.୦ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ

### ଅଗଷ୍ଟ ୪ର ପ୍ରମୁଖ ଘଟଣା

୧୯୪୬ ଅଗଷ୍ଟ ୪ରେ ନର୍ଦ୍ଦର୍ନ ଡୋମିନିକାନ୍ ରିପବ୍ଲିକ୍‌ରେ ୮.୦ ତୀବ୍ରତାର ଭୂକମ୍ପ ଯୋଗୁ ୧୦୦ଜଣଙ୍କ ମୃତ୍ୟୁ ଘଟିବା ସହିତ ୨୦ହଜାର ଲୋକ ଗୃହହୀନ ହୋଇପଡିଥିଲେ। ଡୋମିନିକାନ୍ ରିପବ୍ଲିକ୍ ହେଉଛି କାରିବିୟାନ୍ ରିଜିୟନ୍‌ର ହିସ୍‌ପାନିଓଲା ଦେଶରେ ଅବସ୍ଥିତ। ଡୋମିନିକାନ୍ ରିପବ୍ଲିକ୍ କ୍ୟୁବା ପରେ ଦ୍ୱିତୀୟ ବୃହତ୍ତମ କାରିବିୟାନ ରାଷ୍ଟ୍ର। ଏହାର କ୍ଷେତ୍ରଫଳ ୧୮,୭୯୨ ବର୍ଗମାଇଲ।

୧୯୭୪ ଅଗଷ୍ଟ ୪ରେ ଇଟାଲିର ସାନ୍ ବେନେଡେଟୋ ଭାଲ୍ ଡି ସାମ୍ବ୍ରୋରେ ଏକ ଏକ୍ସପ୍ରେସ୍ ଟ୍ରେନ୍‌ରେ ବୋମା ବିସ୍ଫୋରଣ ଯୋଗୁ ୧୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୨ ଆହତ ହୋଇଥିଲେ। ଇଟାଲିର ଏମିଲିଆ-ରୋମାଗ୍ନା ଅନ୍ତର୍ଗତ ମେଟ୍ରୋପଲିଟାନ୍ ସିଟି ବୋଲୋଗ୍ନାରେ ସାନ୍ ବେନେଡେଟୋ ଭାଲ ଡି ସାମ୍ବ୍ରୋ ହେଉଛି ଏକ ପୌରାଞ୍ଚଳ।

# ‘କ୍ୱାଥା’ରେ ଅଭିନୟ କରିବେ ଇସାବେଲ୍


**ମୁମ୍ବାଇ:** ଅଭିନେତ୍ରୀ କାଟ୍ରିନା କୈଫଙ୍କ ଭଉଣୀ ଇସାବେଲ୍ ‘କ୍ୱାଥା’ ଫିଲ୍ମରେ ଅଭିନୟ ଜୀବନ ଆରମ୍ଭ କରିବେ। ତାଙ୍କ ସହ ଅଭିନୟ କରିବେ ସଲମାନ୍ ଖାନ୍‌ଙ୍କ ଭିଣୋଇ ଆୟୁଷ ଶର୍ମା। କରନ୍ ଲଳିତ ବୁଟାନୀଙ୍କ ନିର୍ଦ୍ଦେଶିତ ‘କ୍ୱାଥା’ ଭାରତୀୟ ସେନା ସହ ଜଡ଼ିତ ଏକ ସତ୍ୟ ଘଟଣା ଉପରେ ଆଧାରିତ। ଆୟୁଷ ଏହି ଫିଲ୍ମରେ ଜଣେ ସେନା ଅଫିସର ଚରିତ୍ରରେ ଅଭିନୟ କରିବେ। ଏଥିପାଇଁ ଆୟୁଷ ଶାରୀରିକ ଦକ୍ଷତା ଏବଂ ଜଣେ ଯବାନ ଭଳି ଦେଖାଯିବା ପାଇଁ କଷ୍ଟକର ତାଲିମ ଗ୍ରହଣ କରୁଛନ୍ତି। ତେବେ ଇସାବେଲ୍ କେଉଁ ଚରିତ୍ରରେ ଅଭିନୟ କରିବେ ତାହା ବର୍ତ୍ତମାନ ପାଇଁ ଗୁପ୍ତ ରଖାଯାଇଛି। ଏ ସମ୍ପର୍କରେ ନିର୍ଦ୍ଦେଶକ ବୁଟାନୀ କହନ୍ତି, ‘କ୍ୱାଥା’ରେ ଆୟୁଷ ଶର୍ମା ଓ ଇସାବେଲ୍ କୈଫ ମୁଖ୍ୟ ଚରିତ୍ରରେ ଅଭିନୟ କରୁଥିବାରୁ ଆମେ ଉତ୍ସାହିତ। ଭାରତ ଓ ମ୍ୟାନ୍‌ମାର ସୀମାନ୍ତରେ ‘କ୍ୱାଥା’ ନାମକ ଏକ ଗାଁ ରହିଛି। ଏହି ଗାଁକୁ ନେଇ ଫିଲ୍ମଟି ଗତିଶୀଳ। ଏ ସମ୍ପର୍କରେ ପ୍ରଯୋଜକ ଆଦିତ୍ୟ ଜୋଷୀ କହିଛନ୍ତି, କ୍ୱାଥା ଏକ ଭିନ୍ନ ଧରଣର ଫିଲ୍ମ। ଏହା ଭାରତୀୟ ଯବାନଙ୍କ ହୃଦୟର କଥା କହିବ। ବର୍ତ୍ତମାନ ଅଭିନେତା ଅଭିନେତ୍ରୀମାନେ ଫିଲ୍ମ ପାଇଁ କଠିନ ତାଲିମ ଗ୍ରହଣ କରୁଛନ୍ତି। ସେମାନେ ଖୁବ୍‌ଶୀଘ୍ର ଉତ୍ତରପୂର୍ବ ରାଜ୍ୟକୁ ଯାଇ କେତେକ ସ୍ଥାନ ପରିଦର୍ଶନ କରିବେ। ଚଳିତବର୍ଷ ସେପ୍ଟେମ୍ବରରେ ଉକ୍ତ ଫିଲ୍ମର ଶୁଟିଂ ଆରମ୍ଭ ହେବ ଏବଂ ୨୦୨୦ରେ ଏହା ରିଲିଜ ହେବା ଆଶା କରାଯାଉଛି। ପର୍ପଲ ବୁଲ୍ ଏଣ୍ଟରଟେନମେଣ୍ଟ ଏବଂ କଲ୍ଟ ଏଣ୍ଟରଟେନମେଣ୍ଟର ମିଳିତ ଉଦ୍ୟମରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ଅଭିନୟ କରୁଛନ୍ତି ସୁନୀଲ ଜୈନ, ଓମ୍ ପ୍ରକାଶ ଭଟ୍ଟ, ଆଦିତ୍ୟ ଜୋଷୀ, ଆଲୋକ ଅରବିନ୍ଦ ଠାକୁର ଏବଂ ସୁଜୟ ଶଙ୍କରୱାର।



# ରାଜ୍ୟ ପ୍ରଶାସନରେ ଅଦଳବଦଳ

- ବଦଳିଲେ ନୟାଗଡ଼, କୋରାପୁଟ ଜିଲାପାଳ
- ଶ୍ରମ କମିଶନର ହେଲେ ନିରଞ୍ଜନ

**ଭୁବନେଶ୍ୱର,୩।୮(ବ୍ୟୁରୋ):** ରାଜ୍ୟ ସରକାର ପ୍ରଶାସନିକ ସ୍ତରରେ ଏକ ଛୋଟ ରଣର ଅଦଳବଦଳ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉଚ୍ଚଶିକ୍ଷା ନିର୍ଦ୍ଦେଶକ ସହ ଶ୍ରମ କମିଶନର ଅତିରିକ୍ତ ଦାୟିତ୍ୱ ତୁଲାଇଥିବା ନିରଞ୍ଜନ ସାହୁଙ୍କୁ ପୂର୍ଣ୍ଣକାଳୀନ ଶ୍ରମ କମିଶନର ଦାୟିତ୍ୱ ଦିଆଯାଇଛି। ପୌର ପ୍ରଶାସନ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଏକ୍ସ-ଅଫିସିଓ ଅତିରିକ୍ତ ସଚିବ ଥିବା ସଂଗ୍ରାମଜିତ ନାୟକ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ସଂଗ୍ରାମଜିତ ନାୟକ ଦାୟିତ୍ୱ ଗ୍ରହଣ କରିବା ଯାଏ ବିଏମ୍ସି ପ୍ରଶାସକ ଦାୟିତ୍ୱରେ ଥିବା ଡକ୍ଟର କ୍ରିଷ୍ଣନ କୁମାର ଦାୟିତ୍ୱ ତୁଲାଇପାରିବେ। ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ନିର୍ଦ୍ଦେଶକ ଥିବା ସୁଶାନ୍ତ ମହାପାତ୍ରଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ନୟାଗଡ ଜିଲାପାଳ ଥିବା ଡକ୍ଟର ନୁନ୍ସାବଥ ତିରୁମାଲା ନାଏକଙ୍କୁ କଟକସ୍ଥିତ ମତ୍ସ୍ୟସମ୍ପଦର ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ଏହି ଦାୟିତ୍ୱ ସହ ତିରୁମାଲା ନାଏକ ଭୁବନେଶ୍ୱରସ୍ଥିତ ସିଏମ୍ଜିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ବର୍ତ୍ତମାନ ମତ୍ସ୍ୟସମ୍ପଦ ନିର୍ଦ୍ଦେଶକ ଥିବା ରତ୍ନାକର ରାଉତ ଆଇଏଏସ୍ ତିରୁମାଲାଙ୍କ ଯୋଗଦାନ ଯାଏ ଦାୟିତ୍ୱ ତୁଲାଇବେ। କୋରାପୁଟ ଜିଲାପାଳ ଡକ୍ଟର ପୋମା ଟୁଡୁଙ୍କୁ ନୟାଗଡ ଜିଲାପାଳ ଭାବେ ବଦଳି କରାଯାଇଛି। ବାଲିଗୁଡା ଉପଜିଲାପାଳ ସିନ୍ଦେ ଦତ୍ତାତ୍ରେୟ ବାହୁସାହେବଙ୍କୁ ଗଞ୍ଜାମ ଜିଲା ବ୍ରହ୍ମପୁର ଉପଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ସିନ୍ଦେ ସ୍ଥାନୀୟ ଅଞ୍ଚଳର ଉପଖଣ୍ଡୀୟ ମାଜିଷ୍ଟ୍ରେଟ ଦାୟିତ୍ୱ ମଧ୍ୟ ତୁଲାଇବେ। ଅପରପକ୍ଷରେ ବଦଳି ହୋଇ ଭୁବନେଶ୍ୱରସ୍ଥିତ ମାର୍କଫେଡ୍ର ପରିଚାଳନା ନିର୍ଦ୍ଦେଶକ ଥିବା ମଧୁସୂଦନ ମିଶ୍ର(ଦ୍ୱିତୀୟ)ଙ୍କୁ କୋରାପୁଟ ଜିଲାପାଳ ଭାବେ ଦାୟିତ୍ୱ ଦିଆଯାଇଛି।




# ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ନେଲେ ଆରଡିସି

**ବ୍ରହ୍ମପୁର ଅଫିସ,୩।୮**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଭାବେ ଶନିବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡିସି) ଟି.ଆଓ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜୁଲାଇ ୩୧ରେ ରାଜଭବନରୁ ଆସିଥିବା ଚିଠି ପ୍ରକାରେ ଶନିବାରରୁ ନୂତନ କୁଳପତି ଚୟନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଅସ୍ଥାୟୀ କୁଳପତି ଭାବେ ସେ ଏହି ଦାୟିତ୍ୱରେ ରହିବେ।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ଅପରାହ୍ନରେ ବ୍ରହ୍ମପୁର ଆରଡିସିଙ୍କ କାର୍ଯ୍ୟାଳୟରେ ଆଓ ଅସ୍ଥାୟୀ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବତନ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସଙ୍କ କାର୍ଯ୍ୟକାଳ ଶନିବାର ଶେଷ ହୋଇଛି । ଏହାର ଦିନକ ପୂର୍ବରୁ ପ୍ରଫେସର ଦାସ ନିଜ ପଦବୀ ଛାଡିବାକୁ ନେଇ କୁଳାଧିପତି ତଥା ରାଜ୍ୟପାଳଙ୍କୁ ଅନୁରୋଧ କରିଥିଲେ। ପ୍ରଫେସର ଦାସଙ୍କ ଅନୁରୋଧ କ୍ରମେ ରାଜ୍ୟପାଳ ଶୁକ୍ରବାର ଅପରାହ୍ନରୁ ଆରଡିସିଙ୍କୁ ଅସ୍ଥାୟୀ କୁଳପତି ଭାବେ ଦାୟିତ୍ୱ ଗ୍ରହଣ ପାଇଁ ରାଜଭବନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା।



ଆରଡିସି ଟି. ଆଓ

### ଶିଶୁ ଓ ମହିଳାଙ୍କ ସୁରକ୍ଷାକୁ ନେଇ ଜାତୀୟ କର୍ମଶାଳା

# 'ପରୀ ପାଇଁ କଥାଟିଏ' ସମାଜରେ ନୂଆ ଜାଗରଣ ସୃଷ୍ଟି କରିଛି'

**ଭୁବନେଶ୍ୱର, ୩।୮(ବ୍ୟୁରୋ)**

'ପରୀ ପାଇଁ କଥାଟିଏ' କାର୍ଯ୍ୟକ୍ରମ ସମାଜରେ ନୂଆ ଜାଗରଣ ସୃଷ୍ଟି କରିଛି। ନାବାଳିକାଙ୍କୁ ଉଦ୍ଧାର କରାଯାଇ ଠିକଣା ସ୍ଥାନରେ ପହଁଞ୍ଚାଇ ପାରିଛି ପୋଲିସ। ଏହି ଅଭିଯାନରେ ରାଜ୍ୟ ପୋଲିସ ଏକ ଗୁରୁଦାୟିତ୍ୱ ବହନ କରିଛି। ପୋଲିସ ନାଗରିକଙ୍କୁ ସମସ୍ତ ପ୍ରକାର ସୁରକ୍ଷା ଯୋଗାଇଦେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ୟୁନିସେଫ୍, ଇଣ୍ଡିଆନ ପୋଲିସ ଫାଉଣ୍ଡେଶନ ଓ ଓଡିଶା ପୋଲିସ ପକ୍ଷରୁ ଭୁବନେଶ୍ୱର ପୋଲିସ ଭବନରେ ଅନୁଷ୍ଠିତ 'ଶିଶୁ ଓ ମହିଳାଙ୍କ ସୁରକ୍ଷା' ଶୀର୍ଷକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ମହିଳା ଓ ଶିଶୁଙ୍କ କ୍ଷେତ୍ରରେ ହେଉଥିବା ଅପରାଧର ତ୍ୱରିତ ତଥା ପ୍ରଭାବଶାଳୀ ତଦନ୍ତ କରି ଅଭିଯୁକ୍ତଙ୍କୁ ଶତ ପ୍ରତିଶତ ଦଣ୍ଡ ଦେବାକୁ ପୋଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ 'କଫି ଟେବୁଲ୍ ବୁକ୍ ଅନ୍ ପରୀ ପାଇଁ କଥାଟିଏ-ଏ ୱାର୍ଡ ଅଫ୍ ଦ ଲିଟ୍ଲି ଆଙ୍ଗେଲ' ପୁସ୍ତକ ଓ 'ପରୀ ପାଇଁ କଥାଟିଏ' ଉପରେ ଆଧାରିତ ଏକ ଡକୁମେଣ୍ଟାରୀ ଫିଲ୍ମକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ।




ଅନୁଗୋଳ ନାବାଳିକା ବଳାତ୍କାର ମାମଲାରେ ପ୍ରଭାବଶାଳୀ ତଦନ୍ତ କରି ଅଭିଯୁକ୍ତଙ୍କୁ ବହୁ ଶୀଘ୍ର ଗିରଫ କରାଯାଇଥିଲା। ଏପିରିକି ଆବଶ୍ୟକ ତଥ୍ୟ ଓ ପ୍ରମାଣ ଠିକ୍ ସମୟରେ କୋର୍ଟରେ ଦାଖଲ କରାଯାଇଥିଲା। ଫଳରେ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ହୋଇଛି। ଏଥିପାଇଁ ଅନୁଗୋଳ ଏସ୍ପି ମିତ୍ରଭାନୁ ମହାପାତ୍ର, ଅନୁଗୁଳ ଟାଉନ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ଓ ସରକାରୀ ଆଇନଜୀବୀ ସରୋଜ କୁମାର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପୋଲିସ ଡିଜିପି ଆର୍.ପି. ଶର୍ମା କହିଲେ, ପରୀ ପାଇଁ କଥାଟିଏ କାର୍ଯ୍ୟକ୍ରମକୁ ଓଡ଼ିଶା ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଛି। କୌଣସି ପରିସ୍ଥିତିରେ ମହିଳା ଓ ନାବାଳିକାଙ୍କୁ ଅସୁରକ୍ଷିତ ଅବସ୍ଥାରେ ରହିବାକୁ ଦିଆଯିବ ନାହିଁ। ରାଜ୍ୟରେ ବଢ଼ି ଚାଲିଥିବା ନାବାଳିକା ବଳାତ୍କାର ଓ ଶିଶୁ ଯୌନ ନିର୍ଯାତନା ରୋକିବାକୁ ପୋଲିସ ପ୍ରଚେଷ୍ଟା ଜାରି ରଖିଛି। ୧୫ଦିନ ପାଇଁ କରାଯାଇଥିବା 'ପରୀ ପାଇଁ କଥାଟିଏ' ସଚେତନତା କାର୍ଯ୍ୟକ୍ରମରେ ଆମକୁ ବହୁ ସଫଳତା ମିଳିଛି। ଏହାକୁ ଦୃଷ୍ଟିରେ ରଖି ଆରମ୍ଭ ହେବାକୁ ଯାଉଛି 'ମିଶନ ପରୀ-୨୦୨୪'। ତେବେ ଏହି ଅଭିଯାନ କିପରି କାର୍ଯ୍ୟ କରିବ ସେସମ୍ପର୍କରେ ଡିଜିପି ପ୍ରକାଶ କରି କହିଲେ, ନାବାଳିକାଙ୍କୁ ଯୌନ ଶୋଷଣରୁ ମୁକ୍ତ କରିବା, ନାବଳିକା ଚାଲାଣ ଉପରେ ରୋକ୍, ଶିଶୁ ଶ୍ରମିକଙ୍କୁ ବିପଦଜନକ ସ୍ଥାନରୁ ଉଦ୍ଧାର ଓ ଶିଶୁ ବିବାହକୁ ସମ୍ପୂର୍ଣ୍ଣ ରୋକାଯିବା ଏହାର ଲକ୍ଷ୍ୟ ରହିବ। ଶିଶୁଙ୍କ କ୍ଷେତ୍ରରେ ଘଟୁଥିବା ଅପରାଧର ତୁରନ୍ତ ତଦନ୍ତ ସହ ଅଭିଯୁକ୍ତଙ୍କୁ କିପରି କଠୋର ଦଣ୍ଡ ମିଳିବ ତାହାକୁ ଗୁରତ୍ୱ ଦିଆଯାଉଛି। ୟୁନିସେଫ ମୁଖ୍ୟ ମୋନିକା ନିଲଶନ କହିଲେ, ୟୁନିସେଫ୍ର ସହଭାଗୀତାରେ ୨୦୧୮ରୁ ଆରମ୍ଭ ହୋଇଥିବା ପରୀ ପାଇଁ କଥାଟିଏ କାର୍ଯ୍ୟକ୍ରମ ସଫଳାତର ସହ ଆଗେଇ ଚାଲିଛି। ଏ କ୍ଷେତ୍ରରେ ଓଡିଶା ପୋଲିସର ଯଥେଷ୍ଟ ଅବଦାନ ରହିଛି।

କାର୍ଯ୍ୟକ୍ରମରେ ଗୃହ ବିଭାଗ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଅତିରିକ୍ତ ଶାସନ ସଚିବ ଅସିତ ତ୍ରିପାଠୀ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ନ୍ୟାଶନାଲ ପୋଲିସ ଫାଉଣ୍ଡେଶନର ଚେୟାରମ୍ୟାନ ପ୍ରକାଶ ସିଂ ପ୍ରମୁଖ ଅନ୍ୟତମ ଅତିଥି ଭାବ ଯୋଗଦେଇ ମତ ରଖିଥିଲେ। ଏଡିଜି ସନ୍ତୋଷ ଉପାଧ୍ୟାୟ, ଆଇଜି ଅସିତ ପାଣିଗ୍ରାହୀ, ଆଇଜି ଅରୁଣ ବୋଥ୍ରା ପ୍ରମୁଖ କର୍ମଶାଳା ପରିଚାଳନା କରିଥିଲେ।

## ଓଡ଼ିଶା ଡାକ ପରିମଣ୍ଡଳ ଚାମ୍ପିଅନ

**ଭୁବନେଶ୍ୱର, ୩।୮(ବ୍ୟୁରୋ):** ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ପାଇଁ ଓଡ଼ିଶା ଡାକ ପରିମଣ୍ଡଳ ଜାତୀୟ ସ୍ତରରେ ସର୍ବଶ୍ରେଷ୍ଠ ବିବେଚିତ ହୋଇଛି। ଭାରତୀୟ ଡାକ ବିଭାଗ ଦ୍ୱାରା ଜୁଲାଇ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ଜମ୍ମୁକଶ୍ମୀରର ଶ୍ରୀନଗରଠାରେ ମୁଖ୍ୟ ମହାଡାକପାଳମାନଙ୍କର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭାରତୀୟ ଡାକ ବିଭାଗର ସଚିବ ଅନନ୍ତ ନାରାୟଣ ନନ୍ଦଙ୍କଠାରୁ ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ମହାଡାକପାଳ ଡ. ସନ୍ତୋଷ କୁମାର କମିଲା ପୁରସ୍କାର ଓ ମାନପତ୍ର ଗ୍ରହଣ କରିଥିଲେ। ସୂଚନାନୁସାରେ, ଓଡ଼ିଶା ଡାକ ପରିମଣ୍ଡଳ ୨୦୧୮-୧୯ ଆର୍ଥିକ ବର୍ଷରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବାରୁ ଦେଶର ସମସ୍ତ 'ୱାଇ' କ୍ୟାଟେଗୋରୀ ପରିମଣ୍ଡଳମାନଙ୍କ ମଧ୍ୟରେ ଚାମ୍ପିଅନ ହୋଇଛି। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷରେ ଓଡ଼ିଶା ଡାକ ପରିମଣ୍ଡଳ ଦ୍ୱାରା ସ୍ପିଡ୍ ପୋଷ୍ଟ ରାଜସ୍ୱରେ ଅଭିବୃଦ୍ଧି ନିମିତ୍ତ ଓଡ଼ିଶା ଡାକ ପରିମଣ୍ଡଳକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ଏହି ସଫଳତାପାଇଁ ଓଡ଼ିଶା ଡାକ ପରିମଣ୍ଡଳର ଅଧିକାରୀମାନେ ମୁଖ୍ୟ ମହାଡାକପାଳ ଡ. କମିଲାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।









ଓଡ଼ିଶା ସରକାର

## ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

**ଧାନ ସଂଗ୍ରହ ବର୍ଷ 2019-20**



ରାଜ୍ୟରେ ଖରିଫ ଧାନ ସଂଗ୍ରହ ଆସନ୍ତା **ନଭେମ୍ବର ୧** ତାରିଖରୁ ପର୍ଯ୍ୟାୟ କ୍ରମେ ଆରମ୍ଭ ହେବ । ଏଥି ପାଇଁ ଚାଷୀମାନେ ସେମାନଙ୍କ ନିକଟସ୍ଥ ଅନୁମୋଦିତ ପ୍ରାଥମିକ କୃଷି ସମବାୟ ସମିତି (ପେକ୍ସ୍/ଲ୍ୟାମ୍ପସ୍), ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାଣି ପଞ୍ଚାୟତ (ସଂକ୍ଷେପରେ,ସମିତି)ରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ ।

### ପଞ୍ଜିକରଣ ପ୍ରକ୍ରିୟା

- ଚାଷୀ ପଞ୍ଜିକରଣ ଆସନ୍ତା **୭ ଅଗଷ୍ଟ**ରୁ ଆରମ୍ଭ ହେବ । ଖରିଫ ଧାନ ଚାଷ କରିଥିବା ଚାଷୀମାନେ ଚାଷୀ ପଞ୍ଜିକରଣରେ ଭାଗ ନେବେ । ଚଳିତ ବର୍ଷ ନବୀକରଣ ପଦ୍ଧତି ଉଚ୍ଛେଦ କରାଯାଇଛି । ଅର୍ଥାତ ବିଶଦ ବିବରଣୀ ସହ ଚାଷୀ ସମିତିରେ ପଞ୍ଜିକରଣ କରିବା ଅତ୍ୟାବଶ୍ୟକ । ସମସ୍ତ ଇଚ୍ଛୁକ ଚାଷୀ ନିକଟସ୍ଥ ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ନେଇ ପୂରଣ କରିବେ । ଏହା ବିଭାଗର website **www.foododisha.in**ରେ ମଧ ଉପଲବ୍ଧ । ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଚାଷ ହୋଇଥିବା ପ୍ଲଟର ବିଶଦ ବିବରଣୀ ଦେବାକୁ ହେବ ।

### ଆବଶ୍ୟକୀୟ କାଗଜାତ୍

- ପଞ୍ଜିକରଣ ପାଇଁ ଇଚ୍ଛୁକ ଚାଷୀ ସେମାନଙ୍କ ପଞ୍ଜିକରଣ ଫର୍ମ ସହିତ ନିମ୍ନଲିଖିତ କାଗଜାତ୍ର ନକଲ ପ୍ରଦାନ କରିବା ଆବଶ୍ୟକ -
  1. ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠା
  2. ଚାଷ ଜମି ବାବଦ ପ୍ରମାଣ ପତ୍ର ଅର୍ଥାତ ଜମି ପଟ୍ଟା (RoR )/ ଦଲିଲ ଇତ୍ୟାଦି
  3. ଆଧାର କାର୍ଡ
  4. ମୋବାଇଲ ନମ୍ବର - ଯଦି ନିଜର ମୋବାଇଲ ନଥାଏ, ତେବେ ତାଙ୍କ ପରିବାର ସଦସ୍ୟଙ୍କ ମୋବାଇଲ ନମ୍ବର ଦେବା ଆବଶ୍ୟକ ।
  5. ଯଦି ଭାଗ ଚାଷୀ ହୋଇଥାନ୍ତି, ତେବେ ସଂମ୍ପୃକ୍ତ ଜମି ମାଲିକଙ୍କ ସହମତି ପତ୍ର/ସରପଞ୍ଚଙ୍କ ପ୍ରମାଣ ପତ୍ର

### ପଞ୍ଜିକରଣ ଅବଧି

- ପଞ୍ଜିକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ଚଳିତ **୩୧ ଅଗଷ୍ଟ** ମଧ୍ୟରେ ଦାଖଲ କରିବେ ।
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଚାଷୀମାନଙ୍କୁ ସମିତିରେ ପୂରଣ କରାଯାଇଥିବା ଫର୍ମ ଦାଖଲ କରିବାକୁ ଅନୁରୋଧ ।
- ଏଥି ଉଦ୍ଦେଶ୍ୟରେ ଚାଷୀମାନେ ବିଗତ ବର୍ଷ ଯେଉଁ ସମିତିରେ ପଞ୍ଜିକୃତ ହୋଇଥିଲେ ସେଇଠି ସମ୍ପର୍କ କରିବା ଆବଶ୍ୟକ ।
- ଚାଷୀମାନେ ଶେଷ ତାରିଖକୁ ଅପେକ୍ଷା ନକରି ଯଥା ଶୀଘ୍ର ପଞ୍ଜିକରଣ ପାଇଁ ସମିତିରେ ଅନୁମୋଦିତ ଫର୍ମରେ ଦରଖାସ୍ତ ଦାଖଲ କରିବାକୁ ଅନୁରୋଧ ।

### ଭାଗ ଚାଷୀ

- ଯେଉଁ ଭାଗ ଚାଷୀମାନେ ଜମି ମାଲିକଙ୍କ ସହମତି ପତ୍ର/ସରପଞ୍ଚଙ୍କ ପ୍ରମାଣ ପତ୍ର ଦାଖଲ କରିପାରୁନାହାନ୍ତି, ସେମାନଙ୍କର ଜମି ବାବଦ ତଥ୍ୟ ପଞ୍ଜିକୃତ କରାଯିବ, କିନ୍ତୁ କ୍ଷେତ୍ର ତଦନ୍ତ ପରେ ତା'ହା ଅନୁପ୍ରମାଣିତ ହେଲା ପରେ ସେହି ଭାଗଚାଷୀମାନେ ସରକାରଙ୍କୁ ଧାନ ବିକ୍ରି କରିବେ।

### କ୍ଷୁଦ୍ର ଓ ନାମମାତ୍ର ଚାଷୀ

- ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବା ସରକାରଙ୍କ ଏକାନ୍ତ ଇଚ୍ଛା।

### ସମିତିର ଦାୟିତ୍ୱ

- ଧାନ ବିକ୍ରୀ ପାଇଁ ଇଚ୍ଛୁକ ଥିବା ସମସ୍ତ ଚାଷୀମାନଙ୍କୁ (ନୂତନ) ପଞ୍ଜିକରଣ ଫର୍ମ ପ୍ରଦାନ କରିବେ ।
- ସମିତି କର୍ମକର୍ତ୍ତା ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ **୫ ସେପ୍ଟେମ୍ବର** ମଧ୍ୟରେ ତାଙ୍କ **LOGIN**ରେ ଡିଜିଟାଇଜ କରିବେ । ଡିଜିଟାଇଜେସନ କାର୍ଯ୍ୟ ସତ୍ୟନିଷ୍ଠ ଓ ନିର୍ଭୁଲ ହେବା ଆବଶ୍ୟକ ।
- ପଞ୍ଜିକରଣ ଯଥା ଶୀଘ୍ର ହୋଇ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ । ଏହା ବିଳମ୍ବିତ ହେଲେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ ।

### ହେଲ୍ପ ଡେସ୍କ

- ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ । ଏଥି ନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ ।

### ହେଲ୍ପଲାଇନ୍

- ଯଦି କୌଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ନମ୍ବର **1967** ରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଯୋଗାଯୋଗ କରିବା ପାଇଁ ଅନୁରୋଧ ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡିଶା ସରକାର

www.foododisha.in | FoodOdisha | @Food_Odisha

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଭୂମି
ପରିବାରବର୍ଗ


ସୁଧାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଶିକ୍ଷାର ବିକାଶ ପାଇଁ ଗଠନ ହେବ ଉପଦେଷ୍ଟା ପରିଷଦ

- ଚଳିତ ବର୍ଷରୁ ମିଳିବ 'ଗରିମା' ପୁରସ୍କାର
- 'ମୋ ସ୍କୁଲ' ଅଭିଯାନରେ ୮୯୫୧ ସ୍କୁଲ ପାଇଛନ୍ତି ୮୯କୋଟି ଟଙ୍କା
- ପିଲା କମ୍ ଥିବାରୁ ୯୬୬ ସ୍କୁଲରେ ତାଲା
- କମିଛି ଡ୍ରପ୍ ଆଉଟ୍ ହାର

ଭୁବନେଶ୍ୱର,୩।୮(ବ୍ୟୁରୋ)

ରାଜ୍ୟରେ ଥିବା ସ୍କୁଲଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ବୃଦ୍ଧି କରିବା ଲାଗି ରାଜ୍ୟ ସରକାର 'ମୋ ସ୍କୁଲ' ଅଭିଯାନ ଆରମ୍ଭ କରିଛନ୍ତି। ଏହି ଯୋଜନାର ମୂଳ ଲକ୍ଷ୍ୟ, ସ୍କୁଲର ବିକାଶରେ ଜନସାଧାରଣ ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ସାମିଲ କରିବା। ୨୦୧୮-୧୯ରେ ଏହି ଯୋଜନାରେ ୩୦ ଜିଲାର ୮,୯୫୧ଟି ସ୍କୁଲ ୮୯କୋଟି ୨୮ ଲକ୍ଷ ଟଙ୍କା ପାଇଛନ୍ତି। ଯେଉଁଥିରେ ୨୯କୋଟି ୭୬ଲକ୍ଷ ଟଙ୍କା ବିଭିନ୍ନ ସଂଗଠନ ଓ ପୁରାତନ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଦାନ କରିଥିବା ବେଳେ ଏହାର ଦୁଇଗୁଣା ହିସାବରେ ୫୯ କୋଟି ୫୨ଲକ୍ଷ ଟଙ୍କା ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକୁ ପ୍ରଦାନ କରାଯାଇଛି। ଏଥିସହ ଛାତ୍ରୀଛାତ୍ରମାନଙ୍କର ଶୈକ୍ଷିକ ଜ୍ଞାନ ବୃଦ୍ଧି ନିମନ୍ତେ 'ଗରିମା' ପୁରସ୍କାର ଆରମ୍ଭ କରାଯାଇଛି। ଚଳିତ ବର୍ଷଠାରୁ 'ମୁଖ୍ୟମନ୍ତ୍ରୀ ମେଧାବୃତ୍ତି', 'ଓଡ଼ିଆ ଭାଷାବୃତ୍ତି', 'ଉତ୍ତମ ସ୍କୁଲ ବୃତ୍ତି' ପ୍ରଦାନ କରାଯିବ। ଶିକ୍ଷାର ବିକାଶ କିପରି ଅଧିକ ହୋଇପାରିବ ସେ ନେଇ ରାଜ୍ୟ ସରକାର ଏକ ଉପଦେଷ୍ଟା ପରିଷଦ ଗଠନ କରିବାକୁ ଯାଉଛନ୍ତି। ଏଥିପାଇଁ ଶିକ୍ଷାବିତ୍‌ମାନଙ୍କଠାରୁ ପରାମର୍ଶ ନିଆଯିବ। ଯେଉଁ ସ୍କୁଲରେ ୨୦ରୁ କମ ପିଲା ଅଛନ୍ତି ସେହି ସ୍କୁଲକୁ ବନ୍ଦ କରିବାକୁ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଯଦି କୌଣସି ସ୍ଥାନରେ ଭୌଗୋଳିକ ସମସ୍ୟା ରହିଥିବ ସେଠାରେ ଜିଲାପାଳ ଜଣାଇଲେ ସେହି ସ୍କୁଲଗୁଡିକୁ ଖୋଲାଯିବ। ଏ ପର୍ଯ୍ୟନ୍ତ ୯୬୬ଟି ସ୍କୁଲକୁ ବନ୍ଦ କରାଯାଇଛି। ଶନିବାର ବିଧାନସଭାରେ ମୁଲତବୀ ଆଲୋଚନା ବେଳେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ୬ରୁ ୧୪ ବର୍ଷ ବୟସ ମଧ୍ୟରେ ରାଜ୍ୟରେ ୫୬ଲକ୍ଷ ୩୩ହଜାର ୬୯୦ ପିଲା ରହିଛନ୍ତି। ସେଥିରୁ ୫୬ଲକ୍ଷ ୨୩ହଜାର ୪୭୪ ପିଲା ବିଭିନ୍ନ ସ୍କୁଲରେ ପଢୁଛନ୍ତି। ସ୍କୁଲ ବାହାରେ ରହୁଥିବା ପିଲାଙ୍କୁ ସ୍ୱତନ୍ତ୍ର ଶିକ୍ଷା ଦିଆଯାଉଛି। ଏହାଛଡ଼ା ଯେଉଁମାନେ ଅଧାରୁ ପାଠ ଛାଡ଼ିଛନ୍ତି କିମ୍ବା ଅନ୍ୟ କୌଣସି କାରଣରୁ ସ୍କୁଲ ଶିକ୍ଷା ଶେଷ କରିପାରିନାହାନ୍ତି, ସେମାନଙ୍କୁ ଉତ୍ସାହିତ କରି ଶିକ୍ଷା ଦେବା ଲାଗି ରାଜ୍ୟର ୩୦ ଜିଲାରେ ୩୪୪ଟି ରାଜ୍ୟ ମୁକ୍ତ ବିଦ୍ୟାଳୟ ଖୋଲାଯାଇଛି। ଏହି ବିଦ୍ୟାଳୟରେ ୨୦୧୮-୧୯ରେ ୩୨ହଜାର ୯୩୧ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସମସ୍ତ ଛାତ୍ରୀଛାତ୍ରଙ୍କୁ ୧ କିମି ଭିତରେ ପ୍ରାଥମିକ ସ୍କୁଲ ଓ ୩ କିମି ଭିତରେ ଉଚ୍ଚ ପ୍ରାଥମିକ ସ୍କୁଲ ବ୍ୟବସ୍ଥା ପାଇଁ ସରକାର ଅଙ୍ଗୀକାରବଦ୍ଧ। ମାତ୍ର ଦୁର୍ଗମ ଅଞ୍ଚଳରେ ରହୁଥିବା ଛାତ୍ରୀଛାତ୍ରଙ୍କୁ ପରିବହନ ସୁବିଧା ଯୋଗାଇ ଦିଆଯାଉଛି। ପ୍ରତି ବ୍ଲକରେ ଗୋଟିଏ ଲେଖାଏ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଏ ପର୍ଯ୍ୟନ୍ତ ୨୧୪ଟି ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଇଥିବା ବେଳେ ଅବଶିଷ୍ଟ ୧୦୦ଟି ଖୁବ୍‌ଶୀଘ୍ର ସ୍ଥାପନ ହେବ। ସରକାରଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁ ୨୦୦୨-୦୩ରେ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ଡ୍ରପ୍ ଆଉଟ୍ ହାର ୫୭.୫୫% ଥିବା ବେଳେ ୨୦୧୮-୧୯ରେ ଏହା ୮.୩୫%କୁ ଖସି ଆସିଛି। ସେହିଭଳି ଅନୁସୂଚିତ ଜନଜାତିଙ୍କ କ୍ଷେତ୍ରରେ ଡ୍ରପ୍ ଆଉଟ୍ ହାର ୭୨.୫୭% ଥିବା ବେଳେ ଏହା ୮.୯୪%କୁ ହ୍ରାସ ପାଇଛି। ବାଳିକାମାନଙ୍କ କ୍ଷେତ୍ରରେ ଏହି ହାର ୫୬.୪୯%ରୁ ୭.୦୮%କୁ ହ୍ରାସ ପାଇଛି ବୋଲି ମନ୍ତ୍ରୀ କହିଛନ୍ତି।



## ଜିଲା ଚିଠି
### ଗଞ୍ଜାମ

## ବର୍ଜ୍ୟବସ୍ତୁ ପରିଚାଳନା

ଜିଲାର ସମସ୍ତ ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପରିବେଶକୁ ଲୁଣ୍ଠନ କରୁଥିବା ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଏହି ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ଜିଲାରେ ବ୍ରହ୍ମପୁର ମହାନଗର ନିଗମ ଓ ହିଞ୍ଜିଳି ପୌର ସଂସ୍ଥା ସମେତ ଆଉ ୧୬ ଏନ୍‌ଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ) ରହିଛି। ପରିମଳ ଓ ସୁସ୍ଥ ପରିବେଶ ପାଇଁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ କଠିନ ବର୍ଜ୍ୟବସ୍ତୁକୁ ଠିକଣା ଭାବେ କିଭଳି ପରିଚାଳନା କରାଯିବ, ସେଥିନିମନ୍ତେ ବିଭିନ୍ନ ସ୍ଥାନରେ ତୁହାକୁତୁହା ପ୍ରଶିକ୍ଷଣ ଶିବିର କରାଯାଇ କର୍ମଚାରୀ ଓ ଅଧିକାରୀଙ୍କୁ ତାଲିମ ଦିଆଯାଉଛି। ସହରାଞ୍ଚଳ ବାସିନ୍ଦାଙ୍କୁ ଏ ସଂକ୍ରାନ୍ତରେ ସଚେତନ କରାଇବାକୁ ପରାମର୍ଶ ଦିଆଯାଉଛି। ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି। ଅଳିଆ ଓ ଆବର୍ଜନା ଏଣେତେଣେ ନ ଫିଙ୍ଗି ପ୍ରତି ଘରକୁ ଦୁଇଟି ଲେଖାଏଁ ଭିନ୍ନ ରଙ୍ଗର ଡଷ୍ଟବିନ ଦିଆଯିବାର ବ୍ୟବସ୍ଥା ହୋଇଛି। ଶୁଖିଲା ଏବଂ ଓଦା ବର୍ଜ୍ୟବସ୍ତୁ ସାଇତି ରଖିବା ପାଇଁ ପରାମର୍ଶ ଦିଆଯିବା ସହ ପୌରସଂସ୍ଥାର ଅଳିଆ ବୋଝେଇ ଗାଡ଼ି ସାହିକୁ ସାହି ଯାଇ ସେହି ଆବର୍ଜନା ସଂଗ୍ରହ କରିବାର ପଦକ୍ଷେପ ନିଆଯାଇଥିବା ପ୍ରଶିକ୍ଷଣ ଶିବିରରେ କୁହାଯାଉଛି। ସେସବୁକୁ ରାସାୟନିକ ପଦ୍ଧତିରେ ଚିହ୍ନଟ ଡମ୍ପିୟାଡରେ ପରିଚାଳନା କରି ଚାଷକାର୍ଯ୍ୟ ନିମନ୍ତେ ଖତ ପ୍ରସ୍ତୁତ କରାଯିବା ଓ ସୁଲଭ ଦରରେ ଚାଷୀଙ୍କୁ ବିକ୍ରି କରାଯିବାର ବ୍ୟବସ୍ଥା ହୋଇଥିବା ଶିବିରମାନଙ୍କରେ ସଚେତନ କରାଯାଉଛି। ତେଣୁ ଏହାର ସଫଳତା ନିମନ୍ତେ ସରକାରୀସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଅନ୍ୟପକ୍ଷେ ଜିଲାର ବଡ଼ ସହର ବ୍ରହ୍ମପୁରରେ ପ୍ରତିଦିନ ୧୫୦ ଟନ ବର୍ଜ୍ୟବସ୍ତୁ ବିଭିନ୍ନ ବଜାର, ପରିବା ମାର୍କେଟ ଓ ଫାଷ୍ଟଫୁଡ ବିକ୍ରି ଅଞ୍ଚଳରୁ ବାହାରୁଛି। ସଫେଇ କର୍ମଚାରୀଙ୍କ ଦ୍ୱାରା ସଂଗୃହୀତ ଅଳିଆ ନିକଟସ୍ଥ ମହୁଡ଼ା ନେଇ ସେଠାରେ ରାସାୟନିକ ପଦ୍ଧତିରେ ପରିଚାଳନା କରିବା ପାଇଁ ବିଏମ୍‌ସି ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଥିଲା। ସେଠାରେ ସଲିଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ ସ୍ଥାପନ ପାଇଁ ୨୦୧୩ ଅକ୍ଟୋବର ୩ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ପ୍ରଶାସନ ପକ୍ଷରୁ ୩୨ ଏକର ଜମି ମଧ୍ୟ ଯୋଗାଇ ଦିଆଯାଇଛି। ପିପିପି ମୋଡରେ ଏହି ପ୍ଲାଣ୍ଟ କରାଯିବାର ନିଷ୍ପତ୍ତି ନିଆଯାଇ ଟେଣ୍ଡର ହେଲା। ନିର୍ମାଣକାରୀ ସଂସ୍ଥା ଖୋଜିବା ଲାଗି ଆଇଏଫ୍‌ସି (ଇଣ୍ଟରନ୍ୟାଶନାଲ ଫାଇନାନ୍ସ କର୍ପୋରେଶନ)କୁ ଦାୟିତ୍ୱ ଦିଆଗଲା। ଜଣେ ମହିଳା ଅଧିକାରୀ ମଧ୍ୟସ୍ଥ ସାଜିଲେ ଓ ମୋଟା ଅଙ୍କର ଅର୍ଥ ନେଲେ। ଗୁଜରାଟର ଏକ ଘରୋଇ ଉଦ୍ୟୋଗକୁ ଚୟନ କରାଯାଇଥିଲା। ମହାନଗର ନିଗମ (ବିଏମ୍‌ସି) ଓ ସେହି ଉଦ୍ୟୋଗ ମଧ୍ୟରେ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହେଲା। ପ୍ରଥମେ ୭୦ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ଧାର୍ଯ୍ୟ ସମୟରେ ପ୍ଲାଣ୍ଟ ନିର୍ମାଣ କରାଯିବାର ନିଷ୍ପତ୍ତି ହେଲା। ଚୁକ୍ତିନାମାର ଦେଢ଼ବର୍ଷ ପରେ ସେହି ସଂସ୍ଥା ପ୍ଲାଣ୍ଟ ନିର୍ମାଣରୁ ଓହରିଗଲା। ତେଣୁ ପ୍ରକଳ୍ପ ନିର୍ମାଣ ଅନିଶ୍ଚିତ ହୋଇଯାଇଥିଲା। ପରବର୍ତ୍ତୀ କାର୍ଯ୍ୟକ୍ରମରେ ପ୍ଲାଣ୍ଟ ନିର୍ମାଣ ପାଇଁ ମହାନଗର ନିଗମ ଅଣ୍ଟା ଭିଡ଼ିଛି। ବ୍ୟୟ ଅଟକଳ ପ୍ରାୟ ୪୫ କୋଟି ଟଙ୍କାକୁ କମାଇ ଦିଆଯାଇଛି। ରାଜ୍ୟ ନଗର ଉନ୍ନୟନ ବିଭାଗର ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠିରୁ ଦୁଇବର୍ଷ ତଳୁ ବିଏମ୍‌ସି ୪୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଋଣ ଆକାରରେ ଆଣିଛି। ସେହି ଟଙ୍କା ବ୍ୟାଙ୍କରେ ଜମା ରହିଛି ଏବଂ ଋଣ ଟଙ୍କାର ସୁଧ ବଢୁଛି। ଶିଳାନ୍ୟାସର ସାଢ଼େ ୫ ବର୍ଷ ବିତିଛି ଏବଂ ପ୍ଲାଣ୍ଟ ନିର୍ମାଣ ପାଇଁ ଚିହ୍ନଟ ସ୍ଥାନରେ କେବଳ ପ୍ରାଚୀର ନିର୍ମାଣ କରାଯାଇଛି। ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ ନିର୍ମାଣ ହେବ କି ନାହିଁ ଏବେ ସନ୍ଦେହ ଘେରକୁ ଆସିଛି।

– ନରସିଂହ ସାହୁ

**ପ୍ରଥମ ପୃଷ୍ଠାରୁ...**

## ରାଜ୍ୟରେ ଆଉ...

ବିଜେଡି ସଭ୍ୟ ସୁବ୍ରତ ତରାଇ, ଅନନ୍ତ ନାରାୟଣ ଜେନା, ଭାଜପା ସଦସ୍ୟ ମଦନ ମୋହନ ଦତ୍ତ, ମୋହନ ମାଝି, କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ଏବଂ ତାରା ପ୍ରସାଦ ବାହିନୀପତି ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ପ୍ରତ୍ୟେକ ଜିଲାରେ ମୋବାଇଲ ଭ୍ୟାନ ଜରିଆରେ ବିଜ୍ଞାନ ଶିକ୍ଷା ଦେବା ଲାଗି ବ୍ୟବସ୍ଥା କରିବେ କି? ଓଡ଼ିଶାର ସବୁ ଜିଲାରେ ଇ-ଲାଇବ୍ରେରି ଖୋଲିବେ କି? ଚିଲିକାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ଏକ ପ୍ଲାନେଟାରିୟମ ନିର୍ମାଣ କରିବା ସହ ଭୁବନେଶ୍ୱର ପ୍ଲାନେଟାରିୟମକୁ ଅପ୍‌ଗ୍ରେଡ୍ କରିବା ପାଇଁ ବ୍ୟବସ୍ଥା ଅଛି କି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ ଯେ ସାତକୋଶିଆଠାରେ ଏକ ବାୟୋଡାଇଭର୍ସିଟି ପାର୍କ ନିର୍ମାଣ କରାଯିବ। ଏଥିଲାଗି ୯ କୋଟି ଟଙ୍କା ଦିଆଯାଇଛି।

ରାୟଗଡ଼ାଠାରେ ଏକ ଭ୍ରାମ୍ୟମାଣ ପ୍ଲାନେଟାରିୟମ ରହିଛି। ରାଜ୍ୟର ବିଭିନ୍ନ ସ୍ଥାନର ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ବିଷୟରେ ସୂଚନା ଦେବା ଲାଗି ଦୁଇଟି ଭ୍ରାମ୍ୟମାଣ ପ୍ଲାନେଟାରିୟମ କାର୍ଯ୍ୟ କରୁଛି। ତେବେ ଏହାକୁ ଚଳାଇବା ଲାଗି ବିଶେଷଜ୍ଞଙ୍କ ଆବଶ୍ୟକତା ରହିଥିବାରୁ ସବୁ ଜିଲା ଲାଗି ଭ୍ରାମ୍ୟମାଣ ପ୍ଲାନେଟାରିୟମ କରିବା ସମ୍ଭବ ନୁହେଁ। ଭୁବନେଶ୍ୱରଠାରେ ଥିବା ପଠାଣି ସାମନ୍ତ ପ୍ଲାନେଟାରିୟମକୁ ଆହୁରି ଅଧିକ ବିକଶିତ କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କେନ୍ଦୁଝରଠାରେ ୫ ଏକର ଜାଗାରେ ୭ କୋଟି ଟଙ୍କା ବ୍ୟୟରେ ନୂତନ ପ୍ଲାନେଟାରିୟମ ନିର୍ମାଣ ହେବ। ଏଥିପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଉଛି। ଏହାର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଦେବା ଲାଗି ଟାଟା ଫାଉଣ୍ଡେଶନ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରତ୍ୟେକ ବର୍ଷ ୨୦ଜଣ ପିଲାଙ୍କୁ ଯୁବ ବୈଜ୍ଞାନିକ କାର୍ଯ୍ୟକ୍ରମ ଜରିଆରେ ଇସ୍ରୋର ଅହମ୍ମଦାବାଦ ସେଣ୍ଟର ଏବଂ ଶ୍ରୀହରିକୋଟାକୁ ପଠାଯାଉଛି ବୋଲି ମନ୍ତ୍ରୀ କହିଥିଲେ।

■ ୫ ଦଫା ଦାବି ପୂରଣ ନେଇ ରାଜ୍ୟପାଳଙ୍କୁ ଭେଟିଲା ଭାଜପା

# ଓବିସି କମିଶନ ଲାଗୁ ନ ହେଲେ ଆନ୍ଦୋଳନ ଚେତାବନୀ


୫ ଦଫା ଦାବି ନେଇ ରାଜ୍ୟପାଳଙ୍କୁ ଭାଜପା ପ୍ରତିନିଧି ଦଳର ଦାବିପତ୍ର ପ୍ରଦାନ।

ଭୁବନେଶ୍ୱର, ୩।୮(ବ୍ୟୁରୋ)

ରାଜ୍ୟରେ ଓବିସି କମିଶନ ଗଠନ, ପଛୁଆବର୍ଗ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ, ଉଭୟ ସରକାରୀ ଓ ବେସରକାରୀ ନିଯୁକ୍ତି କ୍ଷେତ୍ରରେ ୨୭ପ୍ରତିଶତ ସଂରକ୍ଷଣ ବୃଦ୍ଧି, ଓବିସି ଫାଇନାନ୍ସ କର୍ପୋରେଶନ ମାଧ୍ୟମରେ ଋଣ ପ୍ରଦାନ ଏବଂ ସାମାଜିକ, ଶିକ୍ଷାଗତ ପଛୁଆବର୍ଗଙ୍କୁ(ଏସ୍‌ଇବିସି)ଙ୍କୁ ଓବିସି ବର୍ଗରେ ସାମିଲ କରିବା କ୍ଷେତ୍ରରେ ପଦକ୍ଷେପ ନେବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ଏହି ଦାବି ନେଇ ଭାଜପାର ଏକ ପ୍ରତିନିଧି ଦଳ ଶନିବାର ରାଜ୍ୟପାଳଙ୍କୁ ଭେଟି ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଭାଜପା କରିଥିବା ଦାବି ହେଲା, କେନ୍ଦ୍ର ସରକାର ଦେଉଥିବା ବୃତ୍ତି ବାବଦ ରାଶିରୁ ବହୁତ କମ ପରିମାଣର ଅର୍ଥ ପଛୁଆ ବର୍ଗ ଛାତ୍ରୀଛାତ୍ରଙ୍କୁ ମିଳୁଛି। ଅନେକ ସମୟରେ ଏହାକୁ ମଧ୍ୟ ଦିଆଯାଉନାହିଁ, ଯଥାଶୀଘ୍ର ଏହି ଅନୁଦାନ ରାଜ୍ୟର ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଉ। ପିଲାମାନେ କେନ୍ଦ୍ର ନିକଟରେ ଆବେଦନ କଲାବେଳେ ରାଜ୍ୟରେ ଥିବା ଏସ୍‌ଇବିସି ସାର୍ଟିଫିକେଟ ଗ୍ରହଣୀୟ ହେଉନାହିଁ। ଏସ୍‌ଇବିସି ସାର୍ଟିଫିକେଟକୁ ଓବିସି ମାନ୍ୟତା ଦିଆଯାଇ ଏହାକୁ ଗ୍ରହଣ କରାଯାଉ। ଓବିସି ଅର୍ଥ ନିଗମକୁ ଋଣ ଅନୁଦାନ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ୨ ବର୍ଷ ତଳୁ ନ୍ୟାଶ୍‌ନାଲ କମିଶନ ଫର ବ୍ୟାକ୍‌ୱାର୍ଡ କ୍ଲାସେସ୍‌କୁ ପରିବର୍ତ୍ତନ କରି ନ୍ୟାଶନାଲ କମିଶନ ଫର ସୋସିଆଲି ଆଣ୍ଡ ଏଜୁକେସନାଲି ବ୍ୟାକୱାର୍ଡ କ୍ଲାସେସ୍ କରିଛନ୍ତି। ଏହି କମିଶନ ସାମ୍ବିଧାନିକ ମାନ୍ୟତା ପ୍ରାପ୍ତ ହୋଇଥିବା ଯୋଗୁ ପଛୁଆ ବର୍ଗର ଲୋକଙ୍କୁ ନ୍ୟାୟ ଦେବାରେ ସହାୟକ ହୋଇଛି। ଅନ୍ୟପଟେ ରାଜ୍ୟର ଅର୍ଦ୍ଧାଧିକ ଜନସଂଖ୍ୟା ପଛୁଆ ବର୍ଗରୁ ଆସିଥିବା ସତ୍ତ୍ୱେ ରାଜ୍ୟ ସରକାର ଦୀର୍ଘବର୍ଷ ହେଲା ଓବିସି କମିଶନ ନିଯୁକ୍ତ କରିନାହାନ୍ତି। ଏହା ପଛୁଆବର୍ଗଙ୍କ ପ୍ରତି ରାଜ୍ୟ ସରକାରଙ୍କ ଉଦାସୀନତା। ଆର୍ଥିକ ସ୍ତରରେ ଥିବା ପଛୁଆ ବର୍ଗର ଲୋକଙ୍କୁ କିଭଳି ନିଜସ୍ୱ ବ୍ୟବସାୟୀ ଆରମ୍ଭ କରି ନିଜ ଗୋଡରେ ନିଜେ ଠିଆ ହୋଇପାରିବେ ସେଥିପାଇଁ ଓବିସି ଅର୍ଥ କମିଶନକୁ ରାଜ୍ୟରେ ଲାଗୁ କରାଯାଉ ବୋଲି ଏହି ପ୍ରତିନିଧି ଦଳ ଦାବି କରିଛି। ରାଜ୍ୟ ଓବିସି କମିଶନ ଯଦି ତୁରନ୍ତ ଗଠନ କରା ନ ଯାଏ, ତା'ହେଲେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଛି।

# ୧୨ ନିଗମ କ୍ଷତିରେ ଚାଲିଛି

- ଖର୍ଚ୍ଚ କମାଇବା ପାଇଁ ସ୍ୱେଚ୍ଛାକୃତ ଅବସର ଯୋଜନା

ଭୁବନେଶ୍ୱର,୩।୮(ବ୍ୟୁରୋ)

ରାଜ୍ୟରେ ୩୬ଟି ନିଗମ ଅଛି। ସେଥିରେ ୧୦,୪୭୩ ପଦବୀ ଖାଲି ରହିଛି। ନିଗମଗୁଡ଼ିକ ମଧ୍ୟରୁ ୨୨ଟି ଲାଭ କରୁଥିବା ବେଳେ ଗୋଟିଏ ବିନା ଲାଭ ଓ କ୍ଷତିରେ ଏବଂ ୧୩ଟି କ୍ଷତିରେ ଚାଲୁଛି। ଶନିବାର ପ୍ରଶ୍ନୋତ୍ତର ବେଳେ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି।

ମୂଳ ପ୍ରଶ୍ନରେ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ପଚାରିଥିଲେ ଯେ ରାଜ୍ୟରେ କେତୋଟି ନିଗମ ରହିଛି। ସେଥିରେ କେତେ କର୍ମଚାରୀ ଅଛନ୍ତି। ସେଗୁଡ଼ିକ ଲାଭ ନା କ୍ଷତିରେ ଚାଲିଛି। ବିଜେଡି ସଭ୍ୟ ଅମର ଶତପଥୀ, ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ, କଂଗ୍ରେସ ସଭ୍ୟ ନରସିଂହ ମିଶ୍ର ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ନିଗମଗୁଡ଼ିକର କ୍ଷତି କେବେଠାରୁ ଆରମ୍ଭ ହୋଇଛି। ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଯେଉଁ ସଂସ୍ଥାଗୁଡ଼ିକ ଲାଭ କରୁଛି, ସରକାର ସେଗୁଡ଼ିକୁ ସହାୟତା ଯୋଗାଇ ଦେବା ଦରକାର। ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ କ୍ଷତିରେ ଚାଲୁଥିବା ନିଗମଗୁଡ଼ିକୁ କିଭଳି କାର୍ଯ୍ୟକ୍ଷମ କରାଯାଇପାରିବ ସେ ନେଇ ପଦକ୍ଷେପ ନିଆଯାଉଛି। ଏପରିକି ପ୍ରଶାସନିକ ଖର୍ଚ୍ଚ କମାଇବା ପାଇଁ ନିଗମଗୁଡ଼ିକରେ ସ୍ୱେଚ୍ଛାକୃତ ଅବସର ଯୋଜନା କାର୍ଯ୍ୟକାରୀ କରାଯାଉଛି। କେଉଁ ନିଗମ କେତେ ଲାଭ କରିଛି, ସେ ବିଷୟରେ ସଦସ୍ୟମାନଙ୍କୁ ସମ୍ପୂର୍ଣ୍ଣ ବିବରଣୀ ପରେ ଦେଇଦେବେ ବୋଲି ମନ୍ତ୍ରୀ କହିଥିଲେ।

# ଗରିବଙ୍କ ପାଇଁ ମାଗଣା ବିଜୁଳି ବ୍ୟବସ୍ଥା କରାଯାଉ: କଂଗ୍ରେସ

ଭୁବନେଶ୍ୱର, ୩।୮(ବ୍ୟୁରୋ)

ଓଡ଼ିଶାର ଚାଷୀ କୃଷିକାର୍ଯ୍ୟ ପାଇଁ ଠିକଣା ସମୟରେ ବିଜୁଳି ପାଉନାହାନ୍ତି। ରାଜ୍ୟ ସରକାର ଅନେକ ଶିଳ୍ପପତିଙ୍କ ଉପରେ ପଡ଼ିରହିଥିବା ବକେୟା ବିଜୁଳି ଶୁଳ୍କ ଆଦାୟ କରୁନାହାନ୍ତି। କିନ୍ତୁ ଚାଷୀଙ୍କଠାରୁ ବିଜୁଳି ଶୁଳ୍କ ଆଦାୟ କରିବାକୁ ଭୁଲୁନାହାନ୍ତି। ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ପରେ ମଧ୍ୟ ଠିକ୍ ସମୟରେ ବିଦ୍ୟୁତ ସଂଯୋଗ କରାଯାଉ ନାହିଁ। ଫଳରେ ଚାଷୀ ଜଳସେଚନ କ୍ଷେତ୍ରରେ ଗୁରୁତର କ୍ଷତି ସହୁଛି। ସେହିପରି ପନିପରିବା, ଫଳ ପ୍ରଭୃତି ସଂରକ୍ଷଣ କରି ରଖୁଥିବା ଶୀତଳଭଣ୍ଡାରଗୁଡ଼ିକ ଚଢା ବିଜୁଳି ଶୁଳ୍କ ଯୋଗୁ ଅକାମୀ ହୋଇ ପଡ଼ିରହିଛି, ଯାହାଫଳରେ ଲକ୍ଷଲକ୍ଷ ଟଙ୍କାର ପନିପରିବା ନଷ୍ଟ ହେଉଛି। ରାଜ୍ୟର ବହୁ କୃଷି ପ୍ରକଳ୍ପ ବିଜୁଳି ସମସ୍ୟା ଯୋଗୁ ବନ୍ଦ ହୋଇଗଲାଣି। ଚାଷୀ ଓ କୃଷି ଶିଳ୍ପ ଉଦ୍ୟୋଗୀମାନେ ଆବଶ୍ୟକ ପରିମାଣର ବିଜୁଳି ନ ପାଇବାରୁ ଚାଷ ଓ କୃଷି ଶିଳ୍ପରୁ ନିବୃତ୍ତ ହେବାକୁ ଯାଉଛନ୍ତି ବୋଲି ପ୍ରଦେଶ କଂଗ୍ରେସ କିଷାନ ସେଲ୍ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ରାଜ୍ୟରେ କୋଇଲା ଓ ପାଣିରୁ ସବୁଠୁ ଶସ୍ତାରେ ବିଜୁଳି ଉତ୍ପାଦନ ହେଉଛି। କିନ୍ତୁ ସରକାରଙ୍କ ଉଦାସୀନତା ଯୋଗୁ କୃଷି କ୍ଷେତ୍ରକୁ ବିଜୁଳି ଯୋଗାଣ ଜାତୀୟ ହାରଠାରୁ ରାଜ୍ୟରେ ବହୁ ପଛରେ। ଜାତୀୟ ହାର ୮ ପ୍ରତିଶତ ଥିବାବେଳେ ଓଡ଼ିଶା ୩ ପ୍ରତିଶତରେ ରହିଛି। ନିକଟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତାଙ୍କ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ୨ଶହ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ ଛାଡ଼ କରିଥିବା ବେଳେ ରାଜ୍ୟ ସରକାର ଗତ ସାଧାରଣ ନିର୍ବାଚନ ସମୟରେ ବାରମ୍ବାର ଚାଷୀଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛନ୍ତି। ରାଜ୍ୟ ସରକାର ସମସ୍ତ ଚାଷୀ ଓ ସାଧାରଣ ବର୍ଗ, କୃଷିଭିତ୍ତିକ ଶିଳ୍ପୋଦ୍ୟୋଗୀ ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସମସ୍ତ ବିଦ୍ୟୁତ ଉପଭୋକ୍ତାଙ୍କୁ ମାଗଣା ବିଜୁଳି ଯୋଗାଇ ଦେବାକୁ ପିସିସି କିଷାନ କଂଗ୍ରେସ ଦାବି କରିଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଚିଠି ଦେଇଥିବା ଜଣାପଡିଛି।

# ଆଳୁଚାଷୀଙ୍କୁ କ୍ଷତିପୂରଣ ନ ଦେଲେ ଆନ୍ଦୋଳନ: ଭାଜପା

ଭୁବନେଶ୍ୱର, ୩।୮(ବ୍ୟୁରୋ)

ସରକାରଙ୍କ ଆଳୁମିଶନ ଦିଗହରା ହୋଇଥିବାବେଳେ ରାଜ୍ୟରେ ଶୀତଳଭଣ୍ଡାରର ସ୍ଥିତି ପୂରା ଦୟନୀୟ ଅବସ୍ଥାରେ ରହିଛି। ପୁରୀର ୧୧ଟି ବ୍ଲକରେ ମାତ୍ର ଗୋଟିଏ ଶୀତଳ ଭଣ୍ଡାର ରହିଛି। ସେହି ଶୀତଳଭଣ୍ଡାର ସ୍ଥିତି ପୂରା ବେହାଲ। ବାତ୍ୟା ଫନୀ ପରେ ରାଜ୍ୟ ସରକାର ବିଦ୍ୟୁତ ଯୋଗାଣ କରି ନ ପାରିବାରୁ ୪ ହଜାର କୁଇଣ୍ଟାଲ ଆଳୁ ଗଜା ହୋଇ ନଷ୍ଟ ହୋଇଛି। ବାତ୍ୟା ପରେ ଜେନେରେଟରର ବ୍ୟବସ୍ଥା ଥିଲେ ମଧ୍ୟ ଡିଜେଲ ଯୋଗାଇ ଦିଆ ନ ଯିବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି ଭାଜପା ଅଭିଯୋଗ କରିଛି। ଶୀତଳ ଭଣ୍ଡାରର ସ୍ଥିତି ଏବଂ ଚାଷୀଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଭାଜପା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ ଓ ବିଧାୟକ ଜୟନ୍ତ ଷଡଙ୍ଗୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସାତଶଙ୍ଖ ଗସ୍ତ କରି ଆଳୁ କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ସୁରଥ କହିଛନ୍ତି, ଆଳୁ ଚାଷୀ ଶୀତଳ ଭଣ୍ଡାରରେ ପରିବା ସୁରକ୍ଷିତ ଭାବେ ରଖିପାରୁନାହାନ୍ତି। ସରକାର ଏବଂ ପ୍ରଶାସନର ଖାମଖିଆଲ ନୀତି ଯୋଗୁ ହଜାର ହଜାର କୁଇଣ୍ଟାଲ ଆଳୁ ଗଜା ହୋଇ ନଷ୍ଟ ହୋଇଛି। ବାତ୍ୟାରେ ବିଜୁଳି କଟିବା ପରେ ବିକଳ୍ପ ବିଜୁଳି ବ୍ୟବସ୍ଥା ପ୍ରଶାସନ କରିପାରିନାହିଁ। ପ୍ରାକୃତିକ ବିପର୍ଯ୍ୟୟର ଦୃଢ ମୁକାବିଲା କରିଥିବା କଥା କହୁଥିବା ସରକାର ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି। ଶୀତଳଭଣ୍ଡାରର ଅଭାବ ଏବଂ ବେପରୁଆ ରକ୍ଷଣାବେକ୍ଷଣ ଯୋଗୁ ଆଳୁ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି ବୋଲି ସେ କହିଛନ୍ତି। ରାଜ୍ୟରେ ଆଳୁମିଶନ ଅନୁଯାୟୀ ଯେତିକି ଉତ୍ପାଦନ ଲକ୍ଷ୍ୟ ଥିଲା ତା'ର ଏକ ଚତୁର୍ଥାଂଶ ଚାଷ ହୋଇପାରିଲା ନାହିଁ ବୋଲି ବିଧାୟକ ଜୟନ୍ତ କହିଛନ୍ତି। ସରକାର ତୁରନ୍ତ ପୁରୀ ଜିଲାର ସାତଶଙ୍ଖ ଶୀତଳଭଣ୍ଡାର ସ୍ଥିତି ତଦନ୍ତ କରିବା ସହ ଆଳୁ ଚାଷୀଙ୍କୁ ସେମାନଙ୍କ ଜମା ଅର୍ଥ ଫେରସ୍ତ ଦେବା ଏବଂ ଗଜା ହୋଇଥିବା ଆଳୁର କ୍ଷତିପୂରଣ ଦିଅନ୍ତୁ। କ୍ଷତିପୂରଣ ପ୍ରଦାନ କରା ନ ଗଲେ ଆଗାମୀ ଦିନରେ କୃଷକ ମୋର୍ଚ୍ଚା ଚାଷୀମାନଙ୍କୁ ନେଇ ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ଜୟନ୍ତ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବାରୁ ଆଶ୍ୱସ୍ତି ଲାଭ। ଉନ୍ନତ ଚିନ୍ତା, ନିରଳସ ଉଦ୍ୟମ, ଆନ୍ତରିକତାପୂର୍ଣ୍ଣ କାର୍ଯ୍ୟ ଓ ମନ ବୁଝିଲା ଭଳି କଥା କହି ପ୍ରଶଂସିତ ହେବେ। ଶିକ୍ଷାକ୍ଷେତ୍ରରେ ସୁନାମ, ପିଲାଙ୍କ ସଫଳତା, ପ୍ରେମ ସମ୍ପର୍କ, ଉନ୍ନତମାନର ଆଲୋଚନା, ଶିଳ୍ପ, ବ୍ୟବସାୟ, ପରିବହନ ଓ ରାଜନୀତିରେ ଆଶା ପୂରଣହେବ।

**ବୃଷ**
ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ଅଦାଲତ ସମ୍ବନ୍ଧୀୟ କାର୍ଯ୍ୟ, ସ୍ତ୍ରୀ ସମ୍ପର୍କ କ୍ଷେତ୍ରରେ ସୁଫଳ। ପଡ଼ୋଶୀଙ୍କ କଥାରେ ମୁଣ୍ଡ ପୂରାଇ ସମାଲୋଚିତ ହୋଇପାରନ୍ତି। ଘର ତିଆରି, ଯାନବାହନ, ଦୋକାନର ଉନ୍ନତି ଓ ସଭାସମିତିରୁ ଉପକୃତ ହେବେ। ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ। ଖଳପ୍ରକୃତିର ଲୋକ ବିରୁଦ୍ଧାଚରଣ କରିପାରନ୍ତି।

**ମିଥୁନ**
ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଦ୍ରବ୍ୟ କିଣାବିକା ସକାଶେ ମନ ବଳାଇବେ। ଭାଇ କିମ୍ବା ପଡ଼ୋଶୀଙ୍କ ସହ ସମସ୍ୟା ସୃଷ୍ଟି ହୋଇପାରେ। ସଂଘର୍ଷମୟ ପରିସ୍ଥିତିର ସାମ୍ନା କରିପାରନ୍ତି। ପରିବାର କିମ୍ବା ବନ୍ଧୁମାନଙ୍କ ମଧ୍ୟରେ ଆଲୋଚନା ଅସମାପ୍ତ ରହିବା ସହ ଆଗାମୀ ମାଙ୍ଗଳିକ କାମ ପାଇଁ ଆଲୋଚନା କରିପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ଆପଣଙ୍କ ସମ୍ମୁଖରେ କିଛି କହିବେ ନାହିଁ, କିନ୍ତୁ ପଛରେ ସମାଲୋଚନା କରିପାରନ୍ତି। ଟଙ୍କା ପଇସା ଦିଆନିଆ କ୍ଷେତ୍ରରେ ସତର୍କ ରହନ୍ତୁ ନଚେତ୍ କ୍ଷତିରେ ପଡ଼ିବେ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ନ ରହିବାରୁ ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। କଚେରି ମାମଲା ମଞ୍ଜୁର ହେବା କାରଣରୁ ଚିନ୍ତା କରିପାରନ୍ତି।

**ସିଂହ**
କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ, ଜମିଜମା କାରବାର, ନିର୍ମାଣ, ପରିବହନରୁ ଲାଭ ପାଇବେ। ପର ଉପରେ ନିର୍ଭରକରିବାରୁ କେତେକ ବ୍ୟତିକ୍ରମ ଦେଖାଦେଇପାରେ। ମନରେ ଦୁଃଖ ରହିଥିଲେ ମଧ୍ୟ ଦାୟିତ୍ୱ ନେଇଥିବା କାମରେ ଆଦୌ ହେଳା କରିପାରିବେ ନାହିଁ।

**କନ୍ୟା**
ଆପଣ ଯାହା କରିବାକୁ ମନସ୍ଥ କରିଥିଲେ ବାସ୍ତବ କ୍ଷେତ୍ରରେ ତାହାର ଓଲଟା ଫଳ ମିଳିବ। ଉପରିସ୍ଥଙ୍କ ବିରକ୍ତିଭାବରୁ କଡ଼ା ଭାଷା ଶୁଣିବାକୁ ପଡ଼ିପାରେ। କୌଣସି ଏକ ଭିନ୍ନ ପରିବେଶରେ ଶତ୍ରୁତା କରୁଥିବା ଲୋକେ ମଧ୍ୟ ମିତ୍ର ହେବାକୁ ଚେଷ୍ଟିତ ହେବେ। ସାମ୍ବାଦିକତା, ପ୍ରଶାସନ, ଆଇନ, ପ୍ରକାଶନ କ୍ଷେତ୍ରରେ ସଫଳ ହେବେ।

**ତୁଳା**
ସମସ୍ୟା ସମାଧାନ କରିବା କ୍ଷେତ୍ରରେ ଟେନ୍‌ସନ ଲାଗି ରହିବ। ଦୀର୍ଘ ସମୟ ପରେ କାମଗୁଡ଼ିକ ସୁରୁଖୁରୁରେ ହୋଇଯିବ, ଭ୍ରାତୃସମ୍ପର୍କ ଭଲ ରହି ନ ପାରେ। କଳା, କ୍ରୀଡ଼ା, ସାହିତ୍ୟ ଚର୍ଚ୍ଚା, ସଭାସମିତି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା**
ଅଭିଳାଷ ପୂରଣ ଲକ୍ଷ୍ୟରେ ସୁନ୍ଦର କଥା କହି ବନ୍ଧୁଙ୍କୁ ଆପଣାର କରିପାରିବେ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅତି ନିକଟରେ ରହୁଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**ଧନୁ**
ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ, କିନ୍ତୁ ମାନସିକ ଅଶାନ୍ତି ଲାଗି ରହିବ। ଆପଣ ମନେମନେ ଯାହା ଭାବୁଛନ୍ତି ତାହା ବନ୍ଧୁଙ୍କ ଆଗରେ ଖୋଲାଖୋଲି ପ୍ରକାଶ କରି ପାରିଲେ ହିଁ ଭଲ ହେବ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା ଆଶା ରହିଛି। ସଭାସମିତିରେ କିମ୍ବା କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ମକର**
କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବନ୍ଧୁ କିମ୍ବା ଗୁରୁଜନଙ୍କ ପରାମର୍ଶ କ୍ରମେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ହେବ। ଅସାବଧାନତା କାରଣରୁ ଧନହାନି ଓ ପୂର୍ବ ଶତ୍ରୁତାରୁ କଳହକୁ ଏଡ଼ାଇ ହେବ ନାହିଁ। ପ୍ରତିଯୋଗିତାରେ ସଫଳତା ଅବଶ୍ୟ ପାଇପାରନ୍ତି।


**କୁମ୍ଭ**
ଯେଉଁଠି ଯାହା କହିବେ ଠିକ୍ ଭାବେ କାର୍ଯ୍ୟକାରୀ ହେବା ବଦଳରେ କଷ୍ଟକର ହୋଇପାରେ। ନୀଚ ସଂସର୍ଗରୁ ଦୂରେଇ ରୁହନ୍ତୁ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ, କିନ୍ତୁ ଋଣ ପରିଶୋଧ କରିବାରେ ପଛେଇ ଯିବେ। ପ୍ରେସ୍, ପବ୍ଲିକେଶନ, ଜମିଜମା କାରବାର, ନିର୍ମାଣ, ବ୍ୟବସାୟରେ ଆଶାନୁଯାୟୀ ସୁଫଳ ପାଇବେ।

**ମୀନ**
ସକାଳୁ କର୍ମପନ୍ଥା ସ୍ଥିର କରି ନିଜକୁ ପ୍ରସ୍ତୁତ କରିନେଇପାରନ୍ତି। ବ୍ୟାଙ୍କରୁ ଋଣ କରିବା ପାଇଁ ଯୋଜନା କରିବାକୁ ମନସ୍ଥ କରିବେ। ବହୁଦିନରୁ କ୍ଷତିରେ ଚାଲୁଥିବା ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। କୌଣସି ନିକଟ ସମ୍ପର୍କୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

ଆଜି ଶ୍ରାବଣ ଶୁକ୍ଳ ଚତୁର୍ଥୀ ରବିବାର, ଅଗଷ୍ଟ ୪ ତାରିଖ, ବିଶ୍ୱ ବନ୍ଧୁତା ଦିବସ, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଉତ୍ତରାଫାଲ୍‌ଗୁନୀ/ସିଂହ। ଦିବା ଘ୧୦।୦୮ମି. ଗତେ, କନ୍ୟା ଚନ୍ଦ୍ର, ମେଷ ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୬।୫୦ମି. ମଧ୍ୟେ ଘ୪।୫୪ମି. ଗତେ ଘ୬।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୭ମି. ଗତେ, ଘ୧୦।୦୪ମି. ମଧ୍ୟେ ମାହେନ୍ଦ୍ରବେଳା।




ଫାଇନାଲ ରାଉଣ୍ଡକୁ ଯାଇଥିବା ସିନିୟର ଗ୍ରୁପ୍ ପ୍ରତିଯୋଗୀମାନଙ୍କ ସହ ଓଡ଼ିଶା ପୋଷ୍ଟ ତଥା ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, କୁଇଜ୍ ମାଷ୍ଟର ଅଜୟ ପୁନିଆ।




ଓଡ଼ିଶା ପୋଷ୍ଟ ତଥା ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, କୁଇଜ୍ ମାଷ୍ଟର ଅଜୟ ପୁନିଆଙ୍କ ଗହଣରେ ଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଥିବା ଜୁନିୟର ଗ୍ରୁପ୍‌ର ପ୍ରତିଯୋଗୀ।

**ଫାଇନାଲକୁ ଗଲେ ୧୬ ଟିମ୍**

# ପ୍ରିଲିମ୍ସରେ ୮୦ ଶିକ୍ଷାନୁଷ୍ଠାନର ୮୮ ଟିମ୍

**ଭୁବନେଶ୍ୱର,୩।୮ (ବ୍ୟୁରୋ)**

ଦୈନିକ ଇଂଲିଶ ଖବରକାଗଜ 'ଓଡିଶା ପୋଷ୍ଟ' ପକ୍ଷରୁ ଶନିବାର ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ଠାରେ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା 'ମେଟଲ୍ ମିଟ୍-୨୦୧୯'। ଚଳିତବର୍ଷ ରାଜ୍ୟର ୮୦ ସ୍କୁଲ୍, କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟରୁ ୮୮ଟି ଟିମ୍ ଏହି ପ୍ରତିଯୋଗିତାରେ ଭାଗନେଇଥିଲେ। ଏହି ବାର୍ଷିକ କୁଇଜ୍ ପ୍ରତିଯୋଗିତାରେ ଉଭୟ ଜୁନିୟର୍ ଓ ସିନିୟର ବିଭାଗରେ ଶନିବାର ପ୍ରିଲିମ୍ସ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା। ଜୁନିୟର୍ ବିଭାଗରେ ଏଥର ୪୨ ସ୍କୁଲ୍ ଓ ଜୁନିୟର୍ କଲେଜରୁ ୪୩ ଟିମ୍ ଅଂଶଗ୍ରହଣ କରିଥିଲେ। ସେହିଭଳି ସିନିୟର୍ ବିଭାଗରେ ୩୮ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ, ମେଡିକାଲ ଓ ମ୍ୟାନେଜମେଣ୍ଟ କଲେଜରୁ ୪୫ ଟିମ୍ ଏହି 'ବ୍ୟାଟଲ୍ ଅଫ୍ ବ୍ରେନ୍'ରେ ଭାଗ ନେଇଥିଲେ।

'ଓଡ଼ିଶା ପୋଷ୍ଟ' ଏବଂ 'ଧରିତ୍ରୀ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ପ୍ରାରମ୍ଭିକ ଉଦ୍‌ବୋଧନ ଦେଇ କହିଥିଲେ, ଓଡ଼ିଶାରେ କୁଇଜିଂ କଲଚର୍‌କୁ ପ୍ରୋତ୍ସାହିତ କରିବା 'ମେଟଲ୍ ମିଟ୍'ର ମୁଖ୍ୟ ଉଦ୍ଦେଶ୍ୟ। ନାଚ, ଗୀତ, ମଡେଲିଂ ଭଳି ବହୁ ଗ୍ଲାମର୍ ଇଭେଣ୍ଟ ହେଉଥିଲେ ମଧ୍ୟ କୁଇଜିଂ ପାଇଁ ଏଠାରେ ଭଲ ପ୍ଲାଟଫର୍ମ ନ ଥିଲା। ଆମେ ସେହି ଖାଲିସ୍ଥାନକୁ ପୂରଣ କରିବାକୁ ୨୦୧୬ରେ ମେଟଲ୍ ମିଟ୍‌ର ଆରମ୍ଭ କରିଥିଲୁ। ଏହା ଧୀରେ ଧୀରେ ବ୍ୟାପକ ହୋଇଛି। କୁଇଜିଂରେ ଆଗ୍ରହ ରଖୁଥିବା ପିଲାମାନଙ୍କ ପାଇଁ ଏହା ଏକ ବଡ଼ ସୁଯୋଗ ଆଣିଦେଇଛି। ଆଗକୁ ଏହି ଯାତ୍ରା ଏମିତି ଜାରି ରହିବ। ମୁଁ ଚାହୁଁଛି ଭଲ ଟିମ୍ ଜିତୁ, କିନ୍ତୁ ସବୁ ପ୍ରତିଯୋଗୀ ଏକ ଭଲ ଅନୁଭୂତି ଓ ଅଭିଜ୍ଞତା ନେଇ ଏଠାରୁ ଯାଆନ୍ତୁ ବୋଲି ସତପଥୀ କହିଥିଲେ। 'ଓଡ଼ିଶା ପୋଷ୍ଟ' ଓ 'ଧରିତ୍ରୀ'ର ସମ୍ପାଦକ ତଥାଗତ ସତପଥୀ କହିଥିଲେ, ମେଟଲ୍ ମିଟ୍‌ର କୌଣସି ପ୍ରତିଯୋଗୀ ଲୁଜର ନୁହନ୍ତି। ସମସ୍ତଙ୍କ ପାଖରେ ପ୍ରତିଭା ରହିଛି ଓ ଏଠି ସମସ୍ତେ ୱିନର୍। କୁଇଜ୍‌ର ଏହି ମହାକୁମ୍ଭକୁ ଚଳିତବର୍ଷ ଲୋକପ୍ରିୟ କୁଇଜ୍‌ମାଷ୍ଟର ଅଜୟ ପୁନିଆ ହୋଷ୍ଟ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶୋଭନା ମିଶ୍ର।

## ଜୁନିୟରରେ ପୁଣି ମଦର୍ସ ଆଗରେ

ପ୍ରିଲିମ୍ସ ରାଉଣ୍ଡରେ ପ୍ରଥମେ ଜୁନିୟର ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ହୋଇଥିଲା। ମୋଟ ୩୫ଟି ପ୍ରଶ୍ନ ରହିଥିଲା, ଯେଉଁଥିରେ ସାଧାରଣ ଜ୍ଞାନ ସହ ଅଡିଓ ଭିଜୁଆଲ ପ୍ରଶ୍ନ ଏବଂ ବର୍ତ୍ତମାନର ଘଟଣାକୁ ଆଧାର କରାଯାଇଥିଲା। ଜୁନିୟର ବିଭାଗରେ ଏଥର ମଧ୍ୟ ଭୁବନେଶ୍ୱରର ମଦର୍ସ ପବ୍ଲିକ୍ ସ୍କୁଲ୍ ସର୍ବାଧିକ ସ୍କୋର୍ କରି ଶୀର୍ଷରେ ରହିଥିବା ବେଳେ ଦ୍ୱିତୀୟରେ ୟୁନିଟ୍-୮ ଡିଏଭି ଏବଂ ୩ୟରେ ରାଉରକେଲା ସେଣ୍ଟ ପଲ୍‌ସ ସ୍କୁଲ୍ ରହିଛି। ଏଥର ଫାଇନାଲକୁ ଯାଇଥିବା ଜୁନିୟର୍ ଟିମ୍ ମଧ୍ୟରେ ଭୁବନେଶ୍ୱରର ସର୍ବାଧିକ ୬ଟି ଶିକ୍ଷାନୁଷ୍ଠାନ ରହିଛି।

## ସିନିୟରରେ ୩ ନୂଆ ଟିମ୍‌କୁ ଫିନାଲେ ଟିକେଟ୍

ସିନିୟର ବିଭାଗରେ ୪୫ ଟିମ୍ ମଧ୍ୟରୁ ୮ଟି ଫାଇନାଲକୁ ପ୍ରବେଶ କରିଥିବା ବେଳେ ଏଥର ୩ଟି ନୂଆ ଟିମ୍ ଏକ୍ସଆଇଏମ୍‌ବି, ନାଇଜର୍ ଏବଂ ଆଇଜିଆଇଟି ସରାଙ୍ଗକୁ ପ୍ରଥମଥର ପାଇଁ 'ମେଟଲ୍ ମିଟ୍' ଫିନାଲେ ଟିକେଟ୍ ମିଳିଛି। ୨୦୧୮ରେ କଡ଼ା ଟକ୍କର ଦେଇଥିଲେ ମଧ୍ୟ ଶ୍ରେଷ୍ଠ ୩ରେ ରହି ପାରି ନ ଥିବା ଏମ୍‌ସ ଭୁବନେଶ୍ୱର ଏଥର ପୁଣିଥରେ ଫର୍ମକୁ ଫେରିଛି। ସର୍ବାଧିକ ସ୍କୋର୍ ସହ ଏମ୍‌ସ ତାଲିକାର ଶୀର୍ଷରେ ରହିଥିବା ବେଳେ ଏହାତଳକୁ ଯଥାକ୍ରମେ ଏନ୍ଆଇଟି ରାଉରକେଲା ଏବଂ ଆଇଆଇଟି ଭୁବନେଶ୍ୱର ରହିଛନ୍ତି।

## ଆଜି ଗ୍ରାଣ୍ଡ୍ ଫିନାଲେ

ଉଭୟ ବିଭାଗର ୧୬ଟି ଟିମ୍ ରବିବାର ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ଠାରେ ଆୟୋଜିତ ହେବାକୁଥିବା ଗ୍ରାଣ୍ଡ ଫିନାଲେରେ ଅଂଶଗ୍ରହଣ କରିବେ। ପୁରସ୍କାର ବାବଦରେ ମୋଟ ୩.୫ ଲକ୍ଷ ଟଙ୍କା ରହିଥିବା ବେଳେ ଉଭୟ ବିଭାଗର ବିଜେତାଙ୍କୁ ୧ଲକ୍ଷ, ପ୍ରଥମ ରନର୍ସଅପ୍‌କୁ ୫୦ ହଜାର ଏବଂ ୨ୟ ରନର୍ସଅପ୍‌କୁ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯିବ। ଗ୍ରାଣ୍ଡ ଫିନାଲେର ଲାଇଭ୍ ସ୍କ୍ରିନିଂକୁ ଓଡ଼ିଶା ଲାଇଭ୍ ସହ ଓଡ଼ିଶା ପୋଷ୍ଟ, ମେଟଲ୍ ମିଟ୍‌ର ଫେସ୍‌ବୁକ୍ ପେଜ୍‌ରେ ଲୋକ ଘରେବସି ଦେଖିପାରିବେ। ଓଏମ୍‌ସି, ନାଲ୍‌କୋ ଏଥର 'ମେଟଲ୍ ମିଟ୍-୨୦୧୯'ର ସ୍ପନ୍‌ସର ଥିବାବେଳେ କୋ-ସ୍ପନ୍‌ସର ଅଛନ୍ତି ଇଣ୍ଡିଆନ୍ ଅଏଲ୍, ଗେଲ୍ ଇଣ୍ଡିଆ ଲିମିଟେଡ୍, ଓଡ଼ିଶା ଟୁରିଜିମ୍, ଏମ୍‌ସିଏଲ୍, ବେଦାନ୍ତ ଏବଂ ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍। ଏହାସହ ପାର୍ଟନର ଭାବେ ଓମ୍‌ଫେଡ୍, ଟିମ୍, ଏକ୍ସପୋଜ୍ ଏବଂ ଓଡ଼ିଶା ଲାଇଭ୍ ଅଛନ୍ତି।

### ଟପ୍ ୮ ଜୁନିୟର ଟିମ୍

- ମଦର୍ସ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର
- ଡିଏଭି ପବ୍ଲିକ୍ ସ୍କୁଲ୍, ୟୁନିଟ୍-୮
- ସେଣ୍ଟ ପଲ୍‌ସ ସ୍କୁଲ୍, ରାଉରକେଲା
- ଡିଏଭି ପବ୍ଲିକ୍ ସ୍କୁଲ୍, ପୋଖରୀପୁଟ
- ଡିଏଭି ପବ୍ଲିକ୍ ସ୍କୁଲ, ସିଡିଏ, କଟକ
- ଓଡିଏମ୍ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର
- ବିଜେଇଏମ୍ ସ୍କୁଲ୍, ଭୁବନେଶ୍ୱର
- ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍, ଭୁବନେଶ୍ୱର

### ଟପ୍-୮ ସିନିୟର ଟିମ୍

- ଏମ୍‌ସ, ଭୁବନେଶ୍ୱର
- ଏନ୍ଆଇଟି, ରାଉରକେଲା
- ଆଇଆଇଟି, ଭୁବନେଶ୍ୱର
- ନାଇଜର୍, ଖୋର୍ଦ୍ଧା
- ଏସ୍‌ସିବି ମେଡିକାଲ କଲେଜ, କଟକ
- ସିଇଟି, ଭୁବନେଶ୍ୱର
- ଆଇଜିଆଇଟି, ସରାଙ୍ଗ
- ଏକ୍ସଆଇଏମ୍, ଭୁବନେଶ୍ୱର

## ଉତ୍ତର ପାଇଁ କସରତ










ଧରିତ୍ରୀ
DHARITRI
ରବିବାର, ୪ ଅଗଷ୍ଟ, ୨୦୧୯

ବର୍ତ୍ତମାନ ସେହି ନିର୍ଦ୍ଧାରିତ ସମୟ ଆସିଯାଇଛି। ଏତିକି ବେଳେ ହିଁ ଆମ ସମସ୍ତଙ୍କୁ ଚୂଡାନ୍ତ ଓ ନିଶ୍ଚିତ ସିଦ୍ଧାନ୍ତ ନେବାକୁ ପଡିବ। ପ୍ରଭୁ ! ମିଥ୍ୟାକୁ ଜୟକରିବା ଲାଗି ଆମକୁ ଶକ୍ତି ଦିଅ ଏବଂ ଆମେ ଯେପରି ତୁମରି ସତ୍ୟ ଓ ପବିତ୍ରତାକୁ ସଂପୂର୍ଣ୍ଣ ଭାବେ ଆଦରି ନେଇ ଏବଂ ତୁମର ବିଜୟ ସକାଶେ ଉପଯୁକ୍ତ ହେଉ।
–ଶ୍ରୀମା



# ଜନବିରୋଧୀ ଆଇନ



ଆକାର ପଟେଲ

ଭାରତ ତା'ର ଆତଙ୍କବାଦ–ନିରୋଧୀ ଆଇନ, ଦ ଅନ୍‌ଲଫୁଲ୍ ଆକ୍ଟିଭିଟିଜ୍ ପ୍ରିଭେନ୍ସନ ଆକ୍ଟ (ୟୁଏପିଏ)ରେ ଏକ ପରିବର୍ତ୍ତନ କରିଛି। ଏହି ଆଇନ ଅନୁସାରେ କୌଣସି ଅପରାଧ ଘଟାଇବା ପୂର୍ବରୁ ବିନା ଅଭିଯୋଗରେ ଜଣେ ସନ୍ଦିଗ୍ଧ ବ୍ୟକ୍ତିକୁ ଅଟକ ବା ଜେଲରେ ରଖିବାର ଅଧିକାର ରାଷ୍ଟ୍ରର ରହିଛି। ଏପରିଭାବେ ଜେଲରେ ରଖାଯାଇଥିବା ବ୍ୟକ୍ତିକୁ ସହଜରେ ଜାମିନ ନ ମିଳିବାର ବ୍ୟବସ୍ଥା ମଧ୍ୟ କରାଯାଇଛି ଏବଂ ଏହା ଭିତରେ ପୋଲିସ ପାଇଁ ଦୁର୍ନୀତି କରିବା ଓ ନିର୍ଯାତନା ଦେବାର ସୁଯୋଗ ଅଛି। ଏଭଳି ଆଇନ କ'ଣ କିଛି କାମରେ ବା ଦେଶହିତରେ ଲାଗୁଛି? କେବେ ନୁହେଁ। ପଞ୍ଜାବରେ ହିଂସାକାଣ୍ଡ ଘଟିବା ପରେ କଂଗ୍ରେସ ସରକାର ଟେରୋରିଜ୍‌ମ ଆଣ୍ଡ୍ ଆଣ୍ଟି–ଡିସ୍‌ରପ୍ଟିଭ୍ ଆକ୍ଟିଭିଟିଜ୍ ପ୍ରିଭେନ୍ସନ ଆକ୍ଟ (ଟାଡା) ଆଣିଲା। ଏହି ଆଇନ ପ୍ରାୟ ଏକ ଦଶନ୍ଧି ବଳବତ୍ତର ରହିଲା ଏବଂ ଏହି ଆଇନ ବଳରେ ହଜାର ହଜାର ଲୋକ (ଅଧିକାଂଶ ମୁସଲମାନ ଓ ଶିଖ୍) ଗିରଫ ହୋଇ ଜେଲ ଗଲେ। ମାତ୍ର ସେମାନଙ୍କ ମଧ୍ୟରୁ ମାତ୍ର ୧ ପ୍ରତିଶତ ଲୋକ ଦୋଷୀ ସାବ୍ୟସ୍ତ ହେଲେ। ଅର୍ଥାତ୍ ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୧୦୦ରେ ୯୯ ଜଣ ଥିଲେ ନିର୍ଦ୍ଦୋଷ।

ଏହା ଅତି କଡ଼ା ଓ ଅନୁଚିତ ଆଇନ ଥିଲା, ତେଣୁ ତାହା ଆଉ ଅଧିକ ଦିନ ତିଷ୍ଠିପାରିଲା ନାହିଁ। ଏହି ଆଇନ ବଦଳରେ ୨୦୦୨ ମସିହାରେ ପ୍ରିଭେନ୍ସନ ଅଫ୍ ଟେରୋରିଜ୍‌ମ ଆକ୍ଟ (ପୋଟା) ଆସିଲା। ଆତଙ୍କବାଦକୁ ଦମନ କରିବାରେ ଏହା ସାହାଯ୍ୟ କରିବ ବୋଲି କୁହାଯାଉଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ମନୀଷ ତିୱାରୀ କହିଥିଲେ ଯେ, ପୋଟା ଅଧୀନରେ ୪୩୪୯ଟି ମାମଲା ପଞ୍ଜୀକୃତ କରାଯାଇଥିବା ବେଳେ ମୋଟ ୧୦୩୧ ଜଣ ବ୍ୟକ୍ତିଙ୍କ ବିରୋଧରେ ଆତଙ୍କବାଦ ଅଭିଯୋଗ ରହିଛି। ଏମାନଙ୍କ ମଧ୍ୟରୁ ସରକାର ମାତ୍ର ୧୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିପାରିଥିଲେ। ସୁତରାଂ ନିର୍ଦ୍ଦୋଷ ଲୋକଙ୍କୁ ଦୋଷୀ କରିବାରେ ଟାଡା ଅପେକ୍ଷା ଏହି ପୋଟା ଆହୁରି ଖରାପ। ସେତେବେଳର ସ୍ୱରାଷ୍ଟ୍ରମନ୍ତ୍ରୀ ଏଲ୍.କେ. ଆଡ୍‌ଭାନୀ ଅନୁଭବ କଲେ ଯେ, ଏହି ଆଇନର ଦୁରୁପଯୋଗ କରାଯାଉଛି। ତେଣୁ ଏହି ଆଇନକୁ ପ୍ରତ୍ୟାହାର କରିବାର ପ୍ରକ୍ରିୟା ଆରମ୍ଭ ହେଲା।

ଏବେ ୟୁଏପିଏରେ ଯେଉଁ ସଂଶୋଧନ କରାଯାଇଛି, ସେଥିରେ କୌଣସି ବ୍ୟକ୍ତିକୁ ଆତଙ୍କବାଦୀ ବୋଲି ଅଭିହିତ କରିବାର ଅଧିକାର ରାଷ୍ଟ୍ରର ରହିଛି। ମୋର ସହକର୍ମୀ ମୃଣାଳ ଶର୍ମା ଲେଖିଛନ୍ତି ଯେ, ଏହା ସେହି ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ, ଯାହାକୁ ସରକାର ଅନୁସରଣ କରୁଛନ୍ତି ବୋଲି କହୁଛନ୍ତି। ୨୦୦୬ରେ ଜାତିସଂଘର ସ୍ୱତନ୍ତ୍ର ରାପୋର୍ଟର (ରେକର୍ଡ କିପର) କହିଥିଲେ ଯେ, କୌଣସି ଅପରାଧକୁ 'ଆତଙ୍କବାଦୀ କାର୍ଯ୍ୟକଳାପ' କହିବାକୁ ହେଲେ ତିନୋଟି ଜିନିଷ ଥିବା ଦରକାର: ଅପରାଧୀ ଯେଉଁ ଅସ୍ତ୍ର ବ୍ୟବହାର କରିଥିଲା ତାହା ମାରାତ୍ମକ ହୋଇଥିବ, ଜନସାଧାରଣଙ୍କ ଭିତରେ ଆତଙ୍କ ସୃଷ୍ଟି କରି ସରକାର ବା ଆନ୍ତର୍ଜାତିକ ସଂଗଠନଠାରୁ କିଛି ଦାବି ହାସଲ କରିବାର ଉଦ୍ଦେଶ୍ୟ ଥିବ ଏବଂ ସେହି ଲକ୍ଷ୍ୟ ଭିତରେ କୌଣସି ଆଦର୍ଶ ପ୍ରତିଷ୍ଠା ଉଦ୍ଦେଶ୍ୟ ନିହିତ ଥିବ।

ଅନ୍ୟପକ୍ଷରେ ୟୁଏପିଏରେ ଆତଙ୍କବାଦୀ କାର୍ଯ୍ୟକଳାପର ଏକ ଅନିର୍ଦ୍ଦିଷ୍ଟ ଓ ଅସ୍ପଷ୍ଟ ସଂଜ୍ଞା ରହିଛି। ଏଥିରେ ଅଛି, ସେହି କାର୍ଯ୍ୟକଳାପକୁ ଆତଙ୍କବାଦ କୁହାଯିବ, ଯେଉଁଥିରେ କୌଣସି ବ୍ୟକ୍ତିର ମୃତ୍ୟୁ ହୋଇଥିବା ବା ସେ ଆହତ ହୋଇଥିବ, ଧନସମ୍ପତ୍ତି ହାନି ହୋଇଥିବ, ଆପରାଧିକ ଶକ୍ତି ଦ୍ୱାରା କୌଣସି ସରକାରୀ କାର୍ଯ୍ୟନିର୍ବାହକଙ୍କ କାର୍ଯ୍ୟ ନିର୍ବହନରେ ବାଧା ବା ଭୟ ସୃଷ୍ଟି କରାଯାଇଥିବ ବା କୌଣସି ବ୍ୟକ୍ତି ବା ସରକାର କୌଣସି କାର୍ଯ୍ୟ କରିବା ବା ନ କରିବା ପାଇଁ ବାଧ୍ୟ କରାଯିବାର ଉଦ୍ଦେଶ୍ୟ ଥିବ। ଧମକ ଦେବା ବା ଲୋକଙ୍କ ଭିତରେ ଆତଙ୍କ ସୃଷ୍ଟି କରିବାର ସମ୍ଭାବନା ଥିବା କାର୍ଯ୍ୟକଳାପକୁ ବି ଆତଙ୍କବାଦ ପରିସରଭୁକ୍ତ କରାଯାଇଛି। ଏହାଦ୍ୱାରା କୌଣସି ସାଧାରଣ ନାଗରିକ ବା କର୍ମୀଙ୍କ ଉପରେ ସେ କିଛି କରି ନ ଥିଲେ ମଧ୍ୟ ଆତଙ୍କବାଦୀର ମୋହର ମାରିବାର ପୂର୍ଣ୍ଣ ଅଧିକାର ସରକାରଙ୍କର ରହିଛି। ଏହି ଆଇନ ସାଧାରଣ ନାଗରିକଙ୍କ ବ୍ୟକ୍ତିଗତ ଗୋପନୀୟତା ଓ ସ୍ୱାଧୀନତା ଉପରେ ହସ୍ତକ୍ଷେପ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ମତରେ ୨୦୧୪ରୁ ୨୦୧୬ ମଧ୍ୟରେ ୟୁଏପିଏ ଅଧୀନରେ ପଞ୍ଜୀକୃତ ୭୫ ପ୍ରତିଶତ ମାମଲା ଭିତ୍ତିହୀନ ବୋଲି ପ୍ରମାଣିତ ହୋଇଛି। ଏତେ ବର୍ଷ ଭିତରେ ୟୁଏପିଏ କେବଳ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଗିରଫ କରିବା, ତାଙ୍କୁ ଆଇନର ଜାଲରେ ଛନ୍ଦିବା ଏବଂ ରାଷ୍ଟ୍ର ଯେତେ ଦିନ ଚାହିଁବ ସେତେ ଦିନ ତାଙ୍କୁ ଜେଲରେ ରଖିବାର ଅସ୍ତ୍ରରେ ପରିଣତ ହୋଇଛି। ଉକ୍ତ ସଂଶୋଧନ ଆଇନକୁ ଆହୁରି ଶକ୍ତିଶାଳୀ କରିଦେଇଛି, ଯାହାଦ୍ୱାରା ସକ୍ରିୟ ସାମାଜିକ କର୍ମୀମାନଙ୍କୁ ଆତଙ୍କବାଦୀ ଭାବେ ଚିତ୍ରଣ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। ଜଣେ ପୂର୍ବତନ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଏହି ସଂଶୋଧନକୁ ବିରୋଧ କରିଥିଲେ। ଲଶ୍କର–ଇ–ତୋଇବା ମୁଖ୍ୟ ହାଫିଜ୍ ସଇଦ ଏବଂ ୟୁଏପିଏ ଅଧୀନରେ ଗିରଫ ହୋଇଥିବା ଗୌତମ ନଓ୍ବଲଖାଙ୍କ ଭିତରେ ପ୍ରଭେଦ ଅଛି। ରିପୋର୍ଟ ଅନୁସାରେ କଂଗ୍ରେସ ଏହି ସଂଶୋଧନ ସପକ୍ଷରେ ଭୋଟ ଦେଇଥିଲେ ମଧ୍ୟ ଚିଦାମ୍ବରମ୍ କହିଛନ୍ତି ଯେ, ଦଳ ଏହାକୁ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରିବ। ସାମ୍ବିଧାନିକ ଗଣତନ୍ତ୍ରରେ ଏପରି ଆଇନ ରହିବା ଉଚିତ ନୁହେଁ, ଯାହା ନାଗରିକଙ୍କୁ ହଇରାଣ କରିବା ଲାଗି ରାଷ୍ଟ୍ରକୁ ଅଧିକାର ଦେବ। ସଭ୍ୟ ଦେଶଗୁଡ଼ିକରେ ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ଅଭିଯୁକ୍ତର ଅଧିକାର ଉପରେ ଗୁରୁତ୍ୱ ଦିଆଯାଇଛି। ବିନା ପ୍ରମାଣରେ ଲୋକଙ୍କୁ ଆତଙ୍କବାଦୀ କହିବାର ନିଷ୍ପତ୍ତି ହେଉଛି ଆଇନ ଓ ନ୍ୟାୟ ନୀତିର ବିରୋଧୀ।

Email: aakar.patel@gmail.com

# ନୀତିବିହୀନ ରୀତି



ଚିତ୍ର–ଚରିତ୍ର

ନିରଞ୍ଜନ ପାଢ଼ୀ

ମାନବ ସମାଜରେ ସଭ୍ୟତାର ବିକାଶ ହେବା ପରଠୁଁ ପୁଅଟିଏ ଝିଅଟିଏକୁ ବାହା ହୋଇ ସଂସାର ବାନ୍ଧିବାର ସ୍ୱୀକୃତି ହାସଲ କରିଆସୁଛି। ପୂର୍ବ କାଳରେ ବରକନ୍ୟା ମିଳନର ଏହି ବିବାହ ପର୍ବଟି ଭିନ୍ନ ଭିନ୍ନ ସମ୍ପ୍ରଦାୟର ରୀତିନୀତି ଅନୁଯାୟୀ ସମ୍ପନ୍ନ ହେଉଥିଲେ ମଧ୍ୟ ଏବେ ଆଧୁନିକତାର ଆହ୍ୱାନରେ ଜାତିଧର୍ମ ନିର୍ବିଶେଷରେ ସମାନ ଭାବରେ ପାଳିତ ହେଉଛି ଏହି ବର୍ଣ୍ଣାଢ୍ୟ ଉତ୍ସବ। ବିବାହ ଦୁଇଟି ହୃଦୟର ମିଳନ ପାଇଁ କେବଳ ଏକ ଆନୁଷ୍ଠାନିକ ପର୍ବ ହୋଇ ରହିନାହିଁ। ଏହା ସହ ଜଡିତ ହୋଇଯାଇଛି ବହୁ ପାରିପାର୍ଶ୍ୱିକ ପ୍ରବାହ, ସମାଜର ଚଳଣି, ପରିବାରର ମାନ ମର୍ଯ୍ୟାଦା ଓ ବୁନିୟାଦ ପ୍ରଦର୍ଶନର ଏକ ପ୍ରତିଯୋଗିତା। ସୁତରାଂ ଜ୍ୱାଇଁର ପଦବୀ ବା ପ୍ରତିଷ୍ଠାକୁ ଚାହିଁ କେଇଲକ୍ଷ ଟଙ୍କାର ଯୌତୁକ, ଦିଗ୍‌ବିଜୟୀ ରାଜପୁରୁଷଙ୍କ ବିଜୟ ଶୋଭାଯାତ୍ରା ପରି ଗାଡିମୋଟର ଗହଣରେ ଶତାଧିକ ବରଯାତ୍ରୀଙ୍କ ବାଦ୍‌ଶାହୀ ଥାଟ, ସୁସଜ୍ଜିତ ଡିଜେର ବୁକୁଫଟା ଗର୍ଜନର ତାଳେ ତାଳେ ମଦମତ୍ତ ଯୁବତୀଯୁବକଙ୍କ ଉଦଣ୍ଡ ନୃତ୍ୟ, ରଙ୍ଗବେରଙ୍ଗର ଆତସବାଜି ସହ ଶତାଧିକ ଛେଳି, କୁକୁଡାଙ୍କ ଗଣହତ୍ୟାର ପର୍ବ ମଧ୍ୟରେ ସଂଘଟିତ ହୁଏ ଦୁଇ ନବ ଯୁବତୀଯୁବକଙ୍କ ମିଳନର ପର୍ବ!

ଏମିତି ଏକ ବିବାହ ଉତ୍ସବରେ ବରଯାତ୍ରୀ ଭାବେ ଯୋଗଦେଇ କପାଳରେ ସୁବାସିତ ଶୀତଳ ଚନ୍ଦନ ବଦଳରେ ଅବାଞ୍ଛିତ ଅତିଥିର ରକ୍ତତିଳକ ଲଗାଇ ରାତି ଅଧରେ ଅଭୁକ୍ତ ଭାବେ ଫେରିଥିବା ଜଣେ ବନ୍ଧୁ ଅବସୋସ ପ୍ରକଟ କରି କହୁଥିଲେ, ''ଆମ ପୂର୍ବପୁରୁଷମାନେ ବିବାହ ସହ ଏମିତି ରୀତି ସବୁ ଯୋଡୁଥିଲେ କାହିଁକି କେଜାଣି? ବିପୁଳ ବ୍ୟୟଭାରରେ ଆୟୋଜିତ ବାଜା ରୋଶଣି ଓ ମଦ ପିଇ ଉନ୍ମତ୍ତ ଆଚରଣ କରୁଥିବା ବରଯାତ୍ରୀଙ୍କୁ ବାଦ୍ ଦେଇ ବାହାଘର କ'ଣ ହୋଇପାରନ୍ତା ନାହିଁ?'' ସେ ଯେଉଁ ବାହାଘରକୁ ବରଯାତ୍ରୀ ହୋଇ ଯାଇଥିଲେ, ତହିଁରେ ବରକର୍ତ୍ତାଙ୍କ ବିକଳ ମୁରବିପଣ ତଥା କନ୍ୟାପିତାଙ୍କ ଆକୁଳ ଆବେଦନକୁ ଅବଜ୍ଞା କରି ବରପକ୍ଷ ଓ କନ୍ୟାପକ୍ଷର ଯୁବକମାନଙ୍କ ମଧ୍ୟରେ ସଂଘଟିତ ହୋଇଥିଲା ରକ୍ତାକ୍ତ ସଂଘର୍ଷ ଓ ପ୍ରାଣ ବଞ୍ଚାଇ ଅଖିଆ ଅପିଆ ଫେରି ଆସିଥିଲେ ବନ୍ଧୁ।

ଆଧୁନିକତାର ପାହାଚ ପରେ ପାହାଚ ଚଢ଼ି ଜୀବନ ଯେତେବେଳେ ଭିନ୍ନ ରଙ୍ଗରେ ଚିତ୍ରିତ, ସେତେବେଳେ ସାମାଜିକ ଜୀବନର ପ୍ରଥା ପରମ୍ପରା ଓ ରୀତିରିୱାଜ ମଧ୍ୟରେ ନୀତି ଖୋଜୁଥିବା ବନ୍ଧୁଙ୍କୁ କେଉଁଠୁ ବା ମିଳନ୍ତେ ବିନା ବରଯାତ୍ରୀରେ ବାହା ହେବାକୁ ରାଜି ଥିବା ବର ଜଣେ! କେବଳ ବିବାହ ନୁହେଁ, ଆଧୁନିକ ଧାରାରେ ଆକ୍ରାନ୍ତ ଉତ୍ତରପୁରୁଷଙ୍କ ନବ୍ୟ ଜୀବନଧାରାରେ ନବଜାତକର ଏକୋଇଶା ପୂଜାରୁ ଆରମ୍ଭ କରି ବ୍ରତ, ଯଜ୍ଞ, ରୁଦ୍ର ପୂଜନ ଆଦି ବିଭିନ୍ନ ବୈଦିକ କ୍ରିୟାକର୍ମ ଯେମିତି ଭାବେ ସମ୍ପନ୍ନ ହେଉଛି, ତାହା ଦେଖି ଆମ ପୂର୍ବପୁରୁଷଙ୍କୁ ଗାଳି ଦେଇ ବନ୍ଧୁ କ'ଣ ଖସିଯାଇ ପାରିବେ? ବନ୍ଧୁ ଜାଣନ୍ତୁ ଓ ନିଜକୁ ବୁଝାଇ ଦିଅନ୍ତୁ ଯେ ଏବେ ସବୁକଥା ପରି ରୀତି ପାଖରୁ ବି ଦୂରେଇଗଲାଣି ନୀତି !

କେଇଦିନ ପୂର୍ବରୁ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ନିଜ ପୁଅ ପାଇଁ ଏକ ଉଜ୍ଜ୍ୱଳ ଫଳ କାମନା କରି ଜଣେ ଧନଶାଳୀ ପିତା ରୁଦ୍ରାଭିଷେକ କରୁଥିଲେ। ଏକ ଦୁର୍ବଳ ମେଧା ନେଇ ଜନ୍ମ ନେଇଥିବା ବା ଅଧ୍ୟୟନ ପ୍ରତି ନିଷ୍ଠାର ଅଭାବ ଥିବା ପରୀକ୍ଷାର୍ଥୀର ପରୀକ୍ଷା ଫଳ ରୁଦ୍ର ପୂଜନ ଦ୍ୱାରା ଉଜ୍ଜ୍ୱଳ ହୁଏ କି ନାହିଁ କେଜାଣି, ମାତ୍ର ସେଦିନ ସେଇ ପୂଜାପର୍ବର ଔଜ୍ଜ୍ୱଲ୍ୟ ଦେଖି ମନ୍ଦିରରେ ଅଧିଷ୍ଠିତ ମହାଦେବ ମଧ୍ୟ କମ୍ ଚମତ୍କୃତ ହୋଇ ନ ଥିବେ! ବହୁ ଭାବେ ସୁସଜ୍ଜିତ ମନ୍ଦିର ପ୍ରାଙ୍ଗଣ, ମାଇକ୍ରୋଫୋନରୁ ଭାସି ଆସୁଥିବା ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣ, ପରୀକ୍ଷାର୍ଥୀ ପୁତ୍ରକୁ ଆଶୀର୍ବାଦ ଦେବା ପାଇଁ ସମବେତ ହୋଇଥିବା ପାଟମଠା ପରିହିତ ବନ୍ଧୁବାନ୍ଧବ, ଜ୍ଞାତି, ପରିଜନ ଓ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇ ଖଣ୍ଡମଣ୍ଡଳକୁ ମହକାଇ ଦେଉଥିବା ସୁସ୍ୱାଦୁ ବ୍ୟଞ୍ଜନ। ଭକ୍ତ ପ୍ରାଣରେ ବିଶ୍ୱାସର ପ୍ରତିଷ୍ଠା ପାଇଁ ଏମିତି ବିପୁଳ ବାଦ୍‌ଶାହୀ ଖର୍ଚ୍ଚ କରିବାକୁ ଆମ ପୂର୍ବପୁରୁଷମାନେ କ'ଣ ରୀତିନିର୍ଦ୍ଧାରଣ କରିଯାଇଛନ୍ତି?

ଆଉ ଏକ ଉତ୍ସବର ଦୃଶ୍ୟ। ଏକ ବ୍ରାହ୍ମଣ ସନ୍ତାନର ଯଜ୍ଞୋପବୀତ ଧାରଣ କରିବାର ଉତ୍ସବ। ଶାସ୍ତ୍ରନୀତି ଅନୁଯାୟୀ ବ୍ରାହ୍ମଣ ପୁଅଟିଏ ବ୍ରତ ଗ୍ରହଣ କରି ଏକ ଶୁଦ୍ଧ ଜୀବନର ଶପଥ ନିଏ ଓ ନିଜକୁ ବ୍ରହ୍ମମନ୍ତ୍ରରେ ଅଭିମନ୍ତ୍ରିତ କରେ। ଏଥିପାଇଁ ଲୋଡାପଡେ ଗୋଟିଏ ଯଜ୍ଞକୁଣ୍ଡ, ଠେକିଏ ଘିଅ, କିଛି ପୂଜା ସାମଗ୍ରୀ, ଜଣେ ବା ଦୁଇଜଣ ପୁରୋହିତ ଓ ବ୍ରହ୍ମଚାରୀକୁ ପଇତା ପିନ୍ଧାଇବାକୁ ପାଞ୍ଚଜଣ ବ୍ରାହ୍ମଣ। ଅଥଚ ସାମାଜିକ ରୀତି ପ୍ରତି ନିଜ ନିଜର ନିଆରା ନିଷ୍ଠା ପ୍ରକଟ କରି ପୁଅ କାନ୍ଧରେ ପଇତା ଦେବାକୁ ପିତାମାନଙ୍କର ଚାଲେ ପାଗଳ ପ୍ରତିଯୋଗିତା। ନିଜ ପ୍ରତିଷ୍ଠା ଓ ପ୍ରତିପତ୍ତିର ପ୍ରଦର୍ଶନ ପାଇଁ ସୁଦୃଶ୍ୟ ତୋରଣ, ସୁସଜ୍ଜିତ ଯଜ୍ଞ ମଣ୍ଡପ, ନିମନ୍ତ୍ରିତ ଅତିଥିଙ୍କ ସଂଖ୍ୟା, ସ୍ୱାଦିଷ୍ଟ ବ୍ୟଞ୍ଜନ, ବ୍ରତ ଶୋଭାଯାତ୍ରାରେ ଡିଜେ ବାଦ୍ୟର ତାଳେ ତାଳେ ପୁଅର କିଶୋର ସାଙ୍ଗମାନଙ୍କ ବେତାଳ ନାଚ ଓ ଏସବୁକୁ ଚିରକାଳ ସ୍ମୃତିପେଟିକାରେ ସାଇତି ରଖିବା ପାଇଁ ଭିଡିଓ କ୍ୟାମେରାରେ ଚିତ୍ର ଉତ୍ତୋଳନ। ସତେ ଯେମିତି କେଉଁ ରାଜପୁତ୍ରର ଅଭିଷେକ ଉତ୍ସବରେ ରାଜାଙ୍କ ନବାବୀପଣର ନଗ୍ନ ପ୍ରଦର୍ଶନ!

ମଣିଷ ଯେତେ ସଭ୍ୟ ଶିକ୍ଷିତ ହେଲେ ବି, ଯେତେ ଆଧୁନିକ ବୋଲାଇଲେ ମଧ୍ୟ ପ୍ରାଚୀନ ପ୍ରଥା ପରମ୍ପରାର ପ୍ରଭାବରୁ ନିଜକୁ ମୁକ୍ତ ରଖିବା ଏତେ ସହଜ ନୁହେଁ। ବାର୍ଦ୍ଧକ୍ୟର ଶେଷ ସୋପାନରେ ଉପନୀତ ହୋଇଥିବା ଶିକ୍ଷିତ ବାପା ଜଣେ ନିଜ ପୁଅ ପାଖରେ ଦାନଧର୍ମ କରି ପୁଣ୍ୟ ଅର୍ଜନ କରିବାର ଅଭିଳାଷ ପେସ୍ କଲେ। ବିଶିଷ୍ଟ ବ୍ରାହ୍ମଣମାନଙ୍କୁ ବରଣ କରି ଯଜ୍ଞ ଉପରାନ୍ତେ ସେମାନଙ୍କ ହାତରେ ଗୋଧନ, ଭୂମିଧନ ଓ ସ୍ୱର୍ଣ୍ଣଧନ ପ୍ରଦାନ କରିବାର ଇଚ୍ଛା ପ୍ରକଟ କଲେ। ଧର୍ମକୁ ଭିନ୍ନ ଭାବେ ବୁଝିଥିବା ତାଙ୍କ ପୁଅ ବାପାଙ୍କୁ ବୁଝାଇଲେ, ''ସ୍ୱଚ୍ଛଳ ବ୍ରାହ୍ମଣମାନଙ୍କୁ ଦାନ ଦେଇ ଲାଭ ନାହିଁ ବାପା! ବରଂ ସେଇ ଅର୍ଥ ଅନାଥାଶ୍ରମକୁ ଦାନ କଲେ ବିଶେଷ ପୁଣ୍ୟ ମିଳିବ।'' ପୁରାଣଶାସ୍ତ୍ର ପଢି ପାପପୁଣ୍ୟର ପରିଭାଷା ସମ୍ପର୍କରେ ବିଶଦ ଜ୍ଞାନ ଅର୍ଜନ କରିଥିବା ବୃଦ୍ଧ ପିତା ପୁଅ ଉପରେ ଖପ୍ପା ହୋଇ କହିଲେ, ''ତୋ ଭଳି କୁଳାଙ୍ଗାର ପୁଅର ଅର୍ଥରେ ମୁଁ ପୁଣ୍ୟ ଅର୍ଜନ କରିବାକୁ ଚାହୁଁନାହିଁ। ମୋ ସଞ୍ଚୟକୁ ନେଇ ମୁଁ ଇଚ୍ଛା ମୁତାବକ ଦାନ କରିବି।''

ତାହା ହିଁ ହେଲା। ବଛା ବଛା କେଇଜଣ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରି ବୃଦ୍ଧ ମହୋଦୟ ସେମାନଙ୍କ ହାତରେ ଦୁଇଟିଗାଈ, ଖଣ୍ଡିଏ ଜମିର ପଟ୍ଟା ଓ କିଛି ସୁନା ଅଳଙ୍କାର ଧରାଇଦେଲେ। ଅଥଚ ଏହି ଅବସରରେ ଆୟୋଜିତ ଭୋଜିର ଗନ୍ଧ ବାରି କେଇଜଣ ବୁଲା ଭିକାରି ଖାଇବାକୁ ଅପେକ୍ଷା କରିଥିଲା ବେଳେ ଦାନବୀର ବୃଦ୍ଧଙ୍କ ନିକଟରୁ ମିଳିଲା ତାଚ୍ଛଲ୍ୟଭରା ତିରସ୍କାର। ''ଆଜି ଭଳି ଶୁଭଦିନରେ ଏ କାଙ୍ଗାଳମାନଙ୍କର ମୁହଁ ଚାହିଁବାକୁ ଥିଲା''– ଅତି କୁଣ୍ଠାର ସହ ଭିକାରିଙ୍କୁ ଖାଇବାକୁ ଦେବାକୁ ଆଦେଶ ଦେଉଥିଲା ବେଳେ ବୃଦ୍ଧଙ୍କ ମୁହଁରୁ ଝରିପଡିଥିଲା ଏମିତି କିଛି ଅସନ୍ତୋଷ। ବ୍ରାହ୍ମଣକୁ ଦାନ ଦେଇ ସେ ଯେଉଁ ପୁଣ୍ୟ ଅର୍ଜନ କରିଥିଲେ, ତାହା ଭିକାରିମାନଙ୍କ ମୁଖଦର୍ଶନ ଦ୍ୱାରା ସତେ ଯେମିତି ଅଚାନକ ଉଭେଇ ଗଲା! ନିଷ୍ଫଳ ହୋଇଗଲା ସମସ୍ତ ସାଧନାର ସିଦ୍ଧି!

ଈଶ୍ୱରପ୍ରାପ୍ତି ବା ପୁଣ୍ୟ ଅର୍ଜନର ଏ ପ୍ରକାର ପ୍ରମାଦଯୁକ୍ତ ବ୍ୟବସ୍ଥା ଲକ୍ଷ୍ୟ କରି ପ୍ରବାଦ ପୁରୁଷ ସ୍ୱାମୀ ବିବେକାନନ୍ଦ ଧର୍ମର ଭିନ୍ନ ଏକ ପରିଭାଷା ସୃଷ୍ଟି କରି କହିଥିଲେ, ମନ୍ଦିରରେ ପୂଜାପାଠ ବା ଭଜନକୀର୍ତ୍ତନ ଦ୍ୱାରା ଜଣେ ଧାର୍ମିକ ହୋଇଯାଏନା କି ଅପାତ୍ରରେ ଦାନ କରି ଜଣେ ପୁଣ୍ୟ ଅର୍ଜନ କରେନା। ଯେଉଁ ଧର୍ମ ବିଧବାର ଆଖିରୁ ଲୁହ ପୋଛିପାରେନା କି ଅନାଥ ଅସହାୟ ତୁଣ୍ଡରେ ରୁଟି ଖଣ୍ଡିଏ ଦେଇପାରେନା, ସେଇ ଧର୍ମକୁ ମୁଁ ସୁଧର୍ମ ବୋଲି ସ୍ୱୀକାର କରେନା।'' ବିବେକାନନ୍ଦଙ୍କ ଦର୍ଶନ ନ ପଢ଼ନ୍ତୁ, ସାରା ଜୀବନ ଆତ୍ମସେବାରେ ନିବିଷ୍ଟ ରହି ମୃତ୍ୟୁ ପୂର୍ବରୁ କେଇଜଣ ସ୍ୱଚ୍ଛଳ ବ୍ରାହ୍ମଣଙ୍କୁ ଗୋ, ଭୂମି, ସ୍ୱର୍ଣ୍ଣ ଦାନ କରିଦେଲେ ପୁଣ୍ୟ ପ୍ରାପ୍ତ ହୁଏ ବୋଲି ବୃଦ୍ଧ ମହୋଦୟ କେଉଁ ଶାସ୍ତ୍ରରୁ ପଢ଼ିଥିଲେ କେଜାଣି? ତେବେ ସେ ଶାସ୍ତ୍ରର ନାମ ଯାହା ବି ହେଉ, ନୀତି ବହିର୍ଭୂତ ରୀତିର ଜୟଗାନ କରୁଥିବା ଶାସ୍ତ୍ର ଜଗତରେ ଏ ଯାଏଁ ଲେଖା ହୋଇନାହିଁ !

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି,
ଭୁବନେଶ୍ୱର, ମୋ–୮୮୯୫୬୨୪୧୦୫

# ଲୋକଙ୍କ ସ୍ୱର

ଭାରତର ଅଧିକାଂଶ ଟେଲିଭିଜନ ନ୍ୟୁଜ୍ ଚ୍ୟାନେଲରେ ଉପସ୍ଥାପକମାନେ ସମଗ୍ର କାର୍ଯ୍ୟକ୍ରମକୁ ନିଜ ଅକ୍ତିଆରକୁ ନେଇଯାଉଥିବା ଆଲୋଚନା ହେଉଛି। ଏପରି କି ପ୍ୟାନେଲରେ ବସୁଥିବା ଅତିଥିମାନଙ୍କୁ ସହଜରେ କହିବାକୁ ଦିଆଯାଉ ନାହିଁ। ବିଶେଷଜ୍ଞମାନେ କହୁଥିବା ବେଳେ ଉପସ୍ଥାପକମାନେ ଯେଭଳି ହସ୍ତକ୍ଷେପ କରୁଛନ୍ତି ତାହା ଦ୍ୱାରା ଦର୍ଶକ ବିରକ୍ତ ହୋଇଯାଉଥିବା ଅନୁଭବ ହେଉଛି। ସାଧାରଣରେ କୁହାଯାଉଛି, ଏଭଳି କରି ଉପସ୍ଥାପକମାନେ ସତେଯେମିତି ସମସ୍ତଙ୍କଠାରୁ ଅଧିକ ଜାଣିଛନ୍ତି ବୋଲି ଦେଖେଇ ହୋଇଥାଆନ୍ତି। ହେଲେ କେତେକ ଉପସ୍ଥାପକ ଅଛନ୍ତି, ଯେଉଁମାନେ ବହୁ ବିଷୟରେ ଜ୍ଞାନ ଅର୍ଜନ କରିଥିଲେ ମଧ୍ୟ ଅତି ଭଦ୍ର ଭାବେ ଅତିଥିଙ୍କ ସହ ଆଲୋଚନା କରିବାରେ ଆନନ୍ଦ ପାଇଥାଆନ୍ତି। ଏମାନଙ୍କ ମଧ୍ୟରୁ 'ଏନ୍‌ଡିଟିଭି ଇଣ୍ଡିଆ'ର ରବୀଶ କୁମାର ଅନ୍ୟତମ। ତାଙ୍କ ତଥ୍ୟଭିତ୍ତିକ ଉପସ୍ଥାପନା ସାମ୍ବାଦିକତାର ବୃତ୍ତିଗତ ମୂଲ୍ୟବୋଧ ବଜାୟ ରଖିବାରେ ନୂଆ ଦିଗ ଦେଖାଇଛି। ବୋଧହୁଏ ସେଥିପାଇଁ ରବୀଶ ୨୦୧୯ ରେମନ୍ ମାଗ୍‌ସେସେ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିପାଇଁ ନାମ ଚୟନ କରାଯିବା ବେଳେ ବିଚାରକମଣ୍ଡଳୀ ତାଙ୍କୁ 'ଲୋକଙ୍କ ସ୍ୱର' ଭାବେ ଅଭିହିତ କରିଛନ୍ତି। ସତ ବିଷୟ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଦିଗରେ ରବୀଶ ଯେଭଳି ନୈତିକ ସାହସ ଦେଖାଇପାରିଛନ୍ତି, ତାହା ଅନନ୍ୟ ବୋଲି କୁହାଯାଇଛି। ଏସିଆର ନୋବେଲ ପୁରସ୍କାର ଭାବେ ବିବେଚିତ ହେଉଥିବା ରେମନ୍ ମାଗ୍‌ସେସେ ୨ ଅଗଷ୍ଟରେ ଘୋଷଣା କରାଯାଇଛି। ସାମ୍ବାଦିକତା କ୍ଷେତ୍ରରେ ରବୀଶ ମନୋନୀତ ହେବା ପରେ ତାଙ୍କୁ ସମାଜର ପ୍ରତ୍ୟେକ ବର୍ଗରୁ ଶୁଭେଚ୍ଛା ମିଳିବାରେ ଲାଗିଛି।

ବ୍ୟକ୍ତିତ୍ୱ



ରବୀଶ କୁମାର

ବିହାର ମୋତିହାରିରେ ୫ ଡିସେମ୍ବର ୧୯୭୪ରେ ରବୀଶ ଜନ୍ମଗ୍ରହଣ କରିଥିଲେ। ପାଟନାର ଲୟଲା ହାଇସ୍କୁଲରୁ ପଢ଼ା ସାରିବା ପରେ ସେ ଉଚ୍ଚଶିକ୍ଷା ଲାଗି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ଦେଶବନ୍ଧୁ କଲେଜକୁ ଯାଇଥିଲେ। ତେବେ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରୁ ହିନ୍ଦୀ ସାମ୍ବାଦିକତାରେ ଡିଗ୍ରୀ ଅର୍ଜନ କରିବା ପରେ ଏହି ବୃତ୍ତିରେ ନିଜକୁ ସେ ନିୟୋଜିତ କରିଥିଲେ। ସୌଭାଗ୍ୟକ୍ରମେ ଏନ୍‌ଡିଟିଭି ଇଣ୍ଡିଆ ତାଙ୍କ ପାଇଁ ପାଲଟିଯାଇଥିଲା ଉତ୍ତମ ମଞ୍ଚ। ୧୯୯୬ ମସିହାରୁ ସେ ଏହି ଚ୍ୟାନେଲରେ କାର୍ଯ୍ୟ କରିଆସୁଛନ୍ତି। ଅସହାୟଙ୍କ ପାଇଁ ସ୍ୱର ପାଲଟିଥିବା ଏହି ସାମ୍ବାଦିକ ଅନ୍ୟାୟ ବିରୋଧରେ ରିପୋର୍ଟ ଉପସ୍ଥାପନ କରି ଅନେକଙ୍କ ଧମକର ସମ୍ମୁଖୀନ ହୋଇଛନ୍ତି। ତଥାପି ନିଜ ଆଭିମୁଖ୍ୟ ବଦଳାଇ ନାହାନ୍ତି। ଲୋକପ୍ରିୟ କାର୍ଯ୍ୟକ୍ରମ 'ପ୍ରାଇମ୍ ଟାଇମ୍', 'ହମ୍ ଲୋଗ୍' ଏବଂ 'ରବୀଶ କୀ ରିପୋର୍ଟ'ରେ ତଥ୍ୟଭିତ୍ତିକ ଓ ମାର୍ମିକ ଉପସ୍ଥାପନା ଯୋଗୁ ସେ ଅସଂଖ୍ୟ ପ୍ରଶଂସକ ସୃଷ୍ଟି କରିପାରିଛନ୍ତି।

ଭାରତୀୟ ସାମ୍ବାଦିକତା କ୍ଷେତ୍ରରେ ରବୀଶ ଯେଉଁଭଳି ନିର୍ଭୀକ ବୃତ୍ତିଧାରୀ ପାଲଟି ନୂଆ ଫର୍ଦ୍ଦ ଯୋଡ଼ି ଚାଲିଛନ୍ତି, ତାହା ଏହି ପେସାକୁ ଆଦରି ନେଉଥିବା ପିଢ଼ି ପାଇଁ ନିଶ୍ଚିତ ଦିଗବାରିଣୀ ପାଲଟିବ। ସିଧା ସିଧା କହିବାରେ ପ୍ରତିବଦ୍ଧତା ତାଙ୍କୁ ଆଜି ଅନେକ ସ୍ୱୀକୃତି ଦେଇଛି। କେବଳ ଜଣେ ସାମ୍ବାଦିକ ନୁହନ୍ତି, ଲେଖକ ଭାବେ ମଧ୍ୟ ତାଙ୍କ ପରିଚୟ ସୁସ୍ପଷ୍ଟ। ତାଙ୍କ 'ଦି ଫ୍ରି ଭଏସ୍–ଅନ୍ ଡେମୋକ୍ରାସି, କଲ୍‌ଚର ଆଣ୍ଡ୍ ନେଶନ୍' ପୁସ୍ତକ ବହୁ ପାଠିକାପାଠକ ସୃଷ୍ଟି କରିପାରିଛି। ପୁରସ୍କାର ଓ ସମ୍ମାନ ଦିଗକୁ ଦେଖିଲେ ଅନେକ ଅନୁଷ୍ଠାନ ତାଙ୍କ କାର୍ଯ୍ୟକୁ ଉଚ୍ଚପ୍ରଶଂସା କରିଛନ୍ତି। ୨୦୧୦ରେ ହିନ୍ଦୀ ସାମ୍ବାଦିକତା ଲାଗି ଗଣେଶ ଶଙ୍କର ବିଦ୍ୟାର୍ଥୀ ସମ୍ମାନ ଓ ୨୦୧୪ରେ ସୃଜନଶୀଳ ସାହିତ୍ୟ ଲାଗି ସେ ରାଷ୍ଟ୍ରପତି ପୁରସ୍କାର ପାଇଛନ୍ତି। ସେହିପରି ସାମ୍ବାଦିକତାରେ ଉତ୍କର୍ଷ ସକାଶେ ୨୦୧୩ ଓ ୨୦୧୭ରେ ରାମନାଥ ଗୋଏଙ୍କା ଏକ୍ସଲେନ୍ସ ଇନ୍ ଜର୍ନାଲିଜମ୍ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। 'ଦି ଇଣ୍ଡିଆନ୍ ଏକ୍ସପ୍ରେସ' ପକ୍ଷରୁ ୨୦୧୬ରେ କରାଯାଇଥିବା ୧୦୦ ପ୍ରଭାବଶାଳୀ ଭାରତୀୟଙ୍କ ତାଲିକାରେ ସେ ସ୍ଥାନ ପାଇଥିଲେ। ମୁମ୍ବାଇ ପ୍ରେସ୍ କ୍ଲବ୍ ପକ୍ଷରୁ ୨୦୧୬ରେ ତାଙ୍କୁ 'ବେଷ୍ଟ ଜର୍ନାଲିଷ୍ଟ ଅଫ୍ ଦି ଇୟର' ଓ ୨୦୧୭ରେ ପ୍ରଥମ 'କୁଲଦୀପ୍ ନାୟାର ଜର୍ନାଲିଜମ୍ ଆୱାର୍ଡ'ରେ ଭୂଷିତ କରାଯାଇଥିଲା। ତେବେ ରେମନ୍ ମାଗ୍‌ସେସେ ପୁରସ୍କାର ତାଙ୍କୁ ଅନ୍ତର୍ଜାତୀୟ ଖ୍ୟାତି ଆଣି ଦେଇଛି।

ରବୀଶଙ୍କ ବ୍ୟକ୍ତିଗତ ଜୀବନ ଦେଖିଲେ ସ୍ତ୍ରୀ ନୟନା ଦାସଗୁପ୍ତ ଓ ଗୋଟିଏ ଝିଅକୁ ନେଇ ତାଙ୍କ ସଂସାର।

–ଜିତେନ୍ଦ୍ର କୁମାର ନାୟକ

## ପାଠକ ଶ୍ରେଷ୍ଠ ବିଚାରକ

### ରହିବା ଦରକାର ନାଁ ପଢ଼ାଇବା ଦରକାର

ମହାଶୟ,

ଜଣେ ଅଧ୍ୟାପକ ବହି ଧରି ପଢାଇ ନ ଥାନ୍ତି। ସେଥିପାଇଁ ତାଙ୍କର ଭାଷାଚାତୁରି, ପାଠଦାନ କୌଶଳ ଏବଂ ଆନ୍ତରିକତା ବେଶ ସହାୟକ ହୋଇଥାଏ। ଏଥିପାଇଁ ଚାପମୁକ୍ତ ଜୀବନ ନିହାତି ଆବଶ୍ୟକ। ଏଠାରେ ଛାତ୍ରମାନଙ୍କୁ ପଢାଇ ମଣିଷ କରିବାକୁ କିଏ କେତେ ସମୟ କଲେଜରେ ରହିଲା ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ, ତା' ଅପେକ୍ଷା କିଏ କେତେ କ୍ଲାସ୍ ନେଲା ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏ ପର୍ଯ୍ୟନ୍ତ ସରକାର ଚିନ୍ତା କଲେଣି କି, କଲେଜରେ ୧୧ ହଜାର, ୩୬ ହଜାର ପାଉଥିବା ଏବଂ ୧ ଲକ୍ଷରୁ ଅଧିକ ଟଙ୍କା ଦରମା ପାଉଥିବା ଅଧ୍ୟାପକ ସମାନ କ୍ଲାସ କରୁଛନ୍ତି ନାଁ ସେଥିରେ କିଛି ତାରତମ୍ୟ ରହିଛି? ମୋ ମତରେ ଅଧ୍ୟାପକମାନଙ୍କୁ ନିର୍ଦ୍ଦିଷ୍ଟ ଘଣ୍ଟା କଲେଜରେ ରହିବାକୁ ବାଧ୍ୟ କରିବା ଅପେକ୍ଷା ପ୍ରତ୍ୟେକ ଅଧ୍ୟାପକଙ୍କୁ ନିର୍ଦ୍ଦିଷ୍ଟ ସଂଖ୍ୟକ କ୍ଲାସ୍ ନେବାକୁ ବାଧ୍ୟତାମୂଳକ କରିବା ଅଧିକ ଉପଯୁକ୍ତ ହୁଅନ୍ତା।

ପ୍ରଦୀପ ମହାନ୍ତି, ଯାଜପୁର

### ବୀଜବିକ୍ଷେପ ସହିତ ତାଳବଣ ସୃଷ୍ଟି କରିବା

ପ୍ରଳୟଙ୍କରୀ ବାତ୍ୟା ଫନୀ ଧ୍ୱଂସର ତାଣ୍ଡବ ରଚିଲା ଓଡିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ। ଧନଜୀବନର ବ୍ୟାପକ କ୍ଷୟକ୍ଷତି ହେଲା ଓ ଟଳିପଡିଲା ଲକ୍ଷଲକ୍ଷ ଗଛ। ପରିବେଶ ଉପରେ ସାଂଘାତିକ ପ୍ରଭାବ ପଡିଲା। ତେଣୁ ଆମେ ବୃକ୍ଷରୋପଣ ଓ ବୀଜବିକ୍ଷେପ ସହିତ ତାଳବଣ ସୃଷ୍ଟି କରିବା ଉଚିତ। ଲୋକେ ପାଚିଲା ଆମ୍ବ, ପଣସ, ଖଜୁରି, ତାଳ, ଜାମୁ ଆଦି ଖାଇ ତା'ର ମଞ୍ଜିକୁ ଏଣେତେଣେ ନ ଫୋପାଡ଼ିଦିଅନ୍ତି। ଆପଣମାନେ ଏହାକୁ ନ ଫୋପାଡ଼ି ଖୋଲା ପଡ଼ିଆ କିମ୍ବା ରାସ୍ତାକଡରେ ପକାଇଦିଅନ୍ତୁ। ବର୍ଷାଦିନ ହେତୁ ଏହି ମଞ୍ଜି ଗଜା ହୋଇ ଗଛ ଆପେ ବଢ଼ି ସବୁଜ ପରିବେଶ ସୃଷ୍ଟି କରିବ। ଚାଷୀଟେ ବିଲରେ ଚାଷ କାର୍ଯ୍ୟରେ ଲିପ୍ତ ଥିବା ବେଳେ ବିଜୁଳି ସାଧାରଣତଃ ଚାଷୀ ଉପରେ କିମ୍ବା ଉଚ୍ଚ ଗଛ ଉପରେ ପଡିଥାଏ। ବିଜୁଳିରୁ ଚାଷୀ ନିଜ ଜୀବନକୁ ରକ୍ଷା କରିବା ପାଇଁ ବିଲର ହିଡ଼ରେ ପ୍ରଚୁର ତାଳବଣ ସୃଷ୍ଟି କରିବା ଆବଶ୍ୟକ। ଗଛ ଲଗାଇ ଆମର ଉତ୍ତରପିଢିର ଭବିଷ୍ୟତ ସୁରକ୍ଷିତ କରିବାର ଆବଶ୍ୟକତା ରହିଛି।

କପିଳାସ କୁମାର ବେହେରା, kumarkapilash958@gmail.com

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ପ୍ରତିବର୍ଷ ଅଗଷ୍ଟ ୧୫କୁ ଭାରତ ସ୍ୱାଧୀନତା ଦିବସ ଭାବେ ପାଳନ କରିଥାଏ। କାରଣ ଭାରତୀୟଙ୍କ ପାଇଁ ଏହି ଦିନର ମହତ୍ତ୍ୱ ଖୁବ୍ ଅଧିକ। ହେଲେ ଭାରତରେ ଏମିତି ଏକ ଗାଁ ଅଛି ଯେଉଁଠି ଲୋକେ ସ୍ୱାଧୀନତାର ୭୦ବର୍ଷରୁ ଊର୍ଦ୍ଧ୍ୱ ହେଲା ନିଜକୁ ପରାଧୀନ ବୋଲି ଧରି ନେଇଛନ୍ତି। କାରଣ ଏମାନେ ଆଜି ମଧ୍ୟ ପରାଧୀନ ଭଳି ରହୁଛନ୍ତି। ହରିୟାଣାର ରୋହନତ୍ ଗାଁରେ ସ୍ୱାଧୀନତା ସହ ଜଡ଼ିତ କୌଣସି ପର୍ବ ପାଳନ କରାଯାଏ ନାହିଁ। କେବଳ ସ୍ୱାଧୀନତା ଦିବସ ନୁହେଁ, ଏଠାରେ ସାଧାରଣତନ୍ତ୍ର ଦିବସ ମଧ୍ୟ ପାଳନ କରାଯାଇ ନ ଥାଏ। ଇତିହାସ କହେ ଇଂରେଜମାନେ ଏଠାରେ ଜାଲିଆନାୱାଲାବାଗ ଭଳି ନରସଂହାର କରିବା ସହ ୧୮୫୭ କ୍ରାନ୍ତିକାରୀ ବିପ୍ଳବରେ ଯେଉଁମାନେ ଅଂଶଗ୍ରହଣ କରିଥିଲେ ସେମାନଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ। ଏହାସହ ଗାଁରେ ତୋପ ଫୁଟାଇ ଅନେକଙ୍କୁ ମାରିଦେବା ସହ କେତେକଙ୍କୁ ରୋଲର ଚଢାଇ ଇଂରେଜମାନେ ମାରି ଦେଇଥିବା କୁହାଯାଏ। ଏମିତି ପରିସ୍ଥିତିରେ ଅନେକ ମହିଳା କୂଅକୁ ଡେଇଁ ଆତ୍ମହତ୍ୟା କରିଥିବା ମଧ୍ୟ ଇତିହାସରେ ବର୍ଣ୍ଣନା କରାଯାଇଛି। ଏମିତି ସବୁ ଘଟଣା ଇତିହାସ ପୃଷ୍ଠାରୁ ତଥା ବୟସ୍କ ବ୍ୟକ୍ତିଙ୍କଠାରୁ ଶୁଣିବା ପରେ ଆଜିବି ରୋହନତ୍ ଗାଁର ଲୋକେ ନିଜକୁ ପରାଧୀନ ବୋଲି ଭାବି ଗାଁରେ ଜାତୀୟ ପତାକା ଉଡାଉ ନ ଥିଲେ। ଏବେ ସରକାରଙ୍କର ବିଭିନ୍ନ ଯୋଜନା ମାଧ୍ୟମରେ ଗାଁର ଉନ୍ନତି କରାଯାଇଥିବା ବେଳେ ଗାଁ ଲୋକଙ୍କ ମନ ଧୀରେ ଧୀରେ ପରିବର୍ତ୍ତନ ହେଉଥିବା ଲକ୍ଷ୍ୟ କରାଯାଉଛି। କାରଣ ୨୦୧୮ ସ୍ୱାଧୀନତା ଦିବସରେ ସେଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିବା କେତେଜଣ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ତେଣୁ ଚଳିତବର୍ଷ ସ୍ୱାଧୀନତା ଦିବସରେ ଏଠାରେ ଜାତୀୟ ପତାକା ଉତ୍ତୋଳନ କରାଯିବ ବୋଲି ଆଶା କରାଯାଉଛି।

## ଚିରନ୍ତନୀ

ହେଉ ଅନ୍ଧ ଏ ନୟନ
ନିନ୍ଦା ତବ ଦେଖେଁ ଯଦି ତାହା,
ସବୁ ଦରଶନ ମମ
ହେଉ ଦୂର, ଜୀବନର ନାହା !
ଏ ବଦନେ ତବ ନାମ
ଧରି ଯଦି କରେ ଅପମାନ,
ସେ ରସନା ଲଭୁ ମୋର
ସକଳ ରସର ଅବସାନ।

(ଆସ୍ତିକର ଆକୁତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୪ ଅଗଷ୍ଟ ୧୯୯୪

- ରୁଷିଆର ଦକ୍ଷିଣ ପ୍ରଜାତନ୍ତ୍ର ଚେଚେନ୍ୟାର ବିରୋଧୀ ଦଳ ସ୍ୱେଚ୍ଛାଚାରୀ ଅପରାଧୀ ତଥା ଏକଛତ୍ରବାଦୀ ସରକାରଠାରୁ ଜୋର କରି କ୍ଷମତା ଦଖଲ କରିଛି।
- ପ୍ରତିଭୂତି ହେରଫେର ସଂକ୍ରାନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟକୁ କେନ୍ଦ୍ର କରି ଦେଖାଦେଇଥିବା ଅଚଳାବସ୍ଥାକୁ ଏଡ଼ାଇବା ପାଇଁ ଲୋକ ସଭା ବାଚସ୍ପତି ଶିବରାଜ ପାଟିଲ ଏବଂ ବିରୋଧୀ ଦଳର ନେତାମାନଙ୍କ ବୈଠକ ବିଫଳ।
- ଇଟାଲୀରେ ଅନୁଷ୍ଠିତ ୨୫ତମ ତାଓରମାନା ଆର୍ଟ ଆନ୍ତର୍ଜାତିକ ଫିଲ୍ମ ଉତ୍ସବରେ 'ପତଙ୍ଗ' ଚଳଚ୍ଚିତ୍ର ପାଇଁ ସାବ୍‌ନା ଆଜମୀଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 8 | D | | | | | | 6 | 9 | | C | |
| | B | | A | | | | E | | D | 0 | | 1 | | 7 |
| | 3 | 9 | | | 5 | | | | B | 8 | 2 | | E | |
| 0 | | | 1 | | | | | | | | | 8 | A | |
| | | 7 | | | 4 | B | | | A | | | | 0 | |
| | A | | | 5 | | | | | | D | 3 | C | 1 | |
| C | | | B | 1 | | | | 7 | | | | | | 5 |
| E | | 6 | C | | D | | | | | | | 3 | | |
| | 5 | | 0 | E | | | | 3 | | A | | | 7 | 8 |
| 8 | | | | | 3 | | 0 | | | | | 9 | | |
| | | 5 | | 8 | | | | | 3 | C | | | | D |
| | | | | 3 | 6 | | | 1 | | | | E | 9 | |
| B | | | | | 1 | | | C | E | | 5 | 2 | | |
| | 8 | | 7 | | | | | 2 | | | | 5 | | 0 |
| | 9 | | | 0 | | | | 8 | | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 1 | 7 | 8 | E | 3 | A | 5 | C | 6 | 9 | B | 4 | 0 | 2 |
| 2 | E | 0 | 5 | 1 | 7 | 4 | 6 | 9 | D | C | 3 | 8 | A | B |
| 8 | 9 | 4 | 6 | A | C | B | 0 | D | 2 | E | 1 | 5 | 7 | 3 |
| C | 5 | A | B | 2 | 9 | 3 | 8 | 1 | 0 | 4 | 7 | D | E | 6 |
| B | 6 | 3 | D | 0 | 4 | E | 7 | 2 | 5 | A | 8 | 9 | 1 | C |
| E | 8 | 1 | 3 | 6 | 2 | C | D | 7 | A | 5 | 9 | B | 4 | 0 |
| 9 | B | 6 | 1 | D | A | 8 | 4 | 0 | E | 3 | 2 | 7 | C | 5 |
| 0 | 4 | C | 9 | 7 | E | 5 | 2 | 3 | B | 1 | 6 | A | D | 8 |
| 7 | 2 | 5 | 0 | 4 | B | 9 | A | E | C | 8 | D | 3 | 6 | 1 |
| 3 | A | D | C | 5 | 8 | 6 | 1 | B | 7 | 0 | 4 | 2 | 9 | E |
| A | 0 | B | 4 | 9 | D | 1 | E | 6 | 8 | 2 | 5 | C | 3 | 7 |
| 4 | 3 | E | 2 | 8 | 1 | 0 | C | 5 | 9 | 7 | A | 6 | B | D |
| 5 | C | 9 | 7 | B | 6 | 2 | 3 | A | 1 | D | 0 | E | 8 | 4 |
| 6 | 7 | 2 | E | 3 | 0 | D | 9 | 8 | 4 | B | C | 1 | 5 | A |
| 1 | D | 8 | A | C | 5 | 7 | B | 4 | 3 | 6 | E | 0 | 2 | 9 |

ଗତକାଲିର ଉତ୍ତର

## ସଂକ୍ଷେପରେ

### ଜନସୁରକ୍ଷା ପରିଷଦର ନୂତନ କର୍ମକର୍ତ୍ତା

**ଢେଙ୍କାନାଳ ଅଫିସ, ୩।୮:** ଢେଙ୍କାନାଳ ସହର ଉପକଣ୍ଠ ସିମିଳିଆ ଗୁପ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଜନ ସୁରକ୍ଷା ପରିଷଦର ସାଧାରଣ ପରିଷଦ ବୈଠକ ସାମାଜିକ କର୍ମୀ ବିନାୟକ ଶତପଥୀଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ପୁରୁଣା କମିଟି ଭଙ୍ଗାଯାଇ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ବିନାୟକ ଶତପଥୀ, ଉପଦେଷ୍ଟା ବଂଶୀଧର ଷେଣ୍ଡ, ଆଇନଜୀବୀ ପ୍ରମୋଦ କୁମାର ମିଶ୍ର, ଉପସଭାପତି ସୟଦ ସବୀର ଅଲ୍ଲୀ, ସାଧାରଣ ସମ୍ପାଦକ ବାହାଦୁର ପାଟସାହାଣୀ, ସହକାରୀ ସମ୍ପାଦକ କମଳ ମିଶ୍ର, କୋଷାଧକ୍ଷ ଭାବେ ଶ୍ରୀବତ୍ସ ଜେନା ନିର୍ବାଚିତ ହୋଇଛନ୍ତି। ଗୋବିନ୍ଦ ଶତପଥୀ, ରୁଦ୍ର ନାରାୟଣ ସାହୁ, ଦିଲୀପ ବେହେରା, ଅମ୍ବିକା ପ୍ରସାଦ ବରାଳ, ଈଶ୍ୱର ଚନ୍ଦ୍ର ମୁଦୁଲି, ସଚ୍ଚିଦାନନ୍ଦ ସିଂ, ଅଧାପକ କ୍ଷୀରୋଦ ଚନ୍ଦ୍ର ନାୟକ, ଧ୍ରୁବଚରଣ ସାହୁ, କୁଞ୍ଜବିହାରୀ ସାହୁ, ଅଶୋକ କୁମାର ପୃଷ୍ଟି ପ୍ରମୁଖ କାର୍ଯ୍ୟକାରୀ କମିଟିରେ ସ୍ଥାନ ପାଇଛନ୍ତି।

### କ୍ୱାର୍ଟର ଫାଇନାଲରେ ମଣ୍ଟଫୋର୍ଟ ସ୍କୁଲ

**ଢେଙ୍କାନାଳ ଅଫିସ, ୩।୮:** ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲା ବିଦ୍ୟାଳୟସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଶନିବାର ଅନୁଷ୍ଠିତ ମ୍ୟାଚରେ ହିନ୍ଦୋଳକୁ ୬-୦ ଗୋଲ୍‌ରେ ପରାସ୍ତ କରି ମଣ୍ଟଫୋର୍ଟ ସ୍କୁଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅନିଲ ନନ୍ଦ, ପର୍ଶୁରାମ ମିଶ୍ର, ସୁଶୀଲ ପଣ୍ଡା ରେଫରି ଏବଂ ମାୟାଧର ସାହୁ ମ୍ୟାଚ୍ କମିଶନର ରହିଥିଲେ। ଜିଲା କ୍ରୀଡ଼ା ସଂଘ ଉପସଭାପତି ସଞ୍ଜୟ ଭଞ୍ଜ, ପ୍ରତାପ ମହାନ୍ତି, ଅଭିଜିତ ମିଶ୍ର ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ଗଁଦିଆ ବ୍ଲକ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ମଧରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସଂଘ ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି।

### କଂଗ୍ରେସ ନେତାଙ୍କ ସ୍ମୃତିସଭା

**ଢେଙ୍କାନାଳ ଅଫିସ, ୩।୮:** ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ନଗରପାଳ ଶ୍ରୀଧର ସାହୁଙ୍କ ବିୟୋଗରେ ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ଏ ନେଇ ଶନିବାର ଅପରାହ୍ଣରେ ସଙ୍ଗଠନର କାର୍ଯ୍ୟାଳୟରେ ବୈଠକ ଆୟୋଜନ କରାଯାଇଥିଲା। ସଭାପତି କାଳିନ୍ଦୀ ଚରଣ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସ୍ମୃତିସଭାରେ ସମ୍ପାଦକ ବସନ୍ତ କୁମାର ସାହୁ, ଉପେନ୍ଦ୍ର ସାହୁ, ମାୟାଧର ସାହୁ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଶ୍ରୀଧରଙ୍କ ବିୟୋଗ ତୈଳିକ ସମାଜ ପ୍ରତି ଶକ୍ତଧକ୍କା ବୋଲି ମତପ୍ରକାଶ ପାଇଥିଲା। ପ୍ରତାପ ସାହୁ, ବିଜୟ ବେହେରା, ମାନସ ସାହୁ, ଦିଲୀପ ସାହୁ, ମାୟାଧର ସାହୁ, ଶତ୍ରୁଘ୍ନ ସାହୁ, ଭରତ ସାହୁ, କୁବେର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବିଲରେ ପଶିଗଲା ଟ୍ରକ୍, ୪ ଶ୍ରମିକ ଆହତ



**ପରଜଙ୍ଗ, ୩।୮(ଡି.ଏନ.ଏ.):** ପରଜଙ୍ଗ ଥାନା ଅନ୍ତର୍ଗତ ଡିହଡୋଳ-ମହାବିରୋଡ଼ ପୂର୍ତ୍ତ ବିଭାଗ ରାସ୍ତାର କଙ୍କଡାସୋଡ଼ା ଗ୍ରାମ ନିକଟରେ ଶନିବାର ସନ୍ଧ୍ୟାରେ ଏକ ଟ୍ରକ୍ (ଓଆର୍ ୧୪ ଏମ୍ ୦୯୩୫) ଭାରସାମ୍ୟ ହରାଇ ବିଲରେ ପଶିଯାଇଛି। ଏଥିରେ ଟ୍ରକ୍ ଚାଳକ ନବକିଶୋର ବେହେରା, ଜରପଡ଼ା ଥାନା କଞ୍ଚରା ମାହାରା ସାହିର ପ୍ରଶାନ୍ତ ମାହାରା, ପର୍ଶୁରାମ ମାହାରା, ଲେମ୍ବୁ ମାହାରା ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। କାଳିଆହତା ଗ୍ରାମରେ ପାଉଁଶ ଇଟା ଅନ୍‌ଲୋଡ୍ କରି ବଅଁରପାଳ ସନ୍ତିରି ଇଟା ଫ୍ୟାକ୍ଟ୍ରିକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି।

# ଭୁଶୁଡ଼ି ପଡ଼ିଲା ପାନୀୟଜଳ ପ୍ରକଳ୍ପ

**ପରଜଙ୍ଗ, ୩।୮(ଡି.ଏନ.ଏ.)**



ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ନୂଆଁକୁଆଳୋ ଗ୍ରାମରେ ଗତ ଫେବୃୟାରୀରେ ଲୋକାର୍ପିତ ହୋଇଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଡିପ୍‌ୱେଲ ଶନିବାର ଭୁଶୁଡ଼ି ପଡ଼ିଛି। ଏଥିରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ନିମ୍ନମାନର କାମ ଯୋଗୁ ୬୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପ୍ରକଳ୍ପ ୬ମାସ ତିଷ୍ଠିଲାନି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ପ୍ରକଳ୍ପ ନଷ୍ଟ ହୋଇଯିବା ପରେ ଏବେ ୩୦୦ରୁ ଊର୍ଦ୍ଧ୍ୱ ପରିବାରକୁ ଘାରିଛି ପାନୀୟ ଜଳ ଚିନ୍ତା।

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ 'ବସୁଧା' ଯୋଜନାରେ ଉକ୍ତ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏଥିରେ ପ୍ରାୟ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଅନୁଦାନ ଟଙ୍କାରେ ଓଭରହେଡ୍ ପାଣିଟାଙ୍କି, ଡିପ୍ ୱେଲ୍, ପାଇପ ବିଛାଇବା କାର୍ଯ୍ୟ କରାଯାଇଥିଲା। କେବଳ ଡିପ୍ ୱେଲ, ଏହାର ସୁରକ୍ଷା ପାଚେରି, ମୋଟର ସଂଯୋଗ ବ୍ୟବସ୍ଥା, ଘୋଡ଼ଣି, ବିଦ୍ୟୁତୀକରଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିଲା। କାର୍ଯ୍ୟକ୍ଷମ ହେବାପରେ ଅଞ୍ଚଳ ୩୦୦ରୁ ଊର୍ଦ୍ଧ୍ୱ ପରିବାର ଏହି ପ୍ରକଳ୍ପରୁ ଉପକୃତ ହେଉଥିଲେ। ହେଲେ ଶନିବାର ପୂର୍ବାହ୍ଣରେ ହଠାତ୍ ଡିପ୍‌ୱେଲ ଭୁଶୁଡ଼ି ପଡ଼ିଛି। କୂଅ ଭିତରେ ସମସ୍ତ ସାମଗ୍ରୀ ପୋତି ହୋଇଯାଇଛି। ସୁରକ୍ଷା ପାଚେରି ମଧ ଭାଙ୍ଗିଯାଇଛି।

- ବସୁଧା ଯୋଜନାରେ ତିଆରି ହୋଇଥିଲା
- ୬ମାସ ତିଷ୍ଠିଲାନି, ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବରବାଦ
- ନିର୍ମାଣ ସମୟରେ ଡିପ୍‌ୱେଲରେ ହୋଇଥିଲା ଫାଟ
- ଅଭିଯୋଗକୁ ଅଣଦେଖା କରାଯାଇଥିବା ଅଭିଯୋଗ
- ପାଣି ଚିନ୍ତାରେ ୩୦୦ରୁ ଊର୍ଦ୍ଧ୍ୱ ପରିବାର

ଅଞ୍ଚଳବାସୀଙ୍କ କହିବା କଥା, ଗ୍ରାମାଞ୍ଚଳର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର 'ବସୁଧା' ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ଟେଣ୍ଡର ପାଉଥିବା ଠିକାଦାରମାନେ ଏହାକୁ ଖାମଖିଆଲ ଭାବେ ନେଉଛନ୍ତି। ସେମାନେ ନିଜେ କାମ ନ କରି ପେଟି କଣ୍ଟ୍ରାକ୍ଟରଙ୍କୁ ନିୟୋଜିତ କରୁଛନ୍ତି। ଅଧିକାରୀମାନେ ମଧ କାମ ଠିକ୍ ଭାବେ ତଦାରଖ କରୁନାହାନ୍ତି। ଫଳରେ ନିମ୍ନମାନର କାର୍ଯ୍ୟ କରାଯାଉଛି। କାମ ସମୟରେ କୂଅରେ ଫାଟ ସୃଷ୍ଟି ହୋଇଥିଲା। ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କେହି କର୍ଣ୍ଣପାତ କରି ନ ଥିଲେ। ଠିକାଦାର ମନଇଚ୍ଛା କାମ କଲେ। ତେଣୁ ଏପରି ଦୁର୍ଘଟଣା ଘଟିଲା। ବର୍ଷାଦିନେ ପ୍ରକଳ୍ପ ଅଚଳ ହୋଇପଡ଼ିବା ସମସ୍ୟା ସୃଷ୍ଟି କରିବ। ବିଶୁଦ୍ଧ ପାଣି ମୁନ୍ଦାଏ ମିଳିବ ନାହିଁ। ଏଥିପାଇଁ ଉଭୟ ଅଧିକାରୀ ଏବଂ ଠିକାଦାର ଦାୟୀ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପ୍ରକଳ୍ପକୁ ତୁରନ୍ତ ପୁନରୁଦ୍ଧାର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଏ ନେଇ ପରଜଙ୍ଗ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ତ୍ରିଲୋଚନ ପ୍ରଧାନ କୁହନ୍ତି, କୂଅର ଗୋଟିଏ ପାର୍ଶ୍ୱ ଦବିଯିବାରୁ ପ୍ରକଳ୍ପ ଭୁଶୁଡ଼ି ପଡ଼ିଛି। ଠିକାଦାର ଅକ୍ଷୟ କୁମାର ମୁକୁଟଙ୍କୁ ପୁଣି ଥରେ ଏହି କାମ କରିବାକୁ ନିର୍ଦ୍ଦେଶ ଦିଆଯିବ। କୂଅ ଭୁଶୁଡ଼ି ପଡ଼ିଛି ଯେତେବେଳେ, ଲୋକମାନେ ନିମ୍ନମାନର କାମ ହୋଇଥିବା ଅଭିଯୋଗ କରିବେ। ଯଦି ନିମ୍ନମାନର କାମ ହୋଇଥାନ୍ତା ତେବେ ସଙ୍ଗେ ସଙ୍ଗେ ଭୁଶୁଡ଼ି ପଡ଼ିଥାନ୍ତା। ଏତେ ମାସ ରହି ନ ଥାନ୍ତା ବୋଲି ସେ କହିଛନ୍ତି। ତେବେ ଯନ୍ତ୍ରୀଙ୍କ ଏପରି ଯୁକ୍ତିକୁ ନାପସନ୍ଦ କରିଛନ୍ତି ଗ୍ରାମବାସୀ। ଏହା ଠିକାଦାରଙ୍କ ପ୍ରତି ଅଧିକାରୀଙ୍କ ଅହେତୁକ ଅନୁକମ୍ପା ବୋଲି ସେମାନେ କହିଛନ୍ତି। ଏଥିସହ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

■ଆବାସ ଯୋଜନା ଅନୁଦାନ ଅଟକାଇବା ଘଟଣା

# ତଦନ୍ତ କଲେ ଉପଜିଲାପାଳ

**ଭୁବନ, ୩।୮(ଡ.ଏନ୍.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ଭୁବନ ଏନ୍‌ଏସି ଅନ୍ତର୍ଗତ ୩ନଂ. ୱାର୍ଡର ୮ଜଣ ହିତାଧିକାରୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଅନୁଦାନ ଟଙ୍କା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଥିଲା। ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଶନିବାର ଏହାର ତଦନ୍ତ କରିଛନ୍ତି। ଏନ୍‌ଏସି କର୍ତ୍ତୃପକ୍ଷ କେଉଁ କାରଣରୁ ଅନୁଦାନ ଅଟକାଇ ରଖିଛନ୍ତି ତାହାର ତଦନ୍ତ କରିବା ଏବଂ ଯଥାଶୀଘ୍ର ହିତାଧିକାରୀଙ୍କୁ ଅନୁଦାନ ଅର୍ଥ ପ୍ରଦାନ କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ବିକାଶ ମଲ୍ଲିକ, ପ୍ରକାଶ ମଲ୍ଲିକ, ଭଗବାନ ମଲ୍ଲିକ, ରବି ମଲ୍ଲିକ, ଛବି ମଲ୍ଲିକ, ଗିରିଧାରୀ ମଲ୍ଲିକ, ଗୋକୁଳ ମଲ୍ଲିକ ଏବଂ ନକୁଳ ମଲ୍ଲିକଙ୍କୁ ଗତ ଫେବୃୟାରୀ ୨ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇଥିଲା। ଆବଶ୍ୟକ ତଦନ୍ତ ପରେ ସେମାନଙ୍କୁ ଏନ୍‌ଏସି ପକ୍ଷରୁ କାର୍ଯ୍ୟାଦେଶ ଦିଆଯାଇଥିଲା। ହିତାଧିକାରୀମାନେ କାର୍ଯ୍ୟ ଆରମ୍ଭ କରିବା ପରେ ୨୦୧୯ ଜୁଲାଇ ୨୨ରେ ଏନ୍‌ଏସି କର୍ତ୍ତୃପକ୍ଷ କାମବନ୍ଦ କରିବାକୁ ନୋଟିସ୍ କରିଥିଲେ। ହେଲେ ଉଦ୍ଦେଶ୍ୟମୂଳକ ଭାବେ ସେମାନଙ୍କ ଅନୁଦାନ ଅଟକାଇ ଦିଆଯାଇଥିବା ଅଭିଯୋଗ କରି ଜୁଲାଇ ୨୫ରେ କାର୍ଯ୍ୟାଦେଶ ପାଇଥିବା ବ୍ୟକ୍ତିମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟ ନ ମିଳିଲେ ଆନ୍ଦୋଳନ କରିବାକୁ ଚେତାବନୀ ମଧ ଦେଇଥିଲେ। କାଉନ୍‌ସିଲର ଅରୁଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସମ୍ପୃକ୍ତ ହିତାଧିକାରୀ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜାଣିବା ପରେ ଶନିବାର ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ଘଟଣାର ତଦନ୍ତ କରିଛନ୍ତି। ତହସିଲଦାର ଶକ୍ତିକାନ୍ତ ରାୟ, ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ, ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ କୁମାର ପରିଡ଼ା, କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ, ଜଗଦୀଶ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ଉପଜିଲାପାଳ ହିତାଧିକାରୀ ପରିବାରକୁ ଘଟଣା ସମ୍ପର୍କରେ ପଚାରି ବୁଝୁଛନ୍ତି।

# ସମାଧାନ ହେଲା ବିବାଦ: ଏକାଠି ହେଲେ ଦମ୍ପତି

**ଢେଙ୍କାନାଳ ଅଫିସ, ୩।୮**

ପୋଲିସ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସୌନ୍ଦର୍ଯ୍ୟା'ର ମିଳିତ ପ୍ରୟାସରେ ଶୁକ୍ରବାର ଏକ ପାରିବାରିକ ମାମଲାର ସମାଧାନ ହୋଇଛି। ଆପୋସ ବୁଝାମଣା ପରେ ବିବାଦର ଅନ୍ତଘଟିବା ସହ ଏକାଠି ହୋଇଛନ୍ତି ଦମ୍ପତି।

ଘଟଣାରୁ ଜଣାପଡ଼ିଛି, କଟକ ଜିଲା କଖଡ଼ି ଗ୍ରାମର ପ୍ରଶାନ୍ତ ମୁଦୁଲିଙ୍କ ବିବାହ ଢେଙ୍କାନାଳ ଜିଲା ଗୋବିନ୍ଦପୁର ପଞ୍ଚାୟତର ସବିତା ବାରିକଙ୍କ ମଧରେ ହୋଇଥିଲା। ହେଲେ ବିଭିନ୍ନ କାରଣକୁ କେନ୍ଦ୍ରକରି ଉଭୟଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ବିବାଦର ସମାଧାନ କରିବାକୁ ସବିତା ବିଭିନ୍ନ ସଙ୍ଗଠନର ଦ୍ୱାରସ୍ଥ ହୋଇଥିଲେ ମଧ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଶେଷରେ ସେ 'ସୌନ୍ଦର୍ଯ୍ୟା'ର ସଭାନେତ୍ରୀ ସ୍ମିତାରାଣୀ ସାମଲଙ୍କ ସହଯୋଗ ଲୋଡ଼ିଥିଲେ। ଏହାପରେ ପୋଲିସ ସହାୟତାରେ ଉଭୟ ସ୍ତ୍ରୀସ୍ୱାମୀଙ୍କୁ ମିଳାମିଶା ଉଦ୍ୟମ କରାଯାଇଥିଲା। ଅଳିଭା ମହିଳା ମହାସଂଘର ମମତାମୟୀ ପଣ୍ଡା, ଶାନ୍ତିଲତା ଦାସ, ରେଣୁବାଳା ସାହୁ, ସୁଶାନ୍ତ କୁମାର ଜେନା ପ୍ରମୁଖଙ୍କ ଉଦ୍ୟମରେ ଉଭୟେ ଏକାଠି ହୋଇଛନ୍ତି। ସେମାନେ ନିଜର ଶିଶୁପୁତ୍ରକୁ ଧରି ଘରକୁ ଫେରିଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଢେଙ୍କାନାଳ ଅଫିସ, ୩।୮**

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ କେ.ପି. ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ବିଦ୍ୟୁତ୍‌ପ୍ରଭା ନନ୍ଦଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପତିଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପରିଚାଳନା କମିଟି ଅଧକ୍ଷ ଅରୁଣ ରାଉତ, ଶିକ୍ଷକ ଭ୍ରମରବର ପ୍ରଧାନ, ସଦାନନ୍ଦ ଭୋଳ, ଆଦିତ୍ୟ କବିଶତପଥୀ, କମଳିନୀ ମିଶ୍ର, ଶିକ୍ଷକ ନରେଶ କୁମାର ମହାରଣା ପ୍ରମୁଖ ଯୋଗଦେଇ ବିଦ୍ୟୁତ୍‌ପ୍ରଭାଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ।

# ଡମ୍‌ବେଲ ପଞ୍ଚରେ ସୁବ୍ରତଙ୍କ ରେକର୍ଡ

**ଢେଙ୍କାନାଳ ଅଫିସ, ୩।୮**



ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କୁରୁଣ୍ଟି ଗ୍ରାମର ସୁବ୍ରତ କୁମାର ସାମଲ ୧ ମିନିଟରେ ୩୩୪ ଥର ଡମ୍‌ବେଲ ପଞ୍ଚ ମାରି ବଜ୍ର ୱାର୍ଲ୍ଡ ରେକର୍ଡରେ ନିଜ ନାମକୁ ସାମିଲ କରିଛନ୍ତି। ଆଗାମୀ ଦିନରେ ସେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ସଫଳତା ପାଇଁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସୁବ୍ରତ ନିଜ ପ୍ରତିକ୍ରିୟାରେ କୁହନ୍ତି, ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶ ହେଉଛନ୍ତି ତାଙ୍କର ପ୍ରେରଣା। ଏହି ସଫଳତା ପଛରେ ମା' ଛନ୍ଦା ସାମନ୍ତସିଂହାର, ପିତା ବିଦ୍ୟାଧର ସାମଲଙ୍କ ଆଶୀର୍ବାଦ ରହିଛି। ସେ ଏବେ ଭୁବନେଶ୍ୱର ହାଇଟେକ୍ ମେଡିକାଲ ଆଣ୍ଡ ହସ୍ପିଟାଲର ବିଡିଏସ୍ ବିଭାଗରେ ଅଧୟନ କରୁଛନ୍ତି। ଗତବର୍ଷ ଦାର୍ଜିଲିଂରେ ସେ ପର୍ବତାରୋହଣ ଶିକ୍ଷା ଗ୍ରହଣ କରିଛନ୍ତି। ଏଥିସହ ୧୦୦ମିଟର ଜାତୀୟ ଡାକ୍ତର ବିଦ୍ୟାର୍ଥୀ ଦୌଡ ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିବା କହିଛନ୍ତି।

ଭାରସାମ୍ୟ ହରାଇ ଓଲଟିଲା ଇଟା ବୋଝେଇ ମିନିଟ୍ରକ୍

# ଜଣେ ମୃତ, ୪ ଗୁରୁତର

**କାମାକ୍ଷାନଗର, ୩।୮(ଡି.ଏନ.ଏ.)**

କାମାକ୍ଷାନଗର ଥାନା ଜଡ଼ାପାଳ ଛକରେ ଶନିବାର ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ଏକ ଇଟା ବୋଝେଇ ମିନିଟ୍ରକ୍ (ଓଆର୍ ୦୬ ଡି ୪୩୯୧) ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗେଙ୍ଗୁଟିଆ ଗ୍ରାମର ସୁରେଶ ମଲ୍ଲିକ (୪୦)। ଏଥିରେ ଗାଡ଼ି ଚାଳକ ଗୁଣ୍ଡିଚାପଡ଼ା ଗ୍ରାମର ଛବି ପରିଡ଼ା (୩୭), ଗେଙ୍ଗୁଟିଆ ଗ୍ରାମର ପରମା ମଲ୍ଲିକ (୩୨), ସନ୍ତୋଷ ମଲ୍ଲିକ (୩୭), ଜିତୁ ମଲ୍ଲିକ (୩୦) ଗୁରୁତର ହୋଇଛନ୍ତି। ଉକ୍ତ ମିନିଟ୍ରକ୍ ପଞ୍ଚୁପଟିରୁ ଇଟା ବୋଝେଇ କରି କଙ୍କଡ଼ାହାଡ଼ ଅଞ୍ଚଳକୁ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ କାମାକ୍ଷାନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସୁରେଶଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଥାନାଧିକାରୀ ନିରଞ୍ଜନ ସେଠୀ ସୂଚନା ଦେଇଛନ୍ତି।

■ଜିଲା ପ୍ରଶାସନକୁ ସ୍ୱାସ୍ଥ୍ୟସେବା ଚିନ୍ତା

# ଭିତ୍ତିଭୂମି ସଜାଡ଼ିବାକୁ ସରକାରଙ୍କୁ ପ୍ରସ୍ତାବ

**ଢେଙ୍କାନାଳ ଅଫିସ, ୩।୮**

ଢେଙ୍କାନାଳରେ ବିପର୍ଯ୍ୟସ୍ତ ହୋଇପଡ଼ିଛି ସ୍ୱାସ୍ଥ୍ୟସେବା। କେଉଁଠି ଡାକ୍ତର ତ ଆଉ କେଉଁଠି ଭିତ୍ତିଭୂମିର ଅଭାବ ରହିଛି। କେତେକ ସ୍ଥାନରେ ଭିତ୍ତିଭୂମି ଥିବା ସତ୍ତ୍ୱେ ଉପଲବ୍ଧ ହେଉନାହିଁ ଅତ୍ୟାବଶ୍ୟକ ଚିକିତ୍ସା ସୁବିଧା। ବିଳମ୍ବରେ ହେଲେ ମଧ ଲକ୍ଷ୍ୟଚ୍ୟୁତ ସ୍ୱାସ୍ଥ୍ୟସେବାକୁ ସୁଧାରିବା ନେଇ ଆଗ୍ରହ ପ୍ରକଟ କରିଛି ଜିଲା ପ୍ରଶାସନ। ଏ ନେଇ ରାଜ୍ୟ ସରକାରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ପ୍ରସ୍ତାବ ଦିଆଯାଇଛି।

- ଖୁବ୍‌ଶୀଘ୍ର ଜିଲା ଚିକିତ୍ସାଳୟରେ ଫିଜିଓଥେରାପି ବ୍ୟବସ୍ଥା

ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟକ୍ଷମ ହେବାପରେ ବାଜିଚୌକସ୍ଥିତ ପୁରୁଣା ମୁଖ୍ୟଚିକିତ୍ସାଳୟ ଅବହେଳିତ ହୋଇପଡ଼ିଛି। ଏହା କାର୍ଯ୍ୟକ୍ଷମ ହେଲେ ସହରବାସୀ ଆବଶ୍ୟକସ୍ଥଳେ ହାତପାହାନ୍ତାରେ ଚିକିତ୍ସା ସୁବିଧା ପାଇପାରିବେ। ଏଠାରେ କ୍ୟାନ୍‌ସର ରୋଗର ଚିକିତ୍ସା ଲାଗି ଆବଶ୍ୟକ ଭିତ୍ତିଭୂମି ରହିଛି। କର୍କଟ ରୋଗ ଚିକିତ୍ସା ପାଇଁ ସରକାରୀ କିମ୍ବା ବେସରକାରୀସ୍ତରରେ ସମ୍ପ୍ରସାରଣ କେନ୍ଦ୍ର ଖୋଲିବାକୁ ପ୍ରସ୍ତାବ ଦିଆଯାଇଛି। ଏଥିସହ ସେଠାରେ ପାଥୋଲୋଜି ଖୋଲିବା ଏବଂ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବାକୁ ମଧ ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି।

ସେହିପରି ଦକ୍ଷିଣକାଳୀ ରୋଡ୍‌ସ୍ଥିତ ନୂତନ ଜିଲା ଚିକିତ୍ସାଳୟରେ ଖୁବ୍‌ଶୀଘ୍ର ଫିଜିଓଥେରାପି ବ୍ୟବସ୍ଥା କାର୍ଯ୍ୟକ୍ଷମ ହେବ। ଏହାଦ୍ୱାରା ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଉପକୃତ ହୋଇପାରିବେ। ଏହାକୁ ବାଦ୍‌ଦେଲେ ଅତ୍ୟାଧୁନିକ ଅଟୋ ଆନାଲାଇଜର ପାଥୋଲୋଜି ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଏହା କାର୍ଯ୍ୟକାରୀ ହେଲେ ୪୦ ନମୁନା ଏକଥରକେ ପରୀକ୍ଷା ହୋଇପାରିବ। ଯେ କୌଣସି ନମୁନା ପରୀକ୍ଷା କରିବାରେ କୌଣସି ସମସ୍ୟା ହେବନାହିଁ। ଜିଲାରେ ଦୁର୍ଘଟଣାରେ ଗୁରୁତର ରୋଗୀଙ୍କ ସଂଖ୍ୟା ବୃଦ୍ଧିପାଉଛି। ଦୁର୍ଘଟଣାରେ ଶିକାର ହୋଇ ସଙ୍କଟାପନ୍ନ ଅବସ୍ଥାରେ ଆସୁଥିବା ରୋଗୀଙ୍କ ପାଇଁ ସିଟି ସ୍କାନ, ଅଲଟ୍ରାସାଉଣ୍ଡ ବ୍ୟବସ୍ଥା କରିବାକୁ ନିବେଦନ କରାଯାଇଛି। ଏହାକୁ ବାଦ୍ ଦେଲେ ୬ ଶଯ୍ୟା ବିଶିଷ୍ଟ ଆଇସିୟୁ, ଆବଶ୍ୟକ ଷ୍ଟାଫ୍ ନର୍ସ, କର୍ମଚାରୀ ପଦବୀ ପୂରଣ ଦିଗରେ ଦୃଷ୍ଟି ଦେବାକୁ ସରକାରଙ୍କୁ ଜଣାଯାଇଛି।

ଏ ସଂକ୍ରାନ୍ତରେ ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର କୁହନ୍ତି, ଜିଲାର ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସଜାଡ଼ିବା ପାଇଁ ସରକାରଙ୍କୁ ବିଭିନ୍ନ ପ୍ରସ୍ତାବ ଦିଆଯାଇଛି। ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା କରିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ସୂଚନା ଦେଇଛନ୍ତି।

NAGALAND STATE LOTTERIES
DEAR BUMPER
RAKHI-INDEPENDENCE
PRICE ₹100/-
1st Prize 1 CRORE
4th Draw on 17.08.2019
2nd Prize ₹10 Lakhs
Including Super Prize Amount
Watch Live Draw on YouTube
And Many More Attractive Prizes
POSTAGE FREE Tickets worth Rs. 2000/- will be sent by Regd. Post. Send BANK DRAFT / MONEY ORDER in favour of VIRA AGENCY payable at Kolkata with full ADDRESS & PIN CODE to the following address
Patrons are requested to give their Mobile nos., So that delivery of tickets are done without hassle
VIRA AGENCY 173 M. G. ROAD, KOLKATA - 700 007 Ph: 033 - 46015573 / 46025573

ODISHA JOINT ENTRANCE EXAMINATION-2019 (OJEE - 2019)

No: 396/OJEE19 Date: 03.08.2019

NOTICE

A Spot Round counselling for admission against the vacant seats of **MBBS / BDS** courses shall be conducted by Odisha Joint Entrance Examination Committee during 4th to 6th August, 2019 at the OJEE office, Gandamunda, Bhubaneswar. All candidates, listed in the OJEE State Merit List, irrespective of their admission status, are eligible to participate. Interested candidates are advised to refer to OJEE website (**www.ojee.nic.in**) for detailed information such as guidelines, seat matrix and schedule for this spot round counselling.

Sd/-
CHAIRMAN, OJEE

Estd. - 2009
A Government Engineering College
E-mail - pmecbam@gmail.com
Website - www.pmec.ac.in

PARALA MAHARAJA ENGINEERING COLLEGE
(A constituent college of Biju Patnaik University of Technology, Odisha, Rourkela)
SITALAPALLI: BERHAMPUR: DIST.:- GANJAM: PIN - 761003

No.PMEC/ACA/ 1514 Date:- 03/08/2019

NOTICE FOR REPORTING OF CANDIDATES FOR FINAL ADMISSION INTO 1ST SEMESTER B.TECH, 3RD SEMESTER B.TECH(LE) AND 1ST SEMESTER M.TECH PROGRAMME FOR THE ACADEMIC SESSION 2019-20

The candidates allotted by OJEE-2019 for admission in this college for 1st semester B.Tech, 3rd semester B.Tech(LE) and 1st semester M.Tech programme in the academic session 2019-20 are advised to visit college website i.e. **www.pmec.ac.in** for Date of reporting, Documents to be submitted during reporting, Commencement of classes and etc.

N.B.:- LAST DATE FOR REPORTING & ADMISSION IS 08.08.2019.

Sd/-
Principal
PMEC, Berhampur

ଧରିତ୍ରୀ
DHARITRI
ଢେଙ୍କାନାଳ, ରବିବାର,୪ ଅଗଷ୍ଟ, ୨୦୧୯

## ୫ ଜିଲାରେ ପ୍ରବଳ ବର୍ଷା
# ୪୮ ଘଣ୍ଟାରେ ଲଘୁଚାପ

**ଭୁବନେଶ୍ୱର,୩।୮(ବ୍ୟୁରୋ):** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି ଏବଂ ନୂଆପଡା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ଅରେଞ୍ଜ ୱାର୍ନିଂ ସତର୍କ ସୂଚନା ଜାରି କରିଛି। ଏଥିସହିତ ବଲାଙ୍ଗୀର, ବରଗଡ, ଗଜପତି, କେନ୍ଦୁଝର, ଖୋର୍ଦ୍ଧା, ଗଞ୍ଜାମ, ପୁରୀ ଓ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଉତ୍ତର ପୂର୍ବ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଆହୁରି ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୬ରୁ ୮ ତାରିଖ ଯାଏ ବର୍ଷା ଲାଗି ରହିବ। ଲଘୁଚାପକୁ ଦୃଷ୍ଟିରେ ରଖି ଆସନ୍ତା ୪ ତାରିଖରୁ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି।

# ରାଜଧାନୀରେ ଡବଲ୍ ଏନ୍କାଉଣ୍ଟର





ଏନ୍କାଉଣ୍ଟରରେ ଆହତ ଦୁଇ ଅଭିଯୁକ୍ତ ଅରୁଣ ଓ ବିବେକାନନ୍ଦ। ଜବତ ବନ୍ଧୁକ।

- ପୋଲିସ ଗୁଳିରେ ପୋଡ଼ା, ବିବେକ ଆହତ
- ଏସ୍‌ସିବି ମେଡିକାଲରେ ଭର୍ତ୍ତି
- ୩ଦିନିଆ ରିମାଣ୍ଡରେ ଆଣିବାକୁ ହେବ ଆବେଦନ

**ଭୁବନେଶ୍ୱର, ୩।୮(ବ୍ୟୁରୋ)/ ବାଲିଅନ୍ତା, (ଡି.ଏନ୍.ଏ.)**

ବାଲିଅନ୍ତା ଥାନା ଅନ୍ତର୍ଗତ ବାଲିଅନ୍ତା–ବାଳକାଟୀ ରାସ୍ତାର ଟଙ୍କପାଣି କୁଆଖାଇ ସେତୁ ନିକଟରେ ଡକାୟତି ଯୋଜନାବେଳେ କମିଶନ୍‌ରେଟ ପୋଲିସ ଏନ୍କାଉଣ୍ଟର କରିଛି। ଶନିବାର ଭୋର୍ ସମୟରେ ଘଟିଛି ଏହି ଘଟଣା। ପୋଲିସ ଗୁଳିରେ ଦୁଇଜଣ ଆହତ ହୋଇଥିବାବେଳେ ଆଉ ଦୁଇଜଣ ଘଟଣାସ୍ଥଳରୁ ଖସି ଯାଇଛନ୍ତି। ଆହତମାନେ ହେଲେ ବାଲେଶ୍ୱର ଜିଲା ସୋର ଥାନା ପଥରପେଣ୍ଠର ପୋଡ଼ା ଓରଫ ଅରୁଣ ମଲ୍ଲିକ (୪୨) ଓ କଟକ ଜିଲା ଆଠଗଡ଼ ଅରଖପାଟଣା ଅଞ୍ଚଳର ବିବେକ ଓରଫ ବିବେକାନନ୍ଦ ନାୟକ(୨୨)। ଅରୁଣଙ୍କ ବାମ ଗୋଡ଼ ଓ ବିବେକଙ୍କ ଜଙ୍ଘରେ ଗୁଳି ବାଜିଛି। ପୋଲିସ ପ୍ରଥମେ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ପୋଲିସ ଘଟଣାସ୍ଥଳରୁ ଏକ କାର, ଗୋଟିଏ ବନ୍ଧୁକ ଓ ଗୋଟିଏ ଗୁଳି ଜବତ କରିଛି। ସକାଳୁ ସାଇଣ୍ଟିଫକ୍ ଟିମ୍ ପହଞ୍ଚି ଏନ୍କାଉଣ୍ଟର ସ୍ଥାନକୁ ଚିହ୍ନଟ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଛି।

ଗତ ୩୦ ତାରିଖରେ ମଞ୍ଚେଶ୍ୱର ଥାନାଞ୍ଚଳରେ ଲଗାତାର ୪ଟି ବଡ଼ ଲୁଟ୍ ଓ ଡକାୟତି ହୋଇଥିଲା। ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ଅପରାଧୀଙ୍କ ଫୋନ୍ ନମ୍ବରକୁ ଟ୍ରାକ୍ କରିଥିଲା। ଶନିବାର ରାତିରେ ଟଙ୍କପାଣି ସେତୁ ନିକଟ ଅନ୍ଧାରୁଆ ସ୍ଥାନରେ ଏକ କାରରେ ୪ଜଣ ବ୍ୟକ୍ତି କୌଣସି ଅପରାଧ ପାଇଁ ଯୋଜନା କରୁଥିଲେ। ହେଲେ ଉକ୍ତ ରାତିରେ ପୋଲିସର ବ୍ଲକିଂ ଓ ଚେକିଂ ଚାଲୁଥିବାରୁ ସମ୍ଭବ ହୋଇ ନ ଥିଲା। ଏପରିକି ସହରରୁ ବାହାରିବା ସମ୍ଭବ ନ ଥିବାରୁ ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ସେତେବେଳକୁ ସେମାନଙ୍କ ଉପରେ ସ୍ପେଶାଲ ସ୍କ୍ୱାଡ୍‌ର ନଜର ପଡ଼ି ସାରିଥିଲା। ଭୋର୍ ପ୍ରାୟ ୪ଟା ସମୟରେ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଟଙ୍କପାଣି ସେତୁ ନିକଟ ରଙ୍ଗବଜାରଠାରେ ଉକ୍ତ କାରକୁ ଠାବ କରି ଚଢ଼ାଉ କରିଥିଲେ। ଚଢ଼ାଉରେ ସ୍ପେଶାଲ ଟିମ୍ ସହ ୪ ଥାନା ଅଧିକାରୀ ଓ ୩ ଏସିପି ସାମିଲ ଥିଲେ। ପୋଲିସକୁ ଦେଖି ଜଣେ ଅଭିଯୁକ୍ତ ପ୍ରଥମେ ଦୁଇ ରାଉଣ୍ଡ୍ ଗୁଳି ଚଳାଇଥିଲେ। ଜବାବ ଦେବାକୁ ଯାଇ ପୋଲିସ ପାଲଟା ଗୁଳି କରିବାରୁ ପୋଡ଼ା ଓ ବିବେକଙ୍କ ଗୋଡ଼ରେ ବାଜିଥିଲା।

ଅନ୍ୟପକ୍ଷରେ ଆହତ ଦୁଇଜଣ ଏବେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ହେବା ପରେ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବ। ଏହାସହ ୩ଦିନିଆ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରିବ। ପଚରାଉଚରା ପରେ ଅପରାଧ ପେଡ଼ି ଖୋଲିବ ବୋଲି ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ ସୂଚନା ଦେଇଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚତୁରେଇ, ବିରି ଦେଇଥାଏ ବତୁରେଇ**
**ଏଣେ ତେଣେ ଚାହିଁ ଗୋଟିଏ ଗୋଟିଏ**
**ଟୋକି ଦେଇଥାଏ ସୁତେରେଇ ।**

ସିଆଣିଆ ବ୍ୟକ୍ତିଙ୍କ ଏପରି ଚତୁରାମିକୁ କେହି ସହଜରେ ବୁଝି ବା ଧରି ପାରି ନ ଥାନ୍ତି। ଦୃଷ୍ଟି ଆଢୁଆଳରେ ରହି ଏପରି କୌଶଳରେ ନିଜ ଉଦ୍ଦେଶ୍ୟ ପୂରଣ କରାଇ ନିଅନ୍ତି, ଯେ ତା' ଟେର୍ କେହି ପାଇ ପାରି ନ ଥାନ୍ତି। ଅନ୍ୟର ଆଢୁଆଳରେ ଗୋଟି ଗୋଟି କରି ଲୁଟିନେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚାଉଳ ଡୋଲିକି ଓଲ୍ଟାଏ କଲି**
**ପାଞ୍ଚ କୁଣିଆଙ୍କ ପାଇଁ**
**ଯେତକ ଖାଇଲି ଲୁଚାଇ ଚୋରାଇ**
**ଦିହରେ ଲାଗିଲା ନାହିଁ ।**

ଖାଦ୍ୟଲୋଭି ବ୍ୟକ୍ତି ନିଜ ଜିହ୍ୱା ସମ୍ବରଣ କରିପାରି ନ ଥାନ୍ତି। ସୁସ୍ୱାଦ୍ୟ ଦେଖିଲେ କେମିତି ଖାଇବେ ସେଇ ଚିନ୍ତାରେ ରହିଥାନ୍ତି। ବହୁ କୁଣିଆଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି ହୋଇଥିବା ସ୍ଥଳେ ଲୋଭବଶତଃ ଲୁଚାଇ ଚୋରାଇ ଖାଇ ଦେହ ଖରାପ ହେବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ସାପ୍ତାହିକ କାର୍ଯ୍ୟକ୍ରମ

**୪।୭।୧୯**

**ଢେଙ୍କାନାଳ**

➤ମେଗା ଲିଗାଲ ସର୍ଭିସ୍ କ୍ୟାମ୍ପ
ସ୍ଥାନ: କଲ୍ୟାଣ ମଣ୍ଡପ
ସମୟ: ପୂର୍ବାହ୍ନ ୧୦ଟା।

➤ଜିଲାସ୍ତରୀୟ ସାରସ୍ୱତ ଆସର
ସ୍ଥାନ: ଗୋପବନ୍ଧୁ ଟାଉନ୍ ହଲ୍
ସମୟ: ପୂର୍ବାହ୍ନ ୧୦ଟା।

**ଅନୁଗୋଳ**

➤ବିଶ୍ୱ ବନ୍ଧୁତ୍ୱ ଦିବସ
ସ୍ଥାନ: ଅନୁଗୋଳ
ସମୟ: ପୂର୍ବାହ୍ନ ୧୦ଟା।

**ବଅଁରପାଳ**

➤ଇନ୍ଦ୍ରଦେବଙ୍କ ବାର୍ଷିକ ପୂଜା
ସ୍ଥାନ: ତୁଳସୀପାଳ ଆଲୁଆମୁଣ୍ଡା ପର୍ବତ
ସମୟ: ପୂର୍ବାହ୍ନ ୧୧ଟା।

**୫।୭।୧୯**

**ଢେଙ୍କାନାଳ**

➤ଜନ ଶୁଣାଣି ଶିବିର
ସ୍ଥାନ: ସଦର ବ୍ଲକ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।

**ବଅଁରପାଳ**

➤ନେପୁର ବୈଠକ
ସ୍ଥାନ: ନେପୁ କାର୍ଯ୍ୟାଳୟ
ସମୟ: ସନ୍ଧ୍ୟା ୭ଟା।

**ଅନୁଗୋଳ**

➤ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ
ସ୍ଥାନ: ଜିଲା କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।

➤କଲେଜ, ହାଇସ୍କୁଲସ୍ତରୀୟ ବକ୍ତୃତା ଏବଂ କଣ୍ଠ ସଙ୍ଗୀତ ପ୍ରତିଯୋଗିତା
ସ୍ଥାନ: ସ୍ୱୟଂଶାସିତ ମହାବିଦ୍ୟାଳୟ,

➤ମହିଳା ମହାବିଦ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।

➤ବିଦ୍ୟାସ୍ତରୀୟ ବକ୍ତୃତା, କଣ୍ଠ ସଙ୍ଗୀତ ପ୍ରତିଯୋଗିତା
ସ୍ଥାନ: ଅନୁଗୋଳ ଉଚ୍ଚ ବିଦ୍ୟାଳୟ
ସମୟ:ପୂର୍ବାହ୍ନ ୧୦ଟା।

**୬।୮।୧୯**

**ଅନୁଗୋଳ**

➤ବକ୍ତୃତା, ଦେଶାତ୍ମବୋଧକ କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା
ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।

**ବଅଁରପାଳ**

➤ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ
ସ୍ଥାନ: ନାଲ୍‌କୋ
ସମୟ: ସନ୍ଧ୍ୟା ୬ଟା।

➤ନେସର ବୈଠକ
ସ୍ଥାନ: ନେସ୍ କାର୍ଯ୍ୟାଳୟ
ସମୟ: ସନ୍ଧ୍ୟା ୭ଟା।

## ■ ଶେଷ ହେଲା ବିଧାନସଭା ଅଧିବେଶନ
# ୫ ଦିନ ଆଗରୁ ସରିଲା

**ଭୁବନେଶ୍ୱର,୩।୮(ବ୍ୟୁରୋ)**



ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନ ଶନିବାର ଶେଷ ହୋଇଛି। ନିର୍ଦ୍ଧାରିତ ସମୟର ୫ ଦିନ ପୂର୍ବରୁ ଅଧିବେଶନକୁ ବନ୍ଦ କରି ଦିଆଯାଇଛି। ଏହି ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଅଗଷ୍ଟ ୮ ତାରିଖ ଯାଏ ଚାଲିବାର ଥିଲା। ଏହାର ପ୍ରଥମ ପର୍ଯ୍ୟାୟ ଅଧିବେଶନ ଜୁନ ୨୫ରୁ ଆରମ୍ଭ ହୋଇ ଜୁଲାଇ ୨ ତାରିଖରେ ଶେଷ ହୋଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଜୁଲାଇ ୧୨ରୁ ଆରମ୍ଭ ହୋଇ ଅଗଷ୍ଟ ୩ ତାରିଖ ଯାଏ ଚାଲିଥିଲା। ଏଥିରେ ମୋଟ ୨୫ଟି କାର୍ଯ୍ୟ ଦିବସ ରହିଥିଲା। ଅଧିବେଶନ କାଳରେ ୮ଟି ଶୋକ ପ୍ରସ୍ତାବ ଗୃହରେ ଆଗତ ହୋଇଥିବା ବେଳେ ୧୨ଟି ମୁଲତବୀ, ୩ଟି ଦୃଷ୍ଟି ଆକର୍ଷଣକାରୀ ପ୍ରସ୍ତାବ, ୨୯୯୪ ଅଣତାରକା ପ୍ରଶ୍ନ, ୧୪୮ଟି ପେପର, ୧୯ଟି ବାର୍ଷିକ ରିପୋର୍ଟ, ବିଭିନ୍ନ ବିଭାଗର ୪୩ଟି ରିପୋର୍ଟ ଗୃହରେ ଆଗତ କରାଯାଇଥିଲା। ଏହି ସମୟରେ ୧୯ଟି ଖର୍ଚ୍ଚଦାବି ଆଲୋଚନା ହୋଇଥିବା ବେଳେ ୫ଟିବିଲ୍ ଗୃହର ଅନୁମୋଦନ ଲାଭ କରିଛି।

ଏହି ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ୨୦୧୯–୨୦ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଗୃହରେ ଉପସ୍ଥାପନ କରାଯାଇଥିଲା। ଏଥିସହିତ ଉପବାଚସ୍ପତି ନିର୍ବାଚନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅଧିବେଶନର ଦ୍ୱିତୀୟ ଭାଗରେ ବ୍ୟୟମଞ୍ଜୁରୀ ବିଲ୍ ଓ ଅତିରିକ୍ତ ଖର୍ଚ୍ଚ ଅନୁଦାନ ମଧ୍ୟ ଗୃହର ଅନୁମୋଦନ ଲାଭ କରିଥିଲା। ଏଥିସହିତ ଶେଷ ଦିବସରେ ଦୁଇଟି ବିଲ୍ ବିଧାନସଭାର ଅନୁମୋଦନ ଲାଭ କରିଥିଲା। ଏହି ଲମ୍ବା ଅଧିବେଶନ ବେଶ୍ ସରଗରମ ହୋଇଥିଲା। ବିରୋଧୀ ଦଳ ଦୁଇଫାଳ ହୋଇ ସରକାରଙ୍କୁ ଆକ୍ରମଣ କରିଥିଲେ। ତେବେ ଉଭୟ କଂଗ୍ରେସ ଓ ଭାଜପା ଶାସକ ଦଳକୁ ଘେରିବା ପରିବର୍ତ୍ତେ ପରସ୍ପରକୁ ଆକ୍ରମଣ କରିବା ଘଟଣା ଅତ୍ୟନ୍ତ ରୋମାଞ୍ଚକର ହୋଇଥିଲା। ଚାଷୀ ଆତ୍ମହତ୍ୟା, ଜଳସେଚନ, ଶିକ୍ଷା, ମରୁଡି, ଆଇନ ଶୃଙ୍ଖଳା, ନାବାଳିକା ବଳାତ୍କାର ଆଦି ଘଟଣାକୁ ନେଇ ବିରୋଧୀ ସରକାରଙ୍କୁ ଅଡୁଆରେ ପକାଇଥିଲେ।

## ଢାବା ମାଲିକ ରବୀନ୍ଦ୍ର ହତ୍ୟାକାଣ୍ଡର ପର୍ଦ୍ଦାଫାଶ

**ଯାଜପୁର ଅଫିସ/ କୋରେଇ(ନି.ପ୍ର.),୩।୮**

ଯାଜପୁର ଜିଲା ପାଣିକୋଇଲି ବସଷ୍ଟାଣ୍ଡ ରେଷ୍ଟସେଡ ନିକଟରେ ଥିବା ଢାବା ମାଲିକ ରବୀନ୍ଦ୍ର ସାହୁ (୩୧) ହତ୍ୟା ଘଟଣାର ଶନିବାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ରବୀନ୍ଦ୍ରଙ୍କ ୨ ଶଳା ଚନ୍ଦ୍ରକାନ୍ତ ମହାପାତ୍ର ଏବଂ ରଞ୍ଜନ ମହାପାତ୍ରଙ୍କୁ ପୋଲିସ ଗିରଫ କରିଛି। ଏଥିରେ ସମ୍ପୃକ୍ତା ଜଣେ ନାବାଳିକାଙ୍କୁ ଅଦାଲତରେ ହାଜର କରାଯାଇଛି। ଭଉଣୀଙ୍କୁ ନିର୍ଯାତନା ଓ ପରକୀୟା ପ୍ରୀତି ହିଁ ହତ୍ୟାକାଣ୍ଡର ପ୍ରମୁଖ କାରଣ ବୋଲି ଏସଡିପିଓ କେଦାରନାଥ ସାହୁ ସୂଚନା ଦେଇଛନ୍ତି। ରବୀନ୍ଦ୍ର ପାଣିକୋଇଲି ଥାନା ତେଲିଆବନ୍ଧ ଗ୍ରାମର ଝୁମା ମହାପାତ୍ରଙ୍କୁ ବିବାହ କରିଥିଲେ। ଦୁହିଁଙ୍କର ଏକ ପୁତ୍ର ସନ୍ତାନ ଅଛି। ରବୀନ୍ଦ୍ର ବିଭିନ୍ନ ସମୟରେ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହିବା ସହ ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ଜେଲ୍ ମଧ୍ୟ ଯାଇଥିଲେ। ଜାମିନରେ ଆସିବା ପରେ ସେ ପୁନର୍ବାର ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଚନ୍ଦ୍ରକାନ୍ତ ଏବଂ ରଞ୍ଜନ ଜୁଲାଇ ୬ ରାତିରେ ତାଙ୍କୁ ହତ୍ୟା କରିଥିଲେ। ଏଥିରେ ଚିଣ୍ଟୁଙ୍କ ନାବାଳିକା ପ୍ରେମିକା ସହଯୋଗ କରିଥିବା ପୋଲିସ କହିଛି।

## ନୃଶଂସତାର ସୀମା ଟପିଲେ ଜେଜେମା'

- ନିଜ ନାତିକୁ ଅମାନବୀୟ ଭାବେ ପିଟିଲେ
- ଭିଡିଓ ଭାଇରାଲ ପରେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଆରମ୍ଭ

**ବସ୍ତା, ୩।୮(ସ୍ୱ.ପ୍ର.)**

ପିଲାମାନଙ୍କୁ ମା' ବାପା ଆକଟ କଲା ବେଳେ ସେମାନେ ରକ୍ଷା ପାଇବା ପାଇଁ ଜେଜେମା' ଜେଜେବାପାଙ୍କ ପାଖକୁ ଦୌଡି ଯାଇଥାନ୍ତି। ସେମାନେ ଜେଜେମା' କୋଳରେ ନିଜକୁ ଅଧିକ ସୁରକ୍ଷିତ ମନେ କରନ୍ତି। ହେଲେ ବାଲେଶ୍ୱର ଜିଲା ବସ୍ତା ଥାନା ଭେଲୋରା ପଞ୍ଚାୟତର ଗଙ୍ଗାଧରପୁର ଗ୍ରାମରେ ଜଣେ ୭ ବର୍ଷର ବାଳକଙ୍କୁ ତାଙ୍କ ଜେଜେମା' ଅତି ନୃଶଂସ ଭାବେ ପିଟୁଥିବା ଭିଡ଼ିଓ ଭାଇରାଲ ହେବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଭିଡିଓରେ ଉକ୍ତ ମହିଳା ତାଙ୍କ ନାତିକୁ ଅମାନୁଷିକ ଭାବେ ଗୋଇଠା ମାରିବାର ଦୃଶ୍ୟ ଦେଖିବାକୁ ମିଳିଛି । ଏହି ଘଟଣାକୁ ଶିଶୁମଙ୍ଗଳ ବିଭାଗ ଗୁରୁତର ସହ ନେଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।

ଶିଶୁ ମଙ୍ଗଳ ବିଭାଗର ଅଧିକାରୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗଙ୍ଗାଧରପୁର ଗ୍ରାମର ରଞ୍ଜନ କୁମାର ଚଣ୍ଡ ଓ ତାଙ୍କ ସ୍ତ୍ରୀ ମଧୁସ୍ମିତା ବମ୍ବେରେ ରହି କାର୍ଯ୍ୟ କରନ୍ତି। ତାଙ୍କ ପୁଅ ବରୁଣ ତାଙ୍କ ଜେଜେମା ବୃନ୍ଦାବତୀଙ୍କ ନିକଟରେ ରୁହନ୍ତି। ଗତ ୧ତାରିଖ ରାତିରେ ବରୁଣ ଦୁଷ୍ଟାମି କରିବାରୁ ତାଙ୍କ ଜେଜେମା ବୃନ୍ଦାବତୀ ତାଙ୍କୁ ଗୋଇଠା ମାରିଥିଲେ। ଏପରିକି ତାର ହାତ, ଗୋଡ଼, ଛାତି ଓ ମୁଣ୍ଡରେ ଗୋଇଠା ମାରିବାର ଦୃଶ୍ୟକୁ କେହି ଜଣେ ସୋସିଆଲ ମିଡ଼ିଆରେ ଭାଇରାଲ କରିଥିଲେ। ପିଲାଟି ଯେତେ କାନ୍ଦୁଥିଲେ ମଧ୍ୟ ଏହାକୁ ଖାତିର ନ କରି ଜେଜେମା ତାଙ୍କୁ ପିଟି ଚାଲିଥିଲେ। ଶନିବାର ଏହି ଭିଡ଼ିଓ ବହୁ ମାତ୍ରାରେ ଭାଇରାଲ ହେବା ପରେ ଏହା ପ୍ରଶାସନର ଦୃଷ୍ଟିଗୋଚର ହୋଇଥିଲା। ଭିଡ଼ିଓକୁ ଭିତ୍ତି କରି ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ କୁମାର ମାଝି, ଶିଶୁ ମଙ୍ଗଳ ଅଧକ୍ଷ ଭାଗିରଥୀ ବାରିକ, ପଦ୍ମଲୋଚନ ଦତ୍ତ, ଗୌରମଣି ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ଚାଇଲ୍ଡ ହେଲ୍ପଲାଇନର ବାଲେଶ୍ୱର ଜିଲା ମୁଖ୍ୟ ପ୍ରଶାନ୍ତ କୁମାର ରାଉତଙ୍କ ସହିତ ବାଲିଆପାଳ ଚାଇଲ୍ଡ ହେଲ୍ପଲାଇନର ସବସେଣ୍ଟର ମୁଖ୍ୟ କ୍ରିଷ୍ଣାରାଣୀ ଅଣ୍ଡିଆ, ଉତ୍ତମ କୁମାର ନାୟକଙ୍କ ସହିତ ବସ୍ତା ଥାନା ଅଧୀନ ଅମର୍ଦ୍ଦାରୋଡ଼ ଫାଣ୍ଡି ଅଧିକାରୀ ସଦଳବଳେ ଉକ୍ତ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଶିଶୁ ମଙ୍ଗଳ ଅଧିକାରୀ ବରୁଣଙ୍କୁ ଉଦ୍ଧାର କରିବା ସହ ବୃନ୍ଦାବତୀଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ଲୋନ୍! ଲୋନ୍! ଲୋନ୍
୧ ରୁ୫୦ ଲକ୍ଷ୍ୟ ଲୋନ୍
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
B-36/7, A-Block, Vijay Enclave, Burari, New Delhi-74

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

FINANCE

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 20,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାରଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09517415755
09598246628

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ପ୍ରାଇଭେଟ୍ କମ୍ପାନୀ ପ୍ରତି ସାବଧାନ
GRAMIN FINANCE
ଦ୍ୱାରା ସବୁ ପ୍ରକାର ଋଣ ନିଅନ୍ତୁ କମ୍ ସୁଧ + Subsidy, No File Charge, No Guarantor, Only Bank fees -
ଏ ସବୁକିଛି ଋଣ ମଞ୍ଜୁର ହେବା ପରେ
Miss Call Alert:
09610759333
S/O Durvijay Singh, 549/328, Shanti Nagar, Vakola, Santacruz, Mumbai- 400055


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

See Color Display Classified on every Tuesday & Friday

## ସଂକ୍ଷେପରେ

### ୩ ଦଫା ଦାବି ନେଇ ଗଣଧାରଣା



ତାଳଚେର,୩।୮ (ନି.ପ୍ର.)- ତାଳଚେର ଥର୍ମାଲ ଡିଏଭି ଅଭିଭାବକ ସଂଘ ପକ୍ଷରୁ ୩ ଦଫା ଦାବି ନେଇ ଶନିବାର ସ୍କୁଲ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଅଧକ୍ଷଙ୍କ ବଦଳି, ବର୍ଦ୍ଧିତ ସ୍କୁଲ ଫି ପ୍ରତ୍ୟାହାର, ଅଭିଭାବକଙ୍କ ଅଭିଯୋଗର ସମାଧାନ ଦାବିରେ ସଂଘ ଜୁନ ୨୮ରେ ଦୁଇ ଦିନ ଧରି ସ୍କୁଲରେ ତାଲା ପକାଇବା ସହ ଆନ୍ଦୋଳନ କରିଥିଲା। ଟିଟିପିଏସ୍ କର୍ତ୍ତୃପକ୍ଷ ଓ ପ୍ରଶାସନର ପ୍ରତିଶ୍ରୁତି ପରେ ସେମାନେ ଆନ୍ଦୋଳନରୁ ଓହରି ଥିଲେ। କିନ୍ତୁ ଏଯାଏ ପ୍ରତିଶ୍ରୁତ କାର୍ଯ୍ୟକାରୀ କରାଯାଇ ନ ଥିବାରୁ ଆନ୍ଦୋଳନ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ ଚାଲିବ ବୋଲି ସଂଘ ସଭାପତି ସଞ୍ଜୀବ ପଟ୍ଟନାୟକ ଓ ସମ୍ପାଦକ ବିସ୍ମୟ ଦାସ ପ୍ରକାଶ କରିଛନ୍ତି।

### ପ୍ରାଦେଶିକ ଦଳଗତ ଖେଳକୁଦ ସମାରୋହ

ଅନୁଗୋଳ ଅଫିସ, ୩।୮- ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରାଦେଶିକ ଦଳଗତ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଶିକ୍ଷା ବିକାଶ ସମିତି ଯୁଗ୍ମ ସମ୍ପାଦକ ତଥା ମଧ ସମ୍ଭାଗ ସମ୍ପାଦକ ହେମନ୍ତ କୁମାର ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଜୀବନରେ ଖେଳର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାନ୍ତ ଶାରୀରିକ ଶିକ୍ଷା ସଂଯୋଜକ ବଳରାମ ସାହୁ, ମଧ ସମ୍ଭାଗ ସଭାପତି ବନବିହାରୀ ପଟ୍ଟନାୟକ, ଶିକ୍ଷା ବିକାଶ ସମିତିର ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା, ପରିଚାଳନା ସମିତି ସମ୍ପାଦକ, କ୍ରୀଡ଼ା ପରିଚାଳକ, ଆଚାର୍ଯ୍ୟ ଆଚାର୍ଯ୍ୟା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଭିନ୍ନ ପ୍ରାନ୍ତର ୯ଟି ସମ୍ଭାଗରୁ ୩ ଶହ ଛାତ୍ରୀଛାତ୍ର ଯୋଗଦେଇଥିଲେ। ମଧ ସମ୍ଭାଗ ସଂଯୋଜକ କିଶୋର କୁମାର ପଣ୍ଡା ଅତିଥି ପରିଚୟ, ବିଦ୍ୟାଳୟ ସଭାପତି ଡ. ସୁଧାକର ପାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ମାଉସୀ ଘରେ ସ୍ୱାମୀଙ୍କୁ ତାଲା ପକାଇଦେଲେ ସ୍ତ୍ରୀ

ବଅଁରପାଳ, ୩।୮ (ଡି.ଏନ୍.ଏ)- ନାଲ୍‌କୋ ଅଞ୍ଚଳର ଜଣେ ଯୁବକ ଶନିବାର ଭୋର ପ୍ରାୟ ୪ଟାରେ ତାଙ୍କ ସମ୍ପର୍କୀୟ ମାଉସୀ ଘରେ ପଶି ହଟହଟା ହୋଇଛନ୍ତି। ଯୁବକ ଜଣକ ସେଠାକୁ ଯାଇଥିବା ଜାଣି ତାଙ୍କ ସ୍ତ୍ରୀ ସେଠାରେ ପହଞ୍ଚି ଯୁବକଙ୍କୁ ଏକ ଘରେ ପୂରାଇ ତାଲା ପକାଇ ଦେଇଥିଲେ। ଏହାପରେ ତାଙ୍କ ସ୍ତ୍ରୀ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି।

### ମୃତକଙ୍କ ପରିବାରକୁ ନାଲ୍‌କୋ ଦେବ ସହାୟତା

ବଅଁରପାଳ, (ଡି.ଏନ୍.ଏ) ୩।୮- ଗତ ୨୩ ତାରିଖରେ ନାଲକୋ ସ୍ମେଲଟର ପ୍ଲାଣ୍ଟରେ ବିଦ୍ୟୁତ ଆଘାତରେ ଗୁରୁତର ହୋଇଥିବା ଠିକା ଶ୍ରମିକ ମିଥୁନ ନାଥଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିବା ପରେ ମୃତକଙ୍କ ପରିବାରକୁ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ପ୍ରକଳ୍ପ ପକ୍ଷରୁ କୁହାଯାଇଛି। କ୍ଷତିପୂରଣ ବାବଦରେ ୧୫ ଲକ୍ଷ ଟଙ୍କା ସହ ମୃତକଙ୍କ ସ୍ତ୍ରୀଙ୍କୁ ନିଯୁକ୍ତି ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ନାଲ୍‌କୋ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।

### ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା,୩।୮(ଡି.ଏନ.ଏ.)- କିଶୋରନଗର ପୋଲିସ ଶନିବାର ବରପଦର ଗ୍ରାମରେ ଚଢାଉ କରି ଫେରାର ଥିବା ଅଭିଯୁକ୍ତ ବସନ୍ତ ବେହେରା ଓ ଦୁର୍ଲଭ ବେହେରାଙ୍କୁ ଗିରଫ କରିଛି। ସେମାନଙ୍କ ନାଁରେ ପୂର୍ବରୁ ମାମଲା ଥିବାବେଳେ ଦୀର୍ଘଦିନ ହେବ ଫେରାର ଥିଲେ। ଘରେ ଥିବା ଖବରପାଇ ଆଇଆଇସି ପ୍ରତିଭା ମାଝି ଚଢାଉ କରି ଗିରଫ କରିଛନ୍ତି।

# ବୈଠକ ବିଫଳ, କୋଲ୍ ଫିଲଡ୍ସରେ ଅଚଳାବସ୍ଥା ଜାରି

ତାଳଚେର,୩।୮(ନି.ପ୍ର.)

ଭରତପୁର ଖଣି ଦୁର୍ଘଟଣାରେ ୪ଜଣ ଶ୍ରମିକଙ୍କ ମୃତ୍ୟୁ ପରେ ତାଳଚେର କୋଲ୍ ଫିଲଡ୍ସରେ ଲାଗି ରହିଥିବା ଅଚଳାବସ୍ଥାର ସମାଧାନ ନିମନ୍ତେ ଶନିବାର ଗୋବରା, ଲକେଇପଶି, କୁକୁଡାଙ୍ଗ, ଶିବରାମପୁର ଗ୍ରାମବାସୀଙ୍କୁ ନେଇ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଅଧକ୍ଷତା କରିଥିବା ବେଳେ ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ବିଭିନ୍ନ କୋଇଲା ଖଣିର ପଦାଧିକାରୀ ଓ ଉକ୍ତ ଗ୍ରାମବାସୀଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। ମୃତକଙ୍କ ପରିବାରକୁ ନିୟମ ଅନୁସାରେ କ୍ଷତିପୂରଣ ଓ ଅସ୍ଥାୟୀ ଚାକିରି ଦିଆଯିବ ବୋଲି ଏମ୍‌ସିଏଲ୍ କର୍ତ୍ତୃପକ୍ଷ ବୈଠକରେ ପ୍ରକାଶ କରିବା ସହ ଆନ୍ଦୋଳନରୁ ଓହରି ଯିବାକୁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଗ୍ରାମବାସୀ ପ୍ରତି ମୃତକଙ୍କ ପରିବାରକୁ ୩ କୋଟି ଲେଖାଏ କ୍ଷତିପୂରଣ ସହ ସ୍ଥାୟୀ ଚାକିରି ଦେବାକୁ ଅଡି ବସିଥିଲେ। ଫଳରେ ବୈଠକରୁ କୌଣସି ନିର୍ଯାସ ବାହାରିପାରି ନାହିଁ। ସୂଚନାଯୋଗ୍ୟ ଯେ ଦୁର୍ଘଟଣା ପରେ ପ୍ରଥମେ ଭାଜପା ପକ୍ଷରୁ ଖଣି ବନ୍ଦ ଆନ୍ଦୋଳନ କରାଯାଇଥିଲା। ଏହାପରେ ମୃତକଙ୍କ ପରିବାର ଓ ଗ୍ରାମବାସୀ ଆନ୍ଦୋଳନ ଜାରି ରଖିଥିବାରୁ ଏମ୍‌ସିଏଲ୍‌ର ଏଠାରେ ଥିବା ହିଙ୍ଗୁଳା, ବଳରାମ, ଜଗନ୍ନାଥ, ଲିଙ୍ଗରାଜ, ଭୁବନେଶ୍ୱରୀ, ଭରତପୁର, ଅନନ୍ତ, କଣିହାଁ ସମେତ ୧୦ ଗୋଟି ଖଣିରେ ଉତ୍ତୋଳନ ଓ ପରିବହନ ଠପ୍ ହୋଇଯାଇଛି। ଏ ସମ୍ପର୍କରେ ଉପଜିଲାପାଳ କହିଛନ୍ତି, ମୃତକଙ୍କ ପରିବାର ପିଛା ସର୍ବନିମ୍ନ ୧ କୋଟି ଟଙ୍କା ଓ ସ୍ଥାୟୀ ଚାକିରି ଦେବାକୁ ଗ୍ରାମବାସୀ ଦାବି କରିଥିଲେ। ଏହାଦ୍ୱାରା ଆଲୋଚନାରେ ଅଗ୍ରଗତି ହୋଇପାରିଲା ନାହିଁ। ଆନ୍ଦୋଳନରୁ ଓହରି ଯିବାକୁ ଅନୁରୋଧ କରାଯାଇଛି। ଗ୍ରାମବାସୀ ସେମାନଙ୍କ ମଧ୍ୟରେ ଆଲୋଚନା କରି ପ୍ରଶାସନକୁ ଜଣାଇବେ ବୋଲି ଉପଜିଲାପାଳ ପ୍ରକାଶ କରିଛନ୍ତି।



ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବୈଠକ।

### ଖଣି ଚାଲୁ କରିବାକୁ ଏମ୍‌ସିଏଲ୍‌ର ଅନୁରୋଧ

ତାଳଚେର,୩।୮(ନି.ପ୍ର.)

ଜୁଲାଇ ୨୩ରେ ଭରତପୁର ଖଣିରେ ଦୁର୍ଘଟଣା ଘଟିଥିଲେ ବି ତାଳଚେରର ଅନ୍ୟ ୮ଟି ଖଣିରେ କାର୍ଯ୍ୟ ବନ୍ଦ ରଖାଯିବା ଯୁକ୍ତିଯୁକ୍ତ ନୁହେଁ ବୋଲି ଏମ୍‌ସିଏଲ୍ ପକ୍ଷରୁ ଶନିବାର ଏକ ପ୍ରେସ୍ ବିବୃତିରେ କୁହାଯିବା ସହ ଖଣି କାର୍ଯ୍ୟ ଚାଲୁ କରିବାକୁ ଅନୁରୋଧ କରାଯାଇଛି। ଏମ୍‌ସିଏଲ୍ ପକ୍ଷରୁ କୁହାଯାଇଛି ଯେ, ଭାଜପା ଆନ୍ଦୋଳନ ପ୍ରତ୍ୟାହାର କରିବାର ୨ ଘଣ୍ଟା ପରେ ୪ ଗୋଟି ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନ ଜାରି ରଖାଯାଇଛି। ମୃତକଙ୍କ ପରିବାରକୁ ୩ କୋଟି ଟଙ୍କା ଲେଖାଏ କ୍ଷତିପୂରଣ ସହ ସ୍ଥାୟୀ ଚାକିରି ଦେବାକୁ ତାଳଚେର ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଇଛି। ମୃତ କର୍ମଚାରୀଙ୍କ ପରିବାରକୁ କୋଲ୍ ଇଣ୍ଡିଆ ନିୟମ ଅନୁଯାୟୀ ଅନୁକମ୍ପା ରାଶି ଓ ପରିବାରର ଜଣକୁ ଠିକା ନିଯୁକ୍ତି ଦେବାର ବ୍ୟବସ୍ଥା ରହିଥିବାରୁ କରାଯାଉଥିବା ଦାବି ବେଆଇନ। ଖଣି ବନ୍ଦ ରଖାଯିବା ଦ୍ୱାରା କେବଳ କମ୍ପାନୀର କ୍ଷତି ନୁହେଁ ବରଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ରାଜସ୍ୱ ହାନି ହେଉଛି। ଜୁଲାଇ ୨୪ଠାରୁ ଆଜିଯାଏ କୋଇଲା ଉତ୍ପାଦନରେ ୧୭୦.୯୬ କୋଟି କ୍ଷତି ହୋଇଥିବା ବେଳେ ରାଜ୍ୟ ଓ କେନ୍ଦ୍ର ସରକାର ୧୧୦.୬୬ କୋଟି ଟଙ୍କାର ରାଜସ୍ୱ ହରାଇ ସାରିଲେଣି। ଏହାସହିତ ୨୬୭୨.୫୦ ମିଲିୟନ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନରେ ବାଧା ସୃଷ୍ଟି ହୋଇଛି। ରାଷ୍ଟ୍ରର ଚାହିଦା ଓ ଖଣିର ସୁରକ୍ଷା ଦୃଷ୍ଟିରୁ ଅନ୍ୟ ୮ଗୋଟି ଖଣି କାର୍ଯ୍ୟ ଚାଲୁ କରାଯିବା ପାଇଁ ଏମସିଏଲ୍ ପକ୍ଷରୁ ଅନୁରୋଧ କରାଯାଇଛି।

■ବିଦ୍ୟୁତ୍ ଉତ୍ପାଦନ ପାଇଁ କୋଇଲା ମିଳୁନି

# ଏନ୍‌ଟିପିସିର ୪, ଟିଟିପିଏସ୍‌ର ୫ ୟୁନିଟ୍ ବନ୍ଦ

ତାଳଚେର,୩।୮ (ନି.ପ୍ର.)

ଏମ୍‌ସିଏଲ୍‌ର ଭରତପୁର କୋଇଲା ଖଣି ଦୁର୍ଘଟଣା ପରେ ଜାରି ରହିଥିବା ଆନ୍ଦୋଳନ ଯୋଗୁ ତାଳଚେର କୋଲ୍ ଫିଲଡ୍ସରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଫଳରେ ଏହାର ସିଧାସଳଖ ପ୍ରଭାବ ୩୦୦୦ ମେଗାୱାଟ୍ ବିଶିଷ୍ଟ ମହାରତ୍ନ କମ୍ପାନୀ କଣିହାଁସ୍ଥିତ ଏନ୍‌ଟିପିସି ଓ ଏହା ଅଧୀନରେ ଥିବା ଟିଟିପିଏସ୍ ଉପରେ ପଡ଼ିଛି। କୋଲ୍ ଫିଲଡ୍ସରୁ ଉତ୍ତୋଳନ ଓ ପରିବହନ ହୋଇପାରୁ ନ ଥିବାରୁ ଏହି ଦୁଇ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ଗୁରୁତର କୋଇଲା ସଙ୍କଟ ସୃଷ୍ଟି ହୋଇଛି। ଏଥିଯୋଗୁ ଶନିବାର ଏନ୍‌ଟିପିସିର ଗୋଟିଏ ବିଦ୍ୟୁତ୍ ଉତ୍ପାଦନ ୟୁନିଟ୍‌କୁ ବନ୍ଦ ରଖାଯାଇଛି। ଏହାକୁ ମିଶାଇ ପ୍ରକଳ୍ପର ମୋଟ୍ ୪ଟି ୟୁନିଟ୍ ବନ୍ଦ ହେଲାଣି। ସେହିପରି ଟିଟିପିଏସ୍‌ର ୫ଟି ୟୁନିଟ୍ ଶୁକ୍ରବାରଠାରୁ ବନ୍ଦ ରହିଛି।

ଏନ୍‌ଟିପିସିରେ ଥିବା ମୋଟ୍ ୬ଟି ୟୁନିଟ୍‌ରୁ ଦୈନିକ ୩ ହଜାର ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦିତ ହୋଇଥାଏ। ଏଥିପାଇଁ ଦିନକୁ ୫୫ ହଜାର ମେଟ୍ରିକ୍ ଟନ୍ କୋଇଲା ଆବଶ୍ୟକ ପଡ଼ିଥାଏ। ଗତ ମାସ ୨୩ ତାରିଖ ଭରତପୁର ଖଣି ଦୁର୍ଘଟଣା ପରଠାରୁ ଏନ୍‌ଟିପିସିକୁ କୋଇଲା ଯୋଗାଣ ହୋଇପାରୁ ନାହିଁ। ପ୍ରକଳ୍ପ ଷ୍ଟକୟାର୍ଡରେ ମଧ୍ୟ ଆଉ ଅଧିକ କୋଇଲା ନାହିଁ। ଫଳରେ କର୍ତ୍ତୃପକ୍ଷ ପ୍ଲାଣ୍ଟର ୧, ୪ ଓ ୫ ନମ୍ବର ୟୁନିଟ୍‌କୁ ଗତ ୨୯ ତାରିଖରୁ ବନ୍ଦ ରଖିଛନ୍ତି। ବାହାରୁ କୋଇଲା ଯୋଗାଡ଼ କରି ବାକି ୩ଟି ୟୁନିଟ୍ ଚଳାଯାଉଥିଲେ ବି ଶନିବାର ୨ ନମ୍ବର ୟୁନିଟ୍‌କୁ ବନ୍ଦ ରଖାଯାଇଛି। ଆବଶ୍ୟକ ପରିମାଣର କୋଇଲା ନ ମିଳିଲେ ଅବଶିଷ୍ଟ ୨ ୟୁନିଟ୍‌କୁ ମଧ୍ୟ ବନ୍ଦ କରିବାକୁ କର୍ତ୍ତୃପକ୍ଷ ବାଧହେବେ ବୋଲି ଜଣାପଡିଛି। ମୋଟ୍ ୪ଟି ୟୁନିଟ୍ ବନ୍ଦ ହୋଇଯାଇଥିବାରୁ ବିଦ୍ୟୁତ୍ ଉତ୍ପାଦନ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ସେହିପରି ୪୬୦ ମେଗାୱାଟ୍ ବିଶିଷ୍ଟ ଟିଟିପିଏସ୍‌ରେ ୬ଟି ୟୁନିଟ୍ ରହିଛି। ଏହା ଚାଲିବା ପାଇଁ ଦୈନିକ ୯ ହଜାର ମେଟ୍ରିକ ଟନ୍ କୋଇଲା ଆବଶ୍ୟକ। କିନ୍ତୁ ଏଠାରେ ମଧ୍ୟ ସମାନ ପରିସ୍ଥିତି ଯୋଗୁ ୧, ୨, ୩, ୪ ଓ ୫ ନମ୍ବର ୟୁନିଟ୍‌କୁ ବନ୍ଦ କରି ଦିଆଯାଇଛି।

## ଶମ୍ବର ମାଂସ ସହ ବନ୍ଧୁକ ଜବତ, ୩ ଗିରଫ



ଗିରଫ ୩ ଶିକାରୀ।

ବନ୍ତଳା,୩।୮(ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ପୁରୁଣାକୋଟ ଥାନା ପମ୍ପାସର ରେଞ୍ଜର କୁମୁରି ଓ ଦଣ୍ଡାବାହାଳି ଗ୍ରାମରେ ଶୁକ୍ରବାର ବନବିଭାଗ ଚଢ଼ାଉ କରି ଶମ୍ବର ମାଂସ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁବୋଧ ନାଏକ (୩୦), ପ୍ରଦୀପ ସାହୁ (୨୮) ଓ ଦଣ୍ଡା ବାହାଳି ଗ୍ରାମର ଭୁବନ ସାହୁ (୪୩)। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଜବତ କରାଯାଇଛି। ପମ୍ପାସର ରେଞ୍ଜ ବାଘମୁଣ୍ଡା ରିଜର୍ଭ ଜଙ୍ଗଲରେ ଏକ ଶମ୍ବରକୁ ସୁବୋଧ, ପ୍ରଦୀପ ଓ ଭୁବନ ଶିକାର କରିଥିଲେ। ପରେ ମାଂସକୁ ଭାଗ କରି ନେଇଥିଲେ। ଖବରପାଇ ରେଞ୍ଜର ଗୋରୀ ପ୍ରସାଦ ରଥଙ୍କ ନିର୍ଦ୍ଦେଶକ୍ରମେ ବାଘମୁଣ୍ଡା ଫରେଷ୍ଟର ଚୈତନ୍ୟ ପ୍ରଧାନଙ୍କ ସହିତ ଗାର୍ଡ ଓ ଆଣ୍ଟି ପୋଚିଂ ସ୍କ୍ୱାର୍ଡ କୁମୁରି ଓ ଦଣ୍ଡାବାହାଳ ଗ୍ରାମରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲେ। ଶନିବାର ସୁବୋଧ, ପ୍ରଦୀପ ଓ ଭୁବନକୁ କୋର୍ଟଚାଲାଣ କରାଯାଇଥିବା ବନବିଭାଗ ସୂତ୍ରରୁ ପ୍ରକାଶ।

## ବ୍ଲକସ୍ତରୀୟ ପ୍ରତିଯୋଗିତା

ଛେଣ୍ଡିପଦା,୩।୮(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ସଦର ମହକୁମାସ୍ଥିତ ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଆଦି ୨ ଶହ ଅନୁଷ୍ଠାନର ୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶାନ୍ତିଶୃଙ୍ଖଳା ନିମନ୍ତେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ୧୬ ଜଣ ଅଧ୍ୟାପକ ଏବଂ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଥିଲା। ସେହିପରି ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସବ ଜୁନିୟର, ୬ଷ୍ଠ ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଜୁନିୟର୍, ୯ମ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସବ୍ ସିନିୟର, ଯୁକ୍ତ ୨ ଓ ଡିଆଇଟି ଛାତ୍ରୀଛାତ୍ରଙ୍କୁ ସିନିୟର୍ ବିଭାଗରେ ବିଭକ୍ତ କରାଯାଇଥିଲା। ଏଥିରେ ପ୍ରତ୍ୟେକ ବିଭାଗରେ ୩ ଜଣ ଲେଖାଏ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଥିଲେ। ସେମାନଙ୍କୁ ସ୍ୱାଧୀନତା ଦିବସ ପାଳନ ଅବସରରେ ପରସ୍କୃତ କରାଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ଈଶ୍ୱର ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି।

# ଜଳସେଚନ ପ୍ରକଳ୍ପ ନିର୍ମାଣ ସମୀକ୍ଷା

ବଇଣ୍ଡା,୩।୮(ଡି.ଏନ.ଏ.)

କୃଷି ବହୁଳ ଅଞ୍ଚଳ କିଶୋରନଗର ବ୍ଲକରେ ନିର୍ମାଣ ହେବାକୁ ଥିବା ସୁରେଶ୍ୱରୀ ଓ ଜୟଗଡ଼ ଜଳସେଚନ ପ୍ରକଳ୍ପ ପାଇଁ ଶନିବାର କ୍ଷୁଦ୍ର ଜଳସେଚନ ପକ୍ଷରୁ ସମୀକ୍ଷା କରାଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପୂର୍ତ୍ତବିଭାଗର ପୂର୍ବତନ ସଚିବ ନଳିନୀକାନ୍ତ ପ୍ରଧାନ, କ୍ଷୁଦ୍ରଜଳ ସେଚନ ବିଭାଗର ମୁଖ୍ୟଯନ୍ତ୍ରୀ ସରୋଜ ପଟ୍ଟନାୟକ ଏହାର ସମୀକ୍ଷା କରିଥିବା ଶନିବାର ନାକିଚିଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବିଧାୟକ ସାଏ କହିଛନ୍ତି, କିଶୋରନଗର କୃଷି ପ୍ରଧାନ ଅଞ୍ଚଳ ହୋଇଥିବାବେଳେ ଦୀର୍ଘଦିନ ହେବ ଜଳସେଚନ ସମସ୍ୟା ଲାଗି ରହିଛି। ଏହାକୁ ଦୃଷ୍ଟିରେ ରଖି କିଶୋରନଗରରେ ସୁରେଶ୍ୱରୀ ଓ ଜୟଗଡ଼ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ଦ୍ୱାରା ବାମୁର, ଧଉରାପାଲି, ଜଏରାଟ ୩ଟି ପଞ୍ଚାୟତର ୧୦୧୨ ହେକ୍ଟର ଜମିକୁ ପାଣି ମାଡ଼ିବ।

ସେହିପରି ଜଏଗଡ଼ ପ୍ରକଳ୍ପ ଉନ୍ନତୀକରଣ ହେଲେ ନାକିଚି ଓ ଠେଲକନାଳୀ ପଞ୍ଚାୟତର ୭୨୯ ହେକ୍ଟର ଜମିକୁ ପାଣି ମାଡ଼ିବ। ଏଥିସହିତ ହିମିତିରା ନାଳ, ଅଙ୍ଗପଡ଼ା ନାଳ ଓ ଘୋଷରା ଯୋର ନାଳ ଉପରେ ୩ଟି ଜଳ ସେଚନ ପ୍ରକଳ୍ପ ନୂତନ ଭାବେ ନିର୍ମାଣ ପାଇଁ ଅନୁଧ୍ୟାନ କରାଯାଇଛି। ଏହି ପ୍ରକଳ୍ପ ଗୁଡ଼ିକ ନିର୍ମାଣ ପରେ କିଶୋରନଗରର ଚାଷୀମାନେ ମରୁଡ଼ିରୁ ରକ୍ଷା ପାଇବେ। ତୁରନ୍ତ ଏହି ପ୍ରକଳ୍ପ ଗୁଡ଼ିକର କାମ କିଭଳି ଆରମ୍ଭ ହେବ ସେଥିପ୍ରତି ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ମୁଖ୍ୟଯନ୍ତ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏଥିସହିତ କ୍ଷୁଦ୍ର ଜଳସେଚନ ବିଭାଗର ଜଗଦୀଶ ନାୟକ, ଉପ ସହକାରୀ ଯନ୍ତ୍ରୀ ଅରୁଣ କୁମାର ଜ୍ୟୋତିର୍ମୟ, ସହକାରୀ ଯନ୍ତ୍ରୀ ତ୍ରିପୁରାରୀ ନାୟକ, କିଶୋରନଗର ବ୍ଲକ ଅଧକ୍ଷା ବବିତା ପ୍ରଧାନ, ବିଜେଡି ନେତା ସ୍ୱାଧୀନ ବେହେରା, କୁମୁଦଚନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସହ ଏକ ପ୍ରତିନିଧି ଦଳ ସୁରେଶ୍ୱରୀ, ଜଏଗଡ଼, ହିମିତିରା, ଅଙ୍ଗପଡ଼ା, ଘୋଷରାଜୋର ଅଞ୍ଚଳକୁ ଯାଇ ସମୀକ୍ଷା କରିଥିଲେ।



ସମୀକ୍ଷା କରିବାକୁ ଯାଇଥିବା ବିଧାୟକଙ୍କ ସହ ଅଧିକାରୀମାନେ।

# ମୋବାଇଲ ସ୍କ୍ୱାଡ୍‌ର ଚଢ଼ାଉ, ୪ ଗିରଫ




ବେଆଇନ ଭାବେ ମଦ ପ୍ରସ୍ତୁତି କରାଯାଉଥିବା ବେଳେ ପୋଲିସ ଚଢ଼ାଉ କରିଛି।


ଛେଣ୍ଡିପଦା,୩।୮(ସ୍ୱ.ପ୍ର)

ଅନୁଗୋଳ ଜିଲା ଅବକାରୀ ବିଭାଗ ମୋବାଇଲ ସ୍କ୍ୱାଡ୍ ଶନିବାର ଛେଣ୍ଡିପଦା ଥାନା ପାଟକମୁଣ୍ଡା ଓ ତେବୁଡ ଗ୍ରାମରେ ଚଢ଼ାଉ କରି ୩୩ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ବହୁ ପରିମାଣରେ ବ୍ୟାପକ ମହୁଲ ପୋଚ ନଷ୍ଟ କରାଯାଇଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ପାଟକମୁଣ୍ଡା ଗ୍ରାମର ମନୋରମା ବେହେରା, ଚତୁରି ବେହେରା, ତେବୁଡ ଗ୍ରାମର ବୈଦେହୀ ବେହେରା, ଟିକନ ବେହେରାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଛେଣ୍ଡିପଦା ଥାନା ଅଞ୍ଚଳରେ ବେଆଇନ ମହୁଲି ମଦ ପ୍ରସ୍ତୁତି କରି ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ଅବକାରୀ ସ୍କ୍ୱାର୍ଡ ଚଢ଼ାଉ କରିବାବେଳେ ଚୋରା ମଦ ପ୍ରସ୍ତୁତକାରୀ ଫେରାର ହୋଇଯାଇଥିଲେ। ବିଭାଗ ଏସ୍‌ଆଇ ଭକ୍ତବତ୍ସଳ ବର୍ମା, ଏଏସ୍‌ଆଇ ଜାକିର ହୁସେନ, ପ୍ରସନ୍ନ ତ୍ରିପାଠୀ, ଭାରତ ବେହେରା, ବବୁଲ ଦେହୁରୀଙ୍କ ସମେତ ୭ରୁ ଊର୍ଦ୍ଧ୍ୱ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି।

## ପ୍ରଶାସନ ଉପରେ ବଢ଼ିଲା ଚାପ

# ପରିବହନ ସ୍ୱାଭାବିକ ପାଇଁ ଦାବିପତ୍ର

ତାଳଚେର,୩।୮(ନି.ପ୍ର.)



ଭରତପୁର କୋଇଲା ଖଣି ଦୁର୍ଘଟଣାରେ ମୃତ ୪ ଶ୍ରମିକଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ ସହ ପୂର୍ବପରି ଟ୍ରକ୍ ଗୁଡିକରେ କୋଇଲା ପରିବହନ ପାଇଁ ପଦକ୍ଷେପ ନେବାକୁ ତାଳଚେର କୋଲ୍ କଞ୍ଜ୍ୟୁମର ଆସୋସିଏଶନ ଓ ଟ୍ରକ୍ ମାଲିକମାନଙ୍କ ପକ୍ଷରୁ ଶନିବାର ପ୍ରଶାସନ ନିକଟରେ ଦାବି କରାଯାଇଛି।

ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ, ଖଣି ବନ୍ଦ ଆନ୍ଦୋଳନ ଯୋଗୁ ତାଳଚେର କୋଇଲା ପରିବହନରେ ନିୟୋଜିତ ହଜାର ହଜାର ଟ୍ରକ୍ ୧୦ ଦିନ ହେଲା ଛିଡା ହୋଇ ରହିଛି। ଏହାଦ୍ୱାରା ଟ୍ରକ୍ ମାଲିକମାନେ ଘୋର ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏହି କାର୍ଯ୍ୟ ଉପରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ୧୦ ହଜାରରୁ ଅଧିକ ଲୋକ ନିର୍ଭର କରିଥାନ୍ତି। ଟ୍ରକ୍ ମାଲିକଙ୍କ ସହ ଡ୍ରାଇଭର, ହେଲପର, ପାଲଭିଡା ଶ୍ରମିକମାନେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ତେଣୁ ଏ ନେଇ ଶୀଘ୍ର ପଦକ୍ଷେପ ନେବାକୁ ତାଳଚେର କୋଲ କଞ୍ଜ୍ୟୁମର ଆସୋସିଏଶନ ସଦସ୍ୟ ଓ ଟ୍ରକ୍ ମାଲିକମାନେ ଉପଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ପ୍ରଶାସନକୁ ଯୁବ ସଙ୍ଗଠନର ଚେତାବନୀ

ତାଳଚେର,୩।୮(ନି.ପ୍ର.)



ତାଳଚେରରେ ଚାଲିଥିବା ଖଣି ବନ୍ଦ ଆନ୍ଦୋଳନ ସ୍ଥାନୀୟ ଜନସାଧାରଣଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପକାଉଛି। ତେଣୁ ଉକ୍ତ ଆନ୍ଦୋଳନକୁ ସ୍ଥଗିତ ରଖାଯିବା ଦିଗରେ ପଦକ୍ଷେପ ନେବାକୁ ତାଳଚେର ଯୁବ ସଙ୍ଗଠନ ପକ୍ଷରୁ ଶନିବାର ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସଙ୍ଗଠନ ସଭାପତି ତୁଷାର କୁମାର ସାହୁଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, ଭରତପୁର ଖଣି ଦୁର୍ଘଟଣାରେ ମୃତ ଶ୍ରମିକମାନଙ୍କ ପରିବାରକୁ ଏଯାଏ ଉପଯୁକ୍ତ କ୍ଷତିପୂରଣ ଦିଆଯାଇ ନାହିଁ। ଏଥିପାଇଁ ବିଭିନ୍ନ ଦଳ ଓ ଗ୍ରାମବାସୀଙ୍କ ତରଫରୁ ଆନ୍ଦୋଳନ ଚାଲୁ ରହିଛି। ଏଥିଯୋଗୁ ହଜାର ହଜାର ଶ୍ରମିକ, ଗାଡ଼ି ମାଲିକ, ଡ୍ରାଇଭର, ହେଲପର ଓ ପାଲଭିଡ଼ା ଶ୍ରମିକ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ତୁରନ୍ତ ପ୍ରଶାସନ ଏହାର ସମାଧାନ କରୁ। ନ ହେଲେ ତାଳଚେରର ଜନସାଧାରଣ ରାଜ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ସଭାପତି ତୁଷାର ସାହୁ, ଉପଦେଷ୍ଟା ରାହାସ କୁମାର ସାହୁ, ସଞ୍ଜୟ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ସୁବ୍ରତ କୁମାର ସାହୁ, ରିତେଶ ସାହୁ, ଶକ୍ତି ନାଏକ, ମହେନ୍ଦ୍ର ବେହେରା ପ୍ରମୁଖ ଦାବିପତ୍ରରେ ଚେତାବନୀ ଦେଇଛନ୍ତି।



# ଆସୁଛି ରାଖୀ

**ପାଖେଇ ଆସିଲାଣି ରାଖୀ ପୂର୍ଣ୍ଣିମା। ଯାହାକୁ ନେଇ ଭାଇ ଏବଂ ଭଉଣୀମାନଙ୍କ ମନରେ ବଢ଼ିଚାଲିଛି ଉତ୍କଣ୍ଠା। ଭାଇ ହାତରେ କିଭଳି ରାଖୀ ବାନ୍ଧିବି ଏବଂ ଭଉଣୀଙ୍କୁ କ'ଣ ସରପ୍ରାଇଜ୍ ଗିଫ୍ଟ ଦେବି ତା'କୁ ନେଇ ସଭିଏ ଚଲାଇଛନ୍ତି ଜୋର୍‌ସୋର୍ ପ୍ଲାନିଂ...**

ରାଖୀ ପୂର୍ଣ୍ଣିମାରେ ଭଉଣୀଟିଏ ସୁରକ୍ଷା କବଚ ସଦୃଶ ବାନ୍ଧିଦିଏ ଭାଇ ହାତରେ ରାଖୀ। ଅଉ ପ୍ରତିବଦଳରେ ଭଉଣୀକୁ ଖୁସି କରିବାକୁ ଭାଇ ବି ବଢ଼ାଇଦିଏ ସ୍ନେହ ଓ ପ୍ରୀତିଭରା ଉପହାର। ଏହା କେବଳ ଏକ ପରମ୍ପରା ନୁହେଁ ବରଂ ଏହାଦ୍ୱାରା ଉଭୟଙ୍କ ମଧ୍ୟରେ ସମ୍ପର୍କ ଆହୁରି ଦୃଢ଼ ହୋଇଥାଏ। ତେବେ ଗିଫ୍ଟ ଦେବା ସମୟରେ ହେଉ କିମ୍ବା ଗ୍ରହଣ କରିବା ସମୟରେ କେତୋଟି କଥା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ...

❖ଭଉଣୀକୁ ଉପହାର ଦେବାବେଳେ ଅନ୍ୟମାନଙ୍କ ସହ ଆଦୌ ପ୍ରତିଯୋଗିତା କରନ୍ତୁ ନାହିଁ। ଅନ୍ୟମାନେ କ'ଣ ଉପହାର ଦେଉଛନ୍ତି, ସେଭଳି କିମ୍ବା ତା'ଠାରୁ ଅଧିକ ଦାମୀ ଉପହାର ଦେବା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ସେହିପରି ଭଉଣୀ ବି ଭାଇଠୁ ଉପହାରଟିଏ ପାଇବା ପରେ ଏହାର ଦାମ୍ ତର୍ଜମା କରିବାକୁ ଚେଷ୍ଟା କରନ୍ତୁ ନାହିଁ କିମ୍ବା ଏହାକୁ ଅଣଦେଖା କରନ୍ତୁ ନାହିଁ। ଏହା ପଛରେ ନିଜ ପ୍ରତି ଭାଇଙ୍କର ଥିବା ଶ୍ରଦ୍ଧା ଓ ଭଲପାଇବାକୁ ଜାଣିବାକୁ ଚେଷ୍ଟା କରନ୍ତୁ ଏବଂ ଉପହାରର ଗୁରୁତ୍ୱ ବୁଝନ୍ତୁ। କାରଣ ଉପହାର ଦେବା କିମ୍ବା ନେବା ବେଳେ ପ୍ରତିଯୋଗୀ ମନୋବୃତ୍ତି ରହିଲେ ଉପହାରର ଆନନ୍ଦ ନେବା ବଦଳରେ ଏହାର ମହତ୍ତ୍ୱ କମିଯାଏ।

❖ଭଉଣୀକୁ ଦାମୀ ଉପହାରରେ ଆପ୍ୟାୟିତ କରିବା ନିଶାରେ ଅଯଥା ଗୁଡ଼ାଏ ଖର୍ଚ୍ଚ କରିବାର ଆବଶ୍ୟକତା ନାହିଁ। କେହି କେହି ଏଥିପାଇଁ ଧାରକରଜ କରୁଥିବାର ବି ନଜିର ରହିଛି। ହେଲେ ବାସ୍ତବରେ କୌଣସି ଉପହାରର ଅସଲ ଗୁରୁତ୍ୱ ଏହାର ଦାମ୍‌କୁ ନେଇ ହୋଇ ନ ଥାଏ। ଭଉଣୀ ପାଇଁ ଶ୍ରଦ୍ଧାର ସହ ଭାଇ ଦେଉଥିବା ପ୍ରତ୍ୟେକ ଉପହାର ହିଁ ମୂଲ୍ୟବାନ୍।

❖ଉପହାର ଗ୍ରହଣ କରିବା ସମୟରେ ତାହା ଭଲ ନ ଲାଗିଲେ ଆଦୌ ପ୍ରକାଶ ନ କରି ଆଦରର ସହ ଗ୍ରହଣ କରି ଭାଇଙ୍କୁ ଧନ୍ୟବାଦ ଜଣାଇବା ଦରକାର। ଯାହାଦ୍ୱାରା ଭାଇକୁ ଆତ୍ମସନ୍ତୋଷ ମିଳିଥାଏ। କେବଳ ଏତିକି ନୁହେଁ ଭାଇଙ୍କୁ ଆବଶ୍ୟକତାରୁ ଅଧିକ ଦାମୀ ଉପହାର ଡିମାଣ୍ଡ କରନ୍ତୁ ନାହିଁ। ଭାଇଙ୍କ ପାଖରେ ଏତେ ଟଙ୍କା ନ ଥିଲେ ସେ ହୁଏତ ଦୁଃଖ କରିପାରନ୍ତି କିମ୍ବା ଏତେ ଟଙ୍କା ଖର୍ଚ୍ଚ କରିବା ପରେ ତାଙ୍କର ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଟଙ୍କା ନିଅଣ୍ଟ ହୋଇପାରେ ଅବା ଧାର ଉଧାର କରିବାକୁ ପଡିପାରେ, ସେସବୁ ଦିଗରେ ଧ୍ୟାନ ଦିଅନ୍ତୁ।

❖ସେହିପରି ଉପହାର ଦେବା ସମୟରେ ଭାଇଙ୍କୁ ମଧ୍ୟ ଭଉଣୀଙ୍କ ପସନ୍ଦ, ନାପସନ୍ଦ ଏବଂ ଆବଶ୍ୟକତାକୁ ଆଖି ଆଗରେ ରଖି ଉପହାର ବାଛିବା ଦରକାର। ଯଦିଓ ଗିଫ୍ଟ ସରପ୍ରାଇଜ ରହିଲେ ହିଁ ଦେବାରେ ଅଧିକ ଆନନ୍ଦ ମିଳିଥାଏ ହେଲେ କେବେ କେବେ ଏପରି ନ କରି ଭଉଣୀଙ୍କୁ ଉପହାର ନିଜେ ବାଛିବାର ସୁଯୋଗ ଦେଇପାରିବେ। ଏଥିପାଇଁ ଆପଣ ଚାହିଁଲେ ଅନ୍‌ଲାଇନ୍ ଶପିଂ ସାଇଟ୍‌ର ସାହାଯ୍ୟ ନେଇପାରିବେ କିମ୍ବା ନିଜ ବଜେଟ ଅନୁଯାୟୀ ଗିଫ୍ଟ କାର୍ଡ ମଧ୍ୟ ଦେଇପାରିବେ, ଯାହାକୁ ବ୍ୟବହାରକରି ସେ ନିଜ ପସନ୍ଦର ଉପହାର କିଣିପାରିବେ। ଏପରି କରିବା ଦ୍ୱାରା ଭଉଣୀଙ୍କୁ ଗିଫ୍ଟ ପସନ୍ଦ ଆସିବା ନ ଆସିବା କିମ୍ବା କୌଣସି କାର୍ଯ୍ୟରେ ନ ଆସିବା ସମସ୍ୟା ରହିବ ନାହିଁ।

❖ଉପହାର ମିଳିଲେ ସମସ୍ତଙ୍କୁ ଖୁସି ଲାଗେ। ବିଶେଷ କରି ଯେତେବେଳେ ତାହା ବ୍ୟବହାର ଉପଯୋଗୀ ହୋଇଥାଏ, ଏହାର ମୂଲ୍ୟ ଦ୍ୱିଗୁଣିତ ହୋଇଯାଏ। ତେଣୁ ଭଉଣୀ ପାଖରେ କ'ଣ ନାହିଁ ବା କ'ଣ ଦେଲେ କେବଳ ସାଇତି ରଖିବା ବଦଳରେ କାମରେ ଲାଗିପାରିବ ଜାଣିବାକୁ ଚେଷ୍ଟା କରନ୍ତୁ। ଦେଖିବେ ଏହି ଉପହାରରେ ଭଉଣୀ ଅଧିକ ଖୁସି ହେବେ।

❖ଉପହାର ସବୁବେଳେ କିଣାଯିବା ଦରକାର ତା' ନୁହେଁ, ଆପଣ ଚାହିଁଲେ ନିଜେ ମଧ୍ୟ ଘରେ ପ୍ରସ୍ତୁତ କରି ଦେଇପାରିବେ, ଯେପରି କାର୍ଡ। ଏହା ବ୍ୟତୀତ ଫୁଲଗଛ, ଆକ୍ୱାରିଅମ୍ ଇତ୍ୟାଦି ବି ଦେଇପାରିବେ। ତେବେ ଉପହାରରେ ଭଉଣୀଙ୍କୁ ଟେଷ୍ଟି ଟେଷ୍ଟି ଖାଦ୍ୟ ବିଶେଷ କରି ନିଜ ହାତ ପ୍ରସ୍ତୁତ ଖାଦ୍ୟ ଖୁଆଇବା ଦ୍ୱାରା ତାଙ୍କ ପ୍ରତି ଆପଣଙ୍କର କେତେ ଶ୍ରଦ୍ଧା ରହିଛି ତାହା ସ୍ପଷ୍ଟ ଜଣାପଡିବା ସହ ତାଙ୍କୁ ଅଧିକ ଖୁସି ମିଳିବ।

## କ'ଣ କୁହନ୍ତି ଏମାନେ...



**ବିଷ୍ଣୁପ୍ରିୟା ନାୟକ** (କର୍ମଜୀବୀ, ନୟାଗଡ଼)– ପ୍ରାୟ ୫ ବର୍ଷ ହେବ ମୋ ଦୁଇ ଭାଇ ଜବ୍ ପାଇଁ ବାହାରେ ରହୁଥିବାରୁ ପ୍ରତିବର୍ଷ ରାଖୀ ପୂର୍ଣ୍ଣିମାରେ ଘରକୁ ଆସିବା ସମ୍ଭବ ହୋଇପାରୁନାହିଁ। ତେଣୁ ସ୍ପିଡ୍ ପୋଷ୍ଟରେ ସେମାନଙ୍କ ପାଖକୁ ରାଖୀ ସହିତ ନିଜ ହାତ ତିଆରି କାର୍ଡ ପଠାଇଥାଏ। ଯେଉଁଥିରେ ଆମ ପିଲାବେଳର ଅଭୁଲାସ୍ମୃତି ଥିବା ଫଟୋ ସହିତ ପ୍ରୀତିଭରା କିଛି ମେସଜ୍ ଲେଖିଥାଏ। ଯଦିଓ ପ୍ରତିବଦଳରେ କିଛି ପାଇବାର ଆଶା ରଖି ନ ଥାଏ, ହେଲେ ଭାଇମାନଙ୍କ ଠାରୁ ମିଳୁଥିବା ସରପ୍ରାଇଜ୍ ଗିଫ୍ଟ ଯେମିତିକି ରିଷ୍ଟୱାଚ୍, ମୋବାଇଲ୍ ଫୋନ୍, ମେକ୍‌ଅପ୍ କିଟ୍ ହେଉ କିମ୍ବା ଟଙ୍କା ଅବା ଇ–ଗିଫ୍ଟ ଭାଉଚର ମୋତେ ବେଶ୍ ଖୁସି ଦେଇଥାଏ।



**ଲମ୍ବୋଦର ସାହୁ**(କର୍ମଜୀବୀ, ଯାଜପୁର)– ଜବ୍ ପାଇଁ କିଛିବର୍ଷ ହେବ ଘରଠାରୁ ଦୂରରେ ରହୁଛି। ହେଲେ ରାଖୀ ପୂର୍ଣ୍ଣିମାରେ ଆସିଲେ ନିଜ ଦୁଇ ଭଉଣୀଙ୍କଠାରୁ ଦୂରରେ ଆଦୌ ରହିପାରେନି। ଯେତେବି କାମ ଥାଉ ନା କାହିଁକି ସମୟ ବାହାର କରି ସେମାନଙ୍କ ପାଖକୁ ଯାଇ ନିଶ୍ଚୟ ରାଖୀ ବାନ୍ଧେ। ସେମାନେ ଗିଫ୍ଟ ମାଗିଲା ବେଳେ କିଛି ଆଣି ନ ଥିବା କହି ସେମାନଙ୍କୁ ଚିଡାଏ। ଆଉ ଏହା ଶୁଣି ସେମାନେ ଯେବେ ମୁହଁ ଶୁଖାନ୍ତି, ସାଙ୍ଗରେ ନେଇଥିବା ଗିଫ୍ଟ ବଢ଼ାଇଦିଏ। ସତ କହିବାକୁ ଗଲେ ମୁଁ ନେଇଥିବା ଗିଫ୍ଟର ଦାମ୍ କମ୍ ହୋଇଥିଲେ ମଧ୍ୟ ସେମାନଙ୍କ ପ୍ରତିକ୍ରିୟାରେ ମିଳୁଥିବା ସ୍ନେହ ଏବଂ ଭଲପାଇବା ମୋତେ ଯେଉଁ ଆତ୍ମସନ୍ତୋଷ ଦିଏ ତାହା ଅବର୍ଣ୍ଣନୀୟ।

## ଏ ସପ୍ତାହର ପ୍ରଶ୍ନ

୧– ବର୍ତ୍ତମାନ ବର୍ଡର ସିକ୍ୟୁରିଟି ଫୋର୍ସର ନୂଆ ଡାଇରେକ୍ଟର ଭାବେ......... ଯୋଗ ଦେଇଛନ୍ତି ?
୨– ଭାରତର ଗୀତା ଜୟନ୍ତୀ ମହୋତ୍ସବ–୨୦୧୯ରେ ଯୋଗଦେବାକୁ ନିମନ୍ତ୍ରିତ ପାର୍ଟନର ଦେଶ........... ?
୩– ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଲାଗି ନୀତି ଆୟୋଗ ସୋସିଆଲ ମିଡିଆ........ ସହିତ ପାର୍ଟନରଶିପ୍ କରିଛି ?
୪– ନିକଟରେ ଆମେରିକାରେ ପିପୁଲ୍ସ ଚଏସ୍ ଆୱାର୍ଡ ପାଇଥିବା ଭାରତୀୟ ବାଲୁକା ଶିଳ୍ପୀ........... ?
୫– ପ୍ରେସିଡେଣ୍ଟ୍ସ କପ୍ ବକ୍ସିଙ୍ଗ୍ ଟୁର୍ନାମେଣ୍ଟରେ ଗୋଲ୍ଡ ମେଡାଲ ପାଇଥିବା ପ୍ରଥମ ଭାରତୀୟ ......?

## ଗତ ଥରର ଉତ୍ତର

୧ ରବୀନ୍ଦର କୁମାର ମଲିକ
୨ କେରଳ
୩ ଜୁଲାଇ୧୮
୪ ଘାନା
୫ ଅଟଳ ବିହାରୀ ବାଜପେୟୀ

## ଉତ୍ତର ଦାତା



ନରେଶ କୁମାର କର, ବାଲେଶ୍ୱର



ଲିପି ବେହେରା, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ୟୁଥ୍ ଆଲର୍ଟ

# କ୍ୟାମେରାକୁ ସାବଧାନ

ବର୍ତ୍ତମାନ ଚୋରି, ଡକାୟତି ଭଳି ଅପରାଧ ବଢୁଥିବାରୁ ସୁରକ୍ଷାକୁ ଦୃଷ୍ଟିରେ ରଖି ରାସ୍ତା, ଦୋକାନ, ବଜାର, ଛୋଟ ବଡ଼ କାର୍ଯ୍ୟାନୁଷ୍ଠାନ ଠାରୁ ଆରମ୍ଭ କରି ଘର ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଉଛି। ହେଲେ କେବେ କେବେ ଏହାର ଅପବ୍ୟବହାର କରି କେତେଜଣ ଅନ୍ୟମାନଙ୍କୁ ବିଶେଷ କରି ଯୁବତୀମାନଙ୍କୁ କ୍ଷତି ପହଞ୍ଚାଉଥିବାର ବି ନଜିର ରହିଛି। କିପରି ଏଥିରୁ ନିଜକୁ ଦୂରେଇ ରଖିପାରିବେ ଜାଣିରଖନ୍ତୁ...



■ହିଡେନ୍ କ୍ୟାମେରା କେଉଁ ସ୍ଥାନରେ ରହିଛି ତାହା ଜାଣିବା କଷ୍ଟ। ତେଣୁ ଯେକୌଣସି ସ୍ଥାନକୁ ଯାଆନ୍ତୁ ନା କାହିଁକି ପ୍ରଥମେ ନିଜର ସୁରକ୍ଷା ପ୍ରତି ସଜାଗ ରୁହନ୍ତୁ। ହୋଟେଲ୍ କିମ୍ବା ଲଜ୍‌ରେ ବାଥ୍‌ରୁମ୍ ଏବଂ ଟ୍ରାଏଲ୍ ରୁମ୍‌ର ହ୍ୟାଣ୍ଡେଲ୍‌ରେ ମଧ୍ୟ ହିଡେନ୍ କ୍ୟାମେରା ଲଗାଯାଇଥାଏ। ତେଣୁ ପୋଷାକ ବଦଳାଇବା ପୂର୍ବରୁ ପ୍ରଥମେ ସେଠାରେ ଲାଗିଥିବା ହ୍ୟାଣ୍ଡେଲ୍‌କୁ ଭଲ ଭାବେ ଚେକ୍ କରିନିଅନ୍ତୁ।

■ଶପିଂମଲ୍ ଆଦି ସ୍ଥାନରେ ଯଦି ଡ୍ରେସ୍ କିଣୁଛନ୍ତି, ତେବେ ଟ୍ରାଏଲ୍ ରୁମ୍‌କୁ ଯିବା ବେଳେ ସତର୍କ ରହିବେ। କାରଣ ଏସବୁ ସ୍ଥାନରେ ହିଡେନ୍ କ୍ୟାମେରା ଲାଗିଥିବାର ଆଶଙ୍କା ବେଶି।

■ଅନେକ ଟ୍ରାଏଲ୍ ରୁମ୍‌ର ଦର୍ପଣ ପଛପଟେ ମଧ୍ୟ କ୍ୟାମେରା ଲଗାଇ ଯୁବତୀମାନଙ୍କ ନଗ୍ନ ଫଟୋ ଏବଂ ଭିଡିଓ ରେକର୍ଡ କରାଯାଉଛି। ପରବର୍ତ୍ତୀ ସମୟରେ ଏହାକୁ ବ୍ୟବହାର କରି ବ୍ଲାକ୍‌ମେଲ୍ କରିବା ସହ ଅନ୍ୟାନ୍ୟ ଅପରାଧ ଘଟାଉଥିବାର ନଜିର ରହିଛି।

■ଯଦି ଏଭଳି କୌଣସି ସ୍ଥାନରେ ଆପଣଙ୍କୁ ହିଡେନ୍ କ୍ୟାମେରା ଥିବା ଭଳି ମନେହୁଏ, ତେବେ ଜାଣିବା ଲାଗି କେତୋଟି ଉପାୟ ଆପଣାନ୍ତୁ। ଦର୍ପଣରେ କ୍ୟାମେରା ଲାଗିଥିବା ସନ୍ଦେହ କରୁଥିଲେ ଏହା ଉପରେ ଆଙ୍ଗୁଠି ରଖନ୍ତୁ। ଯଦି ଦର୍ପଣ ଏବଂ ଆଙ୍ଗୁଠି ମଧ୍ୟରେ ଫାଙ୍କା ବା ଗ୍ୟାପ୍ ଦେଖାଦେବ, ତେବେ କ୍ୟାମେରା ଲାଗି ନାହିଁ।


■ ସେହିପରି ବେଡ୍‌ରୁମ୍ ଏବଂ ବାଥ୍‌ରୁମ୍ ଆଦି ସ୍ଥାନରେ ହିଡେନ୍ କ୍ୟାମେରା ଥିବା ସନ୍ଦେହ ହେଲେ ମୋବାଇଲ୍‌ର ନେଟ୍‌ୱର୍କ ଚେକ୍ କରନ୍ତୁ। ଯଦି ଉକ୍ତ ରୁମ୍‌ରେ ପଶିବା ମାତ୍ରେ ହଠାତ୍ ନେଟ୍‌ୱର୍କ ସମ୍ପୂର୍ଣ୍ଣ ଭାବେ ଚାଲିଯାଏ, ତେବେ ସେଠାରେ କ୍ୟାମେରା ରହିଥିବାର ଯଥେଷ୍ଟ ସମ୍ଭାବନା ରହିଛି।

■କେବେକେବେ କ୍ୟାମେରା ଆକ୍ଟିଭ୍ ହେବା କ୍ଷଣି ସେଥିରୁ ଏକ ବିପ୍ ସାଉଣ୍ଡ୍ ଆସିଥାଏ। ତେଣୁ ଯଦି କେବେ କୌଣସି ରୁମ୍ ମଧ୍ୟକୁ ପଶିବା ମାତ୍ରେ ଏଭଳି କିଛି ଶବ୍ଦ ଶୁଣୁଛନ୍ତି ତେବେ ପୋଷାକ ବଦଳାଇବା କିମ୍ବା ନିଜର କୌଣସି ବ୍ୟକ୍ତିଗତ କାର୍ଯ୍ୟ କରିବା ପୂର୍ବରୁ ତୁରନ୍ତ ରୁମ୍ ଭିତର ଭଲ ଭାବେ ଚେକ୍ କରନ୍ତୁ।

■ଏହା ବ୍ୟତୀତ କେତେକ ହିଡେନ୍ କ୍ୟାମେରାରେ ଥିବା ଲାଇଟ୍ ସିଷ୍ଟମରୁ ମଧ୍ୟ ଏହା ସମ୍ପର୍କରେ ଜାଣିବା ସହଜ ହୋଇଥାଏ। କାରଣ ଏଭଳି କ୍ୟାମେରା ଅନ୍ ହେବା କ୍ଷଣି ସେଥିରେ ଲାଗିଥିବା ଗ୍ରୀନ୍ କିମ୍ବା ରେଡ୍ ଲାଇଟ୍ ମଧ୍ୟ ଅନ୍ ହୋଇଯାଇଥାଏ, ଯାହାର ଝାପ୍‌ସା ଲାଇଟ୍ ରୁମ୍ ଅନ୍ଧାର କରିବା ପରେ ଜଣା ପଡିଥାଏ।

■ଆପଣ ଚାହିଁଲେ ପାଖରେ ହିଡେନ୍ କ୍ୟାମେରା ଡିଟେକ୍ଟର ମଧ୍ୟ ରଖିପାରିବେ।

■ତେବେ କୌଣସି ସ୍ଥାନରେ ଏଭଳି ହିଡେନ୍ କ୍ୟାମେରା ମିଳିଲେ ତୁରନ୍ତ ଏ ନେଇ ଅଭିଯୋଗ କରିବାକୁ ଭୁଲନ୍ତୁ ନାହିଁ।



## ୟୁଥ୍ ଫ୍ୟାଶନ

# ଛତା



**ବର୍ଷା ହେଲେ ସବୁଠୁ ଆଗ ଖୋଜାପଡ଼େ ଛତା। କିନ୍ତୁ ବର୍ତ୍ତମାନ ଛତା କେବଳ ବର୍ଷାରୁ ସୁରକ୍ଷା ଦେବାରେ ସୀମିତ ହୋଇ ରହିନାହିଁ। କାରଣ ଏବେ ମାର୍କେଟରେ ବିଭିନ୍ନ ରଙ୍ଗ ଏବଂ ଡିଜାଇନ୍‌ର ଛତା ମିଳୁଛି, ଯାହାକି ପାଲଟିଛି ଯୁବପିଢ଼ିଙ୍କ ଲାଗି ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ....**



**ବ୍ଲଣ୍ଟ ଏକ୍ସଏସ୍:** ଅନ୍ୟ ଛତା ଭଳି ଏହି ଛତାରେ ମୁନିଆ ଅଗ୍ରଭାଗଗୁଡିକ ନାହିଁ। ତେଣୁ ଏହା ଦେଖିବାକୁ ଅପେକ୍ଷାକୃ ସୁନ୍ଦର ଲାଗିଥାଏ। ତା'ଛଡା ଭିଡରେ ବି ଏହାକୁ ଧରିଲେ କୌଣସି ଅଘଟଣ ଘଟିବାର ଆଶଙ୍କା ନ ଥାଏ। ଏହି ଛତା ଖୁବ୍ ମଜଭୁତ୍ ତେଣୁ ଅଧିକ ପବନରେ ହଠାତ୍ ଉଡିଯାଇ ନ ଥାଏ । ଏହା ଏରୋଡାଇନୋମିକ୍ ଡିଜାଇନ୍। ସବୁଠୁ ମଜାଦାର କଥା ହେଲା ହଜିଗଲେ ଏହାକୁ ଏକ ଆପ୍ ସାହାଯ୍ୟରେ ଖୋଜା ମଧ୍ୟ ଯାଇପାରେ।


**ସେଞ୍ଜ ଅରିଜନାଲ:** ଏହିଛତା କେବଳ ଜଣେ ହିଁ ବ୍ୟବହାର କରିପାରିବେ। ଏହାର ସ୍ପୋକ୍ସ ଅନ୍ୟକୁ କ୍ଷତି ଯେପରି ନ ପହଞ୍ଚାଇବା ଭଳି ପ୍ରସ୍ତୁତ ହୋଇଛି। ଏହା ମୁଣ୍ଡ ପାଖରେ ଅଳ୍ପ ଗୋଲ ହୋଇ ପିଠି ଆଡକୁ ଲମ୍ବିଛି। ତେଣୁ ବର୍ଷା ପାଣି ଦେହରେ ପଡି ନ ଥାଏ। ଏଭଳି ଆକାର ଲାଗି ଏହି ଛତାର ଦାମ୍ ଅଧିକ ଏବଂ ଏହା ଅଧିକ ଆଇକ୍ୟାଚି ମଧ୍ୟ।

**ହାର୍ଟ ଶେପ୍ ଅମ୍ବ୍ରେଲା:** ଏହି ଛତା ଦେଖିବାକୁ ଖୁବ୍ ସୁନ୍ଦର । ବିଶେଷ କରି ଯୁବତୀମାନେ ଏହାକୁ ସର୍ବାଧିକ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ତେବେ ଏହି ଛତାରେ ପିଙ୍କ୍, ରେଡ୍, ପର୍ପଲ, ଲାଇମ୍ ଗ୍ରୀନ୍, ବ୍ଲୁ କଲରର ଡିମାଣ୍ଡ ବେଶି।

**ସ୍କୋୟାର ଅମ୍ବ୍ରେଲା:** ଗୋଲ ପରିବର୍ତ୍ତେ ଚାରିକଣିଆ ଏହି ଛତାର ଲୁକ୍ ଖୁବ୍ ନିଆରା। ତେବେ ଯୁବତୀଙ୍କ ତୁଳନାରେ ଯୁବକମାନେ ଏହାର ସର୍ବାଧିକ ଗ୍ରାହକ।

**ଡବଲ୍ ଅମ୍ବ୍ରେଲା:** ବର୍ଷାରେ ଗୋଟିଏ ଛତାରେ ଏକାଠି ବୁଲିବାର ମଜା ନେବାକୁ ଅନେକ ଯୁବପିଢି ଖୁବ୍ ଭଲପାନ୍ତି। ଆଉ ଏମିତିରେ ବିଭିନ୍ନ ଛତା କମ୍ପାନୀ ସ୍ପେଶାଲ ଡିଜାଇନ୍‌ର ଡବଲ୍ ଛତା ପ୍ରସ୍ତୁତ କରୁଛନ୍ତି। ଏ ଛତା ଗୋଲ ନ ହୋଇ ଏହାର ଉଭୟ ପାର୍ଶ୍ୱ ଅପେକ୍ଷାକୃତ ଲମ୍ବା ଅଧିକ ଥାଏ।

**ଫ୍ଲାୱାର ଅମ୍ବ୍ରେଲା:** ପୂର୍ବରୁ ଫ୍ଲାୱାର୍ ପ୍ରିଣ୍ଟ ଛତା ମାର୍କେଟ୍‌ରେ ଅନେକ ମିଳୁଥିଲା। ହେଲେ ବର୍ତ୍ତମାନ ଗ୍ରାହକଙ୍କ ପସନ୍ଦ ଏବଂ ଡିମାଣ୍ଡକୁ ଆଖି ଆଗରେ ରଖି ଛତା କମ୍ପାନୀଗୁଡିକ ବିଭିନ୍ନ ଫ୍ଲାୱାର୍ ଶେପ୍ ଛତା ମଧ୍ୟ ପ୍ରସ୍ତୁତ କରୁଛନ୍ତି। ଯାହାକି ଦେଖିବାକୁ ଖୁବ୍ ସୁନ୍ଦର ଏବଂ ଆକର୍ଷଣୀୟ। ଯୁବତୀମାନେ ବର୍ତ୍ତମାନ ଏହି ଛତା ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।



# ଯୋର ପାରି ହୋଇ ସ୍କୁଲ ଯାଉଛନ୍ତି ଛାତ୍ରୀଛାତ୍ର

ଅମରପାଲି, ୩।୮ (ଡି.ଏନ.ଏ.)

ବିପଦପୂର୍ଣ୍ଣ ଭାବେ ଯୋର ପାର ହୋଇ ସ୍କୁଲ ଯାଉଛନ୍ତି ଛାତ୍ରୀଛାତ୍ର। ଏଭଳି ଘଟଣା ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହରିହର ଯୋରରେ। ପ୍ରାୟ ୩୦ରୁ ୪୦ଜଣ ଛାତ୍ରୀଛାତ୍ର ପ୍ରତ୍ୟହ ଯୋର ପାର ହୋଇ ସ୍କୁଲ ଯାଉଛନ୍ତି। ଉକ୍ତ ଯୋର ଉପରେ ପୋଲ ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ୍ୟ ତାହା ସରିନାହିଁ । ଫଳରେ ଦୁର୍ଜନତୈଲା ପଞ୍ଚାୟତର ମସିଣାପାଲି, ମାଖନଖାଇ, ସୁରଧାପାଲି, ଦୁର୍ଜନତୈଲା, ବ୍ରାହ୍ମଣୀପାଲି, ଗୋଘାଟ, ବରଘାଟ ଦାଦର ଆଦି ଗ୍ରାମର ୬ଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ପ୍ରତ୍ୟହ ଉକ୍ତ ବାଟଦେଇ ସାଗଯୋରୀ ସ୍କୁଲକୁ ଯାଇଥାନ୍ତି। ପୂର୍ବରୁ ହରିହରଯୋର ପ୍ରକଳ୍ପ ଉପର ରାସ୍ତା ଦେଇ ଛାତ୍ରୀଛାତ୍ର ଯିବା ଆସିବା କରୁଥିଲେ। ମାତ୍ର ଉକ୍ତ ରାସ୍ତା ଏବେ ଖାଲଖମା ପୂର୍ଣ୍ଣ ହେବା ସହିତ ଶୋଚନୀୟ ହୋଇପଡିଛି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉ ନାହାନ୍ତି। ଫଳରେ ସେହି ବାଟରେ ଏବେ ଯିବା ଆସିବା ସମ୍ଭବ ହେଉନାହିଁ । ଏହି ରାସ୍ତାରେ ଅନେକ ସମୟରେ ଦୁର୍ଘଟଣା ମଧ ହେଉଛି। ତେଣୁ ଛାତ୍ରୀଛାତ୍ରମାନେ ବାଧ ହୋଇ ଯୋର ପାର ହୋଇ ସ୍କୁଲ ଯାଉଛନ୍ତି। ଟିକିଏ ବର୍ଷା ହେଲେ ଯୋରରେ ପାଣି ଆସୁଛି। ପିଲାଏ ବହିପତ୍ର ଓ ସାଇକେଲ ଧରି ୩ରୁ ୪ ଫୁଟ ପାଣି ପାର ହେଉଥିବା ଦେଖିବାକୁ ମିଳୁଛି ।



ଛାତ୍ରୀଛାତ୍ରମାନେ ବିପଦପୂର୍ଣ୍ଣ ଭାବେ ହରିହରଯୋର ପାର ହୋଇ ସ୍କୁଲ ଯାଉଛନ୍ତି ।

ଟିକିଏ ଅସାବଧାନତା ହେଲେ ପାଣିରେ ଭାସିଯିବାର ସମ୍ଭାବନା ରହିଛି । ଉକ୍ତ ଯୋର ଉପରେ ଏବେ ଏକ ପୋଲ ନିର୍ମାଣ ହେଉଥିଲେ ମଧ ଏହାର କାମ ମନ୍ଥର ଗତିରେ ଚାଲିଥିବାରୁ ପିଲାଏ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ ଯାଉଥିବା ଅଧିକାଂଶ ଛାତ୍ରୀଛାତ୍ର ଆଦିବାସୀ ଶ୍ରେଣୀର। ଏଣୁ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଡଙ୍ଗାରେ ପ୍ରସବ କଲେ ମହିଳା

ରାଉରକେଲା ଅଫିସ,୩।୮

୩ ଦିନ ପୂର୍ବେ ଜଣେ ଗର୍ଭବତୀ ଷ୍ଟ୍ରେଚରରେ ବୁହାହୋଇ ନଦୀ ପାର୍ ହେବା ଘଟଣା ମନରୁ ନ ଲିଭୁଣୁ ଆଉ ଜଣେ ଗର୍ଭବତୀ ବଢ଼ିଲା ନଦୀ ପାର ହେଉଥିବାବେଳେ ଡଙ୍ଗାରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ମହିଳା ଜଣକ ହେଲେ ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଦର୍ଜି ପଞ୍ଚାୟତ ଢିକିଆମ ଗ୍ରାମର ସୁନୀତା ଓରାମ। ଗତ ୧ ତାରିଖ ରାତି ୨ଟାରେ ସୁନୀତା ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଲହୁଣୀପଡ଼ା ଡାକ୍ତରଖାନା ନିଆଯାଇଥିଲା। ଗ୍ରାମରୁ ଡାକ୍ତରଖାନା ଯିବାକୁ ହେଲେ ବ୍ରାହ୍ମଣୀ ନଦୀ ପାର ହେବାକୁ ପଡ଼େ। କୌଣସି ବ୍ରିଜ୍ ନ ଥିବାରୁ ବାଧ ହୋଇ ସୁନୀତାଙ୍କୁ ଡଙ୍ଗାରେ ନଦୀ ଆରପାରିକୁ ନିଆଯାଉଥିଲା। ଏହି ସମୟରେ ସେ ସନ୍ତାନ ଜନ୍ମ ଦେଇଥିଲେ। ଏହି ଘଟଣା ସମଗ୍ର ବଣାଇ ଉପଖଣ୍ଡରେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ସାମାଜିକ କର୍ମୀ ଶାନ୍ତନୁ କୁସୁମ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏ ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। କୁସୁମ ଏକ ପ୍ରତିନିଧି ମଣ୍ଡଳୀ ସହ ବଣାଇଁ ଉପଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି। ଖୁବ୍‌ଶୀଘ୍ର ଏ ନେଇ ସେ ଜିଲାପାଳଙ୍କୁ ଭେଟିବେ ବୋଲି ଏକ ବିବୃତିରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ବର୍ଷାଦିନେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଉଥିବା ଉପରୋକ୍ତ ଗ୍ରାମବାସୀ ଏକପ୍ରକାର ଅଭିଶପ୍ତ ଜୀବନ କାଟୁଛନ୍ତି। ସରକାର ସମସ୍ତ ଅଞ୍ଚଳକୁ ଯୋଗାଯୋଗ ସୁବିଧା କଥା କହୁଥିବା ବେଳେ ଏହି ଅଞ୍ଚଳର ସ୍ଥିତି ଏବେ ସଙ୍ଗିନ ରହିଛି। ଯାହା ଉପରୋକ୍ତ ଦୁଇ ଘଟଣାରୁ ସ୍ପଷ୍ଟ ହେଉଛି। ଗୁରୁଣ୍ଡିଆ ବ୍ଲକ ସୋଲ ପଞ୍ଚାୟତ ଅନ୍ତର୍ଗତ ନୂଆପାଲି, ଉଲୁଣ୍ଡାଖେରନ, କଣ୍ଡାମୁଣ୍ଡା ଓ ପିପଲାକାନି ଆଦି ଗ୍ରାମଗୁଡ଼ିକ ବର୍ଷାଦିନେ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼େ।


## OFFICE OF THE DISTRICT EDUCATION OFFICER, NABARANGPUR

No.3808/GH-106/19-20 ADVERTISEMENT Dated the 30th July, 2019.

Applications are invited from interested eligible candidates for Warden on Contractual basis of Odisha Adarsha Vidyalaya Raigarh, Dabugan, Chandahandi, Umerkote, Tentulikhunti of Nabarangpur District for smooth running of Girls Hostel. The eligibility criteria, age limit, Number of posts and remuneration of the post and others has been mentioned below. The application must be sent to the District Education Officer, Nabarangpur through **Speed post or Registered post** only.

| Sl. No. | Name of the Post | No. of posts | Remuneration |
|---|---|---|---|
| 01 | Warden | 05 (Five) | Rs.5000/-P.M. consolidated |

The last date of receipt of the Application Form is 14.08.2019 during office hour. The applications received beyond the date line, in ordinary post, 'incomplete application and application without its enclosures will be summarily rejected. The details of the post, its eligibility and selection criteria has been given in the OAV Lr.No. 1744/ dt. 13.07.2017 & Application Form which is available in the District Website www.nabarangpur.nic.in. The same may be downloaded from the said website.

*By order of the Collector-cum-Chairman, OAVs, Nabarangpur*
**Sd./- District Education Officer, Nabarangpur**

## ତହସିଲଦାରଙ୍କ କାର୍ଯ୍ୟାଳୟ, ରାୟଗଡ଼

ଚିଠି ସଂଖ୍ୟା.୨୮୪୯/୨୦୧୯ **ବିଜ୍ଞାପନ** ତାରିଖ ୩୦।୦୭।୧୯

ଏତଦ୍ଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ରାୟଗଡ଼ ତହସିଲ ଅନ୍ତର୍ଗତ ସାଇରତ ଉତ୍ସଗୁଡ଼ିକୁ ୨୦୧୯-୨୦ ବର୍ଷଠାରୁ ପାଞ୍ଚବର୍ଷ ନିମନ୍ତେ ଲିଜସୂତ୍ରେ ଦିଆଯିବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଇଅଛି। ନିଲାମ ସ୍ଥାନ, ଧାର୍ଯ୍ୟ ତାରିଖ ଓ ସମୟ ନିମ୍ନମତେ ସ୍ଥିରୀକୃତ ହୋଇଛି।

ସ୍ଥାନ – ତହସିଲ କାର୍ଯ୍ୟାଳୟ, ରାୟଗଡ଼
ତାରିଖ ଓ ସମୟ – ପ୍ରଥମ ପର୍ଯ୍ୟାୟ ତା୧୪।୦୮।୨୦୧୯ଦିବା ୧୧ଘଟିକା
ଦ୍ୱିତୀୟ ପର୍ଯ୍ୟାୟ ତା୨୧।୦୮।୨୦୧୯ଦିବା ୧୧ଘଟିକା
ତୃତୀୟ ପର୍ଯ୍ୟାୟ ତା୨୮।୦୮।୨୦୧୯ଦିବା ୧୧ଘଟିକା

ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା ବିଜ୍ଞାପନ, ସର୍ତ୍ତାବଳୀ, ସାଇରତଉତ୍ସର ନାମ ଓ ଅବସ୍ଥାନ ଇତ୍ୟାଦି ରାୟଗଡ ଜିଲ୍ଲା **NIC website "www.rayagada.nic.in"** ରେ ଉପଲବ୍ଧ ଅଛି। ଆବେଦନକାରୀ ଦରଖାସ୍ତ ସହ ଆବଶ୍ୟକ ଦସ୍ତାବିଜ ଧାର୍ଯ୍ୟ ସମୟ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଅଥବା ତହସିଲଦାର, ରାୟଗଡ଼ କାର୍ଯ୍ୟାଳୟରେ ଦାଖଲ କରିପାରିବେ।

**ସ୍ୱା./- ତହସିଲଦାର, ରାୟଗଡ଼**

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
### ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

ଫୋନ : (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବସାଇଟ୍ - www.oshb.org

ପତ୍ର ସଂଖ୍ୟା 6656 **ବିଜ୍ଞାପନ** ତା 24.07.19

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆଇ.ଡ଼ି.ଏସ୍.ଏମ୍.ଟି., ଷଣ୍ଢକୁଦ, ପାରାଦ୍ୱୀପ ଦୋକାନ ଗୃହ ପ୍ରକଳ୍ପରେ ଦୋକାନ ଗୃହ ନଂ.ସି/୫ (C/5)କୁ (୧) ଶ୍ରୀମତୀ ପୁଷ୍ପିତା ପ୍ରଧାନ, ସ୍ୱା-୰ସୁଧାଂଶୁ କୁମାର ପ୍ରଧାନ (୨) ରାକେଶ ପ୍ରଧାନ (୩) ସତ୍ୟଜିତ୍ ପ୍ରଧାନ, ପିତା-୰ସୁଧାଂଶୁ ପ୍ରଧାନ , ଗ୍ରା-ରଙ୍ଗିଆଗଡ଼, ପୋ-ଝିମାଣି, ଥାନା-ପାରାଦ୍ୱୀପ, ଜିଲ୍ଲା-ଜଗତସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଉକ୍ତ ଦୋକାନ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ରାକେଶ ପ୍ରଧାନ, ପିତା-୰ସୁଧାଂଶୁ କୁମାର ପ୍ରଧାନ,ଗ୍ରା-ରଙ୍ଗିଆଗଡ଼, ପୋ-ଝିମାଣି, ଥାନା-ପାରାଦ୍ୱୀପ, ଜିଲ୍ଲା-ଜଗତସିଂହପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଦୋକାନ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

**ସ୍ୱା./- ସହ ପ୍ରଶାସନିକ ଅଧିକାରୀ**
**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NAYAGARH

### TENDER CALL NOTICE

**Adv. No.02/19-20 Date : 02.08.2019**

Sealed tenders are invited in plain paper from the Firm/ Agency/ Company, having valid GST registration certificate, EPF, ESI, PAN card, Valid' Labour License etc. for selection outsourcing agency for **Bio-Medical Waste Management in DHH & other peripheral Govt. Health institutions of District Nayagarh** under the administrative control of CDM& PHO, Nayagarh. The detail Term and Condition, Criteria etc. thereof can be downloaded from the official website of Nayagarh district i.e. **www.nayagarh.nic.in.** The downloaded tender papers should be accompanied with a Demand Draft of Rs. 1,000/- from any nationalized bank in favour of ZSS BMWM, Nayagarh. The tenders will have to be submitted through Regd. Post/ Speed Post/ Courier only to the office of the undersigned within 5 PM of dt.23.08.2019. The tenders will be opened on 26.08.2019 at 10.30 A.M in the presence of the tenderers or their authorized agents. The Authority reserves the rights to accept or reject any or all the tenders without assigning any reason thereof.

**Sd./-**
**CDM & Public Health Officer**
**Nayagarh**

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଆସିକା

ପତ୍ର ସଂଖ୍ୟା -୯୯୦ ତା.୦୩.୦୮.୨୦୧୯

**ବିଜ୍ଞପ୍ତି**

ଏତଦ୍ଦ୍ୱାରା ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣଙ୍କୁ ସୂଚିତ କରାଇଦିଆଯାଉଅଛି ଯେ, ପରିଷଦ କାର୍ଯ୍ୟାଳୟ ପଛପଟେ ନିର୍ମାଣ ହେଉଥିବା ଦୋକାନ ଘରକୁ ମାସିକ ଲାଇସେନ୍ସ ସୂତ୍ରରେ ପ୍ରଦାନ କରିବା ନିମନ୍ତେ ସ୍ଥିର କରାଯାଇଛି। ତଳ ମହଲା ଘର ନିମନ୍ତେ ଅମାନତ ଟ. ୧,୫୦,୦୦୦/- ଓ ଉପର ମହଲା ନିମନ୍ତେ ଟ. ୧,୦୦,୦୦୦/- ଙ୍କା ଧାର୍ଯ୍ୟ କରାଯାଇଛି। ଆଗ୍ରହୀ ବ୍ୟବସାୟୀମାନେ ଆସନ୍ତା ତା. ୦୫.୦୮.୨୦୧୯ରିଖଠାରୁ ତା. ୧୪.୦୮.୨୦୧୯ ରିଖ ମଧ୍ୟରେ କାର୍ଯ୍ୟାଳୟରୁ ଟ. ୧,୦୦୦/- ଜମାଦେଇ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ସଂଗ୍ରହ କରି ତା. ୧୬.୦୮.୨୦୧୯ରିଖ ମଧ୍ୟରେ ଆବେଦନ କରିପାରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରାପ୍ତ ହୋଇଥିବା ସମସ୍ତ ଦରଖାସ୍ତଗୁଡିକୁ ଦରଖାସ୍ତକାରୀଙ୍କ ସାମ୍‌ନାରେ ଲଟେରି ମାଧ୍ୟମରେ ଆବଣ୍ଟନ ପ୍ରକ୍ରିୟା ସଂପାଦନ କରାଯିବ।

**ସ୍ୱା./- ନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସିକା**

## ଓଡ଼ିଶା ସରକାର
## ପ୍ରାଣୀ ସମ୍ପଦ ବିକାଶ ବିଭାଗ
## କାର୍ଯ୍ୟାଳୟ: ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ରାୟଗଡା

**କ୍ଷୁଦ୍ର ଟେଣ୍ଡର ବିଜ୍ଞାପନ ସଂଖ୍ୟା.୧୩୩୬ / ତାରିଖ ୦୨।୦୮।୨୦୧୯**

No.30-M :- ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ରାୟଗଡା, ରାୟଗଡା ଜିଲ୍ଲାର ୧୧ଗୋଟି ବ୍ଲକରେ (ରାୟଗଡା/କଲ୍ୟାଣସିଂପୁର/କାଶୀପୁର/କୋଲନରା/ଗୁଣୁପୁର/ପଦ୍ମପୁର/ରାମନାଗୁଡ଼ା/ଗୁଡାରି/ବିଷମକଟକ/ମୁନିଗୁଡା/ଚନ୍ଦ୍ରପୁର) ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ନିମନ୍ତେ (ପ୍ରତି ବ୍ଲକ ପିଛା ଏକ ଗୋଟି) ବିନା-ଶୀତତାପ ନିୟନ୍ତ୍ରିତ ବୋଲେରୋ (Bolero)/ମାର୍ଶାଲ (Marshal) ଜିପ ଗଠନ ଢଙ୍ଗ ଡିଜେଲ ପରିଚାଳିତ ଯାନ (ଯାହାକି ସଂଲଗ୍ନକ-ଆଇଆଇ ପ୍ରକାରେ ସର୍ତ୍ତ ଓ ନିୟମାବଳୀଗୁଡ଼ିକୁ ଦୃଢ଼ୀଭୂତ କରୁଥିବ) ମାସିକ ଭଡା ସୂତ୍ରରେ ଯୋଗାଇଦେବା ସକାଶେ ଆଗ୍ରହୀ ପଞ୍ଜୀକୃତ ଭ୍ରମଣ କରାଇବା ସଂସ୍ଥା (Travel Agency)/ଭ୍ରମଣ ସଞ୍ଚାଳକ (Tour Operators) ଓ ବେସରକାରୀ ବ୍ୟକ୍ତି ବିଶେଷ (Private Individuals)ଙ୍କ ଠାରୁ ମୁଦଦିଆ ଦରଖାସ୍ତ ଆହ୍ୱାନ କରିଛନ୍ତି। ଟେଣ୍ଡର ବିଜ୍ଞାପନର ସବିଶେଷ ବିବରଣୀ ଓଡ଼ିଶା ସରକାରୀ ୱେବସାଇଟ (www.rayagada.nic.in)ରୁ କିମ୍ବା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ରାୟଗଡାଙ୍କ କାର୍ଯ୍ୟାଳୟରୁ ପାଇପାରିବେ। ଟେଣ୍ଡର ଦରଖାସ୍ତ ଗ୍ରହଣର ଶେଷ ତାରିଖ-୧୯।୦୮।୨୦୧୯ ଅପରାହ୍ନ ୫ଘଟିକା।

**ସ୍ୱା./-ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ**
**06083/11/0001/1920 ରାୟଗଡା**

See Career Appointment on every Wednesday & Saturday

Your classified advertisement published in Dharitri will be listed free in Dharitri online edition : **www.dharitri.com**

## Tender Call Notice for printing and supply of MAMATA Register

**Notice No. 1414 Date: 02.08.2019**

Sealed applications are invited from Printing Press / Agency to print & supply of MAMATA register for 1654 AWCs of Angul District. Details of eligibility criteria, selection procedure and application form is available in Angul District website www.angul.nic.in. The application complete in all respect should be reached to the office of the District Social Welfare Officer, Angul on or before 28.08.2019 by 1.00 PM through Speed Post/ Registered Post only.

**Sd./-**
**Collector, Angul**

## OFFICE OF THE DISTRICT EDUCATION OFFICER, ANGUL

### TENDER CALL NOTICE

**NO. 7912 Date: 03.08.19**

Sealed Tenders are invited from the registered farms of Angul District having valid registration with State Horticulture/ Agriculture department of Govt. of Odisha or Nursery having NHB accreditation for supply of Mango Graft to the school students of Chhendipada, Kaniha & Talcher blocks of Angul District by 14.08.19 directly to the District Education Officer, Angul at Amalapada, PO/Dist- Angul, Pin No- 759122. The details of tender procedure are available in district website www.angul.nic.in.

**Sd./-**
**District Education Officer, Angul**

## STATE WILDLIFE HEADQUARTERS
### OFFICE OF THE PRINCIPAL CCF (WILDLIFE) & CHIEF WILDLIFE WARDEN, ODISHA
### PRAKRUTI BHAWAN, PLOT NO.1459, SAHEED NAGAR, BHUBANESWAR- 751007

**Website: www.wildlife.odisha.gov.in,**
**Email: odishawildlife@gmail.com**
**No. 2WL Estt-(Misc)-20/2019- 6464 Dt. 03.08.2019**

**Notice**

**No.47-MM:-** It is for information for all concerned that the process of recruitment for the post of Junior Research Fellows (JRF) / GIS Analyst / Data Analyst (Computer Programmer) with reference to the Advertisement No. 2WL Estt-(Misc)-20/2019- 5537 published in daily "Dharitri" and "Sambad" on 03.07.2019 is hereby cancelled.

**By order of**
**Principal CCF (WL) & CWLW, Odisha**
**08006/11/0007/1920 Sd./- Addl. Principal CCF (WL)**

## OFFICE OF THE RAJGANGPUR MUNICIPALITY

**No.3073 Dtd.02.08.2019**

**NOTICE INVITING TENDER**

**TENDER REFERENCE NO.EO/RGP/08 OF 2019-20**
**TENDER IDENTIFICATION NO.2019_ORULB_55678**

The Bid document Work specification and set of term & conditions of contract are available at **www.tendersodisha.gov.in**

| | | | |
|---|---|---|---|
| 1) | Total No. of Work | : | 15 Nos. |
| 2) | Nature of Work | : | Civil works |
| 3) | Estimated Cost | : | 2.00 Lakh to 30.00 lakh |
| 4) | Date & time of availability of the bid documents in the portal | : | 02.08.2019 at 11.00 A.M. to 17.08.2019 up to 5.00 P.M. |
| 5) | Last date of Receipt of Bids in the portal | : | 17.08.2019 up to 5.00 P.M. |
| 6) | Bids Receipt online shall be opened on | : | 19.08.2019 at 11.00 A.M |

**Sd./- Executive Officer**
**Rajgangpur Municipality**

## GOVERNMENT OF ODISHA
### RURAL WATER SUPPLY & SANITATION ORGANISATION
### OFFICE OF THE EXECUTIVE ENGINEER RWS&S DIVISION, ANGUL :AT: TALCHER

At- Baghuabole, Po.- Hatatota, Talcher, Dist.- Angul, Pin- 759100
(Ph. No./ Fax - 06760-240762, E-mail : eerwssang@gmail.com)

**National Competitive Bidding through e-procurement**
**Bid Identification No. 07/EE/RWSS/ANGUL/2019-20 Dt. 31.07.2019 (Basudha)**

The Executive Engineer, RWS&S Division, Angul:at:Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.

Nature of Work : Rural Piped Water Supply Schemes.

No. 233-O

1. No. of Tenders : 1 No.
2. Tender Paper Cost : Rs. 10,000.00
3. Value of work : Rs. 77.92 Lakhs
4. Class of Contractor : "B" & "A" Class
5. Date & time of availability of bid document in portal : 06.08.2019 at 17.00 hours to 14.08.2019 upto 17.00 hours
6. Date & time of seeking tender clarification : 09.08.2019 upto 17.00 hours
7. Date & time of opening of tender & verification of original document : 16.08.2019 at 15.00 hours in the office of the Executive Engineer, RWS&S Division, Angul:at:Talcher
8. Time of completion : 6 (Six) Calendar Months
9. The bidders have to participate in online biding only. Further details can be seen from the website https://www.tendersodisha.gov.in.
10. Corrigendum if any shall be publish in the above website only.

Sd/- Executive Engineer,
RWS&S Division, Angul at Talcher
25019/11/0016/1920

## ODISHA POLICE, OISF, HEADQUARTERS
### PLOT NO.139 (P) KESHARI NAGAR, UNIT-V, BHUBANESWAR

**ବିଜ୍ଞାପନ**

କନେଷ୍ଟବଳ ନମ୍ବର – ୪୧୧ ମୋହନ ଭୋଇ
ପିତା – ଶ୍ରୀ ରାମ ଚନ୍ଦ୍ର ଭୋଇ
ଗ୍ରାମ – ଗୋପାଳ ପୋ – ପଲାସୋଲ
ଥାନା – ଜଗତସିଂହପୁର ଜିଲ୍ଲା – ଜଗତସିଂହପୁର

No.82-D :- ଏତଦ୍ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣ ଓ.ଏମ୍.ସି. କାଳିଆପଣି ଯାଜପୁର ସ୍ଥିତ ଓ.ଆଇ.ଏସ୍.ଏଫ୍. କ୍ୟାମ୍ପରୁ ତା୦୬।୦୫।୨୦୧୯ରିଖ ଅପରାହ୍ନଠାରୁ ତା୦୮।୦୫।୨୦୧୯ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୨ ଦିନ ସାମୟିକ ଛୁଟିରେ ଯାଇଥିଲେ। ଆପଣଙ୍କର ତା୦୯।୦୫।୨୦୧୯ରିଖ ପୂର୍ବାହ୍ନରେ କାର୍ଯ୍ୟରେ ଯୋଗଦେବାର ଥିଲା, କିନ୍ତୁ ଆପଣ ଠିକ୍ ସମୟରେ ନିଜ କାର୍ଯ୍ୟରେ ଯୋଗ ନ ଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଗରହାଜିର ରହିଛନ୍ତି। ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ, ଆପଣ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ଶିଳ୍ପ ସୁରକ୍ଷା ବଳରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ସମ୍ବାଦ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ଓ.ଆଇ.ଏସ୍.ଏଫ୍. କ୍ୟାମ୍ପ୍ ଓ.ଏମ୍.ସି. କାଳିଆପଣି, ଯାଜପୁରଠାରେ ଯୋଗଦାନ କରିବେ। ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣକରାଯିବ।

**ସ୍ୱା./- ଦୁର୍ଗପତି**
**ଓ.ଶି.ସୁ.ବ., ଭୁବନେଶ୍ୱର**
**12029/11/0017/1920 ଖୋର୍ଦ୍ଧା**

## ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ସୁନ୍ଦରଗଡ

ପତ୍ରାଙ୍କ ୨୩୮୪ / ତାରିଖ : ୦୩.୦୮.୨୦୧୯

### ସୁନ୍ଦରଗଡ ଜିଲ୍ଲା, କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ (ଛାତ୍ରୀନିବାସ)ରେ ଚୁକ୍ତିଭିତ୍ତିକ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି

ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ସୁନ୍ଦରଗଡ ଅଧିନରେ ପରିଚାଳିତ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟରେ ନିମ୍ନଲିଖିତ ପଦବୀରେ ଚୁକ୍ତିଭିତ୍ତିକ ନିୟୋଜନ ନିମନ୍ତେ ଯୋଗ୍ୟା ମହିଳା ପ୍ରାର୍ଥିନୀଙ୍କଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି। ସମସ୍ତ ପଦବୀ ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ ଏବଂ ଚୁକ୍ତିଭିତ୍ତିକ।

| କ୍ରମିକ ସଂଖ୍ୟା | ପଦବୀର ନାମ | କେ.ଜି.ବି.ଭି.ର ନାମ ଓ ଖାଲି ଥିବା ପଦବୀ ସଂଖ୍ୟା | ଆବେଦନ ନିମନ୍ତେ ଶିକ୍ଷାଗତ ଯୋଗ୍ୟତା | ମାସିକ ପାରିଶ୍ରମିକ |
|---|---|---|---|---|
| ୧ | ପାର୍ଟ ଟାଇମ୍ ଟିଚର୍ (ସଂସ୍କୃତ/ ହିନ୍ଦୀ) | ଲାଇଙ୍ଗ୍, (ରାଜଗାଙ୍ଗପୁର) (୧) କୋଇଡା (୧) | B.A. In Sanskrit ସାହିତ୍ୟାଚାର୍ଯ୍ୟ ବୟସ ସୀମା (୧୮ ରୁ ୩୫ ବର୍ଷ) | ମାସକୁ ୫୦୦୦ ଟଙ୍କା |
| ୨ | ପାର୍ଟ ଟାଇମ୍ ଟିଚର୍ (ଇଂରାଜୀ) | ବନ୍ଧମୁଣ୍ଡା (ଖ), (ବିଶ୍ରା) (୧) | B.A. with B.Ed., ଯଦି ନ ମିଳନ୍ତି B.A. ଇଂରାଜୀ ରେ (Hons) ଯଦି ନ ମିଳନ୍ତି B.A. ଇଂରାଜୀ ବିଷୟରେ ୫୦% ମାର୍କ ରଖିଥିବେ। (୧୮ ରୁ ୩୫ ବର୍ଷ) | ମାସକୁ ୫୦୦୦ ଟଙ୍କା |
| ୩ | ପାର୍ଟ ଟାଇମ୍ ଟିଚର୍ (ଗଣିତ / ବିଜ୍ଞାନ) | ଲାଇଙ୍ଗ, ରାଜଗାଙ୍ଗପୁର (୧) ହାତିବାରୀ, ନୂଆଗାଁ -(୧) ଗୁରୁଣ୍ଡିଆ -(୧) ଗୋବିନ୍ଦପୁର, ବୋଣାଇଁ(୧) | B.Sc. ସହ B.Ed. ଯଦି ନ ମିଳନ୍ତି B.Sc. ପ୍ରାର୍ଥିନୀ ନିଆଯିବ। (୧୮ ରୁ ୩୫ ବର୍ଷ) | ମାସକୁ ୫୦୦୦ ଟଙ୍କା |
| ୪ | ଏକାଉଣ୍ଟାଣ୍ଟ୍ | ଅଣ୍ଡାଳି ଜାମ୍‌ବାହାଲ, କୁଆରମୁଣ୍ଡା -(୧) ଲହୁଣୀପଡା -(୧) ଗୋବିନ୍ଦପୁର, ବଣାଇଁ (୧) | B.Com ସହିତ କମ୍ପ୍ୟୁଟର ଶିକ୍ଷା (୧୮ ରୁ ୩୫ ବର୍ଷ) | ମାସକୁ ୭୧୦୦ ଟଙ୍କା |

ସ୍ଥାନୀୟ ଆବେଦନକାରୀଙ୍କୁ ଅଗ୍ରାଧିକାର ଦିଆଯିବ। ଯଦି ଆଞ୍ଚଳିକ ପ୍ରାର୍ଥିନୀ ନ ମିଳନ୍ତି, ତେବେ ସେହି ବ୍ଲକ୍ ବା ଯଦି ବ୍ଲକରୁ ନ ମିଳନ୍ତି ଜିଲ୍ଲା ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ। ଆବଶ୍ୟକ ସ୍ଥଳେ ନିଜ ଜିଲ୍ଲାରୁ ନ ମିଳିଲେ ଅନ୍ୟ ଜିଲ୍ଲାରୁ ନିୟୋଜିତ କରାଯିବ। ଯୋଗ୍ୟା ପ୍ରାର୍ଥିନୀ ମାନଙ୍କର ଆବଶ୍ୟକୀୟ ଶିକ୍ଷାଗତ/ ତାଲିମ୍ ଯୋଗ୍ୟତାର ସାର୍ଟିଫିକେଟ୍ ଓ ମାର୍କଶିଟ୍, ଅଭିଜ୍ଞତା, ଜନ୍ମ ତାରିଖ, ଆବେଦନ କରିଥିବା ପଦବୀର ନାମ ସହ ଆବାସିକ ପ୍ରମାଣ ପତ୍ର, ଜାତିଗତ ପ୍ରମାଣ ପତ୍ର ଆଦିର ସ୍ୱସ୍ୱାକ୍ଷରିତ ଅବିକଳ ନକଲ ସହିତ ଦୁଇଟି ପାସପୋର୍ଟ ସାଇଜ କଲ୍‌ର ଫଟୋଗ୍ରାଫ ଆବେଦନ ପତ୍ର ଫର୍ମରେ ସଂଲଗ୍ନ କରି ୨୦.୦୮.୨୦୧୯ ତାରିଖ ସୁଦ୍ଧା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ସୁନ୍ଦରଗଡ, ପିନ୍ କୋଡ୍ ୭୭୦୦୦୧ ଠିକଣାରେ କେବଳ Regd. Post/ Speed Post ଜରିଆରେ ଉପରୋକ୍ତ ଠିକଣାରେ ପହଞ୍ଚିବା ଆବଶ୍ୟକ। ପ୍ରାର୍ଥିନୀମାନେ ଏନଭଲପ୍ସ ଉପରେ ଆବେଦନ କରିଥିବା ପଦବୀର ନାମ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବା ଜରୁରୀ ଅଟେ। ଆବଶ୍ୟକୀୟ ପ୍ରମାଣପତ୍ର ସଂଲଗ୍ନ ହୋଇନଥିବା ଅସମ୍ପୂର୍ଣ୍ଣ ଆବେଦନ ପତ୍ର, Regd. Post/Speed Post ବ୍ୟତୀତ ଅନ୍ୟାନ୍ୟ ଜରିଆରେ କିମ୍ବା ଅନ୍ତିମ ତାରିଖ ପରେ ପହଞ୍ଚିଥିବା ଆବେଦନ ପତ୍ର ବିଚାରକୁ ନିଆଯିବ ନାହିଁ। ଉପରୋକ୍ତ ବିଜ୍ଞାପନକୁ କର୍ତ୍ତୃପକ୍ଷ ଇଚ୍ଛାକଲେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିପାରିବେ।

• ଆବେଦନ ପତ୍ର sundergarh.nic.inରେ ଉପଲବ୍ଧ ଅଟେ।

**ସ୍ୱା./- ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ସମଗ୍ର ଶିକ୍ଷା, ସୁନ୍ଦରଗଡ**

## GOVERNMENT OF ODISHA
### OFFICE OF THE EXECUTIVE ENGINEER, BIDYADHARPUR CANAL DIVISION, BIDYADHARPUR

No. 174-A

(E-mail Id: - eebcdivision@gmail.com/ loabp-eicwr.od@nic.in)

**Bid Identification No. EEBCD-04 OF 2019-20**

| Name of the Procurement office | Name of Work | Bid Id No. | Tender Cost in Lakhs (Appx.) | Bid Security in Rs. | Cost of Bid Document | Availability of Tender On-line for bidding From | Availability of Tender On-line for bidding To | Date of Opening |
|---|---|---|---|---|---|---|---|---|
| Executive Engineer Bidyadharpur Canal Division Bidyadharpur | Providing man power services for security arrangement for Salandi Dam at Hadagarh and Salandi Barrage at Bidyadharpur on contract basis through service provider for the period from September-2019 to March-2020. | EEBCD-04 of 2019-20 | 15.43 | 15500/- | 6000/- | 05.08.19 11.30 hrs | 19.08.19 17.00 hrs | 20.08.19 12.00hrs |

Further details can be seen from the Govt. website www.tendersorissa.gov.in/ www.dowrodisha.gov.in. Addendum/ Corrigendum/ Cancellation if any required will be published in Govt. website only.

Sd./- Executive Engineer,
Bidyadharpur Canal Division, Bidyadharpur
32240/11/0002/1920

## GOVERNMENT OF ODISHA
## DEPARTMENT OF WATER RESOURCES

177-A

### Office of the Superintending Engineer, Drainage Circle, Balasore.
### "e" PROCUREMENT NOTICE NO.- SEDCBLS - 03/2019-20
### Bid Identification Number - SEDCBLS/ DDBDK- 03/2019-20

| | | |
|---|---|---|
| 1 | Name of work:- | 1. Improvement to Drainage cum creek along with construction of VRBs in Totapada G.P. of Chanadali Block under Doab No-XII. 2. Improvement of Storm Water Drainage Channel (Concrete Drain in Bhadrak Municipality) in Salandi-Baitarani Doab No-XIII (Part-II). |
| 2 | Bid Identification Number | SEDCBLS/ DDBDK- 03/2019-20 |
| 3 | Value of work:- 1. Rs | 1. Rs.1,72,77,304/- excluding (G.S.T.) 2. Rs. 3,49,60,047/- excluding (G.S.T.) |
| 4 | Period of completion:- | 11 (Eleven ) Calendar months |
| 5 | Date & Time of availability of Bid document in the Portal | From Dt.09.08.2019 at 10.00 hours to Dt.27.08.2019 at 17.00 hours |
| 6 | Date & time for receipt of bids in the Portal | From Dt.09.08.2019 at 10.00 hours to Dt.27.08.2019 at 17.00 hours |
| 6 | Date of Opening of technical bid | Dt.28.08.2019 at 11.30 Hrs in the O/o The S.E.D.C., Balasore |
| 7 | Date of Opening of financial bid | Dt.11.09.2019 at 11.30 Hrs in the O/o The S.E.D.C., Balasore |
| 8 | Date of lottery (if required) | Dt.13.09.2019 at 11.30 Hrs in the O/o The S.E.D.C., Balasore. |
| 9 | Procurement Officer/ Name & address of the officer inviting Bids. | Superintending Engineer, Drainage Circle, Balasore. |

Further details can be seen from the Govt. Website **www.tendersorissa.gov.in.** Any addendum/ corrigendum/ cancellation of tender can also be seen in said website.

**Sd./- Superintending Engineer**
**Drainage Circle, Balasore**
32190/11/0003/1920

# SUNDAY classifieds




## BRIDE WANTED

Brahmin 28/5'5", working in Gas company searching bride (Odisha). 8338083380. D-13756

Khandayat 35/5'6", Bhubaneswar searching bride (any location). 8338083380, 8480611745. D-13758

Khandayat boy 1986, B.Tech working at Vedanta, 1987 working at PNB, 1987 working as Geologist required beautiful tall girls. 9040120506, 7608969523. D-62197

Teli boy 1990, Manager MNC, Odisha, Vaisnabi. 06742362186, 2551286, 9238578590. D-66169

Brahmin boy 1986 / 5'8", +2, businessman required housewife. Barsha: 9338229705, 7749883585. D-66170

Karan boy 1989, B.Tech (CET), MBA (IIM), Software Engineer, Bangalore. 9437555525. D-67211

ଗୌରବର୍ଣ୍ଣ ଉଚ୍ଚଶିକ୍ଷିତା, 5'2" ଊର୍ଦ୍ଧ୍ୱ ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। ବୟସ 35 / 5'8", Private Bank Manager, Bhubaneswar ନିମନ୍ତେ। 9692155737. D-13663

Khandayat boy 1982, M.Phil (Math), Ph.D, Asst. Professor, IIT. 9861255959. D-67206

## GROOM WANTED

MA କରିଥିବା, 45 ବୟସ୍କା, BBSR, ଛାଡ଼ପତ୍ର ପ୍ରାପ୍ତ ନିଃସନ୍ତାନ ବ୍ରାହ୍ମଣ ଝିଅଙ୍କ ପାଇଁ ପୁଅ ଦରକାର। 7381460017. D-13755

Match for beautiful, very fair, homely, brahmin girl, 34 yrs, 5'4", only to be housewife, no service, parents well settled at Bhubaneswar. Direct contact: 91-8144758880. D-66277

Brahmin MBBS 27/5'4", Cuttack, searching groom (Any location). 8338083380, 8480611745. D-13757

Beautiful Dama girl 1992, BSC working at PNB, 1994, BSC working at Kotak Mahindra groom wanted. 9040120506, 7608969523. D-62198

Govt.ର Technical Assistant, ସେଠୀ ଘରର ବିଧବା ଝିଅ, ବୟସ 49 ବର୍ଷ। ଯେ କୌଣସି ଜାତିର ବରପାତ୍ର ଆବଶ୍ୟକ। 8763283720. D-63787

Carpenter girl 1990/ Nationalised Bank Manager, Bhubaneswar, (No vision) Caste-no-bar. 9438852432, 9337336614. D-66165

Muslim bride 34/5'2" Khorda searching groom (Any location). 8338083380. D-13671

Bania 33/5' Assistant Professor, Bhubaneswar. Searching groom. 8338083380, 8480611745. D-13672




## SALE

TATA ACE mega 2017 model, NANO TWIST in excellent condition. Finance facility available. 9439778849. D-64997




## SALE

**3500 sqft gharabari plot sale at Jagamara (Khandagiri), 30 feet road, Bhubaneswar. Contact Deepak-9937329999.** D-66272

Flat for sale of 2BHK flat at NH road side Khordha 1km. from Khordha Hospital. 9439778849, 7381883881. D-64983

**Gharabari boundary plot Tamando MCL boundary side, direct owner: 8144391451.** D-66739

Residential house at Rasulgarh, plots sale at AIIMS. Contact: 8249317990. D-13714

**Bhubaneswar Pitapallire BDA plot sqft. 549/-ରେ ମିଳୁଅଛି 9090963952, 9937605788.** D-66737

Gharabari, boundary, Electricity plot at Bhingarpur, Hanspal. Call: 9937816565, 9937568585. D-13653

SUM Hospital ନିକଟରେ ଏବଂ ତମାଣ୍ଡୋ ବଜାର ପଛପଟେ ଘରବାରି plot ମିଳୁଅଛି। 9439864322. D-66752

4BHK duplex with gated community at Balianta (land- 1400 construction-2200 @ 55lakh and 2600 @ 65lakh). Contact: mplanets-9938219397, 9861022055. D-13652

3 Store Building For Sale Near Dhauli Bhubaneswar. All Are 3BHK Flat. New Building Contact - 9337730923. D-13575

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs, Contact - 9937059891, 8908292617.** D-13507

Sthitiban & patta plot near Bigbazar Patia to 3 k.m. Singada mouza 0.100 decml 4356 sqft Rs. 12lakh. Contact No: 8270495179. D-13725

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13500

Puri land for sale at Sankarpur Mouza 4acre nearest new N.H., 8018702198. D-64082

Flat for sale Geetanjali Palace, flat No. 4D, Bomikhal, Bhubaneswar. Contact: 9971616974, 9938127129. D-66276

**ଭୁବନେଶ୍ୱର ବାଲକାଟିବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-550/- (Spot possession then registration). 9348020724, 7978939440.** D-66744

2350 sqft residential plot near CET College, Ghatikia, Bhubaneswar, price-61lakh. Mobile: 9078151122. D-67341

**Studio flats (350sqft) specious 1BR cubical (590sqft) besides Lokanath temple, Puri, very affordable price for booking. Contact: Susil Pradhan (MBA Marketing)-9348261173.** D-67331

Sale of mud (ମାଟି) 20 trucks free clear of area. 8917525377, 9777509408. D-13743

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66753

Booking 2BHK simplex 1500 sqft land 27,40,000/-, Tankapani road,Sai Temple, simplex BJEM-(2) 1200 SQFT LAND 15,80,000/-. 7735738102. D-13713

**Sale of triplex near Rasulgarh chowk, cost @ 2.55 crore. Contact: 9437573355, 9861068796.** D-13664

Bhubaneswar Patia ଅଞ୍ଚଳରେ ଜଗନ୍ନାଥ ମନ୍ଦିର ପାଖରେ yellowzone, boundary ସୁବିଧା ଥାଇ ଜାଗା କିଣନ୍ତୁ। 8249693292. D-13707

**2Bedroom ready to move flat at Pokhariput, Bhubaneswar. Genuine buyers directly contact: Deepak-9937329999.** D-66274

**2600 sqft corner plot sale at SUM Hospital (CET College), 30 feet road, Bhubaneswar. Contact: Deepak-9937329999.** D-66273

**Ready to construction BDA yellowzone boundary, Electricity plot near VSS Nagar, Chakeisihani. 7978666923, 7326065426.** D-66751

**ଭୁବନେଶ୍ୱର କଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲୱେ ଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଅଛି । 9776974912, 8144706560.** D-66750

**ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft-400/- outrightରେ ମିଳୁଅଛି। 9348847649, 8249243709.** D-66749

**Ready to move 4BHK flat near Hotel Mayfair, Jaydev Vihar, price Rs. 5500/- per sqft & triplex and duplex at Rangabazar near BJEM English Medium School-II. Price start Rs. 45lakhs. Call: 9040046767, 9040007267.** D-67340

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67339

**Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452/ 8249851363.** D-66937




**Construct your dream home with pillar beam and interior design from the experts. Contact: 7008550473.** D-13651

**Built Your residential and commercial project with best quality material @ 1349/- onwards with 20 years experienced technical team. We provide Architecture, structural & BDA plan approval. SMPL Infratech 9040008777.** D-13722

## GENERAL

## SALE

Sale of Icecream 200pcs new trays, Bhubaneswar. 8917525377, 9777509408. D-13742

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714




3BHK apartment for to-let in Baishnav Vihar, Bomikhal, Bhubaneswar for family. 9238574993, D-13724

Independent house 1900 sqft / 4000 sqft plot, Patia, Bhubaneswar. 9437346902. D-67207

Three bedroom, two bath, kitchen, drawing cum dining, big balcony at Sahid Nagar. Contact: 9937444411. D-66275

3000 sqft. 3rd floor and 1300 sqft. 4th floor adjacent to BMC Mall, Sahid Nagar, Bhubaneswar for rent to Bank / Office / Corporates. Call: 9938014712. D-13746

Open space with boundary for rent of 30000sqft. for godown/ stockyard available opposite Synergy College, Bhubaneswar. Call: 9938014712. D-13747

2BHK Laxminarayan Mandir lane near DAV School, Bhubaneswar. 8144610464, 9437536413. D-64995

**Open space for rent at Jaipur Mauja near Pahala, Hanspala, about 18000 sqft. 9853631559, 9338562829.** D-13648

2000sqft house each in 1st and 2nd floor with parking space near Bomikhal, Durgamandap, Bhubaneswar for office/ residence. Contact: 9437179626. D-66167

1000 sqft house at HB Colony, Chandrasekharpur on mainroad side for commercial purpose. 9438283062. D-66168

1BHK available for rent at Paikanagar, Bhubaneswar. Contact: 9831472010, 9831474844. D-64996

**10000 sqft cover godown available for rent at Hanspal highway square side, Bhubaneswar. sqft. 24/-. Contact: 9937097791.** D-66748




Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Ayurvedic full body massage ladies & gents smart therapist. 9040900385. D-66935

Full body herbal massage with refreshment expert therapist. 7381239385, 06742540855. D-67337

Experience full body massage with us (expert). Call: 7377048581, 06742597822. D-67338

Herbal full body massage by smart / expert therapist. Contact: 8338067247. D-67335

Summer special mesmerizing offer expert therapeutic refreshing massage appointment. 9668374480. D-67336

Thailand unisex massage experience luxurious hospitality home services. 7077335555. thailandunisexspa9853999966@gmail.com. D-59937

## PACKERS & MOVERS

Shivam logistic packers movers. Household/ car relocation countrywide. 9777044177, 9338461133. D-13610

## ASTROLOGY

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ–ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13718

## LOST

ମୁଁ ଗଣ୍ଡୋତି ଈଶ୍ୱର ରାଓ, ପି– ଗଣ୍ଡୋତି ନାଗେଶ୍ୱର ରାଓ, ଗ୍ରାମ–ଟୁପାପଡ଼ା, ଜିଲ୍ଲା–ବରଗଡ଼। ତା. ୦୫.୦୭.୨୦୦୫ ଦିନ ରେଜେଷ୍ଟ୍ରି କରିଥିବା ସେଲ୍‌ଡ଼ିଡ଼ ନଂ. ୬୨୬. ଟୁପାପଡ଼ା– ଅତାବିରା ଛକ ମଧ୍ୟରେ ତା. ୦୧.୦୭.୨୦୧୯ ରେ ହଜିଯାଇଛି। କୌଣସି ବ୍ୟକ୍ତି ପାଇଲେ ମୋ.ନଂ: ୯୦୯୦୪୦୮୯୮୪ କୁ ଯୋଗାଯୋଗ କରିବାକୁ ଅନୁରୋଧ। ଧ–୧୩୭୫୯

## AFFIDAVIT

I, Laxmi Bai, spouse of Sankarshan Sahoo resident of At/Po: Notar, P.s: Itamati, Dist: Nayagarh (Odisha) have changed my name from Laxmi Bai to Laxmi Sahoo vide affidavit date 30.07.2019 before Nayagarh Court, Odisha. D-67029

I Rupa Dhar, W/o: Hara Mohan Dhar, R/o- At/ Po- Jagannathpur, PS.- Coliery, Sub: Division-Talcher, Dist- Angul, Odisha, D.O.B- 15.11.1971, state that both the names Rupa Dhar and Roop Dhar are of same person and I will be known as Rupa Dhar for all purposes forever vide affidavit dated 26.07.2019 sworn in the court of judicial Executive Magistrate, Talcher. D-40547

By an affidavit before the Notary Public, Junagarh I Dhanraj Goel. DOB- 06.07.1986, S/o- Rabishankar Agrawal, Ward No.10, Talbandhpada, Junagarh, Dist- Kalahandi declared that I have changed my name from Naresh Kumar Agrawal to Dhanraj Goel. Henceforth I shall be known as Dhanraj Goel for all Purposes. D-13760

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଦୀପକ କୁମାର ମିଶ୍ରଙ୍କ ଡକ୍ଟରେଟ ଲାଭ



ସମ୍ପ୍ରତି ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇ (S.S.B) ଯାଜପୁରର ଯୁଣଭଦ୍ରା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଦୀପକ କୁମାର ମିଶ୍ର ଶାନ୍ତିନିକେତନ ବିଶ୍ୱଭାରତୀରୁ (ପଶ୍ଚିମବଙ୍ଗ) ଗବେଷଣା କରି ପି.ଏଚ୍.ଡ଼ି ଡ଼ିଗ୍ରୀ ହାସଲ କରିଛନ୍ତି। "ପୁନର୍ମୂଲ୍ୟାୟନ ପୃଷ୍ଠଭୂମିରେ ଓଡ଼ିଆ ପୌରାଣିକ ଉପନ୍ୟାସ" ଶୀର୍ଷକ ସନ୍ଦର୍ଭ ପ୍ରସ୍ତୁତ କରି ବିଶ୍ୱଭାରତୀ ଓଡ଼ିଆ ବିଭାଗର ମୁଖ୍ୟ ପ୍ରଫେସର ଡ. କଇଳାଶ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏ ଶ୍ରେୟ ହାସଲ କରିବା କ୍ଷେତ୍ରରେ ସେ ସଫଳକାମ ହୋଇଛନ୍ତି। ତାଙ୍କର ସନ୍ଦର୍ଭଟି ଜେ.ଏନ୍.ୟୁର(ନୂଆଦିଲ୍ଲୀ) ଓଡ଼ିଆ ବିଭାଗର ପ୍ରଫେସ୍ ଡ଼. ଉଦୟନାଥ ସାହୁଙ୍କ ଦ୍ୱାରା ଉଚ୍ଚ ପ୍ରସଂସିତ ହୋଇଛି। ଡ଼. ମିଶ୍ର ତାଙ୍କର ଗବେଶଣା ଲବ୍ଧ ସଫଳତା ପାଇଁ ଶାନ୍ତି ନିକେତନର ପ୍ରଫେସର ଡ଼. ଗିରିବାଳା ମହାନ୍ତି, ଠାକୁମା' ଚନ୍ଦ୍ରମଣି ମିଶ୍ର, ବାପା: ଶ୍ରୀଯୁକ୍ତ ସୁବ୍ରତ ମିଶ୍ର, ବୋଉ: ଶ୍ରୀମତୀ ନମିତା ରାଣୀ ମିଶ୍ର, ଜୀବନସାଥୀ: ଅଧ୍ୟାପିକା ମିନତୀ ମଞ୍ଜରୀ ନାୟକ (S.S.B), ତଥା ଶାନ୍ତିନିକେତନ ଓ ଯୁଣଭଦ୍ରା ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ବନ୍ଧୁବର୍ଗଙ୍କ ଆଶୀର୍ବାଦ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ତାଙ୍କର ଏ ସଫଳତା ପାଇଁ ସେ ପରିବାରର ଇଷ୍ଟଦେବ ଶ୍ରୀଗଣେଶଜୀଉଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି।

ଧ–୧୩୭୪୯

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ବିବାହ ଶୁଭେଚ୍ଛା ଟ୨୧୦/– (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) x ୪ସେମି. (W) ହେବା ଆବଶ୍ୟକ।

### Birthday wish



BHOOMI

May you forever sparkle and shine like the star that you are. Happy Birthday my Princess.

**Best Wishes:**
Biju Bapa (Jharpada, BBSR)

D-13745

### Birthday Wish



**Sudhanshu Sekhar Sahoo**
**D.O.B: 04.08.2004**
**(15th Birthday)**
**Happy Birthday Sudhanshu**

**Best wishes:**
ଜେଜେବାପା, ଜେଜେମା, ବାପା, ମା, ଦାଦା, ଖୁଡ଼ୀ, ସାନ ଭାଇ।

ଧ–୧୩୭୪୩

## ମନେ ପଡ଼ନ୍ତି

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଇଂ କୈଶିକ୍ ମହାଲିକ୍**
(ସୋନୁ)
ଆବିର୍ଭାବ: ୦୯.୦୨.୧୯୮୭
ତିରୋଧାନ: ୦୩।୦୮।୨୦୧୧

ଧନ ତୁ ମୋଠାରୁ ବହୁତ ଦୂରକୁ ଚାଲିଯାଇଛୁ ଚାହିଁଲେ ବି ତୋତେ ଦେଖି ପାରୁନି କିନ୍ତୁ ତୋର ହୃଦୟସ୍ପର୍ଶୀ ଦିନଗୁଡ଼ିକ ମୋର ହୃଦୟରେ ଲିପିବଦ୍ଧ ହୋଇ ମୁଁ ତୋତେ ଝୁରି ଝୁରି ମରୁଛି। କିନ୍ତୁ ଏ ନିୟତି ମୋତେ ନେଉନାହିଁ।

'ଇତି'

ତୋର ବାପା, ମା, ବନ୍ଧୁ ଓ ପରିବାରବର୍ଗ।

ଧ–୬୬୭୫୪

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳୀ



**ସ୍ୱର୍ଗତା ସଂଯୁକ୍ତା ପାଢ଼ୀ**
ଆବିର୍ଭାବ– ୨୯.୦୫.୧୯୪୭
ତିରୋଧାନ– ୧୪.୦୮.୨୦୧୮
ଶ୍ରାବଣ ଶୁକ୍ଳପକ୍ଷ ଚତୁର୍ଥୀ

ଚାହିଁ ଚାହିଁ ଏକ ବର୍ଷ ପୂରିଗଲା । ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମର ସ୍ନେହ, ଶ୍ରଦ୍ଧା, ଆତ୍ମୀୟତା, ତ୍ୟାଗ ଓ କର୍ତ୍ତବ୍ୟ ପରାୟଣତା ଆମ୍ଭମାନଙ୍କ ପାଇଁ ଏବେ ବି ଚିରସ୍ମରଣୀୟ ହୋଇ ରହିଛି । ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ଭଗବାନଙ୍କଠାରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ: ସ୍ୱାମୀ– ସଚ୍ଚିଦାନନ୍ଦ ପାଢ଼ୀ, ପୁଅ/ବୋହୂ– ହିଟୁ–ପୁଷ୍ପା, ବୁଲୁ–ଦିପା, ଚିଟୁ–ଲିନା, ନାତି/ନାତୁଣୀ–ଶୁଭମ, ସଙ୍ଗମ୍, ଶିବମ୍, ମେଘା, ସାଇ ଓ ପାଢ଼ୀ ପରିବାର ବର୍ଗ ଏବଂ ମାଁ ତାରିଣୀ ଫ୍ୟୁଏଲ ସେଣ୍ଟର, ବଲମ ।

ଧ–୧୩୭୫୧

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବିଶ୍ୱାମିତ୍ର ମହାକୁଳ**
ଆବିର୍ଭାବ: ଅକ୍ଷୟ ତୃତୀୟା ୧୯୫୯
ତିରୋଧାନ: ଶ୍ରାବଣ ଚତୁର୍ଥୀ ୨୦୧୭

ହୃଦୟ ସ୍ପନ୍ଦନର ତାଳେ ତାଳେ ଆପଣ ପ୍ରତି ମୁହୂର୍ତ୍ତରେ ମନେପଡ଼ନ୍ତି। ଆପଣଙ୍କ ଅନାବିଳ ପ୍ରେମ, ଆନ୍ତରିକ ସ୍ନେହ, ଶ୍ରଦ୍ଧା ତଥା ଆଦର୍ଶ ଆପଣଙ୍କୁ ଚିର ଅମର କରି ରଖିଛି। ତଥାପି ଆପଣଙ୍କ ହସହସ ମୁହଁ ତଥା ଶାରୀରିକ ଅନୁପସ୍ଥିତି ଆମ ସମସ୍ତଙ୍କୁ ବ୍ୟାକୁଳ ତଥା ବ୍ୟଥିତ କରିଥାଏ। ଆପଣଙ୍କ ୨ୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କୁ ପ୍ରାର୍ଥନା।

**ଆପଣଙ୍କ ଚିର ସ୍ମୃତିରେ:**
ଅଭାଗିନୀ ପତ୍ନୀ: କଳ୍ପନା, ଝିଅ: ଅନନ୍ୟା, ପୁଅ: ପ୍ରିନ୍ସ ଓ ଜ୍ୱାଇଁ: ମଦନ।

ଧ–୧୩୭୫୩

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ବିଦ୍ୟୁତଲତା ମହାନ୍ତି**
(ସହଧର୍ମିଣୀ ସ୍ୱର୍ଗତ ଅପୂର୍ବ କୁମାର ମହାନ୍ତି)
ଆବିର୍ଭାବ: ୧୬।୦୩।୧୯୪୩
ତିରୋଧାନ: ୧୪।୦୮।୨୦୧୮
ଏନ୍–୨/୧୨୦, ଆଇ.ଆର୍.ସି.ଭିଲେଜ, ଭୁବନେଶ୍ୱର
(ଶୁକ୍ଳପକ୍ଷ ଶ୍ରାବଣ ଚତୁର୍ଥୀତିଥି)

ବୋଉ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଗୁରୁଦେବ ବାୟାବାବାଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।

**ଶୋକସନ୍ତପ୍ତ:**
ପୁତ୍ର/ପୁତ୍ରବଧୂ– ବୁଲୁ–ନୀତା, ବାବୁ–ଜୁଲି, ମୁନି–ମିରା, ଫନି–ଧରିତ୍ରୀ, ଝିଅ/ଜ୍ୱାଇଁ: ରୁବି–ମଣ୍ଡଳ, ମାମୁନି–ଯତୀନ୍, ଜିନୁ–ବେଟୁ, ନାତି/ନାତୁଣୀ–ବିଟନ୍, ଲିଟନ୍, ପିନ୍ଟୁ, ଟୁନା, ମିତ୍, ଗୁଣ୍ଟୁ, ଅର୍ପିତା ଏବଂ ଅନନ୍ୟା।

ଧ–୫୬୬୭୪୯

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଜୟ ଗୋପାଳ ଦାଶ**
ବାସୁଦେଇପୁର, ଦାଣ୍ଡମୁକୁନ୍ଦପୁର
ଆବିର୍ଭାବ: ୧୦।୦୨।୧୯୪୦
ତିରୋଧାନ: ୧୮।୦୮।୨୦୧୫

ଚାହୁଁ ଚାହୁଁ ୪ ବର୍ଷ ବିତିଲା। ଅଜଣା ରାଇଜେ ଛାଡ଼ିଗଲ ମତେ ଚାଲି। ନିଷ୍ଠୁର ଠାକୁର ଶୁଣିଲେନି ମୋତେ ରହିଗଲି ମୁଁ ଗଲତୁମେ କେଉଁଠି ଚାଲି। ତୁମେ ହୃଦୟେ ସଦା ରହିଥିବ ମୋର ଯିବା ଯାଏଁ ମୁହିଁ ସ୍ୱର୍ଗ ଦୁଆର।

**ଶୋକସନ୍ତପ୍ତ:**
ହତଭାଗିନୀ ସ୍ତ୍ରୀ: ଇନ୍ଦୁ, ପରିବାରବର୍ଗ।

ଧ–୧୩୭୫୦

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

ଧରିତ୍ରୀ
DHARITRI
Dhenkanal, Sunday, 4 August 2019





"ତେଲେଙ୍ଗାନାର ମେଡକ ଜିଲାର ମନୋହରାବାଦ୍‌ରେ ଆଇଟିସିର ୮୦୦କୋଟି ଟଙ୍କାର ଫୁଡ୍ ପ୍ରସେସିଂ କାରଖାନା ନିର୍ମାଣ ଶେଷ ହୋଇଛି।
– ସଞ୍ଜୀବ ପୁରୀ, ଆଇଟିସି ଅଧ୍ୟକ୍ଷ



"ବନ୍ଧନ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷରେ ୩୪୦ ଡୋର୍‌ଷ୍ଟେପ୍ ସେବା କେନ୍ଦ୍ର ଖୋଲିବ। ସେହିପରି ୧୮୭ ନୂଆ ବ୍ୟାଙ୍କ ଶାଖା ଖୋଲାଯିବ।
– ଚନ୍ଦ୍ର ଶେଖର ଘୋଷ, ସିଇଓ, ବନ୍ଧନ ବ୍ୟାଙ୍କ

## ସଂକ୍ଷେପରେ

### ୧୫ରୁ ଲାଗୁ ହେବ କିଷାନ ପେନ୍‌ସନ ସ୍କିମ୍



**ନୂଆଦିଲ୍ଲୀ,୩-୮:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସରୁ କିଷାନ ପେନ୍‌ସନ ସ୍କିମ୍‌କୁ ଲାଗୁ ହେବା ନେଇ ଘୋଷଣା କରିବାକୁ ଯାଉଛନ୍ତି। କୃଷି ସଚିବ ରାଜ୍ୟଗୁଡ଼ିକୁ ପତ୍ର ଲେଖି ଏହି ସ୍କିମ୍ ଲାଗୁ କରିବାର ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପେନ୍‌ସନ ଯୋଜନାର ଲାଭ ପ୍ରାୟ ୧୨-୧୩ କୋଟି ଚାଷୀଙ୍କୁ ମିଳିବାକୁ ଯାଉଛି। ସରକାର ପ୍ରଥମ ପର୍ଯ୍ୟାୟରେ ୫ କୋଟି ଚାଷୀଙ୍କ ନିକଟରେ ସହାୟତା ପହଞ୍ଚାଇବାର ଲକ୍ଷ୍ୟ ରଖିଛନ୍ତି। ୧୮ରୁ ୪୦ ବର୍ଷ ପର୍ଯ୍ୟନ୍ତ ବୟସର ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ୬୦ ବର୍ଷ ପରେ ସେମାନଙ୍କୁ ମାସକୁ ୩ ହଜାର ଟଙ୍କା ପେନସନ ପ୍ରଦାନ କରାଯିବ। ତେବେ ଲାଭ ପାଉଥିବା ଚାଷୀଙ୍କ ଏହି ସମୟ ମଧ୍ୟରେ ମୃତ୍ୟୁ ହେଲେ ତାଙ୍କ ସ୍ତ୍ରୀଙ୍କୁ ୫୦ ପ୍ରତିଶତ ଅର୍ଥ ପ୍ରଦାନ କରାଯିବ। ଏହି ଯୋଜନାରେ ସରକାରଙ୍କୁ ବାର୍ଷିକ ପ୍ରାୟ ୧୦,୭୭୪.୫୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ହେବ।

### ଦୁର୍ନୀତି ଜଣାଇବାରେ ବିଳମ୍ବ ୯ ବ୍ୟାଙ୍କ ଠାରୁ ଆଦାୟ ହେବ ଜରିମାନା

**ମୁମ୍ବାଇ,୩-୮:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମେତ ୯ ବାଣିଜ୍ୟିକ ବ୍ୟାଙ୍କଠାରୁ ଜରିମାନା ଆଦାୟ କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଏସ୍‌ବିଆଇ) ନିର୍ଦ୍ଦେଶ ଦେଇଛି। ବିଭିନ୍ନ ଦୁର୍ନୀତି,ଜାଲିଆତି, ଠକାମୀ ସମ୍ପର୍କରେ ଠିକ୍ ସମୟରେ କେନ୍ଦ୍ରୀୟ ବ୍ୟାଙ୍କକୁ ସୂଚନା ଦେଇ ନ ଥିବାରୁ ଏହି ଜରିମାନା ଆଦାୟ ନିର୍ଦ୍ଦେଶ ଦିଆଯାଇଛି। କିଙ୍ଗ୍‌ଫିଶର ଏୟାରଲାଇନ୍ସର ଋଣ ଜାଲିଆତି ସମ୍ପର୍କରେ ବିଳମ୍ବରେ ସୂଚନା ଦେବା କାରଣରୁ ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ବିରୋଧରେ ୫୦ ଲକ୍ଷ ଟଙ୍କା ଜରିମାନା ଆଦାୟ ଆଦେଶ ଦିଆଯାଇଛି। ସମାନ ଅଭିଯୋଗରେ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସଠାରୁ ୧.୫ କୋଟି ଟଙ୍କା ଜରିମାନା ଆଦାୟ ହେବ। ଆର୍‌ବିଆଇ ନିର୍ଦ୍ଦେଶ ପାଇବାର ୧୪ ଦିନ ଭିତରେ ଜରିମାନା ଅର୍ଥ ଦାଖଲ କରିବାକୁ ହେବ। ଏହାଛଡ଼ା ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ଆଣ୍ଡ ସିନ୍ଦ ବ୍ୟାଙ୍କକୁ ୧ କୋଟି ଲେଖାଏ, ଏସ୍‌ବିଆଇକୁ ୫୦ ଲକ୍ଷ, ବ୍ୟାଙ୍କ ଅଫ୍ ବରୋଦା ଓ ଫେଡେରାଲ ବ୍ୟାଙ୍କକୁ ୫୦ ଲକ୍ଷ ଲେଖାଏ, କର୍ପୋରେଶନ ବ୍ୟାଙ୍କକୁ ୧ କୋଟି, ଆଲ୍ଲାହାବାଦ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରକୁ ୨ କୋଟି ଟଙ୍କା ଲେଖାଏ ଜରିମାନା କରାଯାଇଛି। ଠକେଇ, ଜାଲିଆତି ଜଣାଇବା ସମ୍ପର୍କରେ ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକର ଜବାବ ସନ୍ତୋଷଜନକ ନ ଥିଲା ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

### ୨୦୦୦ ଷ୍ଟେଶନରେ ମାଗଣା ୱାଇଫାଇ




**ନୂଆଦିଲ୍ଲୀ,୩-୮:** ଦେଶର ୨ ହଜାର ରେଳଷ୍ଟେଶନରେ ମାଗଣା ୱାଇଫାଇ ଆରମ୍ଭ କରାଯାଇଛି। ଶନିବାର ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ରାଜସ୍ଥାନର ଅଜମେର ଡିଭିଜନର ରାଣା ପ୍ରତାପ ନଗର ରେଳଷ୍ଟେଶନ ମାଗଣା ୱାଇଫାଇ ସେବା ଯୋଗାଇବାରେ ୨ହଜାରତମ ଷ୍ଟେଶନ ହୋଇଛି ବୋଲି ରେଲଟେଲ୍ ସିଏମ୍‌ଡି ପୁନୀତ୍ ଚାୱ୍ଲା ଶନିବାର କହିଛନ୍ତି। ରେଳ କର୍ମଚାରୀମାନେ ଦିନରାତି କାର୍ଯ୍ୟରେ ଲାଗି ପଡିବା କାରଣରୁ ୱାଇଫାଇ ସେବା ବିସ୍ତାର ଦ୍ରୁତଗତିରେ ଆଗେଇ ଚାଲିଛି ବୋଲି ସେ କହିଛନ୍ତି। ଶୁକ୍ରବାର ୭୪ ଷ୍ଟେଶନରେ ଏହି ବ୍ୟବସ୍ଥା ଏକାସାଙ୍ଗରେ ଆରମ୍ଭ କରାଯାଇଥିଲା। ରେଳଷ୍ଟେଶନର ଡିଜିଟାଲୀକରଣ କରିବା ଲକ୍ଷ୍ୟରେ ରେଲ୍‌ଟେଲ୍ ପକ୍ଷରୁ ଷ୍ଟେଶନଗୁଡ଼ିକରେ ୱାଇଫାଇ ବ୍ୟବସ୍ଥା ଲାଗୁ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୬୦୦ ଷ୍ଟେଟନକୁ ଏହି ବ୍ୟବସ୍ଥା ସହ ଯୋଡାଯାଇଥିଲା। ଇଣ୍ଟରନେଟ ଯୋଗାଣ ଲାଗି ରେଲ୍‌ଟେଲ୍ ଇତିମଧ୍ୟରେ ଟାଟା ଟ୍ରଷ୍ଟ ସହ ଚୁକ୍ତି କରିଛି।


# ବ୍ୟାଙ୍କ ବୋର୍ଡରେ ରହିପାରିବେନି ଏମ୍‌ପି, ବିଧାୟକ

**ମୁମ୍ବାଇ,୩-୮**

କେଉଁମାନେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବୋର୍ଡରେ ରହିପାରିବେ ସେନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ଏକ ଗାଇଡଲାଇନ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଏମ୍‌ପି, ବିଧାୟକ, ମ୍ୟୁନିସିପାଲିଟି ଅବା କର୍ପୋରେଶନର ମୁଖ୍ୟମାନେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ(ପିଏସ୍‌ବି)ର ବୋର୍ଡ ଅଫ୍ ଡାଇରେକ୍ଟରରେ ସାମିଲ ହୋଇପାରିବେ ନାହିଁ। ଏହାଛଡ଼ା ବ୍ୟାଙ୍କର ଅଡିଟ ଦାୟିତ୍ୱରେ ଥିବା ଅଡିଟରଙ୍କ ପାର୍ଟନର ମଧ୍ୟ ବୋର୍ଡରେ ସ୍ଥାନ ପାଇପାରିବେ ନାହିଁ। ବ୍ୟାଙ୍କ ନିଜ ଇଚ୍ଛାରେ ଯେକୌଣସି ବ୍ୟକ୍ତିଙ୍କୁ ମନୋନୀତ କରିପାରିବ ନାହିଁ।

ଗାଇଡ୍‌ଲାଇନରେ କୁହାଯାଇଛି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବୋର୍ଡରେ ସାମିଲ ଥିବା ଡାଇରେକ୍ଟର ପ୍ରତିଯୋଗୀ ବ୍ୟାଙ୍କ ବୋର୍ଡରେ ନିଯୁକ୍ତି ପାଇପାରିବେ ନାହିଁ। କେବଳ ସେତିକି ନୁହେଁ ସେମାନେ ଅନ୍ୟ କୌଣସି ଆର୍ଥିକ ସଂସ୍ଥା, ବୀମା କମ୍ପାନୀ, ଅଣ ଆର୍ଥିକ କମ୍ପାନୀ ତଥା ବାଣିଜ୍ୟିକ ବ୍ୟାଙ୍କ, କୋଅପରେଟିଭ ବ୍ୟାଙ୍କ କିମ୍ବା ଆଞ୍ଚଳିକ ବ୍ୟାଙ୍କ ବୋର୍ଡରେ ସାମିଲ ହୋଇପାରିବେ ନାହିଁ। ସେହିପରି କିଣାବିକା, ଅର୍ଥ ଯୋଗାଣ, ଋଣ ପ୍ରଦାନ, ନିବେଶ ତଥା ଅନ୍ୟ ପାରା ବ୍ୟାଙ୍କିଙ୍ଗ କାର୍ଯ୍ୟକଳାପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବୋର୍ଡର ଡାଇରେକ୍ଟର ଭାବେ ନିଯୁକ୍ତ ହୋଇପାରିବେ ନାହିଁ। ଏହାଛଡ଼ା ୬ ବର୍ଷ ପର୍ଯ୍ୟନ୍ତ ଅତୀତରେ କୌଣସି ବ୍ୟାଙ୍କ, ଆର୍ଥିକ ସଂସ୍ଥା, ବୀମା କମ୍ପାନୀର ଡାଇରେକ୍ଟର ଭାବେ ନିଯୁକ୍ତ ହୋଇଥିଲେ ତାଙ୍କୁ ପିଏସ୍‌ବିରେ ସାମିଲ କରାଯାଇପାରିବ ନାହିଁ। ଡାଇରେକ୍ଟର ସିଧାସଳଖ ଭାବେ ଷ୍ଟକ୍‌ବ୍ରୋକିଂ କାର୍ଯ୍ୟରେ ଲିପ୍ତ ହୋଇ ନଥିବେ। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏଟ ହୋଇଥିବ ଏବଂ ତାଙ୍କର ବୟସ ୩୫ରୁ ୬୭ ବର୍ଷ ମଧ୍ୟରେ ହୋଇଥିଲେ ଜଣେ ଡାଇରେକ୍ଟର ଭାବେ ନିଯୁକ୍ତ ହୋଇପାରିବେ। ଜଣେ ନିର୍ବାଚିତ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ୩ ବର୍ଷ ପର୍ଯ୍ୟନ୍ତ ହେବ ଏବଂ ଆବଶ୍ୟକସ୍ଥଳେ ପୁନଃନିର୍ବାଚିତ ହେବା କ୍ଷେତ୍ରରେ ସେ ସର୍ବାଧିକ ୬ ବର୍ଷ ପର୍ଯ୍ୟନ୍ତ ଡାଇରେକ୍ଟର ଭାବେ କାର୍ଯ୍ୟ କରିପାରିବେ ବୋଲି ଗାଇଡଲାଇନରେ ଦର୍ଶାଯାଇଛି। ନିଯୁକ୍ତି ପାଇବାକୁ ଥିବା ଡାଇରେକ୍ଟର ନିଜ ବ୍ୟାଙ୍କ ସହ ସିଧାସଳଖ କୌଣସି ବ୍ୟବସାୟ, ପରାମର୍ଶଦାତା ସେବା ଯୋଗାଣରେ ସମ୍ପୃକ୍ତ ନ ଥିବେ ବୋଲି ଆର୍‌ବିଆଇ କହିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ରାଜନୀତି ଠାରୁ ଦୂରେଇ ରଖିବା ଲାଗି ଏକ ନମିନେଶନ ଏବଂ ରେମୁନେରେଶନ କମିଟି ଗଠନ କରିବାକୁ ଆର୍‌ବିଆଇ ଗାଇଡ୍‌ଲାଇନରେ ପରାମର୍ଶ ଦେଇଛି। ଏହି କମିଟିରେ ଅନ୍ତତଃପକ୍ଷେ ୩ ଜଣ ଅଣ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ରହିବେ। କମିଟିର ଅର୍ଦ୍ଧେକ ସଦସ୍ୟ ସ୍ୱାଧୀନ ନିର୍ଦ୍ଦେଶକ ରହିବେ। ବୋର୍ଡରେ ଥିବା ରିସ୍କ ମ୍ୟାନେଜମେଣ୍ଟ କମିଟିରୁ ଥିବା ଜଣେ ସଦସ୍ୟ ସମ୍ପୃକ୍ତ ନିର୍ଦ୍ଦେଶକଙ୍କ ପ୍ରାର୍ଥିତ୍ୱ ସ୍ଥିର କରିବେ ବୋଲି ଗାଇଡ୍‌ଲାଇନରେ ଦର୍ଶାଯାଇଛି।

## ପିଏସ୍‌ବିଙ୍କ ପାଇଁ ଆର୍‌ବିଆଇ ଗାଇଡ୍‌ଲାଇନ



- ଅଡିଟରଙ୍କ ପାର୍ଟନର ବୋର୍ଡରେ ସାମିଲ ହେବେନି
- ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ସର୍ବନିମ୍ନ ୩ ବର୍ଷ, ସର୍ବାଧିକ ୬ ବର୍ଷ ରହିବ
- ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏଟ ହୋଇଥିବ
- ଡାଇରେକ୍ଟର ପ୍ରାର୍ଥୀଙ୍କ ବୟସ ୩୫ରୁ ୬୭ ବର୍ଷ ମଧ୍ୟରେ ହୋଇଥିବେ

# ଘର କ୍ରେତାଙ୍କୁ ମାଲିକାନା ନେବାକୁ ବାଧ କରାଯାଇପାରିବନି

**ନୂଆଦିଲ୍ଲୀ,୩-୮**




ବିଳମ୍ବିତ ହାଉସିଂ ପ୍ରକଳ୍ପରେ ନିର୍ମିତ ଘରର ମାଲିକାନା ନେବା ଲାଗି ବିଲ୍ଡର ବାଧ କରିପାରିବ ନାହିଁ। ଏହା ଘର ମାଲିକଙ୍କ ଇଚ୍ଛାଧୀନ। ଫ୍ଲାଟ୍ ନିର୍ମାଣ ସରିଥିବାରୁ ଘର କ୍ରେତାଙ୍କୁ ଟଙ୍କା ଫେରସ୍ତ ଦେବ ନାହିଁ ବୋଲି ବିଲ୍ଡର କହିପାରିବ ନାହିଁ। ନ୍ୟାଶନାଲ କଞ୍ଜ୍ୟୁମର ଡିସ୍‌ପ୍ୟୁଟ୍ସ ରିଡ୍ରେସାଲ କମିଶନ(ଏନ୍‌ସିଡିଆର୍‌ସି) ପକ୍ଷରୁ ରାୟରେ ଉଲ୍ଲେଖ କରାଯାଇଛି। ଜଷ୍ଟିସ ଭି.କେ.ଜୈନଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ ଆଗତ ଏକ ମାମଲାର ବିଚାର କରି ବିଲ୍ଡର ପାୟୋନିୟର ଅର୍ବାନ ଲ୍ୟାଣ୍ଡ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକଚରକୁ ୪.୪୩ କୋଟି ଟଙ୍କା ଘର କ୍ରେତାଙ୍କୁ ଫେରସ୍ତ ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ କ୍ରେତା ଗୁରୁଗ୍ରାମରେ ଏକ ଫ୍ଲାଟ୍ କିଣିବା ଲାଗି ୨୦୧୨ରେ ବିଲ୍ଡରଙ୍କୁ ଟଙ୍କା ଦେଇଥିଲେ। ୨୦୧୫ ସୁଦ୍ଧା ତାଙ୍କୁ ଏହି ଫ୍ଲାଟ୍ ମିଳିବାର ଥିଲା। ତେବେ ବିଲ୍ଡର ଏହା ପ୍ରଦାନ କରିବାରେ ବିଫଳ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ଘର କ୍ରେତାଙ୍କ ପକ୍ଷରୁ ଟଙ୍କା ଫେରସ୍ତ ପାଇଁ ୨୦୧୮ରେ ଏନ୍‌ସିଡିଆର୍‌ସିଙ୍କ ନିକଟରେ ଆବେଦନ କରାଯାଇଥିଲା। ଆବେଦନକାରୀ ମାମଲା ଦାଏର କରିବାର ୧୫ ଦିନ ପୂର୍ବରୁ ବିଲ୍ଡର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ନିବାସ ସାର୍ଟିଫିକେଟ ହାସଲ କରିଥିଲେ ସୁଦ୍ଧା କମିଶନ ଅର୍ଥ ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। କାରଣ ୨ ବର୍ଷରୁ ଅଧିକ ସମୟ ହେବ ଘର ଦେବାରେ ବିଳମ୍ବ ହୋଇଛି ବୋଲି ଖଣ୍ଡପୀଠ କାରଣ ଦର୍ଶାଇଛନ୍ତି।



# ଓଡ଼ିଶା ବଜାରରେ ନୂଆ ରିୟଲମି ଏକ୍ସ

**ଭୁବନେଶ୍ୱର,୩-୮(ବ୍ୟୁରୋ)**

ରିୟଲମି ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ନୂଆ 'ରିୟଲମି ଏକ୍ସ' ସ୍ମାର୍ଟଫୋନ ଓଡ଼ିଶା ବଜାରରେ ଶନିବାର ପ୍ରବେଶ କରିଛି। ସ୍ଥାନୀୟ ଶହୀଦ ନଗରସ୍ଥିତ ଲକ୍ଷ୍ମୀ ମୋବାଇଲ୍‌ସଠାରେ ମଡେଲଟିକୁ କମ୍ପାନୀର ଓଡ଼ିଶା ମୁଖ୍ୟ ନିଷ୍କଳଙ୍କ ମହାନ୍ତି, ଷ୍ଟୋର ଓନର ନକୁଳ ସୁବୁଦ୍ଧି, ବିଜ୍‌ନେସ ମ୍ୟାନେଜର ବାଣୀ ଭୂଷଣ ବାରିକ, ବିତରକ ଅଙ୍କିତ ଅଗ୍ରୱାଲ ପ୍ରମୁଖ ଉନ୍ମୋଚନ କରିଥିଲେ। ସେହିଭଳି ଭୁବନେଶ୍ୱରର ଟେକ୍ ଜୋନ, ସାଇ ଟେଲି ପଏଣ୍ଟ ସମେତ ୨୦ ଡିଲରଶିପ ପଏଣ୍ଟରେ ମଡେଲଟିକୁ ଉନ୍ମୋଚନ କରାଯାଇଛି। ଏହାବାଦ ରାଜ୍ୟର ବିଭିନ୍ନ ସ୍ଥାନ ଯଥା- ବ୍ରହ୍ମପୁରର ଭାରତ ଇନ୍‌ଫୋକମ୍, ମୋବିନେଟ୍ ରିଟେଲ, ସିଜିଆର୍, ରାଉରକେଲାର ମୋବାଇଲ ୱାର୍ଲଡ, ଫୋନ୍‌ଜୋନ, ଅନୁଗୋଳର ଗୋଏଲ ଏଜେନ୍ସି, ଗାଲେକ୍ସି, ସମ୍ବଲପୁରର ପପୁଲାର ମୋବାଇଲ ଷ୍ଟୋରରେ କମ୍ପାନୀ ପକ୍ଷରୁ ଏହି ସ୍ମାର୍ଟଫୋନର ଶୁଭାରମ୍ଭ କରାଯାଇଛି। ସାରା ରାଜ୍ୟରେ କମ୍ପାନୀର ଏହି ପ୍ରିମିୟମ ମଡେଲ ଉପଲବ୍ଧ ହେବ ବୋଲି ରାଜ୍ୟ ମୁଖ୍ୟ ନିଷ୍କଳଙ୍କ ମହାନ୍ତି କହିଛନ୍ତି। ଏହା ୪ଜିବି ସହ ୧୨୮ ଜିବି, ୮ ଜିବି ସହ ୧୨୮ , ୩ କଲର ଭାରିଆଣ୍ଟ ସହ ଆସୁଛି। ଏଥିରେ ଗ୍ରାହକମାନେ ସ୍ନାପଡ୍ରାଗନ ୭୧୦ ଏସ୍‌ଓସି, ପପ୍ ଅପ୍ ସେଲ୍‌ଫି କ୍ୟାମେରା, ୪୮ ମେଗା ପିକ୍ସେଲ ପ୍ରାଇମେରି କ୍ୟାମେରା ଏବଂ ୬.୫୩ ଇଞ୍ଚର ଫୁଲ ଏଚ୍‌ଡି ସ୍କ୍ରିନ ରହିଛି। ଏହାର ବଜାର ଦର ୧୬,୯୯୯ ଟଙ୍କାରୁ ଆରମ୍ଭ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ରିଲାଏନ୍ସ ସ୍ମାର୍ଟର ନୂଆ ଷ୍ଟୋର

**ଭୁବନେଶ୍ୱର,୩-୮**

ରିଲାଏନ୍ସ ସ୍ମାର୍ଟରେ ନୂଆ ଷ୍ଟୋର ପଟିଆ ମେନ୍ ରୋଡ୍‌ଠାରେ ଖୋଲିଛି। ଏହା ରିଲାଏନ୍ସ ଟ୍ରେଣ୍ଡସ ନିକଟ ସାଇସୁମନ କମର୍ସିଆଲ କମ୍ପ୍ଲେକ୍ସଠାରେ ଅବସ୍ଥିତ। ଗୋଟିଏ ଛାତ ତଳେ କିରାନା ସାମଗ୍ରୀ, ଫଳ, ପନିପରିବା, ଦୁଗ୍ଧଜାତ ସାମଗ୍ରୀଠାରୁ ଆରମ୍ଭ କରି ରୋଷେଇ ଉପକରଣ, ଘର କରଣା ସାମଗ୍ରୀ ଗ୍ରାହକ ଗୋଟିଏ ଛାତ ତଳେ ଲାଭ କରି ପାରିବେ। ନୂଆ ଷ୍ଟୋର ଶୁଭାରମ୍ଭ ଅବସରରେ ସାମଗ୍ରୀ କ୍ରୟରେ ଆକର୍ଷଣୀୟ ରିହାତି ଗ୍ରାହକ ଲାଭ କରି ପାରିବେ। ସେହିଭଳି ଷ୍ଟାପଲ ଏବଂ ପନିପରିବା ରିହାତି ଦରରେ ଷ୍ଟୋରରେ ଉପଲବ୍ଧ ହେଉଛି। ଏହା ଦ୍ୱାରା ଓଡ଼ିଶାରେ ରିଲାଏନ୍ସ ସ୍ମାର୍ଟ ଷ୍ଟୋର ସଂଖ୍ୟା ୫ ଛୁଇଁଛି। ଷ୍ଟୋରଟି ୧୨,୩୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଗ୍ରାହକଙ୍କ ଲାଗି ଉଦ୍‌ଘାଟନୀ ଅଫର ପାୱାର ଅଫ୍ ନାଇନ ରହିଛି। ଏବେ ଦେଶର ୧୦୦ରୁ ଅଧିକ ସହରରେ ୧୭୦ରୁ ଅଧିକ ରିଲାଏନ୍ସ ସ୍ମାର୍ଟ ଷ୍ଟୋର ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଫେଡେରାଲ୍ ବ୍ୟାଙ୍କର ରପ୍ତାନି ବୈଠକ

**ଭୁବନେଶ୍ୱର,୩-୮**

ଫେଡେରାଲ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ନୌବାଣିଜ୍ୟ ରପ୍ତାନି ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ରପ୍ତାନୀ କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଉପରେ ଏଠାରେ ଆଲୋଚନା ହୋଇଥିଲା। ବୃହତ୍ ରପ୍ତାନିକାରୀ ମାନେ ଏଠାରେ ଯୋଗ ଦେଇଥିଲେ। ଏଥିରେ ଫେଡେରାଲ ବ୍ୟାଙ୍କ ସଦସ୍ୟମାନେ ଟ୍ରେଡ ମାର୍କେଟର ଦୃଷ୍ଟାନ୍ତମୂଳକ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ପରିବର୍ତ୍ତିତ ସ୍ଥିତିରେ ରପ୍ତାନି ବଜାର ଏବଂ ରିସ୍କ ମ୍ୟାନେଜମେଣ୍ଟ ଏଥିରେ ସ୍ଥାନିତ ହୋଇଥିଲା। ମେରାଇନ ରପ୍ତାନିକାରୀମାନେ କିଭଳି ବିଭିନ୍ନ ସମସ୍ୟାର ସମାଧାନ କରିପାରିବେ ସେ ଉପରେ ବୈଠକରେ ଆଲୋଚନା କରାଯାଇଛି।

# ଏନ୍‌ଆଇଏନ୍‌ଏଲ୍ ବ୍ଲାଷ୍ଟ ଫର୍ନେସ ସାମୟିକ ବନ୍ଦ

**ଭୁବନେଶ୍ୱର,୩-୮**

କଳିଙ୍ଗ ନଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ(ଏନ୍‌ଆଇଏନ୍‌ଏଲ୍)ର ବ୍ଲାଷ୍ଟ ଫର୍ନେସକୁ ସାମୟିକ ସମୟ ଲାଗି ବନ୍ଦ କରାଯାଇଛି। ବୈଷୟିକ ଆବଶ୍ୟକତା ଏବଂ କଞ୍ଚାମାଲ ନିୟମିତ ଯୋଗାଣ ଅଭାବ ଯୋଗୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କମ୍ପାନୀ ପକ୍ଷରୁ ଏକ ପ୍ରେସ ବିବୃତି ଯୋଗେ କୁହାଯାଇଛି। କଞ୍ଚାମାଲ ନିୟମିତ ପ୍ଲାଣ୍ଟକୁ ପହଞ୍ଚିଲେ ବ୍ଲାଷ୍ଟ ଫର୍ନେସ ପୁଣି ଥରେ କାର୍ଯ୍ୟକ୍ଷମ ହେବ। ଏହି ସମୟରେ କମ୍ପାନୀର କୋକ୍ ଓଭେନ କାର୍ଯ୍ୟକ୍ଷମ ରହିବା ସହ କୋକ୍ ଉତ୍ପାଦନ ହେଉଛି। କିଛି ବର୍ଷ ପୂର୍ବରୁ କମ୍ପାନୀର ସ୍ଥିତି ଖରାପ ହୋଇଥିବା ବେଳେ ଏହାକୁ ଲାଭଜନକ ସ୍ଥିତିକୁ ଆଣିବା ଲାଗି ଯୋଜନା କରାଯାଇଥିଲା। ଫଳରେ ବ୍ଲାଷ୍ଟ ଫର୍ନେସର କ୍ୟାପିଟାଲ ରିପେୟାର, ଷ୍ଟିଲ ବିଲେଟ ଉତ୍ପାଦନ ଏବଂ ନିଜ ଲୁହାପଥର ଖଣିରୁ ଉତ୍ପାଦନ ଭଳି ପଦକ୍ଷେପ ନିଆଯାଇଥିଲା। କମ୍ପାନୀ ଏହାର ନିଜ ଖଣିରୁ ଲୁହାପଥର ଉତ୍ପାଦନ ପାଇଁ ଯୋଜନା ରଖିଛି। ଏଥିଲାଗି କମ୍ପାନୀ ସମସ୍ତ ମଞ୍ଜୁରୀ ଲାଭ କରିଥିବା ସୂଚନା ରହିଛି।

# ଜୁନ ତ୍ରୈମାସରେ ୮.୮୪ ଲକ୍ଷ ୟୁନିଟ ଯାନ ବିକିଲା ଟିଭିଏସ୍

**ନୂଆଦିଲ୍ଲୀ,୩-୮**

ଚଳିତ ଆର୍ଥିକ ବର୍ଷ ଜୁନ ତ୍ରୈମାସରେ ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ମୋଟ ୮.୮୪ ଲକ୍ଷ ୟୁନିଟ ଯାନ ବିକ୍ରି ହୋଇଛି। ଏହା ମଧ୍ୟରେ ଘରୋଇ ବଜାର ବିକ୍ରି ଏବଂ ରପ୍ତାନି ସାମିଲ ହୋଇଛି। କମ୍ପାନୀର ରପ୍ତାନି ଅଭିବୃଦ୍ଧି ୧୦% ବଢ଼ି ୨.୦୯ ଲକ୍ଷ ୟୁନିଟ ରହିଛି। ଏହା ଗତ ଆର୍ଥିକ ବର୍ଷ ସମାନ ସମୟରେ ୧.୯୦ ଲକ୍ଷ ୟୁନିଟ ରହିଥିଲା। କମ୍ପାନୀର ୩ ଚକିଆ ଯାନ ବିକ୍ରି ୧୧.୧% ବୃଦ୍ଧି ଘଟିଛି। ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ କମ୍ପାନୀର ରାଜସ୍ୱରେ ୭.୨% ବୃଦ୍ଧି ଘଟିଛି। କମ୍ପାନୀର ମୋଟ ରାଜସ୍ୱ ୪୪୬୯.୮ କୋଟି ଟଙ୍କା ଛୁଇଁଛି। ଏହା ଗତ ବର୍ଷ ସମାନ ସମୟରେ ୪୧୭୧.୦ କୋଟି ଟଙ୍କା ରହିଥିଲା। ଏହି ସମୟରେ ଏବିଟ୍‌ଡା ୩୫୫.୮ କୋଟି, ଟିକସ ପୂର୍ବବର୍ତ୍ତୀ ଲାଭ ୨୦୮.୫ କୋଟି ରହିଛି। ସେହିଭଳି ଟିକସ ପରବର୍ତ୍ତୀ ଲାଭ ୧୪୩ କୋଟି ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଏସ୍‌ବିଆଇ ପକ୍ଷରୁ ଗ୍ରୀନ ମାରାଥନ

**ଭୁବନେଶ୍ୱର,୩-୮**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଗ୍ରୁପ ପକ୍ଷରୁ ଦେଶର ୧୫ ସହରରେ ଗ୍ରୀନ ମାରାଥନର ତୃତୀୟ ସଂସ୍କରଣ ଆୟୋଜନ ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ବର୍ଷ ଡିସେମ୍ବର ୨୨ରେ ଏହା ଭୁବନେଶ୍ୱରରେ ଆୟୋଜିତ ହେବ। ୬ ମାସ ମଧ୍ୟରେ ଏହାକୁ ୧୫ ସହରରେ ଆୟୋଜନ କରିବା ନେଇ ଏସ୍‌ବିଆଇ ଯୋଜନା ରଖିଛି। ଚଳିତ ବର୍ଷ ମାରାଥନର ଥିମ ରହିଛି ଏକ ସବୁଜ ଭବିଷ୍ୟତ ପାଇଁ ଦୌଡ। ସାରା ଦେଶରେ ପ୍ରାୟ ୧ ଲକ୍ଷ ଲୋକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ବୋଲି ବ୍ୟାଙ୍କ ପକ୍ଷରୁ ଆଶା ରଖାଯାଇଛି। ସ୍ୱଚ୍ଛ ଏବଂ ସବୁଜ ସହରର ପ୍ରଚାର ନେଇ ଅଂଶୀଦାରଙ୍କ ମଧ୍ୟରେ ସଚେତନତା ଲାଗି ଏକ କାର୍ଯ୍ୟକ୍ରମ ପରିକଳ୍ପନା କରାଯାଇଛି। ପରିବେଶ ସୁରକ୍ଷା ଏବଂ ନିରନ୍ତର ବିକାଶ ପ୍ରତି ପ୍ରତିଶ୍ରୁତିବଦ୍ଧ ବୋଲି ଏସ୍‌ବିଆଇର ଡିଏମ୍‌ଡି ଏବଂ ସିଡିଓ ଆଲୋକ କୁମାର ଚୌଧୁରୀ କହିଛନ୍ତି।

# ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ପ୍ରବନ୍ଧକ

**ଭୁବନେଶ୍ୱର,୩-୮**



ୟୁକୋ ବ୍ୟାଙ୍କ ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ନୂଆ ପ୍ରବନ୍ଧକ ଭାବେ ପ୍ରଣବ କୁମାର ବିଶ୍ୱାସ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଭୁବନେଶ୍ୱର ଅଶୋକା ମାର୍କେଟସ୍ଥିତ ଶାଖାର ସହାୟକ ମହାପ୍ରବନ୍ଧକ ତଥା ଶାଖା ମୁଖ୍ୟ ରୂପେ କାର୍ଯ୍ୟ କରୁଥିଲେ। ୨୦୦୪ ମସିହାରେ ଅହମ୍ମଦାବାଦସ୍ଥିତ କାର୍ଯ୍ୟାଳୟରେ ରିସ୍କ ମ୍ୟାନେଜମେଣ୍ଟ ଅଫିସର ଭାବେ କ୍ୟାରିୟର ଆରମ୍ଭ କରିଥିଲେ। କଲିକତା ମୁଖ୍ୟ କାର୍ଯ୍ୟାଳୟ, ଧର୍ମଶାଳା ଶାଖାର ମୁଖ୍ୟ, ସିଙ୍ଗାପୁର ଶାଖା ମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି। ୨୦୧୩ରେ ସେ ମୁଖ୍ୟ ପ୍ରବନ୍ଧକ ପଦବୀକୁ ପଦୋନ୍ନତି ଲାଭ କରିଥିଲେ। ପ୍ରଶାସନିକ ସ୍ତରରେ ୧୦ ବର୍ଷ ଏବଂ ଶାଖା ସ୍ତରରେ ୬ ବର୍ଷର ଅଭିଜ୍ଞତା ହାସଲ କରିଛନ୍ତି। ବାଲେଶ୍ୱର ଅଞ୍ଚଳରେ ରିକଭରି ଓ ଋଣ ପ୍ରଦାନ ଦିଗରେ ଗୁରୁତ୍ୱ ଦେବେ ବୋଲି ବିଶ୍ୱାସ କହିଛନ୍ତି।

# ସିଆଇଆଇ ଓଡ଼ିଶା ପକ୍ଷରୁ ବୃକ୍ଷରୋପଣ

**ଭୁବନେଶ୍ୱର,୩-୮:** ସିଆଇଆଇ ଓଡ଼ିଶା ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ହ୍ୟୁମାନ କ୍ୟାପିଟାଲ କନକ୍ଲେଭ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ନାଲ୍‌କୋ ସିଏମ୍‌ଡି ଏବଂ ବିପର୍ଯ୍ୟୟ ପ୍ରଶମନ ପାଇଁ ସିଆଇଆଇ ପକ୍ଷରୁ ଗଠିତ ସ୍ୱତନ୍ତ୍ର ଟାକ୍ସ ଫୋର୍ସର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦଙ୍କ ଦ୍ୱାରା ବୃକ୍ଷରୋପଣ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଆଇଆଇ ଓଡିଶା ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର, ନାଲ୍‌କୋ ମାନବ ସମ୍ବଳ ନିର୍ଦ୍ଦେଶକ ବି.କେ.ଠାକୁର, ଏମ୍‌ଓଆଇଏଲ୍ ନିର୍ଦ୍ଦେଶକ ଉଷା ସିଂ, ବିଭିନ୍ନ ଅନୁଷ୍ଠାନର ମାନବ ସମ୍ବଳ ଅଧିକାରୀ ଏବଂ ସିଆଇଆଇ ଓଡିଶା ପରିଷଦର ସଦସ୍ୟମାନେ ଏଠାରେ ଉପସ୍ଥିତ ଥିଲେ। ଫନୀ ପରେ ଭୁବନେଶ୍ୱର ଏବଂ ଏହାର ପାରିପାର୍ଶ୍ୱିକ ଅଞ୍ଚଳରେ ବୃକ୍ଷରୋପଣର ଆବଶ୍ୟକତା ରହିଥିବା ଡ. ଚାନ୍ଦ କହିଛନ୍ତି। ଆଗାମୀ ଦିନରେ ଏହି ଧାରା ଜାରି ରହିବ ବୋଲି ସିଆଇଆଇ ପକ୍ଷରୁ ସୂଚନା ରହିଛି।



> ହକି ଆମ ଦେଶ ପାଇଁ ଅନେକ ଅନ୍ତର୍ଜାତୀୟ ସମ୍ମାନ ଆଣିଦେଇଛି । ତେଣୁ ଏହି ଖେଳ ପ୍ରତି ଅବହେଳା ହେବା ଉଚିତ ନୁହେଁ ।
> —ମେୱିସ ହାୟତ, ପାକିସ୍ତାନ ଅଭିନେତ୍ରୀ



> ସୁନୀଲ ଛେତ୍ରୀଙ୍କୁ ମୁଁ ତାଙ୍କ କ୍ୟାରିୟର ଆରମ୍ଭରୁ ଦେଖିଆସୁଛି। ତାଙ୍କ ନିକଟରେ ଜଣେ ସ୍ୱତନ୍ତ୍ର ଖେଳାଳିର କ୍ୱାଲିଟି ରହିଛି ।
> —ଶନମୁଗମ ଭେଙ୍କଟେସ
> ଭାରତୀୟ ଫୁଟ୍‌ବଲ ଟିମ୍ ସହକାରୀ କୋଚ୍



## ସଂକ୍ଷେପରେ

### ଟପ୍ ୫ରେ ଟିସିଟ୍‌ସିପାସ୍

**ୱାଶିଂଟନ, ୩।୮ (ଏଏଫ୍‌ପି):** ଏଠାରେ ଚାଲିଥିବା ୱାଶିଂଟନ ଏଟିପି ଓପନ୍ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ ଯୋଗୁ ତିନିଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଆଣ୍ଡି ମୁରେ ସିଙ୍ଗଲ୍ସକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଅଧିକ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ଗ୍ରୀସ୍‌ର ଷ୍ଟିଫାନସ ଟିସିଟ୍‌ସିପାସ ବିଶ୍ୱର ଟପ୍ ୫ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପକ୍କା କରିପାରିଛନ୍ତି। ୨୦୧୬ ରିଓ ଅଲିମ୍ପିକ୍ସ ଡବଲ୍ସ ଇଭେଣ୍ଟ ପରେ ବ୍ରିଟେନର ମୁରେ ପ୍ରଥମଥର ଏଠାରେ ତାଙ୍କ ଭାଇ ଜେମିଙ୍କୁ ପାର୍ଟନର କରି ଖେଳିଥିଲେ। କ୍ୱାର୍ଟର ଫାଇନାଲରେ ସେମାନେ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ନ୍ୟୁଜିଲାଣ୍ଡର ମାଇକେଲ ଭେନସ ଏବଂ ଦକ୍ଷିଣ ଆଫ୍ରିକାର ରାଭେନ୍ କ୍ଲାସେନ ଯୋଡ଼ିଙ୍କଠାରୁ ୬-୭ (୩/୭), ୭-୬ (୬/୮), ୧୦-୭ ସେଟ୍‌ରେ ହାରିଯାଇଥିଲେ। ୬ମାସ ପୂର୍ବେ ମୁରେଙ୍କ ଡାହାଣ ନିତମ୍ବରେ ଅସ୍ତ୍ରୋପଚାର ହୋଇଥିଲା। ତାଙ୍କ ଟେନିସକୁ ଫେରିବା ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ମୁରେ କହିଛନ୍ତି, ଆସନ୍ତା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ସିଙ୍ଗଲ୍ସ ପ୍ରତିଯୋଗିତାରେ ଯେପରି ଅଂଶଗ୍ରହଣ କରିପାରିବି ସେଥିଲାଗି ଅଭ୍ୟାସ ଚଳାଇଛି। ଏହି ପ୍ରତିଯୋଗିତାରେ ଖେଳିପାରିବିକି ନା ତାହା ୧୦ ଦିନ ମଧ୍ୟରେ ସ୍ପଷ୍ଟ ହୋଇଯିବ। ୱାଶିଂଟନ ଓପନ୍‌କୁ ୟୁଏସ୍ ଓପନ ଲାଗି ଟେନିସ ଖେଳାଳିମାନେ ଏକ ୱାର୍ମଅପ୍ ଇଭେଣ୍ଟ ବୋଲି ବିବେଚନା କରନ୍ତି। ଟପ୍ ସିଡ୍ ଟିସିଟ୍‌ସିପାସ୍ ୧୦ମ ସିଡ୍ ତଥା ଫ୍ରେଞ୍ଚ ଖେଳାଳି ବେନଏଟ୍ ପାଇରେଙ୍କୁ ୭-୫, ୬-୦ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ସୋମବାର ପ୍ରକାଶିତ ହେବାକୁଥିବା ବିଶ୍ୱ ର୍‍ୟାଙ୍କିଙ୍ଗ ତାଲିକାରେ ସେ ଜର୍ମାନୀର ଆଲେକ୍‌ଜାଣ୍ଡର ଜେଭ୍‌ରେଭ୍‌ଙ୍କୁ ପଛରେ ପକାଇ ୫ମ ସ୍ଥାନ ଅଧିକାର କରିନେବେ।

# ଇଂଲଣ୍ଡ ପ୍ରଥମ ଇନିଂସ ଅଗ୍ରଣୀ

**ବର୍ମିଂହାମ,୩।୮ (ଏଏଫ୍‌ପି)**

ଅଷ୍ଟ୍ରେଲିଆ ବିପକ୍ଷ ଆଶେସ ସିରିଜର ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଇଂଲଣ୍ଡ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଛି। ସ୍ଥାନୀୟ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍‌ଙ୍କ ୧୪୪ ରନର ଶତକ ସହାୟତାରେ ୮୦.୪ ଓଭରରେ ୨୮୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସରେ ତୃତୀୟ ଦିନ ଚା'ପାନ ବିରତି ସୁଦ୍ଧା ୧୩୫.୫ ଓଭରରେ ୩୭୪ ରନ କରି ଅଲଆଉଟ ହୋଇ ୯୦ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ଶନିବାର ଖେଳ ଶେଷ ସୁଦ୍ଧା ୩୧ ଓଭରରେ ୩ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରିଛି। ଫଳରେ ୭ ଉଇକେଟ ହାତରେ ରଖି ଅଷ୍ଟ୍ରେଲିଆ ୩୪ ରନରେ ଅଗ୍ରଣୀ ହାସଲ କରିଛି। ଓପନର କାମେରନ ବ୍ୟାଙ୍କ୍ରଫ୍ଟ ୭, ଡେଭିଡ ୱାର୍ନର ୮, ଉସମାନ ଖ୍ୱାଜା ୪୦ ରନ କରି ଆଉଟ ହୋଇଥିବା ବେଳେ ଷ୍ଟିଭ୍ ସ୍ମିଥ୍ ୪୬ ଓ ଟ୍ରାଭିସ୍ ହେଡ ୨୧ ରନ କରି ଅପରାଜିତ ରହିଛନ୍ତି। ବୋଲିଂରେ ଇଂଲଣ୍ଡ ତରଫରୁ ଷ୍ଟୁଆର୍ଟ ବ୍ରଡ, ମୋଇନ ଅଲି ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ହାସଲ କରିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୬୭/୪ରୁ ଇଂଲଣ୍ଡ ଖେଳ ଆରମ୍ଭ କରି ଅଲଆଉଟ୍ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ବର୍ନ୍ସ ୧୨୫ରୁ ଖେଳ ଆରମ୍ଭ କରି ଆଉ ମାତ୍ର ୮ ରନ ଅଧିକ ସଂଗ୍ରହ କରି ଅଭିଜ୍ଞ ସ୍ପିନର ନାଥନ ଲିୟନଙ୍କ ବଲରେ ଉଇକେଟକିପର ଟିମ୍ ପେନ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ୩୮ ରନରୁ ଖେଳ ଆରମ୍ଭ କରି ବେନ୍ ଷ୍ଟୋକ୍ସ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଟ୍ କୁମିନ୍ସଙ୍କ ବଲ୍‌ରେ ପେନ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ପାଖାପାଖି ୮ ଘଣ୍ଟା ବ୍ୟାଟିଂ କରି ବର୍ନ୍ସ ୩୧୨ଟି ବଲ୍‌ର ସମ୍ମୁଖୀନ ହୋଇ ୧୭ଟି ଚୌକା ମାରି ୧୩୩ ରନର ଶତକୀୟ ପାଳି ଖେଳିବା ସହ ଇଂଲଣ୍ଡର ଟପ୍ ସ୍କୋରର ସାବ୍ୟସ୍ତ ହୋଇଥିଲେ। ଏଥିସହିତ ଟେଷ୍ଟ କ୍ୟାରିୟରର ପ୍ରଥମ ଶତକ ଅର୍ଜନ କରିଛନ୍ତି। ଲଞ୍ଚ୍ ପୂର୍ବରୁ ଇଂଲଣ୍ଡ ୪ ରନରେ ୩ ଉଇକେଟ ହରାଇଥିଲା। ନବମ ଉଇକେଟରେ ଷ୍ଟୁଆର୍ଟ ବ୍ରଡ ଓ କ୍ରିସ ୱୋକ୍ସ ୬୫ ରନ ସଂଗ୍ରହ କରି ଦଳର ସ୍କୋରକୁ ଆଗକୁ ବଢାଇଥିଲେ। ୱୋକ୍ସ ୩୭ ରନ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବ୍ରଡ ଉପଯୋଗୀ ୨୯ ରନ ସଂଗ୍ରହ କରିଥିଲେ। ପୂର୍ବରୁ ରୁଟ୍ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତେବେ ବାକି ବ୍ୟାଟ୍ସମ୍ୟାନ ଆଶାନୁରୂପ ପ୍ରଦର୍ଶନ କରି ନ ଥିଲେ। କାଫ୍ ଇଞ୍ଜୁରି ସତ୍ତ୍ୱେ ବ୍ୟାଟିଂ କରିବାକୁ ଆସିଥିବା ଜେମ୍ସ ଆଣ୍ଡରସନ ୩ ରନ କରିଥିବା ବେଳେ ଲିୟନଙ୍କ ବଲ୍‌ରେ ପ୍ୟାଟ କୁମିନ୍ସଙ୍କୁ କ୍ୟାଚ୍ ଦେଇ ଶେଷ ବ୍ୟାଟ୍ସମ୍ୟାନ ଭାବେ ପ୍ୟାଭିଲିୟନ ଫେରିଥିଲେ। ଏହାପୂର୍ବରୁ ଜନି ବେୟାରଷ୍ଟୋ ୮ ରନ କରି ପିଟର ସିଡଲଙ୍କ ବଲ୍‌ରେ ୱାର୍ନରଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ କୁମିନ୍ସ ଓ ଲିୟନ ୩ଟି ଲେଖାଏ, ପାଟିନସନ ଓ ସିଡଲ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଉଇକେଟ ହାସଲ ପରେ ନାଥନ ଲିୟନଙ୍କୁ ସାଥୀ ଖେଳାଳିଙ୍କ ଅଭିନନ୍ଦନ।

### ସଂକ୍ଷିପ୍ତ ସ୍କୋର

- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୮୦.୪ ଓଭରରେ ୨୮୪ ଅଲଆଉଟ
- ଇଂଲଣ୍ଡ ପ୍ରଥମ ଇନିଂସ: ୧୩୫.୫ ଓଭରରେ ୩୭୪ ଅଲଆଉଟ, (ବର୍ନ୍ସ- ୧୩୩, ରୁଟ୍- ୫୭, ଷ୍ଟୋକ୍ସ- ୫୦, ୱୋକ୍ସ- ୩୭*, ବ୍ରଡ୍-୨୯, କୁମିନ୍ସ- ୩/୮୪, ଲିୟନ- ୩/୧୧୨, ପାଟିନସନ- ୨/୮୨, ସଡଲ- ୨/୫୨ )।
- ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୩୧ ଓଭରରେ ୧୨୪/୩

# ଏସିଆନ୍ ଗେମ୍ସ ତ୍ରୁଟି ଦୋହରାଇବୁନି: ଲାଲରେମ୍‌ସିଆମି

**ବେଙ୍ଗାଲୁରୁ ୩।୮ (ପି.ଟି.)**



ଟୋକିଓ ୨୦୨୦ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବାରେ ଆମେ ସକ୍ଷମ ହେବୁ ବୋଲି ଭାରତୀୟ ମହିଳା ହକି ଦଳ ଫରୱାର୍ଡ ଲାଲରେମସିଆମି ବିଶ୍ୱାସର ସହିତ କହିଛନ୍ତି। ଗତବର୍ଷ ଏସିଆନ୍ ଗେମ୍ସରେ ଭାରତ ଫାଇନାଲରେ ଜାପାନଠାରୁ ୧–୨ ଗୋଲରେ ପରାସ୍ତ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହି ପରାଜୟ କାରଣରୁ ଭାରତ ଅଳ୍ପକେ ଅଲିମ୍ପିକ୍ସ ଯୋଗ୍ୟତା ହାସଲରୁ ବଞ୍ଚିତ ହୋଇଥିଲା। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ ଆମେ ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ହାସଲ କରିଥାନ୍ତୁ। କଠିନ ପରିଶ୍ରମ କରିଥିଲେ ମଧ୍ୟ କୋଟେଟି ତ୍ରୁଟି ଆମ ପାଇଁ ମହଙ୍ଗା ପଡିଥିଲା। ତେବେ ଆଗକୁ ଆମେ ଏହି ତ୍ରୁଟି ଦୋହରାଇବୁ ନାହିଁ ବୋଲି ସେ କହିଛନ୍ତି। ରାନୀ ରାମପାଲଙ୍କ ନେତୃତ୍ୱରେ ଭାରତ ଗତ ଜୁନ୍‌ରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ମହିଳା ସିରିଜ୍ ଫାଇନାଲ୍ସରେ ଜାପାନକୁ ଫାଇନାଲରେ ୩–୧ ଗୋଲରେ ହରାଇ ଏହି ପରାଜୟର ପ୍ରତିଶୋଧ ନେଇଥିଲା। ଏହା ପରେ ଆମେ ପୂର୍ବ ତ୍ରୁଟି ନ ଦୋହରାଇବାକୁ ନିଷ୍ପତ୍ତି ନେଇଥିଲୁ। ଜାପାନକୁ ହରାଇବାରେ ଆମେ ସଫଳ ହୋଇଥିଲୁ। କିନ୍ତୁ ଏସିଆନ ଗେମ୍ସରେ ଆମର ତ୍ରୁଟି ଯୋଗୁ ଜାପାନ ଆମଠାରୁ ମ୍ୟାଚ୍ ଛଡାଇ ନେଇଥିଲା।

ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଭାରତ ଦଶମ ସ୍ଥାନରେ ରହିଛି। ଆସନ୍ତା ୧୭ ତାରିଖରୁ ଟୋକିଓରେ ଆରମ୍ଭ ହେବାକୁଥିବା ଅଲିମ୍ପିକ ଟେଷ୍ଟ ଇଭେଣ୍ଟରେ ଭାରତ ଅଂଶଗ୍ରହଣ କରିବ। ତେବେ ଅଷ୍ଟ୍ରେଲିଆ, ୧୧ ନମ୍ବର ଦଳ ଚାଇନା ଓ ଆୟୋଜକ ତଥା ୧୪ ନମ୍ବର ଦଳ ଜାପାନ ଏହି ଟୁର୍ନାମେଣ୍ଟରେ ଭାରତକୁ କଡ଼ା ଚ୍ୟାଲେଞ୍ଜ୍ ଦେବେ। ଏହି ଇଭେଣ୍ଟ ପୂର୍ବରୁ ଭାରତୀୟ ଦଳର ଆତ୍ମ ବିଶ୍ୱାସ ବେଶ୍ ଉଚ୍ଚରେ ରହିଛି। ଅଭ୍ୟାସ ଶିବିରରେ ଆମେ କଠିନ ପରିଶ୍ରମ କରିଛୁ। ଆମ ଦଳ ବେଶ୍ ସନ୍ତୁଳିତ ଓ ପୁଣି ଥରେ ଆମେ ଅଲିମ୍ପିକ ଯୋଗ୍ୟତା ହାସଲ କରିବୁ। ହକି ଇଣ୍ଡିଆ ଦ୍ୱାରା ଆୟୋଜିତ ବିଭିନ୍ନ ଅଭ୍ୟାସ ଶିବିରରେ ଅଂଶଗ୍ରହଣ କରି ଖେଳାଳିମାନେ ସେମାନଙ୍କ ଦକ୍ଷତା ବଢାଇବାରେ ସକ୍ଷମ ହୋଇଛନ୍ତି। ଦିନକୁ ଦିନ ଉନ୍ନତି କରୁଛୁ ବୋଲି ମିଜୋରାମର ଏହି ୧୯ ବର୍ଷୀୟା ଫରୱାର୍ଡ କହିଛନ୍ତି। ଅଷ୍ଟ୍ରେଲିଆ ଏବେ ବିଶ୍ୱ ହକିରେ ଶ୍ରେଷ୍ଠ ଦଳ ବିବେଚିତ ହେଉଛି। ଆମ ଦଳ ମଧ୍ୟ ଅନୁରୂପ ଭାବେ ଏକ ଶ୍ରେଷ୍ଠ ଦଳ। ତେଣୁ ଅଲିମ୍ପିକ ଟେଷ୍ଟ ଇଭେଣ୍ଟରେ ଆମେ ଭଲ ପ୍ରଦର୍ଶନ କରିବୁ ଓ ଅଲିମ୍ପିକ କ୍ୱାଲିଫାୟର ପାଇଁ ପ୍ରସ୍ତୁତି ଜୋରଦାର କରିବୁ ବୋଲି ଲାଲରେମସିଆମି କହିଛନ୍ତି।

## ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବେ ଶ୍ରୀଲଙ୍କା ପ୍ରତିନିଧି

**କରାଚୀ,୩।୮ (ପିଟି):** ଶ୍ରୀଲଙ୍କା କ୍ରିକେଟର ଦୁଇଜଣିଆ ପ୍ରତିନିଧି ଦଳ ବୁଧବାର ପାକିସ୍ତାନ ଗସ୍ତ କରିବେ। ସେମାନେ ସେଠାକାର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବେ। ସେମାନଙ୍କ ନିଷ୍ପତ୍ତି ଉପରେ ଆସନ୍ତା ଅକ୍ଟୋବରରେ ହେବାକୁ ଥିବା ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ସିରିଜ୍‌ର ଭାଗ୍ୟ ନିର୍ଦ୍ଧାରଣ ହେବ। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଧ୍ୟକ୍ଷ ଇଶାନ ମାନି କହିଛନ୍ତି, ଶ୍ରୀଲଙ୍କା କ୍ରିକେଟର ପ୍ରତିନିଧି ଦଳ କରାଚୀ, ଲାହୋର ଓ ଇସ୍‌ଲାମାବାଦ ଭେନ୍ୟୁ ଏବଂ ଦଳୀୟ ହୋଟେଲର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବେ। ଏହାବାଦ୍ ସେମାନେ ପୋଲିସ ଓ ସୁରକ୍ଷା ବ୍ୟବସ୍ଥାରେ ନିଯୁକ୍ତ ହେବାକୁ ଥିବା ଅଫିସିଆଲଙ୍କ ସହ ବୈଠକରେ ଯୋଗଦେବେ। ଉଲ୍ଲେଖଥାଉ କି, ୨୦୦୯ରେ ଶ୍ରୀଲଙ୍କା ଦଳ ଉପରେ ଆତଙ୍କବାଦୀ ଆକ୍ରମଣରେ କୌଣସି ବଡ଼ ଦଳ ପାକିସ୍ତାନ ଗସ୍ତ କରୁ ନାହାନ୍ତି। ଶ୍ରୀଲଙ୍କା ଦଳ ପିସିବିର ଅନୁରୋଧ ରକ୍ଷା କରିବ ବୋଲି ମାନି ଆଶା ପ୍ରକଟ କରିଛନ୍ତି। ଏବେ ପିସିବି ଅନ୍ୟ ବୋର୍ଡଙ୍କୁ ବୁଝାଇବାକୁ ଉଦ୍ୟମ କରିବ।

# ଗୋଟିଏ ଓଭରରୁ ଗେଲ୍‌ଙ୍କ ୩୨ ରନ



**ବ୍ରମ୍ପଟନ (କାନାଡା), ୩।୮**

ପାକିସ୍ତାନ ଲେଗ୍–ସ୍ପିନର ଶଦାବ ଖାଁଙ୍କ ଗୋଟିଏ ଓଭରରୁ ୩୨ ରନ୍ ସଂଗ୍ରହ କରିଛନ୍ତି ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ କ୍ରିସ ଗେଲ୍। ଏଠାରେ ଚାଲିଥିବା ଗ୍ଲୋବାଲ ଟି୨୦ ଲିଗ୍‌ରେ ଭାଙ୍କୋଭର ନାଇଟ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଗେଲ୍ ଏଡ୍‌ମଣ୍ଟନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଏହି ବିସ୍ଫୋରକ ବ୍ୟାଟିଂ କରିଥିଲେ। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଏଡ୍‌ମଣ୍ଟ ରୟାଲ୍ସ ବେନ୍ କଟିଂ (୭୨ ରନ) ଓ ମହମ୍ମଦ ନୱାଜ (୪୦)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୬୫ ରନ ସଂଗ୍ରହ କରିଥିଲା। ଜବାବରେ ଭାଙ୍କୋଭର ନାଇଟ୍ସ ୧୬.୩ ଓଭରରେ ୪ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଓପନର୍ ତଥା ଅଧିନାୟକ ଗେଲ୍ ୪୪ ବଲରୁ ୯ ଛକା ଓ ୬ ଚୌକା ସହାୟତାରେ ୯୪ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ଏହି ବିସ୍ଫୋରକ ଇନିଂସ ଅବସରରେ ଗେଲ୍ ଶଦାବ ଖାଁଙ୍କ ଗୋଟିଏ ଓଭରରୁ ୩୨ ରନ୍ ସଂଗ୍ରହ କରିଥିଲେ। ଶଦାବଙ୍କ ଏହି ଓଭରର ୬ଟି ଯାକ ବଲ୍ ଯଥାକ୍ରମେ ୬, ୬, ୪, ୪, ୬, ୬ ରହିଥିଲା। ପୂର୍ବରୁ ଗେଲ୍ ଏହି ଟୁର୍ନାମେଣ୍ଟରେ ୧୨୨ ରନର ଏକ ଶତକୀୟ ଇନିଂସ ଖେଳିସାରିଛନ୍ତି।

## ହକି ଖେଳିଲେ ଅଭିନେତ୍ରୀ ମେୱିସ

**କରାଚୀ,୩।୮ (ପିଟି):** ଲୋକପ୍ରିୟ ପାକିସ୍ତାନୀ ଅଭିନେତ୍ରୀ ମେୱିସ ହାୟତ ଦେଶରେ ଫିଲ୍ଡ ହକିକୁ ଉଜ୍ଜୀବିତ ରଖିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ହୟାତ ସ୍ଥାନୀୟ ଅବଦୁଲ ସତ୍ତାର ଇଧି ହକି ଷ୍ଟାଡିୟମଠାରେ ଚାଲିଥିବା ଜାତୀୟ ଚାମ୍ପିୟନଶିପବେଳେ ପହଞ୍ଚି ସଭିଙ୍କୁ ଚକିତ କରିଦେଇଥିଲେ। ସେଠାରେ ସେ ଖେଳାଳିଙ୍କୁ ଭେଟିବା ସହ ହକି ଖେଳିଥିଲେ। ହକି ଆମ ଦେଶର ଜାତୀୟ କ୍ରୀଡ଼ା। ଏହା ଦେଶ ପାଇଁ ବହୁ ସଫଳତା ଆଣି ଦେଇଛି। ଆମେ ୪ ଥର ବିଶ୍ୱକପ୍, ୩ ଥର ଅଲିମ୍ପିକ୍ ଓ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ପାଇଛୁ। ତେବେ ହକିକୁ କେଉଁ କାରଣରୁ ହେଳା କରାଯାଉଛି ବୋଲି ହାୟତ ପ୍ରଶ୍ନ କରିଛନ୍ତି। ହାୟତ ଦେଶର ଶ୍ରେଷ୍ଠ ଅଭିନେତ୍ରୀଙ୍କ ମଧ୍ୟରେ ଅନ୍ୟତମ। ତାଙ୍କୁ ଦେଶର ଶୀର୍ଷ ସମ୍ମାନ ତମ୍‌ଘା ଇ ଇମ୍ତିଆଜ ମିଳିସାରିଛି। ଉଲ୍ଲେଖଥାଉ କି, ପାକିସ୍ତାନ ହକି ଫେଡେରେଶନ ଏବେ ଆର୍ଥିକ ସମସ୍ୟା ଦେଇ ଗତି କରୁଛି। ଫେଡେରେଶନ ତା'ର ଦୈନିକ ଖର୍ଚ୍ଚ ତୁଲାଇବା ପାଇଁ କ୍ରୀଡ଼ା ମନ୍ତ୍ରଣାଳୟଠାରୁ ଆର୍ଥିକ ସହାୟତା ଲାଗି ଅନୁରୋଧ କରିଛି।

# ଫାଇନାଲରେ ରାନ୍‌କିରେଡ୍ଡୀ–ଶେଟ୍ଟି

**ବ୍ୟାଙ୍କକ୍,୩।୮ (ପି.ଟି.)**

ସାତ୍ୱିକସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ଶେଟ୍ଟି ଶନିବାର ଥାଇଲାଣ୍ଡ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ବର୍ଗର ଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ପ୍ରଥମ ଭାରତୀୟ ଯୋଡ଼ି ଭାବେ ରାନ୍‌କିରେଡ୍ଡୀ ଓ ଶେଟ୍ଟିଙ୍କ ଯୋଡ଼ି ବିଡବ୍ଲ୍ୟୁଏଫ୍ ସୁପର ୫୦୦ ଟୁର୍ନାମେଣ୍ଟ ଫାଇନାଲରେ ସ୍ଥାନ ପାଇଛି। ବିଶ୍ୱର ୧୬ତମ ର୍‍ୟାଙ୍କ୍ ଭାରତୀୟ ଯୋଡ଼ି ୨୨–୨୦, ୨୨–୨୪, ୨୧–୯ ଗେମ୍‌ରେ ୧୯ତମ ର୍‍ୟାଙ୍କ କୋରିଆନ ସୁଙ୍ଗ୍ ହ୍ୟୁନ ଓ ଶିନ ବେକ ଚେଓଲଙ୍କୁ ହରାଇ ଦେଇଛନ୍ତି। ଏହି ବିଜୟ ଲାଗି ରାନ୍‌କୀରେଡ୍ଡୀ ଓ ଶେଟ୍ଟିଙ୍କୁ ଏକଘଣ୍ଟା ୩ ମିନିଟ୍ ଧରି କଡ଼ା ସଂଘର୍ଷର ସମ୍ମୁଖୀନ ହେବାକୁପଡ଼ିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ରୌପ୍ୟ ପଦକ ବିଜେତା ଯୋଡ଼ି ଚଳିତ ବର୍ଷ ପ୍ରଥମ ଥର କୌଣସି ଟୁର୍ନାମେଣ୍ଟ ଟାଇଟଲ ମୁକାବିଲାରେ ସ୍ଥାନ ପକ୍କା କରିଛନ୍ତି। ଅଣସିଡ୍ ଭାରତୀୟ ଯୋଡ଼ି ଚାଇନାର ଲି ଜୁନ୍ ହୁଇ ଓ ଲିଉ ୟୁ ଚେନ୍‌ଙ୍କୁ ଫାଇନାଲରେ ଭେଟିବେ।



ଭାରତର ସାତ୍ୱିକ ସାଇରାଜ ରାନ୍‌କିରେଡ୍ଡୀ ଓ ଚିରାଗ ଶେଟ୍ଟି।

## ଡୁରାଣ୍ଡ କପ୍: ଇଷ୍ଟବେଙ୍ଗଲ ବିଜୟୀ

**କୋଲକାତା, ୩।୮ (ପି.ଟି.):** ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶନିବାର ଖେଳାଯାଇଥିବା ମ୍ୟାଚରେ ଇଷ୍ଟବେଙ୍ଗଲ ୨–୦ ଗୋଲରେ ଆର୍ମି ରେଡ୍‌କୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଜେମି କୋଲାଡୋ ଏବଂ ବିଦ୍ୟାସାଗର ସିଂ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଖେଳର ୨୫ତମ ମିନିଟ୍‌ରେ ଆଇ–ଲିଗ୍ ରନର୍ସ ଅପ୍ ଇଷ୍ଟବେଙ୍ଗଲ ତରଫରୁ ସନ୍ତୋଷଙ୍କୁ ଏକ ଫ୍ରି–କିକ୍ ମିଳିଥିଲା। ମାତ୍ର ତାଙ୍କ ଶଟ୍ ଗୋଲ ପୋଷ୍ଟ ବାର୍‌ରେ ବାଜି ବାହାରକୁ ଚାଲିଯାଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲ ଶୂନ୍ୟ ରହିଥିଲା।

## ଅମ୍ପାୟରଙ୍କୁ ପଣ୍ଟିଂଙ୍କ ସମାଲୋଚନା

**ସିଡ୍‌ନୀ,୩।୮ (ଏଏଫ୍‌ପି):** ଇଂଲଣ୍ଡର ବର୍ମିଂହାମଠାରେ ଚାଲିଥିବା ପ୍ରଥମ ଆଶେସ ଟେଷ୍ଟରେ ଅମ୍ପାୟରଙ୍କ ବହୁ ତ୍ରୁଟି ପରିଲକ୍ଷିତ ହୋଇଛି। ଏଥିଯୋଗୁ ପୂର୍ବତନ ଅଷ୍ଟ୍ରେଲିଆନ ଅଧିନାୟକ ରିକି ପଣ୍ଟିଂ ଶନିବାର ନିରପେକ୍ଷ ଅମ୍ପାୟରଙ୍କ ନିୟମକୁ ସମାଲୋଚନା କରିଛନ୍ତି। ଚଳିତ ଟେଷ୍ଟରେ ପାକିସ୍ତାନର ଅଲିମ ଦାର ଓ ୱେଷ୍ଟଇଣ୍ଡିଜର ଜୁଏଲ ୱିଲସନ ବହୁ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଡିଆରଏସ୍ ଯୋଗୁ ଦୁଇ ଦଳ ଭୁଲ ନିଷ୍ପତ୍ତିର ଶିକାର ହେବାରୁ ବର୍ତ୍ତି ଯାଇଛନ୍ତି। କ୍ରିକେଟର ନିୟମ ନିର୍ଦ୍ଧାରଣ କରୁଥିବା ମାର୍ଲେବୋନ କ୍ରିକେଟ କ୍ଲବ (ଏମ୍‌ସିସି) ସଦସ୍ୟ ପଣ୍ଟିଂ ଆଗାମୀ ବୈଠକରେ ଏ ସମ୍ପର୍କରେ ଆଲୋଚନ କରିବେ ବୋଲି କହିଛନ୍ତି। ପରବର୍ତ୍ତୀ ଏମ୍‌ସିସି ବୈଠକରେ ନିରପେକ୍ଷ ଅମ୍ପାୟର ନିୟମରେ ପରିବର୍ତ୍ତନ ନେଇ ଆଲୋଚନା କରିବି। ଯଦି ନ ହୁଏ, ତେବେ ମୁଁ ଏହାକୁ ଏଜେଣ୍ଡାରେ ସାମିଲ କରିବି। ଆମ ନିକଟରେ ବହୁ ଟେକ୍ନୋଲୋଜି ରହିଛି। କିନ୍ତୁ ଅମ୍ପାୟରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ପରେ ଏହା ସର୍ବଦା କାମରେ ଆସେନାହିଁ ବୋଲି ସେ କହିଛନ୍ତି। ନିରପେକ୍ଷ ଅମ୍ପାୟରଙ୍କ ନିୟମ ଯୋଗୁ ଇଂଲଣ୍ଡର ରିଚାର୍ଡ କେଟ୍ଟିଲବର୍ଗଙ୍କ ଭଳି ମ୍ୟାଚ୍ ପରିଚାଳକ ବାଦ୍ ପଡ଼ିଥିବା ଘଟଣାକୁ ଇଙ୍ଗିତ କରି କହିଛନ୍ତି, ଆଇସିସିର ଏଭଳି ନିୟମ ଯୋଗୁ ସାଇମନ ଟଫେଲଙ୍କ ଭଳି ଅମ୍ପାୟର ଶୀଘ୍ର ଅବସର ନେଇ ଯାଉଛନ୍ତି। କାରଣ ସେମାନେ କ୍ୟାରିୟରର ପ୍ରାୟତଃ ସମୟ ସ୍ୱଦେଶ ବାହାରେ ବିତାଇବାକୁ ପଡୁଛି। ଉଲ୍ଲେଖଥାଉ କି, ୨୦୦୨ଠାରୁ ନିରପେକ୍ଷ ଅମ୍ପାୟରଙ୍କ ନିୟମ ଲାଗୁ କରାଯାଇଛି।



# ବିଶ୍ୱ ଜୁନିୟର ରୋଇଂ ଚାମ୍ପିୟନଶିପରେ ଓଡ଼ିଶାର ୩

**କଟକ ଅଫିସ,୩।୮**

- ଜଗତପୁର କେନ୍ଦ୍ରରୁ ୫ ପ୍ରଶିକ୍ଷାର୍ଥୀ
- ବାଳିକା ଦଳରେ ସୋନାଲି, ରିତୁ, ଦୀପିକା

ଅଗଷ୍ଟ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଜାପାନର ଟୋକିଓ ସହରରେ ବିଶ୍ୱ ଜୁନିୟର ରୋଇଂ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିନିମନ୍ତେ ଶନିବାର ଭାରତୀୟ ଦଳ ଘୋଷଣା ହୋଇଛି। ଯେଉଁଥିରେ ୮ଜଣ ବାଳକ ଓ ୪ଜଣ ବାଳିକାଙ୍କୁ ନେଇ ଭାରତୀୟ ଦଳ ଶନିବାର ଦିଲ୍ଲୀରୁ ଟୋକିଓ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଘୋଷିତ ୪ଜଣିଆ ଭାରତୀୟ ବାଳିକା ଦଳରେ ଓଡ଼ିଶାର ୩ ପ୍ରତିଯୋଗୀ ସୋନାଲି ସ୍ୱାଇଁ, ରିତୁ କାଉଡି, ଦୀପିକା ଖେସ୍ ସାମିଲ ହେବା ରାଜ୍ୟ ରୋଇଂ କ୍ରୀଡ଼ାର ବିକାଶକୁ ଦର୍ଶାଉଛି। ଅନ୍ୟପକ୍ଷରେ ଭାରତୀୟ ବାଳିକା ଦଳରେ ସାମିଲ ହୋଇଥିବା ମହାରାଷ୍ଟ୍ରର ମୃଣ୍ମୟୀ ନିଲେଶ ସାଲଗାଓଁକର ମଧ୍ୟ ଜଗତପୁର ଜଳକ୍ରୀଡ଼ା କେନ୍ଦ୍ରର ପ୍ରଶିକ୍ଷାର୍ଥୀ। ସେହିଭଳି ବାଳକ ଦଳରେ ସ୍ଥାନ ପାଇଥିବା ପଞ୍ଜାବର ସଗନଦୀପ ସିଂ ସ୍ୱତନ୍ତ୍ର ଭାବେ ଗତ ୬ ମାସ ହେଲା ଏହି କେନ୍ଦ୍ରରେ ପ୍ରଶିକ୍ଷଣ ନେଉଥିଲେ।

ଜଗତପୁର ଜଳକ୍ରୀଡ଼ା କେନ୍ଦ୍ରରୁ ମୋଟ ୫ଜଣ ଖେଳାଳି ଟୋକିଓ ବିଶ୍ୱ ଚାମ୍ପିୟନଶିପରେ ଭାଗନେବେ। କେନ୍ଦ୍ରର କୋଚ୍ ପି.ଟି. ପାଲୁସଙ୍କ ତତ୍ତ୍ୱାବଧାନରେ ଏକ ମାସ ହେବ ଏହି ଖେଳାଳିମାନେ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଉଥିଲେ। ଜଗତପୁର ନାନକାର ଅଞ୍ଚଳର ସୋନାଲି ସ୍ୱାଇଁ ପୂର୍ବରୁ ଏସିଆନ ଜୁନିୟର ରୋଇଂ ଚାମ୍ପିୟନଶିପରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ଏହାଛଡ଼ା ଜାତୀୟ ଚାମ୍ପିୟନଶିପ ଗୁଡ଼ିକରେ ସୋନାଲିଙ୍କ ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହିଛି। ବାପା ନବକିଶୋର ସ୍ୱାଇଁ, ମା ଅନୁପମା ସ୍ୱାଇଁଙ୍କ ଝିଅ ସୋନାଲି ବିଶ୍ୱ ଚାମ୍ପିୟନଶିପରେ ପ୍ରଥମଥର ନିମନ୍ତେ ଭାଗ ନେଉଛନ୍ତି। ଚାମ୍ପିୟନଶିପରେ ପ୍ରଦର୍ଶନ ଭଲ ରହିବ ବୋଲି ସୋନାଲି ଆଶାବାଦୀ। ଏହାଛଡ଼ା ଜୁନିୟର ତାରକା ଖେଳାଳି ରାଜଗାଙ୍ଗପୁରର ଦୀପିକା ଖେସ୍ ମଧ୍ୟ ପ୍ରଥମଥର ବିଶ୍ୱ ଚାମ୍ପିୟନଶିପରେ ଭାଗ ନେଉଛନ୍ତି। ୪ବର୍ଷ ହେବ ସେ ଜଗତପୁରରେ ରୋଇଂ କେନ୍ଦ୍ରରେ ରହି ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ବାପା ମଙ୍ଗଳା ଖେସ୍ ଓ ମା ପାର୍ବତୀ ଖେସଙ୍କ ଝିଅ ଦୀପିକା ଚାମ୍ପିୟନଶିପରେ ଅଭିଜ୍ଞତା ହାସଲ କରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ରିତୁ କାଉଡି ବିଶ୍ୱ ଚାମ୍ପିୟନଶିପରେ ଦ୍ୱିତୀୟଥର ଲାଗି ଅଂଶଗ୍ରହଣ କରିବେ। ଗତ ୨୦୧୭ରେ ମଧ୍ୟ ସେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ସୁନ୍ଦରଗଡ଼ରେ ଜନ୍ମିତ ରିତୁ କୁହନ୍ତି, ବିଶ୍ୱ ଚାମ୍ପିୟନଶିପରେ ଆମେରିକା, ଫ୍ରାନ୍ସ, ନ୍ୟୁଜିଲାଣ୍ଡ ଦଳର ପ୍ରଦର୍ଶନ ଭଲ ରହେ। ଗତଥର ୧୪ତମ ସ୍ଥାନରେ ରହି ଆମେ ପ୍ରତିଯୋଗିତା ଶେଷ କରିଥିଲୁ। ଚଳିତ ସଂସ୍କରଣରେ ତା'ଠାରୁ ଭଲ ପ୍ରଦର୍ଶନ କରିବାର ଆଶା ରହିଛି ବୋଲି ରିତୁ କହିଛନ୍ତି। ପଞ୍ଜାବର ସଗନଦୀପ ସିଂ ନିଜ ପ୍ରତିକ୍ରିୟାରେ କହିଥିଲେ ଓଡ଼ିଶାରେ ପ୍ରଶିକ୍ଷଣର ଅତ୍ୟାଧୁନିକ ସୁବିଧା ରହିଛି। ଏଭଳି ସୁବିଧା ପଞ୍ଜାବରେ ପାଇ ନ ଥିଲି ବୋଲି ସଗନଦୀପ କହିଛନ୍ତି।




କର୍ମକର୍ତ୍ତାଙ୍କ ଗହଣରେ ଭାରତୀୟ ଜୁନିୟର ରୋଇଂ ଦଳର ଖେଳାଳିମାନେ।



ଇଂଲଣ୍ଡ ବିପକ୍ଷ ପ୍ରଥମ ଆଶେସ ଟେଷ୍ଟରେ କେତୋଟି ନିଷ୍ପତ୍ତି ତ୍ରୁଟିପୂର୍ଣ୍ଣ, ତେଣୁ ନିରପେକ୍ଷ ଅମ୍ପାୟର ଆବଶ୍ୟକତା ନାହିଁ ବୋଲି ମୋର ମନେହେଉଛି ।

–ରିକି ପଣ୍ଟିଂ, ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ



ତିନୋଟି ଫର୍ମାଟରେ ନିଜର ଦକ୍ଷତା ପ୍ରତିପାଦନ କରିବା ଲାଗି ୱେଷ୍ଟଇଣ୍ଡିଜ ଟୁର୍ ରିଷଭ ପନ୍ତଙ୍କ ପାଇଁ ଏକ ବଡ଼ ସୁଯୋଗ ।

–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ

# ଭାରତ ୪ ଉଇକେଟରେ ବିଜୟୀ

**ଲଡରହିଲ,୩।୮(ପି.ଟି.)**

ବିଶ୍ୱକପ୍ ବିପର୍ଯ୍ୟୟ ପରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ବିଜୟୀ ହୋଇଛି। ସ୍ଥାନୀୟ ସେଣ୍ଟ୍ରାଲ ବ୍ରୋୱାର୍ଡ ରିଜିଓନାଲ ପାର୍କ ଷ୍ଟାଡିୟମର ଟର୍ଫ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ଲୋ–ସ୍କୋରିଂ ପ୍ରଥମ ଟି୨୦ ମ୍ୟାଚ୍‌ରେ ଭାରତ ୧୬ ବଲ ବାକି ଥାଇ ୪ ଉଇକେଟରେ ବିଜୟୀ ହୋଇଛି। ଏଥିସହିତ ଭାରତ ୩ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧–୦ରେ ଅଗ୍ରଣୀ ଲାଭ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇ ୱେଷ୍ଟଇଣ୍ଡିଜ୍ ଆରମ୍ଭରୁ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୯୫ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୧୭.୨ ଓଭରରେ ୬ ଉଇକେଟ ବିନିମୟରେ ୯୮ ରନ କରି ବିଜୟୀ ହୋଇଛି।

୯୬ ରନ ଛୋଟିଆ ଟାର୍ଗେଟର ପିଛା କରି ଭାରତ ଅନୁରୂପ ଭାବେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ଅଭିଜ୍ଞ ଓପନର ଶିଖର ଧାୱନ ୧ ରନ କରି ସେଲଡ୍ରନ କଟ୍ରେଲଙ୍କ ଦ୍ୱାର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ତାରକା ଓପନର ରୋହିତ ଶର୍ମା ୨ଟି ଲେଖାଏ ଚୌକା ଓ ଛକା ସହ ୨୫ ବଲରୁ ୨୪ ରନ କରି ସୁନୀଲ ନାରିନଙ୍କ ବଲ୍‌ରେ କିରନ ପୋଲାର୍ଡଙ୍କୁ କ୍ୟାଚ୍ ଦେଇଥିଲେ। ଏହା ପର ବଲ୍‌ରେ ରିଷଭ ପନ୍ତ ଖାତା ଖୋଲିବା ପୂର୍ବରୁ ଡିପ୍ ସ୍କୋୟାରରେ କଟ୍ରେଲଙ୍କୁ କ୍ୟାଚ୍ ଦେଇ ନାରିନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ମନୀଷ ପାଣ୍ଡେ ୧୯ ଓ କ୍ରୁନାଲ ପାଣ୍ଡ୍ୟା ୧୨ ରନ କରି କିମୋ ପଲ୍‌ଙ୍କ ଦ୍ୱାର କ୍ଲିନ୍ ବୋଲ୍ଡ ହୋଇଥିଲା। ରବୀନ୍ଦ୍ର ଜାଡେଜା ୧୦ ଓ ୱାଶିଂଟନ ସୁନ୍ଦର ଛକା ମାରି ୮ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ କଟ୍ରେଲ, ନାରିନ ଓ ପଲ ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ।

## ପ୍ରଥମ ଟି୨୦

ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍‌ର ଦୁଇଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁବାରେ ସକ୍ଷମ ହୋଇଥିଲେ। ଦଳର ୪ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲିପାରି ନ ଥିଲେ। କିରନ ପୋଲାର୍ଡ ସର୍ବାଧିକ ୪୯ ରନ ସଂଗ୍ରହ କରିଥିଲେ। ସେ ୪୯ ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୪ ଛକା ମାରିଥିଲେ। ସେହିପରି ଉଇକେଟକିପର ବ୍ୟାଟ୍ସମ୍ୟାନ ନିକୋଲାସ ପୁରନ ୧୬ଟି ବଲର ସମ୍ମୁଖୀନ ହୋଇ ଗୋଟିଏ ଚୌକା ଓ ୨ଟି ଛକା ସହ ୨୦ ରନ କରି ଆଉଟ୍ ହୋଇଥିଲେ। ଓପନର ଜନ୍ କ୍ୟାମ୍ପବେଲ, ଏଭିନ ଲୁଇସ୍ ଖାତା ଖୋଲିବା ପୂର୍ବରୁ ଯଥାକ୍ରମେ ୱାଶିଂଟନ ସୁନ୍ଦର ଓ ଭୁବନେଶ୍ୱର କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ସିମରନ ହେଟମେୟର ମଧ୍ୟ କୌଣସି ରନ୍ ନ କରି ସଇନିଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ରୋଭମନ ପାୱେଲ ୪ ରନ, ଅଧିନାୟକ କାର୍ଲୋସ ବ୍ରାଥୱେଟ୍ ୯ ରନ କରି ପ୍ୟାଭିଲିୟନ ଫେରିଥିଲେ। ସୁନୀଲ ନାରିନ ୨ ରନ କରି ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରେ ଖଲିଲ ଅହମ୍ମଦଙ୍କୁ କ୍ୟାଚ୍ ଦେଇଥିଲେ। କିମୋ ପଲ ୩ ରନ କରି କଭରରେ କୋହଲିଙ୍କୁ କ୍ୟାଚ୍ ଦେଇ ଭୁବନେଶ୍ୱରଙ୍କ ବଲ୍‌ରେ ଆଉଟ ହୋଇଥିଲେ। ସେଲଡ୍ରନ କଟ୍ରେଲ ଓ ଓଶେନ ଥୋମାସ ବିନା ସ୍କୋରରେ ଅପରାଜିତ ଥିଲେ। ବୋଲିଂରେ ଭାରତ ତରଫରୁ ସଇନି ସର୍ବାଧିକ ୩, ଭୁବନେଶ୍ୱର ୨, ସୁନ୍ଦର, ଅହମ୍ମଦ, କ୍ରୁନାଲ ଓ ଜାଡେଜା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ନବଦୀପ ସଇନି ଉଇକେଟ ହାସଲ ପରେ ଖୁସି ମନାଉଛନ୍ତି।




### ପଦାର୍ପଣରେ ସଇନିଙ୍କ ଚମକ

ଟି୨୦ ପଦାର୍ପଣରେ ସଇନି ତାଙ୍କ ପ୍ରଥମ ଓଭରରେ ୨ ଉଇକେଟ ନେଇ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଭାରତ ପାଇଁ ଦ୍ୱିତୀୟ ବୋଲରଭାବେ ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ୨୦୦୯ରେ ଟ୍ରେଣ୍ଟବ୍ରିଜ୍‌ରେ ବାଂଲାଦେଶ ବିପକ୍ଷରେ ଓଡ଼ିଆ ସ୍ପିନର ପ୍ରଜ୍ଞାନ ଓଝା ପଦାର୍ପଣ କରି ତାଙ୍କ ପ୍ରଥମ ଓଭରରେ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ। ପଞ୍ଚମ ଓଭରରେ ବୋଲିଂ କରିବାକୁ ଆସି ସଇନି ଚତୁର୍ଥ ଓ ପଞ୍ଚମ ବଲ୍‌ରେ ପୁରନ ଓ ହେଟମେୟରଙ୍କୁ ଆଉଟ କରିଥିଲେ। ତେବେ ସେ ହ୍ୟାଟ୍ରିକ ନେବାରେ ବିଫଳ ହୋଇଥିଲେ। ଅନ୍ତିମ ଓଭରରେ ସଇନି କୌଣସି ରନ୍ ନ ଦେଇ ମେଡେନ ନେବା ସହ ପୋଲାର୍ଡଙ୍କୁ ଆଉଟ କରିଥିଲେ। ୪ ଓଭର ବୋଲିଂ କରି ସେ ୧୭ ରନ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୨୦ ଓଭରରେ ୯୫/୯ (ପୋଲାର୍ଡ– ୪୯, ପୁରନ– ୨୦, ସଇନି– ୩/୧୭, ଭୁବନେଶ୍ୱର– ୨/୧୯)

ଭାରତ ୧୭.୨ ଓଭରରେ ୯୮/୬ (ରୋହିତ– ୨୪, କୋହଲି– ୧୯, ମନୀଷ– ୧୯, କ୍ରୁନାଲ– ୧୨, ଜାଡେଜା– ୧୦*, କଟ୍ରେଲ– ୨/୨୦, ନାରିନ– ୨/୧୪, ପଲ– ୨/୨୩)

## ସଂକ୍ଷେପରେ

### ରେକର୍ଡ ସହ ଭର୍ଷ୍ଟାପେନ୍‌ଙ୍କ ପୋଲ ପୋଜିଶନ

**ହଙ୍ଗାରୋରିଂ (ହଙ୍ଗେରୀ), ୩।୮ (ଏଏଫ୍‌ପି):** ରେକର୍ଡ ବ୍ରେକିଂ ସ୍ପିଡ୍ ସହ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଫର୍ମୁଲାୱାନ୍‌ରେ ତାଙ୍କ ବହୁ ପ୍ରତିକ୍ଷୀତ ପ୍ରଥମ ପୋଲ ପୋଜିଶନ ହାସଲ କରିଛନ୍ତି। ଶନିବାର ହଙ୍ଗେରିଆନ ଗ୍ରାଁ ପ୍ରିର କ୍ୱାଲିଫାଇଙ୍ଗ ସେସନ ଅନୁଷ୍ଠିତ ହୋଇଥିଲା। ଡ୍ରାଇଭରମାନଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଭର୍ଷ୍ଟାପେନ୍ ରେଡ୍ ବୁଲ୍ ପାଇଁ ଶ୍ରେଷ୍ଠ ଟାଇମିଂ ରେକର୍ଡ ପ୍ରତିଷ୍ଠା କରିଥିଲେ। ଫର୍ମୁଲା ୱାନରେ ପୋଲ ପୋଜିଶନ ହାସଲ କରିବାରେ ସେ ୧୦୦ତମ ଡ୍ରାଇଭର ବିବେଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ଏହି ହଙ୍ଗାରୋରିଂ ଟ୍ରାକ୍‌ରେ ୨୧ ବର୍ଷୀୟ ଭର୍ଷ୍ଟାପେନ୍‌ଙ୍କ ବାପା ଜୋସ୍ ୨୫ ବର୍ଷ ପୂର୍ବେ ୧୯୯୪ରେ ବେନେଟନ ତରଫରୁ ତାଙ୍କର ପ୍ରଥମ ପୋଡିୟମ ଫିନିଶ କରିଥିଲେ। ଡଚ୍ ଡ୍ରାଇଭର ଭର୍ଷ୍ଟାପେନଙ୍କ ଏହାହେଉଛି ୯୪ତମ ଗ୍ରାଁ ପ୍ରି। ସେ ଇତିମଧ୍ୟରେ ୭ଥର ଟାଇଟଲ ଜିତିସାରିଛନ୍ତି। ଏଠାରେ ତାଙ୍କ ଶ୍ରେଷ୍ଠ ଲାପ୍ ଟାଇମିଂ ଏକ ମିନିଟ ୧୪.୫୭୨ ସେକେଣ୍ଡ ରହିଥିଲା। ତାଙ୍କଠାରୁ ମାତ୍ର ୦.୦୧୮ ସେକେଣ୍ଡ ଟାଇମିଂ ବ୍ୟବଧାନରେ ମର୍ସିଡିଜର ଭାଲଟେରୀ ବୋଟାସ ଦ୍ୱିତୀୟ ସ୍ଥାନରେ ରହିଥିଲେ। ବୋଟାସଙ୍କ ଟିମ୍‌ମେଟ ଲୁଇସ ହାମିଲଟନଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଫେରାରିର ଚାର୍ଲସ ଲେକ୍‌ଲେର୍କ ଏବଂ ସେବାଷ୍ଟିଆନ ଭେଟେଲ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ହୋଇଥିଲେ।

### ଲଭ୍‌ଲିନା, ନୀରଜ ଜିତିଲେ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୩।୮ (ପି.ଟି.):** ରୁଷିଆର କାସ୍ପିସ୍କଠାରେ ଚାଲିଥିବା ମାଗୋମ୍‌ଡ ସଲାମ ଉମାଖାନୋଭ ମେମୋରିଆଲ ଇଣ୍ଟରନ୍ୟାଶନାଲ ବକ୍ସିଂ ଟୁର୍ନାମେଣ୍ଟରେ ଭାରତୀୟ ବକ୍ସରମାନେ ଭଲ ପ୍ରଦର୍ଶନ କରିଛନ୍ତି। ଶନିବାର ଲଭ୍‌ଲିନା ବୋର୍ଗୋହେନ୍ ଏବଂ ନୀରଜ ସ୍ୱର୍ଣ୍ଣ ଜିତିଥିବାବେଳେ ଗୌରବ ସୋଲାଙ୍କି ରୌପ୍ୟ ଜିତିଛନ୍ତି। ଟୁର୍ନାମେଣ୍ଟରେ ଭାରତୀୟ ବକ୍ସରମାନେ ଦୁଇ ସ୍ୱର୍ଣ୍ଣ ୧ ରୌପ୍ୟ ଏବଂ ୩ ବ୍ରୋଞ୍ଜ ସହ ମୋଟ ୭ ପଦକ ଜିତିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ବିଜୟିନୀ ଲଭ୍‌ଲିନା (୬୯କେଜି) ଫାଇନାଲରେ ଇଟାଲିର ଆସଣ୍ଟା କାନଫୋରାଙ୍କୁ ୩-୨ରେ ହରାଇଥିଲେ। ଲଭ୍‌ଲିନାଙ୍କର ଏହା ହେଉଛି ପ୍ରଥମ ଅନ୍ତର୍ଜାତୀୟ ସ୍ୱର୍ଣ୍ଣ। ଅନ୍ୟପକ୍ଷରେ ସେମିଫାଇନାଲରେ ପୂର୍ବତନ ବିଶ୍ୱ ଚାମ୍ପିୟନ ଆଲେସିଆ ମେସିଆନୋଙ୍କୁ ୩-୨ରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଥିବା ନୀରଜ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଟାଇଟଲ ମୁକାବିଲାରେ ରୁଷିଆର ମାଲ୍‌କା ସାକ୍ଷିତୋଭାଙ୍କୁ ହରାଇ ଦେଇଥିଲେ। ଗୌରବ ସୋଲାଙ୍କି କିନ୍ତୁ ତାଙ୍କ ବାଉଟ୍ ହାରିଯାଇଥିଲେ।

# ମେସି ୩ ମାସ ବାସନ୍ଦ

**ବୁଏନସ ଏରିଜ,୩।୮**

ଆର୍ଜେଣ୍ଟିନା ଷ୍ଟାର ଲିଓନେଲ ମେସି ଜାତୀୟ ଦଳରୁ ୩ ମାସ ପାଇଁ ବାସନ୍ଦ ହୋଇଛନ୍ତି। ଏଥିସହ ତାଙ୍କୁ ଜରିମାନା ବାବଦକୁ ୫୦ ହଜାର ଆମେରିକୀୟ ଡଲାର ଦେବାକୁ ଦକ୍ଷିଣ ଆମେରିକା ଫୁଟ୍‌ବଲ ପରିଚାଳନା ସଂସ୍ଥା ପକ୍ଷରୁ କୁହାଯାଇଛି। କୋପା ଆମେରିକା ଟୁର୍ନାମେଣ୍ଟର ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ୩୨ ବର୍ଷୀୟ ଏହି ଷ୍ଟାର ଖେଳାଳି ଆୟୋଜକଙ୍କ ଉପରେ ଦୁର୍ନୀତି ଅଭିଯୋଗ ଆଣିଥିଲେ। ଏହି ଟୁର୍ନାମେଣ୍ଟର ଚିରପ୍ରତିଦ୍ୱନ୍ଦ୍ୱୀ ବ୍ରାଜିଲ ବିପକ୍ଷ ସେମିଫାଇନାଲରେ ଆର୍ଜେଣ୍ଟିନାକୁ ଦୁଇ ଥର ପେନାଲ୍ଟି ଦିଆଯାଇ ନ ଥିଲା। ଫଳରେ ବ୍ରାଜିଲ ୨–୦ ବ୍ୟବଧାନରେ ମ୍ୟାଚ୍ ଜିତି ନେଇଥିଲା। ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ରେଡ୍ କାର୍ଡ ମିଳିବା ପରେ ମେସି ଆୟୋଜକଙ୍କୁ ସମାଲୋଚନା କରିବା ସହ ପକ୍ଷପାତିତା ଅଭିଯୋଗ କରିଥିଲେ। ଦକ୍ଷିଣ ଆମେରିକା ଫୁଟ୍‌ବଲ ପରିଚାଳନା ସଂସ୍ଥା ତା'ର ୱେବସାଇଟ୍‌ରେ ମେସିଙ୍କ ଦଣ୍ଡାଦେଶ ସମ୍ପର୍କରେ ଉଲ୍ଲେଖ କରିଛି। ହେଲେ କେଉଁ କାରଣ ପାଇଁ ଦଣ୍ଡ ବିଧାନ କରାଯାଇଛି, ତାହା ସ୍ପଷ୍ଟ ହୋଇନାହିଁ। ବାସନ୍ଦ ହେବା ଫଳରେ ମେସି କିଛି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିପାରିବେ ନାହିଁ।



### ରେଲୱେକୁ ହରାଇଲା ୟଙ୍ଗ୍ ଉତ୍କଳ କ୍ଲବ

**କଟକ ଅଫିସ, ୩।୮:** କଟକରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ୟଙ୍ଗ୍ ଉତ୍କଳ କ୍ଲବ ୨–୧ ଗୋଲରେ ଇଷ୍ଟକୋଷ୍ଟ ରେଲୱେକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ଟି ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମାର୍ଦ୍ଧର ୨୯ତମ ମିନିଟରେ ବିଜୟ କୁମାର ବାରିକ ୟଙ୍ଗ ଉତ୍କଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହି ଗୋଲ ସହ ପ୍ରଥମାର୍ଦ୍ଧର ଖେଳ ୟଙ୍ଗ୍ ଉତ୍କଳ କ୍ଲବ ଅକ୍ତିଆରରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ୫୪ତମ ମିନିଟରେ ବିକାଶ ସାହୁ ଦଳ ନିମନ୍ତେ ଦ୍ୱିତୀୟ ଗୋଲ ଦେବା ଫଳରେ ୟଙ୍ଗ ଉତ୍କଳ ୨–୦ ଗୋଲର ଅଗ୍ରଣୀ ନେଇଥିଲା। ୭୬ତମ ମିନିଟରେ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା ଇଷ୍ଟକୋଷ୍ଟ ରେଲୱେ। ୩୦ୟାର୍ଡ ଦୂରରୁ ସନାତନ ଲୋହାର ଏକ ଚମତ୍କାର ଗୋଲ ଦେଇ ମ୍ୟାଚକୁ ୨–୧ ସ୍ଥିତିରେ ପହଞ୍ଚାଇ ଜିତାଇଥିଲେ।

# ବ୍ୟାଟିଂ କୋଚ୍ ପାଇଁ ରାଠୋରଙ୍କ ଆବେଦନ

**ନୂଆଦିଲ୍ଲୀ, ୩।୮ (ପି.ଟି.)**

ପୂର୍ବତନ ଜାତୀୟ ଚୟନକର୍ତ୍ତା ବିକ୍ରମ ରାଠୋର ଭାରତୀୟ ସିନିୟର କ୍ରିକେଟ୍ ଦଳର ବ୍ୟାଟିଂ କୋଚ୍ ପାଇଁ ଆଶାବାଦୀ ରହିଛନ୍ତି। ଏହି ସମ୍ମାନଜନକ ପଦ ଲାଗି ସେ ଆବେଦନ କରିଥିବା ଜଣାପଡ଼ିଛି। ପୂର୍ବରୁ ଆଇପିଏଲ୍ ଦଳ ଦିଲ୍ଲୀ ଡେୟାରଡେଭିଲ୍ସ ବ୍ୟାଟିଂ କୋଚ୍ ତଥା ଅଜିଙ୍କ୍ୟ ରାହାନେଙ୍କ ବ୍ୟକ୍ତିଗତ ପ୍ରଶିକ୍ଷକ ପ୍ରବୀଣ ଆମ୍ରେ ମଧ୍ୟ ଏହି ପଦ ପାଇଁ ଦୌଡ଼ର ସର୍ବାଗ୍ରେ ରହିଛନ୍ତି। ବିସିସିଆଇର ଜନୈକ ଅଧିକାରୀ ବ୍ୟାଟିଂ କୋଚ୍ ପଦ ପାଇଁ ରାଠୋର ଆବେଦନ କରିଥିବା ସ୍ୱୀକାର କରିଛନ୍ତି। 'ହଁ ଏହି ପଦ ପାଇଁ ରାଠୋର ଆଗ୍ରହୀ ରହିଛନ୍ତି। ଫଳରେ ବ୍ୟାଟିଂ କୋଚ୍ ଚୟନ ଏବେ ରୋମାଞ୍ଚକ ହେବ' ବୋଲି ଏହି ଅଧିକାରୀ ଜଣଙ୍କ କହିଛନ୍ତି। ପୂର୍ବରୁ ରାଠୋର ଭାରତୀୟ ୧୯ ବର୍ଷରୁ କମ୍ ଦଳର ବ୍ୟାଟିଂ କୋଚ୍ ଏବଂ ଏନ୍‌ସିଏ ବ୍ୟାଟିଂ ପରାମର୍ଶଦାତା ପାଇଁ ଆବେଦନ କରିଥିଲେ ମଧ୍ୟ 'ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ' ଲାଗି ତାଙ୍କ ଦରଖାସ୍ତ ଖାରଜ ହୋଇଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଜାତୀୟ ଦଳର ବ୍ୟାଟିଂ କୋଚ୍ ରହିଥିବା ସଞ୍ଜୟ ବାଙ୍ଗର ତାଙ୍କ କାର୍ଯ୍ୟକାଳ ମଧ୍ୟରେ ମଧ୍ୟକ୍ରମ ବ୍ୟାଟିଂ ବିଫଳତା ସୁଧାରିବାରେ ସମର୍ଥ ହୋଇପାରି ନ ଥିଲେ। ବିଶ୍ୱକପ୍ ସେମିଫାଇନାଲରୁ ଭାରତର ବିଦାୟ ପଛରେ ମଧ୍ୟକ୍ରମ ବିଫଳତା ରହିଥିଲା ଏକ ପ୍ରମୁଖ କାରଣ ରହିଥିଲା। ତେଣୁ ବାଙ୍ଗର ଏହି ପଦରୁ ବିଦାୟ ନେବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ବିଶ୍ୱକପ୍ ପରେ ଭାରତୀୟ ଦଳର ସପୋର୍ଟ ଷ୍ଟାଫଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଯାଇଥିଲେ ମଧ୍ୟ ବିସିସିଆଇ ୱେଷ୍ଟଇଣ୍ଡିଜ ଟୁର୍‌କୁ ଦୃଷ୍ଟିରେ ରଖି ଏହାକୁ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା। ବିଶ୍ୱକପ୍ ବିଜୟୀ ପୂର୍ବତନ ଅଧିନାୟକ କପିଳ ଦେବ, ପୂର୍ବତନ ବ୍ୟାଟ୍ସମ୍ୟାନ ତଥା କୋଚ୍ ଅଂଶୁମାନ ଗାଏକ୍ୱାଡ ଓ ମହିଳା କ୍ରିକେଟ୍ ଦଳର ପୂର୍ବତନ ଅଧିନାୟିକା ଶାନ୍ତା ରାମାସ୍ୱାମୀଙ୍କୁ ନେଇ ଗଠିତ କ୍ରିକେଟ୍ ପରାମର୍ଶଦାତା କମିଟି (ସିଏସି) ଭାରତୀୟ ଦଳର ସପୋର୍ଟ ଷ୍ଟାଫ୍ ଚୟନ କରିବେ।



## ରଣଜୀ ଟ୍ରଫି–୨୦୧୯

# ଘରୋଇ ମାଟିରେ ୫ ମ୍ୟାଚ ଖେଳିବ ଓଡ଼ିଶା

**କଟକ ଅଫିସ,୩।୮**

- ଏଲିଟ୍ ଗ୍ରୁପ-ସି'ରେ ଓଡ଼ିଶା
- ସିକେ ନାଇଡୁରେ ପ୍ଲେଟ୍ ଗ୍ରୁପ୍‌କୁ ଖସିଲା ଓଡ଼ିଶା

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଆସନ୍ତା ଘରୋଇ କ୍ରିକେଟ ଟୁର୍ନାମେଣ୍ଟଗୁଡ଼ିକ ନିମନ୍ତେ ଖେଳସୂଚୀ ଘୋଷଣା କରାଯାଇଛି। ରଣଜୀ ଟ୍ରଫିରେ ଓଡ଼ିଶା ଏଲିଟ୍ ଗ୍ରୁପ-ସି'ରେ ସ୍ଥାନ ପାଇଥିବା ବେଳେ ୫ଟି ମ୍ୟାଚ୍ ଘରୋଇ ପରିବେଶରେ ଖେଳିବାର ସୁଯୋଗ ପାଇବ। ଚୂଡ଼ାନ୍ତ ଭେନ୍ୟୁ ତାଲିକା ଘୋଷଣା ହୋଇନାହିଁ। ସୂଚନାଯୋଗ୍ୟ, ବିଜୟ ହଜାରେ ଟ୍ରଫିରୁ ବିସିସିଆଇର ଆସନ୍ତା ଘରୋଇ ଟୁର୍ନାମେଣ୍ଟଗୁଡ଼ିକ ଆରମ୍ଭ ହେବ।

ଆସନ୍ତା ଡିସେମ୍ବର ୯ ରୁ ରଣଜୀ ଟ୍ରଫି ଆରମ୍ଭ ହେବ। ଏଲିଟ ଗ୍ରୁପ–ସି'ରେ ଓଡ଼ିଶା ସମେତ ଛତିଶଗଡ଼, ସର୍ଭିସେସ, ଉତ୍ତରାଖଣ୍ଡ, ତ୍ରିପୁରା, ହରିୟାଣା, ଜମ୍ମୁ କଶ୍ମୀର, ଆସାମ, ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ରହିଛନ୍ତି। ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ ବିପକ୍ଷରେ ସିଜନର ପ୍ରଥମ ମ୍ୟାଚ୍ ଓଡ଼ିଶା ଖେଳିବ। ସର୍ଭିସେସ, ଉତ୍ତରାଖଣ୍ଡ, ଜମ୍ମୁ ଓ କାଶ୍ମୀର, ଆସାମ ଓ ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚ୍ ଓଡ଼ିଶା ଘରୋଇ ଗ୍ରାଉଣ୍ଡରେ ଖେଳିବ । ବିଜୟ ହଜାରେ ଟ୍ରଫି ସେପ୍ଟେମ୍ବର ୨୪ ତାରିଖରୁ ଆରମ୍ଭ ହେଉଛି । ଟୁର୍ନାମେଣ୍ଟରେ ଓଡ଼ିଶା ଏଲିଟ ଗ୍ରୁପ–ବି'ରେ ସ୍ଥାନ ପାଇଛି। ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ନଭେମ୍ବର ୮ ତାରିଖରୁ ଆରମ୍ଭ ହେଉଛି। ଓଡ଼ିଶା ଗ୍ରୁପ–ଇ'ରେ, ପୁରୁଷ ୨୩ବର୍ଷରୁ କମ୍ ଏକଦିବସୀୟ ଲିଗ ଅକ୍ଟୋବର ୧୦ରୁ ଆରମ୍ଭ ହେଉଥିବାବେଳେ ଓଡ଼ିଶା ଏଲିଟ ଗ୍ରୁପ–ସି'ରେ ସ୍ଥାନ ପାଇଛି। ସେହିପରି କୁଚ୍‌ବିହାର ଟ୍ରଫି ନଭେମ୍ବର ୨୨ରୁ ଆରମ୍ଭ ହେଉଥିବା ବେଳେ ଓଡ଼ିଶା ଏଲିଟ୍ ଗ୍ରୁପ–ସିରେ ସ୍ଥାନ ପାଇଛି। ଭିନୁ ମଙ୍କଡ ଟ୍ରଫି ଅକ୍ଟୋବର ୪ରୁ ଆରମ୍ଭ ହେଉଥିବା ବେଳେ ଓଡ଼ିଶା ଏଲିଟ ଗ୍ରୁପ–ସି'ରେ ସ୍ଥାନ ପାଇଛି। ମହିଳା ସିନିୟର ଟୁର୍ନାମେଣ୍ଟ ଅକ୍ଟୋବର ୧୪ରୁ ଆରମ୍ଭ ହେଉଥିବା ବେଳେ ଓଡ଼ିଶା ଗ୍ରୁପ–ବି'ରେ, ମହିଳା ୨୩ବର୍ଷରୁ କମ୍ ଟୁର୍ନାମେଣ୍ଟ ଜାନୁୟାରୀ ୨୭ରୁ ଆରମ୍ଭ ହେଉଥିବା ବେଳେ ଓଡ଼ିଶା ଏଲିଟ ଗ୍ରୁପ–ଏ'ରେ, ମହିଳା ୨୩ବର୍ଷରୁ କମ ଟି–୨୦ ଲିଗ୍ ନଭେମ୍ବର ୧୨ରୁ ଆରମ୍ଭ ହେଉଛି। ଏଥିରେ ଓଡ଼ିଶା ଗ୍ରୁପ–ଡି'ରେ ସ୍ଥାନ ପାଇଛି। ସେହିପରି ମହିଳା ୧୯ବର୍ଷରୁ କମ ଏକଦିବସୀୟ ଲିଗ୍ ଫେବୃୟାରୀ ୨୦ରୁ ଆରମ୍ଭ ହେଉଛି। ଏଥିରେ ଓଡ଼ିଶା ଏଲିଟ ଗ୍ରୁପ–ଏ'ରେ ସ୍ଥାନ ପାଇଛି। ମହିଳା ୧୯ବର୍ଷରୁ କମ୍ ଟି–୨୦ ଲିଗ ଅକ୍ଟୋବର ୩୧ରୁ ଆରମ୍ଭ ହେବ। ଏଥିରେ ଓଡ଼ିଶା ଗ୍ରୁପ–ଇ'ରେ ରହିଛି। ଅନ୍ୟପକ୍ଷରେ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ପୂର୍ବାଞ୍ଚଳ ଲିଗ ଅକ୍ଟୋବର ୧୧ରୁ ଆରମ୍ଭ ହେବ। ଏହାଛଡ଼ା ସି.କେ. ନାଇଡୁ ଟ୍ରଫି ଡିସେମ୍ବର ୧୧ରୁ ଆରମ୍ଭ ହେଉଥିବା ବେଳେ ଓଡ଼ିଶା ପ୍ଲେଟ ଗ୍ରୁପକୁ ଖସିଛି।

**ମ୍ୟାଚ୍ ସୂଚୀ**

| | |
|---|---|
| ଡିସେମ୍ବର ୯ | ଓଡ଼ିଶା–ଛତିଶଗଡ଼(ଭେନ୍ୟୁ–ଛତିଶଗଡ଼) |
| ଡିସେମ୍ବର ୧୭ | ଓଡ଼ିଶା–ସର୍ଭିସେସ(ଭେନ୍ୟୁ–ଓଡ଼ିଶା) |
| ଡିସେମ୍ବର ୨୫ | ଓଡ଼ିଶା–ଉତ୍ତରାଖଣ୍ଡ(ଭେନ୍ୟୁ–ଓଡ଼ିଶା) |
| ଜାନୁୟାରୀ ୩ | ଓଡ଼ିଶା–ତ୍ରିପୁରା(ଭେନ୍ୟୁ–ତ୍ରିପୁରା) |
| ଜାନୁୟାରୀ ୧୧ | ଓଡ଼ିଶା–ହରିୟାଣା(ଭେନ୍ୟୁ–ହରିୟାଣା) |
| ଜାନୁୟାରୀ ୧୯ | ଓଡ଼ିଶା–ଜମ୍ମୁ ଓ କଶ୍ମୀର(ଭେନ୍ୟୁ–ଓଡ଼ିଶା) |
| ଜାନୁୟାରୀ ୨୭ | ଓଡ଼ିଶା–ଆସାମ(ଭେନ୍ୟୁ–ଓଡ଼ିଶା) |
| ଫେବୃୟାରୀ ୪ | ଓଡ଼ିଶା–ମହାରାଷ୍ଟ୍ର(ଭେନ୍ୟୁ–ମହାରାଷ୍ଟ୍ର) |
| ଫେବୃୟାରୀ ୧୨ | ଓଡ଼ିଶା–ଝାଡ଼ଖଣ୍ଡ(ଭେନ୍ୟୁ–ଓଡ଼ିଶା) |

# ଭାରତ ଏ' ବିଜୟର ନିକଟତର

**ପୋର୍ଟ ଅଫ୍ ସ୍ପେନ୍,୩।୮(ପି.ଟି.)**

ଅଫ୍ ସ୍ପିନର କ୍ରିଷ୍ଣାପ୍ପା ଗୋଥାମଙ୍କ ୫ ଉଇକେଟ ସଫଳତା ଓ ମୟଙ୍କ ଅଗ୍ରୱାଲଙ୍କ ୮୧ ରନର ପାଳି ବଳରେ ଭ୍ରମଣକାରୀ ଭାରତ ଏ' ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟର ବିଜୟ ନିକଟତର ହୋଇଛି। ଟସ୍ ଜିତି ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୧୧୩ ଓଭରରେ ୩୧୮ ରନ କରି ଅଲଆଉଟ ହୋଇଛି। ଜବାବରେ ଭାରତ ଆଶାନୁରୂପ ବ୍ୟାଟିଂ କରି ନ ପାରି ୪୭ ଓଭରରେ ୧୯୦ ରନକରି ଅଲଆଉଟ ହୋଇଛି। ଫଳରେ ପ୍ରଥମ ଇନିଂସରେ ଭାରତ ୧୨୮ ରନ ପଛରେ ପଡିଥିଲା। ତେବେ ଦ୍ୱିତୀୟ ଇନିଂସରେ ଭାରତ ଉନ୍ନତ ବୋଲିଂ କରି ୱେଷ୍ଟଇଣ୍ଡିଜକୁ ବଡ଼ ସ୍କୋର ହାସଲ କରିବାକୁ ସୁଯୋଗ ଦେଇ ନ ଥିଲା। ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜ ୩୯.୫ ଓଭରରେ ମାତ୍ର ୧୪୯ ରନ କରି ଅଲଆଉଟ ହୋଇଥିଲା। ଫଳରେ ଭାରତ ସମ୍ମୁଖରେ ୨୭୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ଶନିବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୫୦ ଓଭରରେ ୩ ଉଇକେଟ ହରାଇ ୧୮୫ ରନ ସଂଗ୍ରହ କରିଛି। ଫଳରେ ମ୍ୟାଚ୍ ଆଉ ଗୋଟିଏ ଦିନ ବାକିଥିବା ବେଳେ ଭାରତ ୭ ଉଇକେଟ ହାତରେ ରଖି ବିଜୟ ପାଇଁ ଆଉ ୯୩ ରନ ଆବଶ୍ୟକ କରୁଛି।



ମୟଙ୍କ ଅଗ୍ରୱାଲ

## ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

ଷ୍ଟମ୍ପ ଅପସାରଣ ବେଳକୁ ଅଭିମନ୍ୟୁ ଇଶ୍ୱରନ ୧୬ ଓ ଅନମୋଲପ୍ରୀତ ସିଂ ୪ ରନ କରି ଅପରାଜିତ ରହିଛନ୍ତି। ଦୁଇ ଓପନର ମୟଙ୍କ ଓ ପ୍ରିୟାଙ୍କ କିରିଟ ପଞ୍ଚାଲ ଓପନିଂ ଯୋଡିରେ ୧୫୦ ରନ କରି ଦଳକୁ ଜବରଦସ୍ତ ଆରମ୍ଭ ପ୍ରଦାନ କରିଥିଲେ। ତେବେ ପ୍ରିୟଙ୍କ ୬୮ ରନ କରିଥିବା ବେଳେ ରେମନ ରେଇଫରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ୮୧ ରନ କରି ମୟଙ୍କ ଚେମର ହୋଲ୍ଡରଙ୍କ ବଲ୍‌ରେ ବଦଳ ଖେଳାଳି ଜେ.ଏନ୍. ହାମିଲଟନଙ୍କୁ କ୍ୟାଚ୍ ଦେଇ ପାଭିଲିୟନ ଫେରିଥିଲେ। ଅଧିନାୟକ ହନୁମା ବିହାରୀ କିନ୍ତୁ ବିଫଳ ହୋଇଥିଲେ। ସେ ୧ ରନ କରିଥିବା ବେଳେ ହୋଲ୍ଡରଙ୍କ ବଲ୍‌ରେ ଜେରମାଇନ୍ ବ୍ଲାକ୍‌ଉଡ୍ କ୍ୟାଚ ଦେଇ ଆଉଟ ହୋଇଥିଲେ । ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ହୋଲ୍ଡର ୨ ଓ ରେଇଫର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୨/୪ ରୁ ଖେଳ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଅଲ୍‌ଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ସୁନୀଲ ଅମ୍ବ୍ରିଶ ଓ ଜେରମାଇନ ବ୍ଲାକଉଡ୍ ବିନା ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ଯଥାକ୍ରମେ ୭୧ ଓ ୩୧ ରନ କରି ଆଉଟ ହୋଇଥିଲେ। ରୋମାରିଓ ଶେଫେର୍ଡ ୧୬ ରନ କରି ଅପରାଜିତ ରହିଥିଲେ। ଓପନର କ୍ରେଗ ବ୍ରାଥୱେଟ ୧୦ ରନ କରିଥିଲେ। ବାକି ୭ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଦ୍ୱିତୀୟ ଇନିଂସରେ ଭାରତୀୟ ବୋଲରମାନେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ବୋଲିଂରେ ଗୋଥାମ ସର୍ବାଧିକ ୫, ଏସ୍. ସନ୍ଦୀପ ୱାରିୟର ୩ ଓ ମହମ୍ମଦ ସିରାଜ ଓ ଶିବମ ଦୁବେ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ପୂର୍ବରୁ ପ୍ରଥମ ଟେଷ୍ଟରେ ବିଜୟୀ ହୋଇ ଭାରତ ସିରିଜରେ ୧–୦ରେ ଅଗ୍ରଣୀ ହାସଲ କରିଛି।

**ସଂକ୍ଷିପ୍ତ ସ୍କୋର**

- ୱେଷ୍ଟଇଣ୍ଡିଜ୍ ଏ' ପ୍ରଥମ ଇନିଂସ: ୧୧୩ ଓଭରରେ ୩୧୮ ଅଲଆଉଟ।
- ଭାରତ ଏ' ପ୍ରଥମ ଇନିଂସ: ୪୭ ଓଭରରେ ୧୯୦ ଅଲଆଉଟ।
- ୱେଷ୍ଟଇଣ୍ଡିଜ ଏ' ଦ୍ୱିତୀୟ ଇନିଂସ: ୩୯.୫ ଓଭରରେ ୧୪୯ ଅଲଆଉଟ, (ଅମ୍ବ୍ରିଶ- ୭୧, ବ୍ଲାକ୍‌ଉଡ- ୩୧, ଗୋଥାମ- ୫/୧୭, ୱାରିୟର- ୩/୪୩)।
- ଭାରତ ଏ' ଦ୍ୱିତୀୟ ଇନିଂସ: ୫୦ ଓଭରରେ ୧୮୫/୩ (ଅଗ୍ରୱାଲ- ୮୧, ପଞ୍ଚାଲ- ୬୮, ହୋଲ୍ଡର- ୨/୩୪)।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ରବିବାର,୪ ଅଗଷ୍ଟ /୨୦୧୯, Dhenkanal, Sunday August 4 / 2019




■ନାବାଳିକା ବଳାତ୍କାର ଓ ହତ୍ୟା ମାମଲା

# ଫାଶୀ ଦଣ୍ଡାଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ

**ଅନୁଗୋଳ ଅଫିସ, ୩।୮:** ଅନୁଗୋଳ ସହର ଉପକଣ୍ଠରେ ଗତ ଜାନୁୟାରୀ ୨୦ରେ ଘଟିଥିବା ନାବାଳିକା ଛାତ୍ରୀ ବଳାତ୍କାର ଓ ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇ ଫାଶୀ ଦଣ୍ଡାଦେଶ ପାଇଥିବା ଅନାମ ଦେହୁରୀ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟଙ୍କ ଉଦ୍ଦେଶ୍ୟରେ ସେ ଏ ସମ୍ପର୍କିତ ଏକ ପିଟିଶନ ଅନୁଗୋଳ ଆଇନସେବା ପ୍ରାଧିକରଣକୁ ପଠାଇଛନ୍ତି। ସେହିପରି ଅନାମଙ୍କ ଜଣେ ସମ୍ପର୍କୀୟ ମଧ୍ୟ ହାଇକୋର୍ଟରେ ଅନ୍ୟ ଏକ ଅପିଲ୍ ପିଟିଶନ ଦାୟର କରିଥିବା ସୂଚନା ମିଳିଛି। ଫାଶୀ ଦଣ୍ଡାଦେଶ ପରଦିନ ଅନାମ ଅନୁଗୋଳ ଜେଲରୁ ଏପରି ଅପିଲ୍ କରିଥିବା ଜେଲ ପକ୍ଷରୁ କୁହାଯାଇଛି।




# ନକଲି ଅଳଙ୍କାର ଦେଇ ଲକ୍ଷାଧିକ ଟଙ୍କା ଠକେଇ

ଛେଣ୍ଡିପଦା,୩।୮ (ଡି.ଏନ.ଏ.)

ନକଲି ଅଳଙ୍କାର ଦେଇ ୨ ଅଣଓଡ଼ିଆ ଯୁବକ ଶନିବାର ପ୍ରାୟ ୧ ଲକ୍ଷ ୩୦ ହଜାର ଟଙ୍କା ଠକେଇ କରି ଫେରାର ହୋଇଯାଇଛନ୍ତି। ଠକେଇର ଶିକାର ହୋଇଛନ୍ତି ଅନୁଗୋଳ ଜିଲା ଜରପଡା ଥାନା କଞ୍ଚୀରା ମୁଣ୍ଡାସାହି ଗ୍ରାମର ଯୁବ ବ୍ୟବସାୟୀ ଶ୍ରୀବତ୍ସ ସାହୁ। ଏ ନେଇ ଶ୍ରୀବତ୍ସ ଜରପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ପୋଲିସ କହିଛି, କଞ୍ଚୀରା ମୁଣ୍ଡାସାହି ଛକଠାରେ ଶ୍ରୀବତ୍ସଙ୍କ ଏକ ଲୁଗା ଦୋକାନ ରହିଛି। ଗତ କିଛିଦିନ ତଳେ ଶ୍ରୀବତ୍ସଙ୍କ ସହ ଉକ୍ତ ଅଣ ଓଡ଼ିଆ ଯୁବକଙ୍କ ପରିଚିତ ହୋଇଥିଲା। ପୂର୍ବ କଥାବାର୍ତ୍ତା ଅନୁଯାୟୀ ଶନିବାର ଉକ୍ତ ଅଣ ଓଡ଼ିଆ ଯୁବକ ଦ୍ୱୟ ବଇଣ୍ଡା ରେଲୱେ ଷ୍ଟେଶନ ପାଖକୁ ଆସିଥିଲେ। ପରେ ଶ୍ରୀବତ୍ସ ସେଠାରେ ପହଞ୍ଚିଥିଲେ। ଏହାପରେ ସେମାନେ ଶ୍ରୀବତ୍ସଙ୍କୁ ଏକ ସୁନା ହାର ଓ ରୁପା ଦେଇଥିଲେ। ପ୍ରତି ବଦଳରେ ୧ ଲକ୍ଷ ୩୦ ହଜାର ଟଙ୍କା ଶ୍ରୀବତ୍ସଙ୍କଠାରୁ ନେଇ ଏକ ପାସେଞ୍ଜର ଟ୍ରେନ ଯୋଗେ ସମ୍ବଲପୁର ଅଭିମୁଖେ ପଳାଇ ଯାଇଥିଲେ। ତେବେ ଉକ୍ତ ଅଳଙ୍କାରକୁ ଶ୍ରୀବତ୍ସ ପରୀକ୍ଷା କଲାପରେ ତାହା ନକଲି ବୋଲି ଜଣାପଡ଼ିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ଏସ୍‌ପି, ତଦନ୍ତକାରୀ ଅଧିକାରୀ, ପିପି ସମ୍ବର୍ଦ୍ଧିତ





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ଓ ଅନୁଗୋଳ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଅନୁଗୋଳ ଅଫିସ, ୩।୮

ଓଡ଼ିଶା ପୋଲିସ ପକ୍ଷରୁ ଭୁବନେଶ୍ୱର ପୋଲିସ ଭବନ ଠାରେ ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ଅନୁଷ୍ଠିତ 'ପରି' କାର୍ଯ୍ୟକ୍ରମରେ ଅନୁଗୋଳ ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଅନୁଗୋଳ ଥାନା ଆଇଆଇସି ରମେଶ ଚନ୍ଦ୍ର ବିଶୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କ ସହ ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ଓ ଉକ୍ତ ବଳାତ୍କାର ମାମଲା ପରିଚାଳନା କରିଥିବା ସ୍ୱେଶାଲ ପିପି ସରୋଜ କୁମାର ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୋଲିସ ମହାନିର୍ଦ୍ଦେଶକ ସମ୍ପୃକ୍ତ ୩ଜଣଙ୍କୁ ସମ୍ବର୍ଦ୍ଧିତ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଅନୁଗୋଳ ଏସ୍‌ପି ମହାପାତ୍ର କହିଛନ୍ତି, ଉକ୍ତ ବଳାତ୍କାର ଓ ହତ୍ୟା ଘଟଣାକୁ ପୋଲିସ ରେଡ୍ ଫ୍ଲାଗ୍‌ରେ ଅନ୍ତର୍ଭୁକ୍ତ କରିଥିଲା। ଘଟଣାକୁ ଅତି ସମ୍ବେଦନଶୀଳ ଭାବେ ପୋଲିସ ନେବା ସହ ଗୋଟିଏ ମାସ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରିଥିଲା। ଏପରି କି ପ୍ରତିଦିନ ସ୍ୱତନ୍ତ୍ର ପିପି ମାମଲା ପରିଚାଳନା କରିଥିବାରୁ ଏହି ସମ୍ବର୍ଦ୍ଧନା ମିଳିଥିବା ଏସ୍‌ପି ପ୍ରକାଶ କରିଛନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ